# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ମାର୍ଚ୍ଚ ୧୭/୨୦୨୧ (୨୦ ପୃଷ୍ଠା) | Bhubaneswar, Wednesday, March 17/2021 | ★★★★★★

୪୭ଶ ଭାଗ ୧୧୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




## ବିରହ ଗୀତ ଗାଇଲେ ଅନୁପମା

ସାଉଥ୍ ଅଭିନେତ୍ରୀ ଅନୁପମା ପରମେଶ୍ୱରନ ଭାରତୀୟ ବୋଲର୍ ଯଶପ୍ରୀତ ବୁମରାଙ୍କ ବିବାହ ଦିନ ବିରହ ଗୀତ ଗାଇବା ସମସ୍ତଙ୍କୁ ଚକିତ କରିଛି।

୧୮

୧୬

## ଶ୍ରୀଶଙ୍କରଙ୍କୁ ଅଲିମ୍ପିକ୍ସ ଯୋଗ୍ୟତା

ଲଙ୍ଗ ଜମ୍ପର ମୁରଲୀ ଶ୍ରୀଶଙ୍କର ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି।



# ଚାଷୀଙ୍କ ପରେ ବ୍ୟାଙ୍କ କର୍ମଚାରୀ

**କରୋନା ଲକ୍‌ଡାଉନ୍ ସାରା ଦେଶର ଅର୍ଥନୀତିକୁ ଉଜାଡ଼ି ଦେଇଥିବାରୁ ଅର୍ଥ ବ୍ୟବସ୍ଥାକୁ ସଜାଡ଼ିବା କେନ୍ଦ୍ର ସରକାରଙ୍କ ପ୍ରଥମ କର୍ତ୍ତବ୍ୟ ହେବା ଆବଶ୍ୟକ। କିନ୍ତୁ ସରକାର ବିପର୍ଯ୍ୟସ୍ତ ଅର୍ଥନୀତିକୁ ଟ୍ରାକ୍‌କୁ ଫେରାଇ ଆଣିବା ପରିବର୍ତ୍ତେ ଏହାକୁ ଆହୁରି ବିପଦ ମଧକୁ ଠେଲିଦେବା ଭଳି କାର୍ଯ୍ୟ କରୁଥିବା ବିଶେଷଜ୍ଞମାନେ ମତ ଦେଉଛନ୍ତି। କାରଣ ଫେବୃୟାରୀ ୧ରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ପାର୍ଲାମେଣ୍ଟରେ ୨୦୨୧-୨୨ ଆର୍ଥିକ ବର୍ଷ ପାଇଁ ୩୪.୮୩ ଲକ୍ଷ କୋଟି ଟଙ୍କିଆ ବଜେଟ ଉପସ୍ଥାପନ କରିବାବେଳେ ଅର୍ଥନୀତି ସଜାଡ଼ିବା ଦିଗରେ କୌଣସି ଆଖିଦୃଶିଆ ପଦକ୍ଷେପ ସମ୍ପର୍କରେ ଘୋଷଣା କରି ନ ଥିଲେ। କିନ୍ତୁ ୨ ସରକାରୀ ବ୍ୟାଙ୍କର ଘରୋଇକରଣ କରି ସେଥିରୁ ୧.୭୫ ଲକ୍ଷ କୋଟି ଟଙ୍କାର ପୁଞ୍ଜି ପ୍ରତ୍ୟାହାର ଥିଲା ଏହି ଅର୍ଥ ବିଲ୍‌ର ପ୍ରମୁଖ ବିନ୍ଦୁ, ଯାହାକୁ ନେଇ ରାସ୍ତାକୁ ଓହ୍ଲାଇଛନ୍ତି ଦେଶର ୧୦ ଲକ୍ଷରୁ ଊର୍ଦ୍ଧ୍ୱ ବ୍ୟାଙ୍କ କର୍ମଚାରୀ।**




କେନ୍ଦ୍ର ସରକାରଙ୍କ ବ୍ୟାଙ୍କ ଘରୋଇକରଣ ପ୍ରସ୍ତାବକୁ ବିରୋଧ କରି ଭୁବନେଶ୍ୱର ଅଶୋକନଗରସ୍ଥିତ ୟୁକୋ ବ୍ୟାଙ୍କ ସମ୍ମୁଖରେ ମଙ୍ଗଳବାର ଧାରଣା ଦେଇଥିବା କର୍ମଚାରୀମାନେ।

## ଘରୋଇକରଣ ପ୍ରତିବାଦରେ ଦେଶବ୍ୟାପୀ ଧର୍ମଘଟ

**ଭୁବନେଶ୍ୱର/ନୂଆଦିଲ୍ଲୀ, ୧୬।୩(ବ୍ୟୁରୋ)**

ପ୍ରଥମେ ଚାଷୀ, ଏବେ ବ୍ୟାଙ୍କ କର୍ମଚାରୀ। କେନ୍ଦ୍ର ସରକାରଙ୍କ ୩ ବିବାଦୀୟ କୃଷି ଆଇନ ପ୍ରତ୍ୟାହାର ଦାବିରେ ଲକ୍ଷ ଲକ୍ଷ କୃଷକ ଦିଲ୍ଲୀର ସିଙ୍ଘୁ, ଟିକ୍ରି ଓ ଗାଜିପୁର ସୀମାରେ ୪ ମାସ ଧରି ଆନ୍ଦୋଳନ କରୁଛନ୍ତି। ସରକାର ସେମାନଙ୍କ କଥା ନ ଶୁଣିବା ଯାଏ ଚାଷୀମାନେ ଆନ୍ଦୋଳନରୁ ଓହରିବେ ନାହିଁ ବୋଲି ଅଡ଼ିବସିଛନ୍ତି। ଏହାସହ ତୁରନ୍ତ କଣ୍ଟକିତ ତାରବାଡ଼ ହଟାଇ ଆଲୋଚନାର ବାଟ ଫିଟାଇବାକୁ ମଙ୍ଗଳବାର ଆନ୍ଦୋଳନରତ କୃଷକ ସଙ୍ଗଠନଗୁଡ଼ିକ କେନ୍ଦ୍ର ନିକଟରେ ଦାବି କରିଛନ୍ତି। ଏଭଳି ସମୟରେ କେନ୍ଦ୍ର ସରକାର ବ୍ୟାଙ୍କଗୁଡ଼ିକର ଘରୋଇକରଣ କରିବାକୁ ନିଷ୍ପତ୍ତି ନେଇଛନ୍ତି, ଯାହାକୁ ଦୃଢ଼ ବିରୋଧ କରିଛନ୍ତି ଦେଶର ବ୍ୟାଙ୍କର୍ସ। ୯ଟି ବ୍ୟାଙ୍କ ସଂଘକୁ ନେଇ ଗଠିତ ୟୁନାଇଟେଡ୍ ଫୋରମ୍ ଅଫ୍ ବ୍ୟାଙ୍କ ୟୁନିୟନ୍ସ (ୟୁଏଫ୍‌ବିୟୁ) ଏହି ପଦକ୍ଷେପ ପ୍ରତିବାଦରେ ଦୁଇଦିନିଆ ଆନ୍ଦୋଳନ କରିଛନ୍ତି। ଫଳରେ ସୋମବାର ଓ ମଙ୍ଗଳବାର ଦେଶର ବ୍ୟାଙ୍କ କାରବାର ସମ୍ପୂର୍ଣ୍ଣ ରୂପେ ଠପ୍ ହୋଇଯାଇଛି। ଏଥିଯୋଗୁ ଦେଶରେ ଲକ୍ଷାଧିକ କୋଟି ଟଙ୍କାର କାରବାର ପ୍ରଭାବିତ ହୋଇଛି। କେବଳ କୃଷି କ୍ଷେତ୍ର ନୁହେଁ, ବ୍ୟାଙ୍କଗୁଡ଼ିକର ମଧ ଘରୋଇକରଣ ☞ପୃଷ୍ଠା-୪

> କେନ୍ଦ୍ର ସରକାର ଲାଭର ଘରୋଇକରଣ ଓ କ୍ଷତିର ଜାତୀୟକରଣ କରୁଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବନ୍ଧୁମାନଙ୍କୁ ସରକାରୀ ବ୍ୟାଙ୍କ ବିକ୍ରି କରିଦେବା ଭାରତର ଆର୍ଥିକ ସୁରକ୍ଷା ସହ ଖେଳ।
> **-ରାହୁଲ ଗାନ୍ଧୀ, କଂଗ୍ରେସ ନେତା**



## ଇସ୍ତଫା ଦେଲେ ପି.କେ. ସିହ୍ନା



ପି.କେ. ସିହ୍ନା

**ନୂଆଦିଲ୍ଲୀ, ୧୬।୩(ପି.ଟି.)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରମୁଖ ଉପଦେଷ୍ଟା ପି.କେ. ସିହ୍ନା ମଙ୍ଗଳବାର ଇସ୍ତଫା ଦେଇଛନ୍ତି। ସିହ୍ନାଙ୍କ ହଠାତ୍ ଇସ୍ତଫାକୁ ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇବାରେ ଲାଗିଛି। ତେବେ ବ୍ୟକ୍ତିଗତ କାରଣରୁ ସେ ଏହି ଉଚ୍ଚ ପଦ ଛାଡ଼ିଥିବା ନିଜ ଇସ୍ତଫାପତ୍ରରେ ଦର୍ଶାଇଛନ୍ତି। ୧୯୭୭ ବ୍ୟାଚ୍ ଉତ୍ତର ପ୍ରଦେଶ କ୍ୟାଡର ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ଅଧିକାରୀ ପି.କେ. ସିହ୍ନାଙ୍କୁ ୨୦୧୯ ସେପ୍ଟେମ୍ବରରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ)ରେ ଦ୍ୱିତୀୟ ହାଇପ୍ରୋଫାଇଲ୍ ପଦବୀ ପ୍ରଧାନ ପରାମର୍ଶଦାତା ରୂପେ ନିଯୁକ୍ତି ମିଳିଥିଲା। ଏହା ପୂର୍ବରୁ ସେ କ୍ୟାବିନେଟ ସଚିବ ଭାବେ ୪ ବର୍ଷ କାର୍ଯ୍ୟ କରିବା ପରେ ୨୦୧୯ ଅଗଷ୍ଟରେ ପ୍ରଧାନମନ୍ତ୍ରୀଙ୍କ ଅଫିସର ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ଟି-ଶାର୍ଟ ବାରଣ

# ଅବହେଳାରୁ ଜୀବନ ଗଲା

## ଏସ୍‌ସିବି ମେଡିକାଲରେ ରୋଗୀଙ୍କ ଉପରେ ଫ୍ୟାନ୍ ପଡ଼ିବା ଘଟଣା

**କଟକ ଅଫିସ୍, ୧୬।୩**

ନିଆଁରେ ପୋଡ଼ି ହୋଇ ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନାକୁ ଆସିଥିଲେ ଆରୋଗ୍ୟ ନିମନ୍ତେ। ପରିବାର ଲୋକେ ମଧ ଆଶା କରିଥିଲେ ଶୀଘ୍ର ଭଲ କରି ମା'ଙ୍କୁ ଘରକୁ ନେବେ। ହେଲେ ଚିକିତ୍ସା ସମୟରେ ଉପରେ ଫ୍ୟାନ୍ ଖସି ପଡ଼ିବାରୁ ଗୁରୁତର ହେଲେ ଏବଂ ଶେଷରେ ୮ଦିନ ପରେ ଆଖି ବୁଜିଲେ। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି କଟକସ୍ଥିତ ଏସ୍‌ସିବି ହସ୍ପିଟାଲରେ। ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଥିବା ଯାଜପୁର ଜିଲା ବରୀ ବ୍ଲକ ଅଧୀନ କୃଷ୍ଣନଗର ଅଞ୍ଚଳର ୭୮ବର୍ଷୀୟା ବୃଦ୍ଧା ପାର୍ବତୀ ଦାସଙ୍କ ସୋମବାର ବିଳମ୍ବିତ ରାତିରେ ମୃତ୍ୟୁ ଘଟିଛି। ହସ୍ପିଟାଲ୍ କର୍ତ୍ତୃପକ୍ଷଙ୍କ ଅବହେଳା କାରଣରୁ ପାର୍ବତୀଙ୍କ ମୃତ୍ୟୁ ଘଟିଲା ବୋଲି ☞ପୃଷ୍ଠା-୪




## ଅଭିଯୁକ୍ତଙ୍କ ସ୍ତ୍ରୀଙ୍କୁ ବଳାତ୍କାର, ହାବିଲ୍‌ଦାର ଗିରଫ

**ଭଦ୍ରକ ଅଫିସ/ଭଣ୍ଡାରିପୋଖରୀ, ୧୬।୩ (ଡି.ଏନ.ଏ.)**



ଗିରଫ ହାବିଲଦାର

ମାମଲାରେ ସହଯୋଗ କରିବା ବାହାନାରେ ଜଣେ ଅଭିଯୁକ୍ତଙ୍କ ସ୍ତ୍ରୀଙ୍କୁ ବଳାତ୍କାର ଅଭିଯୋଗରେ ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନାର ଏପିଆର୍ ହାବିଲ୍‌ଦାର ହରମୋହନ ନାୟକ ଗିରଫ ହୋଇଛନ୍ତି। ଏନେଇ ପୋଲିସ ଆଇପିସି ଦଫା ୪୫୨, ୩୭୬(୧), ୩୪୨ରେ ଏକ ମାମଲା (ନଂ.୯୪/୨୧) ରୁଜୁ କରି ମଙ୍ଗଳବାର ହାବିଲଦାରଙ୍କୁ କୋର୍ଟ ଚାଲାଣ କରିଛି। ପୀଡ଼ିତା ଓ ହାବିଲଦାରଙ୍କ ଡାକ୍ତରୀମାଇନା କରାଯାଇଛି। ସୂଚନା ଅନୁଯାୟୀ, ଭଣ୍ଡାରିପୋଖରୀ ଥାନା ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ନାମରେ ଜମିବାଡ଼ି ବିବାଦକୁ ନେଇ ☞ପୃଷ୍ଠା-୪

# ଏପ୍ରିଲ ୧୭ରେ ପିପିଲି ଉପନିର୍ବାଚନ

**ଭୁବନେଶ୍ୱର, ୧୬।୩(ବ୍ୟୁରୋ)**

ପିପିଲି ବିଧାନସଭା ଲାଗି ଉପନିର୍ବାଚନ ଆସନ୍ତା ଏପ୍ରିଲ୍ ୧୭ରେ ଅନୁଷ୍ଠିତ ହେବ। ଏନେଇ ମଙ୍ଗଳବାର ଭାରତର ନିର୍ବାଚନ ଆୟୋଗ ତାରିଖ ଘୋଷଣା କରିଛନ୍ତି। ଉପନିର୍ବାଚନ ପାଇଁ ଆସନ୍ତା ୨୩ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇବ। ୨୩ରୁ ୩୦ ତାରିଖ ମଧ୍ୟରେ ନାମାଙ୍କନ ପତ୍ର ଦାଖଲ ହେବ। ୩୧ତାରିଖରେ ପ୍ରାର୍ଥୀପତ୍ର ଯାଞ୍ଚ ହେବ। ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ତାରିଖ ଏପ୍ରିଲ ୩ତାରିଖ ରହିଛି। ଏପ୍ରିଲ ୧୭ରେ ମତଦାନ। ମେ ୨ ତାରିଖରେ ଭୋଟ ଗଣତି ଏବଂ ଫଳାଫଳ ପ୍ରକାଶ ପାଇବ। ଉପନିର୍ବାଚନ ତାରିଖ ଘୋଷଣା ପରେ ପ୍ରମୁଖ ଦଳଗୁଡ଼ିକ ମଧ୍ୟରେ ତତ୍ପରତା ଦେଖିବାକୁ ମିଳିଛି। ବିଜେଡି, ଭାଜପା ଏବଂ କଂଗ୍ରେସ କେହି ପ୍ରାର୍ଥୀଙ୍କ ନାମ ଘୋଷଣା କରି ନ ଥିଲେ ମଧ ଜିତିବାର ଦୃଢ଼ୋକ୍ତି ଦେଖାଇଲେଣି।

ସୂଚନାଯୋଗ୍ୟ, ୨୦୨୦ ଅକ୍ଟୋବର ୪ରେ ପିପିଲିର ବିଜେଡି ବିଧାୟକ ପ୍ରଦୀପ ମହାରଥୀଙ୍କ କୋଭିଡ୍‌ରେ ମୃତ୍ୟୁ ହୋଇଥିଲା। ସେବେଠାରୁ ଉକ୍ତ ବିଧାନସଭା ଆସନ ଖାଲିପଡ଼ିଛି। ଅପରପକ୍ଷରେ ଉପନିର୍ବାଚନ ପାଇଁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ପ୍ରସ୍ତୁତି ଶେଷ କରିଛନ୍ତି। ଉପନିର୍ବାଚନରେ ସାମିଲ ହେବାକୁ ଥିବା କର୍ମଚାରୀମାନଙ୍କ ତାଲିମ କାର୍ଯ୍ୟ ଜାରି ରହିଛି। କୋଭିଡ୍-୧୯ କଟକଣାକୁ ଦୃଷ୍ଟିରେ ରଖି ପ୍ରତି ୧ହଜାର ମତଦାତାଙ୍କ ପାଇଁ ଗୋଟିଏ ଲେଖାଏ ବୁଥ୍ ହେବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

ଉପନିର୍ବାଚନ ତାରିଖ ଘୋଷଣା ହେବା ପରେ ପିପିଲି ବିଧାନସଭା ନିର୍ବାଚନମଣ୍ଡଳୀରେ ରାଜନୈତିକ ବାତାବରଣ ଉଷ୍ମ ହୋଇଛି। ବିଜେଡି, ଭାଜପା ଓ କଂଗ୍ରେସ ପ୍ରତିଦ୍ୱନ୍ଦ୍ୱିତା ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ପିପିଲି ଉପନିର୍ବାଚନ ପାଇଁ ବିଧାୟକ ପ୍ରତାପ କେଶରୀ ଦେବଙ୍କୁ ବିଜେଡି ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି। ଏହି ଉପନିର୍ବାଚନ ପାଇଁ କାହାକୁ ପ୍ରାର୍ଥୀ କରାଯିବ, ସେ ନେଇ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚୂଡାନ୍ତ ନିଷ୍ପତ୍ତି ନେବେ। ଖୁବ୍‌ଶୀଘ୍ର ଦଳ ପକ୍ଷରୁ ☞ପୃଷ୍ଠା-୪

- ମାର୍ଚ୍ଚ ୨୩ରେ ବିଜ୍ଞପ୍ତି, ଏପ୍ରିଲ ୩ରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର
- ମେ ୨ରେ ଭୋଟ ଗଣତି, ଫଳ ପ୍ରକାଶ




# ଜଗନ୍ନାଥଙ୍କ ୩୫ ହଜାର ଏକର ଜମି ବିକ୍ରି ହେବ

**ଭୁବନେଶ୍ୱର, ୧୬।୩ (ବ୍ୟୁରୋ)**

ଓଡ଼ିଶା ଓ ଅନ୍ୟ ୬ ରାଜ୍ୟରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନାମରେ ଥିବା ୩୫,୨୭୨ ଏକର ଜମିକୁ ବିକ୍ରି କରାଯିବା ନିମନ୍ତେ ରାଜ୍ୟ ସରକାର ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଭାଜପା ବିଧାୟକ ମୋହନ ଚରଣ ମାଝିଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତର ଦେଇ ମଙ୍ଗଳବାର ଆଇନ ମନ୍ତ୍ରୀ ପ୍ରତାପ ଜେନା ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ତତ୍କାଳୀନ ରାଜ୍ୟପାଳ ବି.ଡି. ଶର୍ମାଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିର ସୁପାରିସ ଅନୁଯାୟୀ ସରକାର ୩୫,୨୭୨.୨୩୫ ଏକର ଜମି ବିକ୍ରି କରିବା ଲାଗି ଆବଶ୍ୟକ ପଦକ୍ଷେପ ନେଉଛନ୍ତି। ରାଜ୍ୟର ୩୦ ଜିଲା ମଧ୍ୟରୁ ୨୪ ଜିଲାରେ ଜଗନ୍ନାଥଙ୍କ ୬୦,୪୨୬.୯୪୩ ଏକର ଜମି ରହିଛି। ଏଥିମଧ୍ୟରୁ ଶ୍ରୀମନ୍ଦିର ପ୍ରଶାସନ ୩୪,୮୭୬.୯୮୩ ଏକର ଉପରେ ଚୂଡ଼ାନ୍ତ ମାଲିକାନା ସ୍ୱତ୍ୱ(ଆର୍‌ଓଆର୍) କରିବାକୁ ସ୍ଥିର କରିଛନ୍ତି। ରାଜ୍ୟ ସରକାରଙ୍କ ଦ୍ୱାରା ସ୍ୱୀକୃତ ଏକକ ନୀତି(ସମାନ ନୀତି) ଅନୁଯାୟୀ ଏଭଳି ପଦକ୍ଷେପ ନିଆଯାଉଛି ବୋଲି ମନ୍ତ୍ରୀ ଗୃହରେ ପ୍ରକାଶ କରିଛନ୍ତି। ଓଡ଼ିଶା ବ୍ୟତୀତ ଅନ୍ୟ ୬ ରାଜ୍ୟରେ ୩୯୫.୨୫୨ ଏକର ☞ପୃଷ୍ଠା-୮



## ୱାର୍ଲ୍ଡ ଏୟାର କ୍ୱାଲିଟି ରିପୋର୍ଟ

- ଦିଲ୍ଲୀ ବିଶ୍ୱର ସବୁଠୁ ପ୍ରଦୂଷିତ ରାଜଧାନୀ ତଥା ଦଶମ ପ୍ରଦୂଷିତ ସହର
- ଚାଇନାର ଶିଞ୍ଜିଆନ୍‌ରେ ସର୍ବାଧିକ ବାୟୁ ପ୍ରଦୂଷଣ
- ଗାଜିଆବାଦ ବିଶ୍ୱର ଦ୍ୱିତୀୟ ପ୍ରଦୂଷିତ ସହର

ବୈଶ୍ୱିକ କଣିକା ପ୍ରଦୂଷଣ (ପିଏମ୍୨.୫) ସ୍ତର ଉପରେ କୋଭିଡ୍-୧୯ ଲକ୍‌ଡାଉନ୍ ଓ ବ୍ୟବହାରିକ ପରିବର୍ତ୍ତନର ପ୍ରଭାବ ନେଇ ୱାର୍ଲ୍ଡ ଏୟାର କ୍ୱାଲିଟି ରିପୋର୍ଟ-୨୦୨୦ ପ୍ରଘଟ କରିଛି। ପରିବହନ କ୍ଷେତ୍ର ଯୋଗୁ ଭାରତର ସହରଗୁଡ଼ିକରେ ଏମ୍‌ପି୨.୫ ଉତ୍ସର୍ଜନ ହୋଇ ପ୍ରଦୂଷଣ ସର୍ବାଧିକ ବୃଦ୍ଧି ପାଉଛି। ସେହିପରି ରୋଷେଇ ପାଇଁ ଜୈବ ଇନ୍ଧନ, ବିଦ୍ୟୁତ୍ ଉତ୍ପାଦନ, ଶିଳ୍ପ, ନିର୍ମାଣ, ବର୍ଜ୍ୟବସ୍ତୁ ଜାଳିବା ଓ ଧାରାବାହିକ ଭାବେ ଚାଷଜମି ନଡ଼ାମୂଳିରେ ନିଆଁ ଲଗାଇବାକୁ ମଧ ଭାରତରେ ବାୟୁ ପ୍ରଦୂଷଣର ପ୍ରମୁଖ କାରଣ ରୂପେ ଉକ୍ତ ରିପୋର୍ଟରେ ଦର୍ଶାଯାଇଛି।

# ୩୦ ପ୍ରଦୂଷିତ ସହରରୁ ଭାରତର ୨୨

**ନୂଆଦିଲ୍ଲୀ, ୧୬।୩(ପି.ଟି.)**

ବିଶ୍ୱର ସର୍ବାଧିକ ପ୍ରଦୂଷିତ ୩୦ ସହର ମଧ୍ୟରୁ କେବଳ ଭାରତରେ ୨୨ଟି ସହର ରହିଛି। ଦିଲ୍ଲୀ ବିଶ୍ୱର ସବୁଠୁ ପ୍ରଦୂଷିତ ରାଜଧାନୀ ତାଲିକାର ସର୍ବାଗ୍ରେ ରହିଛି। ସ୍ୱିଜରଲାଣ୍ଡର ଆଇକ୍ୟୁଏୟାର ସଙ୍ଗଠନ ପକ୍ଷରୁ ମଙ୍ଗଳବାର ପ୍ରକାଶିତ ୱାର୍ଲ୍ଡ ଏୟାର କ୍ୱାଲିଟି ରିପୋର୍ଟ, ୨୦୨୦ରେ ଦିଆଯାଇଥିବା ଏହି ତଥ୍ୟ ଭାରତ ପାଇଁ ଚିନ୍ତାର କାରଣ ସାଜିଛି।

ଉକ୍ତ ରିପୋର୍ଟରେ ଦର୍ଶାଯାଇଛି ଯେ ୨୦୧୯ରୁ ୨୦୨୦ ମଧ୍ୟରେ ଦିଲ୍ଲୀର ବାୟୁ ଗୁଣବତ୍ତାରେ ପ୍ରାୟ ୧୫% ସୁଧାର ଆସିଥିଲା। ଏହାସତ୍ତ୍ୱେ ଦିଲ୍ଲୀ ବିଶ୍ୱର ଦଶମ ପ୍ରଦୂଷିତ ସହର ତଥା ସର୍ବାଧିକ ପ୍ରଦୂଷିତ ରାଜଧାନୀ ପାଲଟିଛି। ଦିଲ୍ଲୀକୁ ବାଦ୍ ଦେଲେ ଭାରତର ଅନ୍ୟ ୨୧ ପ୍ରଦୂଷିତ ସହର ହେଉଛି ଗାଜିଆବାଦ, ବୁଲନ୍ଦସହର, ବିସ୍ରାଖ ଜଲାଲପୁର, ନୋଇଡା, ଗ୍ରେଟର ନୋଇଡା, କାନପୁର, ଲକ୍ଷ୍ନୌ, ମିରଟ, ଆଗ୍ରା, ☞ପୃଷ୍ଠା-୪



ଧରିତ୍ରୀ
DHARITRI
ବୁଧବାର, ୧୭ ମାର୍ଚ୍ଚ, ୨୦୨୧



ରାଜ୍ୟ ସଭାର ମନୋନୀତ ସଦସ୍ୟ ସ୍ୱପନ ଦାସଗୁପ୍ତା ମଙ୍ଗଳବାର ପାର୍ଲାମେଣ୍ଟର ଉଚ୍ଚ ସଦନରୁ ଇସ୍ତଫା ଦେଇଛନ୍ତି। ୨୦୧୬ ଏପ୍ରିଲରେ ରାଜ୍ୟ ସଭାକୁ ମନୋନୀତ ହୋଇଥିବା ସ୍ୱପନଙ୍କ କାର୍ଯ୍ୟକାଳ ୨୦୨୨ ଏପ୍ରିଲରେ ଶେଷ ହୋଇଥାଆନ୍ତା। କିନ୍ତୁ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ତାରକେଶ୍ୱର ଆସନରୁ ତାଙ୍କୁ ଭାଜପା ପକ୍ଷରୁ ପ୍ରାର୍ଥୀ କରାଯାଇଛି। ତେଣୁ ତାଙ୍କ ରାଜ୍ୟ ସଭା ସଦସ୍ୟତାକୁ ନେଇ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଆପତ୍ତି ଉଠାଇଥିଲା।



## ସଂକ୍ଷେପରେ

### ଗ୍ୟାଙ୍ଗଷ୍ଟର ଛୋଟା ରାଜନଙ୍କୁ ୧୦ ବର୍ଷ ଜେଲ୍



**ମୁମ୍ବାଇ, ୧୬।୩:** ଏକ ହତ୍ୟା ଉଦ୍ୟମ ମାମଲାରେ ଗ୍ୟାଙ୍ଗଷ୍ଟର ଛୋଟା ରାଜନଙ୍କୁ ମୁମ୍ବାଇର ସ୍ୱତନ୍ତ୍ର ସିବିଆଇ କୋର୍ଟ ମଙ୍ଗଳବାର ୧୦ ବର୍ଷ ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି। ଏହା ସହ ୫ ଲକ୍ଷ ଟଙ୍କା ଜରିମାନା ନିର୍ଦ୍ଦେଶ ଦିଆଯାଇଛି। ୨୦୧୩ରେ ରାଜନ ବିଲ୍ଡର ଅଜୟ ଗୋସାଲିଆଙ୍କୁ ହତ୍ୟା ପାଇଁ ଉଦ୍ୟମ କରିଥିବା ଅଭିଯୋଗ ହୋଇଥିଲା।

### ଟି-ଶାର୍ଟ ପିନ୍ଧି ହଟହଟା



**ଅହମଦାବାଦ, ୧୬।୩:** ଗୁଜରାଟ ବିଧାନସଭାକୁ ଟି-ଶାର୍ଟ ପିନ୍ଧି ଯାଇଥିବାରୁ କଂଗ୍ରେସ ବିଧାୟକ ବିମଳ ଚୂଡ଼ାସ୍ମାଙ୍କୁ ହଟହଟା ହେବାକୁ ପଡ଼ିଛି। ବାଚସ୍ପତି ରାଜେନ୍ଦ୍ର ତ୍ରିବେଦୀ ସୋମବାର ତାଙ୍କୁ ଗୃହରୁ ବିଦା କରିଦେଇଛନ୍ତି। ସୋମନାଥ ନିର୍ବାଚନମଣ୍ଡଳୀରୁ ପ୍ରଥମ ଥର ପାଇଁ ବିଧାୟକ ହୋଇଥିବା ଚୂଡ଼ାସ୍ମା ଅନେକ ସମୟରେ ଟି-ଶାର୍ଟ ପିନ୍ଧି ଗୃହକୁ ଯାଇଥାଆନ୍ତି। ପ୍ରାୟ ସପ୍ତାହେ ତଳେ ବାଚସ୍ପତି ପ୍ରଥମେ ଏନେଇ ତାଙ୍କୁ ତାଗିଦ କରିଥିଲେ। ବିଧାୟକମାନେ ଗୃହର ମର୍ଯ୍ୟାଦା ରକ୍ଷା ପାଇଁ ଏକ ଶାର୍ଟ କିମ୍ବା କୁର୍ତ୍ତା ପିନ୍ଧି ଆସିବା ଉଚିତ। କିନ୍ତୁ ସେ ବାଚସ୍ପତିଙ୍କ କଥା ନ ଶୁଣି ପୁଣି ଟି-ଶାର୍ଟ ପିନ୍ଧି ଯାଇଥିଲେ। ୪୦ ବର୍ଷୀୟ ଚୂଡ଼ାସ୍ମା କହିଛନ୍ତି, ଗୃହକୁ ବିଧାୟକମାନେ ନିର୍ଦ୍ଦିଷ୍ଟ ଭାବେ କିଭଳି ପୋଷାକ ପିନ୍ଧି ଯିବେ ସେନେଇ କୌଣସି ନିୟମ ନାହିଁ।

# ସମଲିଙ୍ଗୀ ବିବାହକୁ ଚର୍ଚ୍ଚର ନା



କ୍ୟାଥୋଲିକ୍ ଚର୍ଚ୍ଚ ସମଲିଙ୍ଗୀ ବିବାହ କରିଥିବା ଯୋଡ଼ିଙ୍କୁ ଆଶୀର୍ବାଦ ଦେବନାହିଁ ବୋଲି ସୋମବାର ଭାଟିକାନ ଘୋଷଣା କରିଛି। ଭଗବାନ ପାପକୁ ଆଶୀର୍ବାଦ ଦେଇପାରିବେ ନାହିଁ ବୋଲି କୁହାଯାଇଛି। ଭାଟିକାନ୍‌ର ଧର୍ମୀୟ କାର୍ଯ୍ୟାଳୟ ପକ୍ଷରୁ ଏକ ବିବୃତିରେ କ୍ୟାଥୋଲିକ୍ ପାଦ୍ରୀ ସମଲିଙ୍ଗୀ ବିବାହକୁ ସ୍ୱୀକୃତି ଦେଇପାରିବେ କି ନା ସେ ନେଇ ପ୍ରଶ୍ନ କରିଥିଲେ। ପୋପ୍ ଫ୍ରାନ୍ସିସ୍‌ଙ୍କ ଅନୁମୋଦନରେ ଆସିଥିବା ଏହାର ଉତ୍ତର ନା ରହିଥିଲା। ନୂତନ ଜୀବନ ସୃଷ୍ଟି ପାଇଁ ପୁରୁଷ ଏବଂ ମହିଳାଙ୍କ ମଧ୍ୟରେ ବିବାହ ଈଶ୍ୱରଙ୍କ ଯୋଜନାର ଏକ ଅଂଶ। ସମଲିଙ୍ଗୀଙ୍କୁ ସମ୍ମାନ ଦିଆଯିବା ଆବଶ୍ୟକ। କିନ୍ତୁ ସେମାନେ ଈଶ୍ୱରଙ୍କ ଉକ୍ତ ଯୋଜନାର ଅଂଶ ହୋଇ ନ ଥିବାରୁ ସେମାନଙ୍କ ବିବାହକୁ ଚର୍ଚ୍ଚ ଦ୍ୱାରା ଆଶୀର୍ବାଦ କରାଯାଇପାରିବ ନାହିଁ ବୋଲି ଉକ୍ତ ଡକ୍ୟୁମେଣ୍ଟରେ କୁହାଯାଇଛି।

# ଏପ୍ରିଲରେ ଭାରତ ଆସିବେ ବୋରିସ୍



ବ୍ରିଟେନ ପ୍ରଧାନମନ୍ତ୍ରୀ ବୋରିସ୍ ଜନସନ୍ ଆସନ୍ତା ଏପ୍ରିଲରେ ଭାରତ ଆସିବେ। ୟୁରୋପିଆନ ୟୁନିୟନରୁ ବ୍ରିଟେନ ବାହାରିବା ପରେ ଏହା ବୋରିସ୍‌ଙ୍କ ପ୍ରଥମ ଗୁରୁତ୍ୱପୂର୍ଣ୍ଣ ଅନ୍ତର୍ଜାତୀୟ ଗସ୍ତ ବୋଲି ସୋମବାର ତାଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଗତ ଜାନୁୟାରୀରେ ବୋରିସ୍ ଭାରତ ଆସିବାର କାର୍ଯ୍ୟକ୍ରମ ରହିଥିଲାବେଳେ କରୋନା ଯୋଗୁ ତାହା ବାତିଲ ହୋଇଥିଲା। ଆସନ୍ତା ଜୁନ୍‌ରେ ବ୍ରିଟେନ ୭ ଧନୀ ରାଷ୍ଟ୍ର ନେତାଙ୍କ ବୈଠକ ଆୟୋଜନ କରିବା ପୂର୍ବରୁ ସେ ଭାରତ ଆସିବାକୁ ଯୋଜନା କରିଥିବା ତାଙ୍କ କାଯ୍ୟାଳୟ ପକ୍ଷରୁ ଜଣାଯାଇଛି।

# ଆଷ୍ଟ୍ରାଜେନିକାକୁ ଅବିଶ୍ୱାସ

## ୟୁରୋପୀୟ ଦେଶରେ ସିରମ୍ ଇନଷ୍ଟିଚ୍ୟୁଟ୍‌ର ଟିକା ଉପରେ ରୋକ

ଜେନେଭା, ୧୬।୩

ଭାରତର ସିରମ୍ ଇନଷ୍ଟିଚ୍ୟୁଟ୍ ଦ୍ୱାରା ପ୍ରସ୍ତୁତ ଆଷ୍ଟ୍ରାଜେନିକା ଟିକାର ବ୍ୟବହାର ଉପରେ ଜର୍ମାନୀ, ଇଟାଲୀ, ଫ୍ରାନ୍ସ ସମେତ ୟୁରୋପିଆନ ୟୁନିୟନର ଅନେକ ଦେଶ ସୋମବାର ଅସ୍ଥାୟୀ ଭାବେ ରୋକ ଲଗାଇଛନ୍ତି। ଏହି ଟିକା ନେବା ଦ୍ୱାରା ଶରୀରରେ ରକ୍ତ ଜମାଟ ବାନ୍ଧୁଥିବା ଆଶଙ୍କାରେ ଉକ୍ତ ଦେଶଗୁଡ଼ିକ ଏହି ଟିକାକରଣ ବନ୍ଦ କରାଇଛନ୍ତି। ତେବେ ଆଷ୍ଟ୍ରାଜେନିକା ନିରାପଦ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ(ଡବ୍ଲ୍ୟୁଏଚ୍ଓ) ସମେତ ୟୁରୋପର ମେଡିସିନ୍ ନିରୀକ୍ଷଣ ସଂସ୍ଥାଗୁଡ଼ିକ ପକ୍ଷରୁ କୁହାଯାଇଛି।

ୟୁରୋପିଆନ ୟୁନିୟନର ପ୍ରମୁଖ ୩ ଦେଶ ଜର୍ମାନୀ, ଇଟାଲୀ ଏବଂ ଫ୍ରାନ୍ସ ପରେ ସ୍ପେନ, ପର୍ତ୍ତୁଗାଲ, ସ୍ଲୋଭେନିଆ ଏବଂ ଲାଟ୍‌ଭିଆ ମଧ୍ୟ ଆଷ୍ଟ୍ରାଜେନିକା ବ୍ୟବହାର ଉପରେ ରୋକ ଲଗାଇଛନ୍ତି। ମଙ୍ଗଳବାର ପର୍ଯ୍ୟନ୍ତ ଫ୍ରାନ୍ସ ଆଷ୍ଟ୍ରାଜେନିକା ଟିକାକରଣ ଅଟକାଇଥିବାବେଳେ ସ୍ପେନ ୨ ସପ୍ତାହ ପାଇଁ ଏହା ଉପରେ ରୋକ ଲଗାଇଛି। ରକ୍ତ ଜମାଟ ବାନ୍ଧୁଥିବା ନେଇ ରିପୋର୍ଟ ଆସିବା ପରେ ଜର୍ମାନୀ ମଧ୍ୟ ସମାନ ପଦକ୍ଷେପ ନେଇଛି। କେବଳ ୟୁରୋପ ନୁହେଁ, ଇଣ୍ଡୋନେସିଆ ମଧ୍ୟ ଅନ୍ୟ ଟିକା ତୁଳନାରେ ଶସ୍ତାରେ ଉପଲବ୍ଧ ଆଷ୍ଟ୍ରାଜେନିକା ଭାକ୍ସିନ ବିଳମ୍ବରେ ପ୍ରଦାନ କରାଯିବାକୁ ଘୋଷଣା କରିଛି। ଏହା ପୂର୍ବରୁ ଆୟର୍ଲାଣ୍ଡ ଏହି ଟିକା ଉପରେ ରୋକ ଲଗାଇବାକୁ କହିଥିଲା।




■ରକ୍ତ ଜମାଟ ବାନ୍ଧୁଥିବା ଆଶଙ୍କା

■ଟିକା ନିରାପଦ କହିଲା ଡବ୍ଲ୍ୟୁଏଚ୍ଓ

ତେବେ ଟିକାକରଣ ବନ୍ଦ ନ କରିବାକୁ ଡବ୍ଲ୍ୟୁଏଚ୍ଓ କହିଛି। ଆଷ୍ଟ୍ରାଜେନିକା ସୁରକ୍ଷିତ ଏବଂ ଦେଶଗୁଡ଼ିକ ଟିକାକରଣ ବନ୍ଦ ନ କରାଇବାକୁ ଡବ୍ଲ୍ୟୁଏଚ୍ଓର ପ୍ରମୁଖ ବୈଜ୍ଞାନିକ ସୌମ୍ୟା ସ୍ୱାମୀନାଥନ ପରାମର୍ଶ ଦେଇଛନ୍ତି। କେବଳ ବ୍ରିଟେନ ୧ କୋଟି ୧୦ ଲକ୍ଷ ଡୋଜ ଆଷ୍ଟ୍ରାଜେନିକା ଟିକା ବ୍ୟବହାର କରିଥିଲେ ମଧ୍ୟ ସେଠାରେ କୌଣସି ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇ ନ ଥିବା ଡବ୍ଲ୍ୟୁଏଚ୍ଓ କହିଛି। ଅନ୍ୟପକ୍ଷରେ ୟୁରୋପିଆନ ୟୁନିୟନର ମେଡିସିନ୍ ଏଜେନ୍ସି ଏହା ଉପରେ ବିଶେଷଜ୍ଞଙ୍କ ସମୀକ୍ଷାକୁ ନେଇ ଗୁରୁବାର ଏକ ବୈଠକ ଡାକିବାକୁ ନିଷ୍ପତ୍ତି ନେଇଛି।

# ଭାରି ପଡ଼ିବ ବ୍ରାଜିଲ

ବ୍ରାସିଲିଆ, ୧୬।୩

ଦ୍ରୁତ କରୋନା ସଂକ୍ରମଣ ଯୋଗୁ ସର୍ବାଧିକ ସଂକ୍ରମିତ ଦେଶ ମଧ୍ୟରେ ଭାରତକୁ ଅତିକ୍ରମ କରି ଦ୍ୱିତୀୟ ସ୍ଥାନରେ ରହିଛି ବ୍ରାଜିଲ। ଏଭଳି ଭୟଙ୍କର ସ୍ଥିତି ଦେଶର ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ବ୍ୟାପକ ପ୍ରଭାବିତ କରିଛି। ବ୍ରାଜିଲରେ ମହମାରୀର ଏଭଳି ସ୍ଥିତି ଏବେ ସାରା ବିଶ୍ୱକୁ ଚିନ୍ତାରେ ପକାଇଛି। ଆବଶ୍ୟକ ପଦକ୍ଷେପ ନ ନିଆଗଲେ ବ୍ରାଜିଲ ପୃଥିବୀର ଅନ୍ୟ ଦେଶଗୁଡ଼ିକୁ ମଧ୍ୟ ବିପଦମୁହଁକୁ ଠେଲିଦେବ ବୋଲି ଆଶଙ୍କା ପ୍ରକାଶ ପାଇଛି। ତୁରନ୍ତ ବ୍ରାଜିଲ ସରକାର ସଂକ୍ରମଣ ରୋକିବାକୁ ଯୋଜନା କରିବାକୁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ(ଡବ୍ଲ୍ୟୁଏଚ୍ଓ) କହିଛି।

କୋଭିଡ୍ ସଂକ୍ରମଣକୁ ରାଷ୍ଟ୍ରପତି ଜାଏର ବୋଲସନାରୋଙ୍କ ଅଣଦେଖା ଓ ଏହାକୁ ରୋକିବାକୁ ଜାତୀୟସ୍ତରରେ ଯୋଜନା ପ୍ରସ୍ତୁତ କରିବାରେ ତାଙ୍କ ବିଫଳତାକୁ ଦାୟୀ କରାଯାଉଛି। ଦେଶରେ ଲକ୍‌ଡାଉନ୍, କର୍ଫ୍ୟୁ କଟକଣା ଲାଗୁ ନ କରିବାକୁ ବୋଲସନାରୋ ଜିଦ୍ ଧରିଛନ୍ତି। ଲକ୍‌ଡାଉନ ହେଲେ ଏହା ଦେଶର ଅର୍ଥନୀତିକୁ ଦୁର୍ବଳ କରିଦେବା ସହ ଗରିବ ଲୋକେ ଅଧିକ ପ୍ରଭାବିତ ହେବେ ବୋଲି ବୋଲସନାରୋ କହିଛନ୍ତି। ସାରା ବିଶ୍ୱରେ ମଙ୍ଗଳବାର ସୁଦ୍ଧା ୧୨୦,୯୨୫,୩୫୭ ସଂକ୍ରମିତ ହୋଇଥିବାବେଳେ ୨,୬୭୫୦୦୯ ଜଣ ପ୍ରାଣ ହରାଇଛନ୍ତି। ଏମାନଙ୍କ ମଧ୍ୟରୁ ୧୧,୫୨୫,୪୭୭ ସଂକ୍ରମିତ ଏବଂ ୨୭୯,୬୦୨ ମୃତକ କେବଳ ବ୍ରାଜିଲର।

**ବୋଲସନାରୋଙ୍କ ଅବହେଳା ଯୋଗୁ ବଢୁଛି ସଂକ୍ରମଣ**



ଜାଏର ବୋଲସନାରୋ

# 'ରାଲିରେ ଲୋକ ନ ହେବାରୁ ଶାହା ହତାଶ'

କୋଲକାତା, ୧୬।୩

ନିର୍ବାଚନୀ ପ୍ରଚାର ରାଲିରେ ଲୋକ ନ ହେବାରୁ ସ୍ୱରାଷ୍ଟ୍ର ମନ୍ତ୍ରୀ ତଥା ଭାଜପା ନେତା ଅମିତ ଶାହା ହତାଶ ହୋଇପଡ଼ିଛନ୍ତି ବୋଲି କହିଛନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ତୃଣମୂଳ କଂଗ୍ରେସ ସଭାପତି ମମତା ବାନାର୍ଜୀ। ସୋମବାର ଝାଡ଼ଗ୍ରାମ ଜିଲାରେ ଶାହାଙ୍କ ରାଲି ବାତିଲ ହେବା ପଛରେ ଏହା ହିଁ କାରଣ ଥିଲା ବୋଲି ମମତା କହିଛନ୍ତି। ଏହାସହ ସେ ନିର୍ବାଚନ କମିଶନଙ୍କ ସ୍ୱାଧୀନତା ଉପରେ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି। ତାଙ୍କ ସୁରକ୍ଷାକର୍ମୀଙ୍କୁ ହଟାଇବା ପଛରେ ଭାଜପା କ'ଣ ତାଙ୍କୁ ହତ୍ୟା କରିବାକୁ ଷଡ଼ଯନ୍ତ୍ର କରୁଛି ବୋଲି ମମତା ପଚାରିଛନ୍ତି। ବାଙ୍କୁରା ଜିଲାରେ ଏକ ନିର୍ବଚନୀ ରାଲିରେ ସେ କହିଛନ୍ତି, ଭାଜପା ସବୁବେଳେ ବିବାଦ ସୃଷ୍ଟି କରିବା ସହ ଜୋରଜବରଦସ୍ତି ଲୋକଙ୍କ ପାଟି ବନ୍ଦ କରିଦେବାକୁ ଉଦ୍ୟମ ଚଳାଇଛି। ହେଲେ ଏହା ବେଶୀ ଦିନ ଚାଲିବନି ବୋଲି ମମତା ହ୍ୱିଲଚେୟାରରେ ପ୍ରଚାର କାର୍ଯ୍ୟକ୍ରମରେ କହିଥିଲେ।



# ଭାରତରେ କରୋନା ସ୍ଥିତି

ଭାରତରେ କରୋନା ସଂକ୍ରମଣ ବୃଦ୍ଧିପାଇ ଆକ୍ରାନ୍ତଙ୍କ ସଂଖ୍ୟା ୧୧,୪୧୪,୯୮୧ରେ ପହଞ୍ଚିଛି। ମଙ୍ଗଳବାର ୫,୩୮୬ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ମହାରାଷ୍ଟ୍ର, କେରଳ ଓ ପଞ୍ଜାବରେ ସର୍ବାଧିକ ଆକ୍ରାନ୍ତ ହୋଇଛନ୍ତି। ନାଗପୁରରେ ମାର୍ଚ୍ଚ ୧୫ରୁ ୨୧ ପର୍ଯ୍ୟନ୍ତ ଲକ୍‌ଡାଉନ ଜାରି ହୋଇଛି। ପୁଣେରେ ରାତି ୧୧ଟାରୁ ସକାଳ ୬ଟା ପର୍ଯ୍ୟନ୍ତ ରାତ୍ରିକାଳୀନ କର୍ଫ୍ୟୁ ଲାଗୁ ହେବା ସହ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ସ୍କୁଲ କଲେଜ ବନ୍ଦ ରହିବ। ନାସିକ୍‌ରେ ସନ୍ଧ୍ୟା ୭ଟାରୁ ସକାଳ ୭ଟା ପର୍ଯ୍ୟନ୍ତ କର୍ଫ୍ୟୁ ଜାରି ହୋଇଛି। ବିବାହ କିମ୍ବା ଅନ୍ୟ କାର୍ଯ୍ୟକ୍ରମରେ ୨୫ରୁ ୩୦ ଲୋକଙ୍କୁ ଅନୁମତି ମିଳିଛି। ଶନିବାର ଓ ରବିବାର ଧାର୍ମିକସ୍ଥଳ ବନ୍ଦ ରହିବ। ଉତ୍ତରାଖଣ୍ଡର କିଛି ସ୍ଥାନରେ ମଧ୍ୟ ଲକ୍‌ଡାଉନ୍ ଘୋଷଣା କରାଯାଇଛି। ପଞ୍ଜାବର ପଟିଆଲା, ଲୁଧିଆନା, ମୋହାଲି, ଫତେଗଡ ସାହିବ୍‌ରେ ନାଇଟ୍ କର୍ଫ୍ୟୁ ଲାଗୁ ହୋଇଛି। ଗୁଜରାଟର ଅହମଦାବାଦ, ବଡଦୋରା, ସୁରଟ ଓ ରାଜକୋଟରେ ରାତ୍ରିକାଳୀନ କର୍ଫ୍ୟୁ ଲାଗୁ ହୋଇଛି।

# ଚାଇନିଜ୍ ଟିକା ନ ନେଲେ ଭାରତୀୟଙ୍କୁ ଚାଇନା ମନା

ବେଜିଂ, ୧୬।୩

ଚାଇନା ଯିବାକୁ ଚାହୁଁଥିବା ଭାରତୀୟ ଚାଇନିଜ୍ ଟିକା ନେବାକୁ ବାଧ। ଚାଇନାରେ ନିର୍ମିତ ଭ୍ୟାକ୍ସିନ ନେବା ପରେ ହିଁ ଭାରତୀୟଙ୍କ ଭିସା ଆବେଦନ ସରଳ କରାଯିବ ବୋଲି ଭାରତରେ ଅବସ୍ଥିତ ଚାଇନା ଦୂତାବାସ ପକ୍ଷରୁ କୁହାଯାଇଛି। ହେଲେ ଭାରତରେ କୌଣସି ଚାଇନିଜ୍ ଟିକା ଉପଲବ୍ଧ ହୋଇନାହିଁ। କରୋନା ସଂକ୍ରମଣ ଯୋଗୁ ଗତବର୍ଷ ନଭେମ୍ବରଠାରୁ ଅନେକ ଭାରତୀୟଙ୍କ ଭିସା ବାତିଲ କରି ସେମାନଙ୍କ ଚାଇନା ଗସ୍ତ ଉପରେ ସେଠାକାର ସରକାର କଟକଣା ଲଗାଇଛନ୍ତି। ଏହାଦ୍ୱାରା ଚାଇନାରେ ପାଠ ପଢୁଥିବା ଭାରତୀୟ ଛାତ୍ରୀଛାତ୍ରଙ୍କ ପାଇଁ ସମସ୍ୟା ଉପୁଜିଛି। ଚାଇନାରେ ପ୍ରାୟ ୨୩ ହଜାର ଭାରତୀୟ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବାବେଳେ କୋଭିଡ୍ ସଂକ୍ରମଣ ପରେ ସେମାନେ ଭାରତ ଫେରିଆସିଥିଲେ।

# ସଫୁରା ଜରଗରଙ୍କୁ କ୍ଷତିପୂରଣ ଦିଅ

**ଗତବର୍ଷ ଉତ୍ତର ଦିଲ୍ଲୀରେ ଘଟିଥିବା ହିଂସା ମାମଲାରେ ଷ୍ଟୁଡେଣ୍ଟ ଆକ୍ଟିଭିଷ୍ଟ ସଫୁରା ଜରଗରଙ୍କୁ ଗିରଫ କରି ଭାରତ ସରକାର ଅନ୍ତର୍ଜାତୀୟ ଚୁକ୍ତିନାମାର ଉଲ୍ଲଂଘନ କରିଛନ୍ତି। ଏହି ୨୭ ବର୍ଷୀୟା ଏମ୍‌ଫିଲ୍ ଛାତ୍ରୀଙ୍କୁ ବେଆଇନ ଭାବେ ଅଟକ ରଖିଥିବାରୁ କ୍ଷତିପୂରଣ ଦିଅନ୍ତୁ ବୋଲି ଜାତିସଂଘ ବିଶେଷଜ୍ଞ କମିଟି ସରକାରଙ୍କୁ ନିର୍ଦ୍ଦେଶ ଦେଇଛି।**



ଜାତିସଂଘ, ୧୬।୩

୨୦୨୦ ଫେବୃୟାରୀରେ କେନ୍ଦ୍ରର ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ବିରୋଧୀ ବିକ୍ଷୋଭ ବେଳେ ଦିଲ୍ଲୀରେ ବ୍ୟାପକ ହିଂସା ହୋଇଥିଲା। ସାମ୍ପ୍ରଦାୟିକ ଦଙ୍ଗାରେ ୫୩ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୪୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ମୃତକଙ୍କ ମଧ୍ୟରୁ ଅଧିକାଂଶ ସଂଖ୍ୟାଲଘୁ ଥିଲେ। ଏହି ସମୟରେ ଜାମିଆ ମିଲିଆ ଇସ୍‌ଲାମିଆ ୟୁନିଭର୍ସିଟିରେ ମଧ୍ୟ ଛାତ୍ରୀଛାତ୍ର ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଉକ୍ତ ବିଶ୍ୱବିଦ୍ୟାଳୟର ଏମ୍‌ଫିଲ୍ ଛାତ୍ରୀ ସଫୁରା ଜରଗରଙ୍କୁ ଦିଲ୍ଲୀ ଦଙ୍ଗାରେ ସମ୍ପୃକ୍ତି ଅଭିଯୋଗରେ ଗତବର୍ଷ ଏପ୍ରିଲରେ ଗିରଫ କରାଯାଇଥିଲା। ଗିରଫ ହେବାବେଳେ ସଫୁରା ଗର୍ଭବତୀ ଥିଲେ। ଦୁଇମାସ ପରେ ସେ ଜାମିନ ପାଇ ମୁକୁଳିଥିଲେ। ଜାତିସଂଘର ଏକ ବିଶେଷଜ୍ଞ କମିଟି ଏହି ଗିରଫଦାରିକୁ ବେଆଇନ ଓ ଅନ୍ତର୍ଜାତୀୟ ସନ୍ଧିର ଏକତରଫା ଉଲ୍ଲଂଘନ ବୋଲି ଦର୍ଶାଇବା ସହ ଷ୍ଟୁଡେଣ୍ଟ ଆକ୍ଟିଭିଷ୍ଟ ସଫୁରାଙ୍କୁ କ୍ଷତିପୂରଣ ଦେବା ପାଇଁ ଭାରତ ସରକାରଙ୍କୁ ନିର୍ଦ୍ଦେଶ ଦେଇଛି। ଜେନେଭାସ୍ଥିତ ୱାର୍କିଂ ଗ୍ରୁପ୍ ଅନ୍ ଆର୍ବିଟ୍ରାରି ଡିଟେନ୍ସନ (ଡବ୍ଲ୍ୟୁଜିଏଡି) ଜାତିସଂଘ ମାନବାଧିକାର ଉଚ୍ଚାୟୁକ୍ତ ଅଫିସ ଅଧୀନରେ କାର୍ଯ୍ୟ କରିଥାଏ। ଏହି ସଂସ୍ଥା ନିଜ ରିପୋର୍ଟରେ ଦର୍ଶାଇଛି ଯେ ସଫୁରାଙ୍କ ଗିରଫଦାରି ମାନବାଧିକାର ସମ୍ପର୍କିତ ସାର୍ବଜନୀନ ଘୋଷଣାନାମା ଏବଂ ନାଗରିକ ଓ ରାଜନୈତିକ ଅଧିକାର ଉପରେ ଅନ୍ତର୍ଜାତୀୟ ଚୁକ୍ତିନାମା ବିରୋଧରେ ଯାଇଛି। ଉକ୍ତ ମାମଲାର ସମସ୍ତ ପାରିପାର୍ଶ୍ୱିକ ସ୍ଥିତି ଓ ପ୍ରମାଣ ଆଧାରରେ ସଫୁରାଙ୍କୁ ଅନ୍ତର୍ଜାତୀୟ ଆଇନ ଅନୁଯାୟୀ ଉପଯୁକ୍ତ କ୍ଷତିପୂରଣ ଦିଆଯିବା ଉଚିତ ବୋଲି ଡବ୍ଲ୍ୟୁଜିଏଡି ବିଚାର କରେ। ଭାରତ ସରକାର ଏ ଦିଗରେ ତୁରନ୍ତ ପଦକ୍ଷେପ ନିଅନ୍ତୁ ବୋଲି ଜାତିସଂଘ ବିଶେଷଜ୍ଞ କମିଟି କହିଛି।

**କେନ୍ଦ୍ର ସରକାରଙ୍କୁ ଜାତିସଂଘ ବିଶେଷଜ୍ଞ କମିଟିର ନିର୍ଦ୍ଦେଶ**

# ବଢୁଛି ଯାଆଁଳାଙ୍କ ଜନ୍ମ

■ ଭୂମିଷ୍ଠ ହେଉଛନ୍ତି ବର୍ଷକୁ ୧୬ ଲକ୍ଷ

■ ଆଇଭିଏଫ୍ ବ୍ୟବହାର ବୃଦ୍ଧି

■ ଚାହିଦାରେ କୃତ୍ରିମ ପ୍ରଜନନ କୌଶଳ

■ ଧନୀ ଦେଶରେ ଅଧିକ ଯମଜ



**ଗର୍ଭଧାରଣରେ ସମସ୍ୟା, ଶିଶୁର ଜିନ୍‌ଗତ ଅସୁବିଧା ଦୂର କରିବା ସହ ସୁସ୍ଥ ସବଳ ପିଲାର ଜନ୍ମ ନିମନ୍ତେ ଚିକିତ୍ସା ବିଜ୍ଞାନର ଅଭୁତ ଉଦ୍ଭାବନ ହେଉଛି କୃତ୍ରିମ ଉପାୟରେ ପ୍ରସବ ପଦ୍ଧତି। ଏଥିମଧ୍ୟରୁ ବେଶ୍ ଜଣାଶୁଣା ଇନ୍ ଭିଟ୍ରୋ ଫର୍ଟିଲାଇଜେଶନ (ଆଇଭିଏଫ୍)। ଦିନକୁ ଦିନ ଏହି ପଦ୍ଧତିର ବହୁଳ ବ୍ୟବହାର ହେଉଛି। ସମୟ ବଞ୍ଚାଇବା ସହ ବାରମ୍ବାର ପ୍ରସବ ଓ ତତ୍‌ଜନିତ ଯନ୍ତ୍ରଣା ଲାଘବ ପାଇଁ ଆଇଭିଏଫ୍ ସହ ଅନ୍ୟାନ୍ୟ କୃତ୍ରିମ ପ୍ରଜନନ କୌଶଳ ଆପଣାଇ ଜଣେ ମହିଳା ଏକା ଥରରେ ଦୁଇଟି ଲେଖାଏ ସନ୍ତାନ ଜନ୍ମ କରିପାରୁଛନ୍ତି। ଅଧିକ ମାତ୍ରାରେ ଆଇଭିଏଫ୍‌ର ଉପଯୋଗ ଯୋଗୁ ବିଶ୍ୱରେ ଯାଆଁଳ ସନ୍ତାନଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ନିକଟରେ ଏକ ଅଧ୍ୟୟନରୁ ଜଣାପଡ଼ିଛି।**

ଲଣ୍ଡନ, ୧୬।୩

ସମଗ୍ର ବିଶ୍ୱରେ ବୃଦ୍ଧି ପାଇବାରେ ଲାଗିଛି ଯାଆଁଳା ଶିଶୁଙ୍କ ସଂଖ୍ୟା। ଇନ୍ ଭିଟ୍ରୋ ଫର୍ଟିଲାଇଜେଶନ ଓ ଅନ୍ୟାନ୍ୟ କୃତ୍ରିମ ପ୍ରଜନନ କୌଶଳ ଦ୍ୱାରା ଅଧିକ ସଂଖ୍ୟାରେ ଯମଜ ଶିଶୁଙ୍କ ପ୍ରସବ ହେଉଥିବା ବିଶ୍ୱସ୍ତରୀୟ ଏକ ଅଧ୍ୟୟନ ତଥ୍ୟ କହୁଛି। ରିପୋର୍ଟ ମୁତାବକ, ପ୍ରତି ବର୍ଷ ୧୬ ଲକ୍ଷ ଯାଆଁଳା ଶିଶୁଙ୍କ ଜନ୍ମ ହେଉଛି, ଯାହାକି ୧୯୮୦ ଦଶକ ପରଠାରୁ ଏକ ତୃତୀୟାଂଶ ଅଧିକ। ୩୦ ବର୍ଷ ପୂର୍ବେ ପ୍ରତି ହଜାରେ ଶିଶୁଙ୍କ ମଧ୍ୟରେ ୯ ଜଣ ଏଭଳି ଶିଶୁ ଜନ୍ମ ନେଉଥିଲାବେଳେ ଏବେ ତାହା ୧୨କୁ ବୃଦ୍ଧି ପାଇଛି। ଅଧ୍ୟୟନର ନେତୃତ୍ୱ ନେଇଥିବା ବ୍ରିଟେନସ୍ଥିତ ଅକ୍ସଫୋର୍ଡ ୟୁନିଭର୍ସିଟିର ପ୍ରଫେସର କ୍ରିଷ୍ଟିୟାନ ମାଣ୍ଡେନ୍ ଏହି ସଂଖ୍ୟାକୁ ସର୍ବାଧିକ ବୋଲି କହିଛନ୍ତି। ବିଶେଷକରି ଧନୀ ଦେଶ ତଥା ୟୁରୋପ, ଉତ୍ତର ଆମେରିକା ଆଦିରେ ଯାଆଁଳ ଶିଶୁଙ୍କ ଜନ୍ମ ହାର ଅନ୍ୟ ଦେଶ ତୁଳନାରେ ଅଧିକ ରହିଛି।

ହ୍ୟୁମାନ ରିପ୍ରଡକ୍ସନ୍ ଜର୍ନାଲରେ ଶୁକ୍ରବାର ଏ ସଂକ୍ରାନ୍ତରେ ରିପୋର୍ଟ ପ୍ରକାଶିତ ହୋଇଛି। ଅଧ୍ୟୟନରେ ୨୦୧୦ରୁ ୨୦୧୫ ମଧ୍ୟରେ ୧୬୫ ଦେଶ ଏବଂ ୧୯୮୦ରୁ ୧୯୮୫ ପର୍ଯ୍ୟନ୍ତ ୧୧୨ ଦେଶରେ ଯାଆଁଳାଙ୍କ ଜନ୍ମ ତଥ୍ୟ ଆକଳନ କରାଯାଇଥିଲା। ଏଥିରୁ ଜଣାପଡିଛି ଯେ, ଉତ୍ତର ଆମେରିକାରେ ଯମଜ ସନ୍ତାନଙ୍କ ସଂଖ୍ୟା ୭୧ ପ୍ରତିଶତ ବୃଦ୍ଧିପାଇଛି। ୟୁରୋପ ଏବଂ ଏସିଆ ମହାଦେଶର ବିଭିନ୍ନ ଦେଶରେ ମଧ୍ୟ ଏହି ସଂଖ୍ୟା ଉଲ୍ଲେଖନୀୟ ବୃଦ୍ଧି ଘଟିଛି। ଏସିଆରେ ଏହି ସଂଖ୍ୟା ୩୨ ପ୍ରତିଶତ ଅଧିକ ରହିଛି। କେବଳ ୭ ଦେଶରେ ଯମଜ ସନ୍ତାନଙ୍କ ଜନ୍ମ ହାର ପୂର୍ବାପେକ୍ଷା ୧୦ ପ୍ରତିଶତରୁ ଅଧିକ କମିଥିବା ଜଣାପଡ଼ିଛି।

ଜାପାନରେ ଆଇଡେଣ୍ଟିକାଲ ଟୁଇନ୍ସ ବା ସମାନ ଦେଖାଯାଉଥିବା ଯାଆଁଳା ଶିଶୁଙ୍କ ସଂଖ୍ୟା ଅଧିକ ରହିଥିବାବେଳେ ଆଫ୍ରିକାରେ ନନ୍ ଆଇଡେଣ୍ଟିକାଲ ବା ଭିନ୍ନ ଦିଶୁଥିବା ଯାଆଁଳାଙ୍କ ସଂଖ୍ୟା ବେଶି। ଜିନ୍‌ଗତ କାରଣରୁ ଏପରି ହୋଇଥିବା ମାଣ୍ଡେନ କହିଛନ୍ତି। ବିଶେଷକରି ବିଳମ୍ବରେ ମହିଳାଙ୍କ ଗର୍ଭଧାରଣ ଇଚ୍ଛା, ଗର୍ଭନିରୋଧକର ଅଧିକ ବ୍ୟବହାର, ଦୁର୍ବଳ ପ୍ରଜନନ କ୍ଷମତା ଆଦି ପ୍ରମୁଖ କାରଣରୁ ସହାୟକ ପ୍ରଜନନ କୌଶଳର ଆବଶ୍ୟକତା ପଡୁଛି। ଏଥିଯୋଗୁ ୧୯୭୦ ଦଶକରୁ ଆରମ୍ଭ ହୋଇଥିବା କୃତ୍ରିମ ପ୍ରସବ ପଦ୍ଧତିର ବ୍ୟବହାର ବଢ଼ିଥିବାରୁ ଯାଆଁଳା ଶିଶୁଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଉଛି ବୋଲି ମାଣ୍ଡେନ ପ୍ରକାଶ କରିଛନ୍ତି।

## ଆଇଭିଏଫ୍ କ'ଣ

ଇନ୍ ଭିଟ୍ରୋ ଫର୍ଟିଲାଇଜେଶନ୍ (ଆଇଭିଏଫ୍) ହେଉଛି ଏକ କୃତ୍ରିମ ପ୍ରକ୍ରିୟା, ଯାହାଦ୍ୱାରା ଫର୍ଟିଲିଟି (ପ୍ରଜନନ କ୍ଷମତା) କିମ୍ବା ଶିଶୁଙ୍କ ଜିନ୍‌ଗତ ସମସ୍ୟାକୁ ରୋକିବା ସହ ଗର୍ଭଧାରଣରେ ସାହାଯ୍ୟ କରିବା ପାଇଁ ବ୍ୟବହୃତ ହୁଏ। ଏହି ପ୍ରକ୍ରିୟାରେ ମହିଳାଙ୍କ ଓଭାରିରୁ ପରିପକ୍ୱ ଡିମ୍ବାଣୁ ସଂଗ୍ରହ କରାଯାଇଥାଏ। ପୁରୁଷଙ୍କଠାରୁ ନିଆଯାଇଥିବା ଶୁକ୍ରାଣୁ ସହ ଲାବରେଟୋରୀରେ ଡିମ୍ବାଣୁକୁ ଫର୍ଟିଲାଇଜ କରାଯାଏ। ଏହା ପରେ ଭ୍ରୂଣକୁ ଗର୍ଭାଶୟକୁ ସ୍ଥାନାନ୍ତର କରାଯାଏ। ଆଇଭିଏଫ୍‌ର ଗୋଟିଏ ଚକ୍ର (ସାଇକେଲ) ସମ୍ପୂର୍ଣ୍ଣ ହେବାକୁ ପ୍ରାୟ ତିନି ସପ୍ତାହ ଲାଗିଥାଏ। ବେଳେବେଳେ ଏହି ପ୍ରକ୍ରିୟାଗୁଡ଼ିକୁ ବିଭିନ୍ନ ଭାଗରେ ବିଭକ୍ତ କରାଯାଉଥିବାରୁ ସେହି ଅନୁସାରେ ଅଧିକ ସମୟ ମଧ୍ୟ ଲାଗିପାରେ। ଜଣେ ମହିଳା ତାଙ୍କ ସ୍ୱାମୀଙ୍କ ଶୁକ୍ରାଣୁ ସହାୟତାରେ ଆଇଭିଏଫ୍ ମାଧ୍ୟମରେ ସୃଷ୍ଟ ଭ୍ରୂଣକୁ ଗର୍ଭାଶୟରେ ସ୍ଥାପନ ପରେ ପ୍ରସବ କରିପାରିବେ। ଏହାଛଡ଼ା ମା' ହେବାକୁ ଚାହୁଁଥିବା ମହିଳା ତାଙ୍କ ଚିହ୍ନା ପରିଚିତ ପୁରୁଷ ବନ୍ଧୁଙ୍କ ଶୁକ୍ରାଣୁ ସହାୟତାରେ ମଧ୍ୟ ଗର୍ଭଧାରଣ କରିପାରିବେ।



**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୨,୦୯,୯୬,୦୨୩ | ୨୬,୭୬,୦୮୫ | ୯,୭୫,୭୮,୨୨୨ |
| ଭାରତ | ୧,୧୪,୩୮,୩୫୭ | ୧,୫୯,୦୭୮ | ୧,୦୧,୧୧,୯୫୪ |
| ଓଡ଼ିଶା | ୩,୩୮,୩୨୩ | ୧୯୧୮(+୫୩) | ୩,୩୫,୬୯୬ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ଲୋକାୟୁକ୍ତରେ ରିପୋର୍ଟ ଦାଖଲ କଲା ଭିଜିଲାନ୍ସ

## ପିପିଇ କିଟ୍ କିଣାରେ ଅନିୟମିତତା ପ୍ରସଙ୍ଗ

■ ୨୬ରେ ପରବର୍ତ୍ତୀ ଶୁଣାଣି

ଭୁବନେଶ୍ୱର, ୧୬।୩(ବ୍ୟୁରୋ)

କୋଭିଡ୍ ମହାମାରୀରେ ପିପିଇ କିଟ୍, ମାସ୍କ ଏବଂ ସାନିଟାଇଜର କ୍ରୟରେ ହୋଇଥିବା ଅନିୟମିତତା ପ୍ରସଙ୍ଗରେ ରାଜ୍ୟ ଭିଜିଲାନ୍ସ ମଙ୍ଗଳବାର ଲୋକାୟୁକ୍ତରେ ପ୍ରାଥମିକ ତଦନ୍ତ ରିପୋର୍ଟ ଦାଖଲ କରିଛି। ଲୋକାୟୁକ୍ତର ତିନିଜଣିଆ ସ୍ୱତନ୍ତ୍ର ଖଣ୍ଡପୀଠ ଆସନ୍ତା ୨୬ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି କରିବେ। ରାଜ୍ୟ ଔଷଧ ନିଗମ କୋଭିଡ୍-୧୯ ମୁକାବିଲା ପାଇଁ ଉଦ୍ଦିଷ୍ଟ ସାମଗ୍ରୀ କିଟ୍, ମାସ୍କ, ସାନିଟାଇଜର କିଣାରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ କରି ଏହାର ନିରପେକ୍ଷ ତଦନ୍ତ ପାଇଁ ଗତ ଜୁନ୍ ୮ରେ ଓଡ଼ିଶା ବିକାଶ ପରିଷଦ ପକ୍ଷରୁ ଲୋକାୟୁକ୍ତଙ୍କ ନିକଟରେ ଏକ ମାମଲା ରୁଜୁ ହୋଇଥିଲା। ସେହିପରି ଅଗଷ୍ଟ ୭ରେ କଂଗ୍ରେସ ନେତା ସୁଦର୍ଶନ ଦାସ ମଧ୍ୟ ମାସ୍କ କିଣା ଦୁର୍ନୀତି ନେଇ ଲୋକାୟୁକ୍ତଙ୍କ ନିକଟରେ ଆଉ ଏକ ଅଭିଯୋଗ କରିଥିଲେ। ଉଭୟ ଆବେଦନକୁ ବିଚାରକୁ ନିଆଯାଇ ଡିସେମ୍ବର ୭ରେ ଲୋକାୟୁକ୍ତଙ୍କ ସ୍ୱତନ୍ତ୍ର ଖଣ୍ଡପୀଠରେ ଶୁଣାଣି ହୋଇଥିଲା। ଏଭଳି ଏକ ସମ୍ବେଦନଶୀଳ ପ୍ରସଙ୍ଗକୁ ବିଚାରକୁ ନେଇ ରାଜ୍ୟ ଭିଜିଲାନ୍ସକୁ ଏହାର ନିରପେକ୍ଷ ତଦନ୍ତ କରି ଦୁଇମାସ ଭିତରେ ସବିଶେଷ ରିପୋର୍ଟ ପ୍ରଦାନ କରିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଥିଲେ। ଗତ ଫେବୃୟାରୀ ୧୫ରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଲୋକାୟୁକ୍ତ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଭିଜିଲାନ୍ସ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ରିପୋର୍ଟ ଦାଖଲ କରିବାରେ ବିଫଳ ହୋଇଥିବାରୁ



ଲୋକାୟୁକ୍ତଙ୍କୁ ଆଉ ଏକ ମାସ ପ୍ରାର୍ଥନା କରିଥିଲା। ମଙ୍ଗଳବାର ମାମଲାର ଶୁଣାଣି ହୋଇଥିଲା। ରାଜ୍ୟ ଭିଜିଲାନ୍ସ ପକ୍ଷରୁ ପବ୍ଲିକ ପ୍ରୋସିକ୍ୟୁଟର ସୁନିଲ କୁମାର ପତି ହାଜର ହୋଇ ଲୋକାୟୁକ୍ତଙ୍କୁ ତାଙ୍କର ତଥ୍ୟ ବା ରିପୋର୍ଟ ପ୍ରଦାନ କରିଥିଲେ। ଅନ୍ୟପକ୍ଷରେ ରାଜ୍ୟ ଔଷଧ ନିଗମ ପକ୍ଷରୁ ଜେନରେଲ ମ୍ୟାନେଜର(ଇକ୍ୟୁପମେଣ୍ଟ) ସୌଭାଗ୍ୟ ରଞ୍ଜନ ରଣସିଂହ ଏବଂ ସିନିୟର ମ୍ୟାନେଜର(ଇକ୍ୟୁପମେଣ୍ଟ) ତାପସ ରଞ୍ଜନ କର ହାଜର ହୋଇଥିଲେ। ମାମଲାର ପରବର୍ତ୍ତୀ ଶୁଣାଣି ୨୬ତାରିଖରେ ହେବ ବୋଲି ଲୋକାୟୁକ୍ତ ନିର୍ଦ୍ଦେଶ ଦେଇଥିବା ଓଡ଼ିଶା ବିକାଶ ପରିଷଦ ସଭାପତି ସୁଶାନ୍ତ କୁମାର ପାଢ଼ୀ କହିଛନ୍ତି। ଏ ସମ୍ପର୍କରେ ସୁଦର୍ଶନ ଦାସ କହିଛନ୍ତି, ଭିଜିଲାନ୍ସ ଦାଖଲ କରିଥିବା ରିପୋର୍ଟ ଉପରେ ଅନୁଧ୍ୟାନ କରାଯିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ମାସ୍କ, ପିପିଇ କିଟ ଓ ଅନ୍ୟାନ୍ୟ ଉପକରଣ କିଣାରେ ଦୁର୍ନୀତିରେ ସମ୍ପୃକ୍ତ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ଆବଶ୍ୟକ।

# ସବୁ ଜିଲାରେ ଏନ୍ଇଇଟି ୟୁଜି ପରୀକ୍ଷା କେନ୍ଦ୍ର ହେଉ

## ଏନ୍‌ଟିଏକୁ ଚିଠି ଲେଖିଲେ ସରକାର

ଭୁବନେଶ୍ୱର, ୧୬।୩(ବ୍ୟୁରୋ)

ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ଦ୍ୱାରା ପରିଚାଳିତ ଏନ୍ଇଇଟି ୟୁଜି ପରୀକ୍ଷା ଆସନ୍ତା ଅଗଷ୍ଟ ୧ ତାରିଖରେ ଅନୁଷ୍ଠିତ ହେବ। ରାଜ୍ୟର ସମସ୍ତ ଜିଲାରେ ଏନ୍ଇଇଟି ୟୁଜି ପରୀକ୍ଷା କେନ୍ଦ୍ର କରିବା ନିମନ୍ତେ ଏନ୍‌ଟିଏକୁ ମଙ୍ଗଳବାର ରାଜ୍ୟ ସରକାର ଚିଠି ଲେଖିଛନ୍ତି। ଓଡ଼ିଶାରେ ଅନୁଗୋଳ, ବାଲେଶ୍ୱର, ବ୍ରହ୍ମପୁର, ଭୁବନେଶ୍ୱର, କଟକ, ରାଉରକେଲା ଓ ସମ୍ବଲପୁରରେ ୭ଟି ପରୀକ୍ଷା କେନ୍ଦ୍ର ହେବ। ଏହି ପରୀକ୍ଷା କେନ୍ଦ୍ରକୁ ଆସିବା ପାଇଁ ଛାତ୍ରୀଛାତ୍ରଙ୍କୁ ସମସ୍ୟା ଉପୁଜିବ। ସେହିପରି କରୋନା ପାଇଁ ପିଲାମାନେ ଉକ୍ତ ପରୀକ୍ଷା କେନ୍ଦ୍ରରେ ଯାଇ ପରୀକ୍ଷା ଦେବା ମଧ୍ୟ ବିପଦଜନକ ହେବ। ଏଥିସହିତ କେତେକ ଜିଲା ପ୍ରଶାସନ ଲକ୍‌ଡାଉନ୍ ଓ ଶଟ୍‌ଡାଉନ କରିବା ଯୋଗୁ ପରିବହନ ସେବାରେ ବହୁ ବାଧା ସୃଷ୍ଟି ହେଉଛି। ଫଳରେ ଛାତ୍ରୀଛାତ୍ରମାନେ ଯାତାୟତରେ ଅସୁବିଧାର ସମ୍ମୁଖୀନ ହେବେ। ତେଣୁ ଏହାକୁ ଦୃଷ୍ଟିରେ ରଖି ରାଜ୍ୟର ସମସ୍ତ ୩୦ଟି ଜିଲାରେ ଗୋଟିଏ ଲେଖାଏ ଏନ୍ଇଇଟି ୟୁଜି ପରୀକ୍ଷା କେନ୍ଦ୍ର କରିବାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ଏନ୍‌ଟିଏ ଡାଇରେକ୍ଟର ଜେନେରାଲ ଡ. ଭିନିତ୍ ଜୋଷୀଙ୍କୁ ଚିଠି ଲେଖିଛନ୍ତି।

# ରାଷ୍ଟ୍ରପତିଙ୍କୁ ଜଏରାଟ ବୁଣାକାରଙ୍କ ଗାମୁଛା ଉପହାର



ରାଷ୍ଟ୍ରପତି ଭବନଠାରେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୁଣାକାରଙ୍କ ଗାମୁଛା ଉପହାର ଦେଉଛନ୍ତି।

ବଇଣ୍ଡା, ୧୬।୩(ଡି.ଏନ.ଏ.)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ଜଏରାଟ ଗ୍ରାମର ବୁଣାକାର ପ୍ରମୋଦ ମେହେର ବୁଣିଥିବା ଏକ ଗାମୁଛାକୁ ମଙ୍ଗଳବାର ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ଉପହାର ଦିଆଯାଇଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରାଷ୍ଟ୍ରପତି ଭବନଠାରେ ରାଷ୍ଟ୍ରପତିଙ୍କୁ ଭେଟି ଏହି ଉପହାର ପ୍ରଦାନ କରିଛନ୍ତି। ଓଡ଼ିଶା ଗସ୍ତରେ ଆସିବା ପାଇଁ ରାଷ୍ଟ୍ରପତିଙ୍କୁ ନିମନ୍ତ୍ରଣ ନିମନ୍ତେ ଯାଇଥିବାବେଳେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଉକ୍ତ ଉପହାର ଦେଇଥିବା ସୂଚନା ମିଳିଛି। ପ୍ରକାଶ ଯେ, ଗତ ଜାନୁୟାରୀ ୨୦ ତାରିଖରେ ରାଜ୍ୟ ଭଜପା ସଭାପତି ସମୀର ମହାନ୍ତି କିଶୋରନଗର ବ୍ଲକ ଗସ୍ତରେ ଆସିଥିବାବେଳେ ବୁଣାକାର ପ୍ରମୋଦ ତାଙ୍କୁ ଭେଟିବା ସହ ନିଜ ହାତ ତିଆରି ଗାମୁଛା ରାଷ୍ଟ୍ରପତିଙ୍କୁ ଉପହାର ଭାବେ ଦେବାକୁ ଅନୁରୋଧ କରିଥିଲେ।

## ରଞ୍ଜୟ କୁମାର ମହାନ୍ତି



1956 - 2021

### ଶ୍ରଦ୍ଧାଞ୍ଜଳି

ଡକ୍ଟର ରଞ୍ଜୟ କୁମାର ମହାନ୍ତି, 65, ନିଜର କଲ୍ୟାଣୀନଗର, କଟକ ସ୍ଥିତ ବାସଗୃହରେ ମାର୍ଚ୍ଚ 15, 2021 ଦିନ ଦେହତ୍ୟାଗ କରିଛନ୍ତି। ସେ ପ୍ରଶିକ୍ଷିତ ପଶୁ ଚିକିତ୍ସକ ଏବଂ ବୀମା କ୍ଷେତ୍ରରେ ଜଣେ ଅଭିଜ୍ଞ ବ୍ୟକ୍ତି ଥିଲେ ଓ ସେ ନ୍ୟୁ ଇଣ୍ଡିଆ ଆସ୍ୟୁରାନ୍ସରୁ 2015ରେ ଅବସର ଗ୍ରହଣ କରିଥିଲେ। ସେ 1956ରେ ବାସନ୍ଦରା ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ। ବର୍ତ୍ତମାନ ତାଙ୍କ ପରିବାରରେ ପତ୍ନୀ: ପ୍ରୀତିସୁଧା ଓ କନ୍ୟା: ସୌମ୍ୟା ଏବଂ ପ୍ରଜ୍ଞା ଅଛନ୍ତି। ତାଙ୍କ ଇଚ୍ଛା ଅନୁଯାୟୀ ତାଙ୍କ ପାର୍ଥିବ ଶରୀରକୁ ଚିକିତ୍ସା ବିଜ୍ଞାନର ଗବେଷଣା ନିମନ୍ତେ ମାର୍ଚ୍ଚ 16, 2021ରେ ପ୍ରଦାନ କରାଯାଇଛି।

# ମେଡିକାଲ କଲେଜରେ ପରିଣତ ପାଇଁ ଦାବି

## ଆଇଜିଏଚ୍ ହସ୍ପିଟାଲ ପ୍ରସଙ୍ଗରେ ଧର୍ମେନ୍ଦ୍ରଙ୍କୁ ଚିଠି ଲେଖିଲେ ରାଜ୍ୟ ଇସ୍ପାତ ମନ୍ତ୍ରୀ

ଭୁବନେଶ୍ୱର, ୧୬।୩(ବ୍ୟୁରୋ)

ରାଉରକେଲା ଇସ୍ପାତ ଜେନେରାଲ (ଆଇଜିଏଚ୍) ହସ୍ପିଟାଲକୁ ଏକ ମେଡିକାଲ କଲେଜ ଏବଂ ସୁପର ସ୍ପେଶାଲିଟି ହସ୍ପିଟାଲରେ ବିକଶିତ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଘୋଷଣା କରିଥିଲେ। ହେଲେ ଆଇଜିଏଚ୍‌କୁ ମେଡିକାଲ କଲେଜରେ ପରିଣତ ନ କରି କେବଳ ଏକ ୨୦୦ ଶଯ୍ୟା ବିଶିଷ୍ଟ ସୁପର ସ୍ପେଶାଲିଟି ହସ୍ପିଟାଲରେ ପରିଣତ କରାଯାଇଛି। ଦୁଃଖର କଥା ଘୋଷଣା କରିବାର ୬ ବର୍ଷ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଆଇଜିଏଚ୍‌କୁ ଏକ ମେଡିକାଲ୍ କଲେଜରେ ପରିଣତ କରାଯାଇପାରିଲାନି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଏମିତି ଚିଠି ଲେଖି ଇସ୍ପାତ ଓ ଖଣି ମନ୍ତ୍ରୀ ପ୍ରଫୁଲ୍ଲ ମଲିକ ନିଜର ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଏଥିରେ ହସ୍ତକ୍ଷେପ କରିବା ସହ ସୁନ୍ଦରଗଡ଼ ଅଞ୍ଚଳବାସୀଙ୍କ ଦୀର୍ଘଦିନର ଦାବି ପୂରଣ କରିବା ପାଇଁ ଆଇଜିଏଚ୍‌କୁ ମେଡିକାଲ୍ କଲେଜରେ ପରିଣତ କରିବାକୁ ଇସ୍ପାତ କାରଖାନା କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେବାକୁ ମନ୍ତ୍ରୀ ମଲ୍ଲିକ କହିଛନ୍ତି।

ମନ୍ତ୍ରୀ ମଲିକ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଆଇଜିଏଚ୍ ହସ୍ପିଟାଲ ଏହି ଅଞ୍ଚଳର



ଇସ୍ପାତ ଓ ଖଣି ମନ୍ତ୍ରୀ ପ୍ରଫୁଲ୍ଲ ମଲିକ

ଲୋକଙ୍କ ପାଇଁ ଏକ ଉଚ୍ଚମାନର ଚିକିତ୍ସା ସୁବିଧା ଆଣିପାରିଛି। ଏହାକୁ ୨୦୦ ଶଯ୍ୟା ବିଶିଷ୍ଟ ସୁପର ସ୍ପେଶାଲିଟି ହସ୍ପିଟାଲରେ ପରିଣତ କରିବା ପରିପ୍ରେକ୍ଷୀରେ ଏହାର ଉଦ୍‌ଘାଟନୀ ଉତ୍ସବର ନିମନ୍ତ୍ରଣ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶରେ ଆପଣଙ୍କ ମାଧ୍ୟମରେ ହସ୍ତଗତ ହୋଇଛି। ଏହି ନିମନ୍ତ୍ରଣ ପାଇଁ ରାଜ୍ୟ ସରକାର ଆପଣଙ୍କୁ ଧନ୍ୟବାଦ ଜ୍ଞାପନ କରୁଛନ୍ତି। ୨୦୧୫ ଏପ୍ରିଲ୍ ୨ ତାରିଖରେ ଆଇଜିଏଚ୍‌କୁ ମେଡିକାଲ କଲେଜ ଓ ସୁପର ସ୍ପେଶାଲିଟି ହସ୍ପିଟାଲ୍ କରିବା ପାଇଁ ପ୍ରଧାନମନ୍ତ୍ରୀ ଘୋଷଣା କରିଥିଲେ। ତତ୍କାଳୀନ ଇସ୍ପାତ ମନ୍ତ୍ରୀ ନରେନ୍ଦ୍ର ସିଂହ ତୋମାର ଅତିଶୀଘ୍ର ମେଡିକାଲ୍ କଲେଜ ଉପରେ କାମ ଆରମ୍ଭ କରାଯିବ ବୋଲି ଆଶ୍ୱାସନା ଦେଇଥିଲେ। ଆମେ ସମସ୍ତେ ବିଚଳିତ ଯେ, ପ୍ରଧାନମନ୍ତ୍ରୀଙ୍କ ପ୍ରତିଶ୍ରୁତିକୁ ରାଉରକେଲା ଇସ୍ପାତ କାରଖାନା କର୍ତ୍ତୃପକ୍ଷ ଅବମାନନା କରିଛନ୍ତି। ଆଇଜିଏଚ୍ ମେଡ଼ିକାଲ୍ କଲେଜରେ ଉନ୍ନୀତ ହୋଇଥିଲେ ଆଖପାଖ ଅଞ୍ଚଳର ଲୋକେ ବିଶେଷ ଉପକୃତ ହୋଇଥାନ୍ତେ। ପ୍ରତିଶ୍ରୁତି ପୂରଣ ନ ହେବାରୁ ଅଞ୍ଚଳବାସୀ ନିରାଶ ଏବଂ ଦୁଃଖିତ। ମେଡିକାଲ କଲେଜ ନ କରି ୨୦୦ ଶଯ୍ୟା ସୁପର ସ୍ପେଶାଲିଟି ହସ୍ପିଟାଲ ହୋଇଥିବାରୁ ସେ ବ୍ୟକ୍ତିଗତ ଭାବେ ଅତ୍ୟନ୍ତ ନିରାଶ ବୋଲି ଇସ୍ପାତ ମନ୍ତ୍ରୀ ମଲିକ ଉଲ୍ଲେଖ କରିଛନ୍ତି। ରାଉରକେଲାବାସୀଙ୍କ ଦୀର୍ଘଦିନର ଆକାଂକ୍ଷା ଏବଂ ପ୍ରଧାନମନ୍ତ୍ରୀଙ୍କ ପ୍ରତିଶ୍ରୁତିକୁ ଅତିଶୀଘ୍ର ପୂରଣ କରିବେ ବୋଲି ମଲିକ ଆଶା ପ୍ରକାଶ କରିଛନ୍ତି।

# ୪୫୦ କୋଟିର ଅଡିଟ୍ ଲାଗି ଦାବି କଲା ବିଜେୱାଇଏମ୍



ପ୍ରଧାନ ମହାଲେଖାଗାର(ଏଜି)ଙ୍କୁ ଭେଟି ଭାଜପା ଯୁବମୋର୍ଚ୍ଚାର ସ୍ମାରକପତ୍ର ପ୍ରଦାନ।

## ବିଜୁ ଯୁବ ବାହିନୀ ବନ୍ଦ ହେବା ପ୍ରସଙ୍ଗ

ଭୁବନେଶ୍ୱର, ୧୬।୩(ବ୍ୟୁରୋ)

ଗତ ୨୦୧୯ ସାଧାରଣ ନିର୍ବାଚନ ଜିତିବା ପାଇଁ ଶାସକ ବିଜେଡି କୋଟି କୋଟି ଟଙ୍କା ବ୍ୟୟ କରି ବିଜୁଯୁବ ବାହିନୀ ଗଠନ କରିଥିଲେ । ଓଡିଶା ଲୋକଙ୍କ ଝାଳବୁହା ଓ କରଦାତାଙ୍କ ଟିକସ ଅର୍ଥରେ ନିଜ ରାଜନୈତିକ ଫାଇଦା ହାସଲ ଲାଗି ଶାସକ ଦଳ ଯୁବକମାନଙ୍କୁ ବ୍ୟବହାର କଲା । ଏବେ ଯୁବ ବାହିନୀକୁ ରାଜ୍ୟ ସରକାର ବନ୍ଦ କରି ଲକ୍ଷ ଲକ୍ଷ ଯୁବତୀ, ଯୁବକମାନଙ୍କ ଭବିଷ୍ୟତକୁ ଅନ୍ଧକାର ଭିତରକୁ ଠେଲି ଦେଇଛନ୍ତି। ଯୁବ ବାହିନୀ ନାଁରେ ଗତ ୩ ବର୍ଷରେ ୪୫୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରି ଦଳୀୟ ପ୍ରଚାର ପାଇଁ ରାଜ୍ୟ ରାଜକୋଷରୁ ଖର୍ଚ୍ଚ କରାଯାଇଥିବା ଅର୍ଥର ଅଡିଟ କରିବା ଦାବିରେ ଭାଜପା ଯୁବମୋର୍ଚ୍ଚା (ବିଜେୱାଇଏମ୍)ର ରାଜ୍ୟ ସଭାପତି ଇରାସିସ ଆଚାର୍ଯ୍ୟଙ୍କ ନେତୃତ୍ୱରେ ମଙ୍ଗଳବାର ଏକ ପ୍ରତିନିଧି ଦଳ ପ୍ରଧାନ ମହାଲେଖାଗାର(ଏଜି)ଙ୍କୁ ଭେଟି ସ୍ମାରକ ପତ୍ର ପ୍ରଦାନ କରିଛି। ଗତ ୧୨ ତାରିଖ ବିଧାନସଭାରେ ପ୍ରଶ୍ନ ସଂଖ୍ୟା ୧୫୬୫ରେ ଭାଜପା ବିଧାୟକ ଭବାନୀ ଶଙ୍କର ଭୋଇଙ୍କ ପ୍ରଶ୍ନ ଉତ୍ତରରେ ଯୁବ ଓ କ୍ରୀଡା ମନ୍ତ୍ରୀ ତୁଷାରକାନ୍ତି ବେହେରା "ବିଜୁ ଯୁବ ବାହିନୀ" ଅନୁଷ୍ଠାନିକ ଭାବେ ବନ୍ଦ ହୋଇଥିବା ସ୍ୱୀକାର କରିଥିଲେ। ତେବେ ରାଜ୍ୟ ସରକାର ବିଜୁଯୁବ ବାହିନୀ କାହିଁକି ଗଠନ କରିଥିଲେ ଏବଂ ଏହାର ନାଁରେ ବିଗତ ୩ ବର୍ଷରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଦଳୀୟ ପ୍ରଚାର ପାଇଁ ଖର୍ଚ୍ଚ କରି ରାଜ୍ୟବାସୀଙ୍କୁ ପ୍ରତାରିତ କରିଛନ୍ତି ବୋଲି ଇରାସିସ ଅଭିଯୋଗ କରିଛନ୍ତି । ସେ କହିଛନ୍ତି, ୧୪ ମାର୍ଚ୍ଚ ୨୦୧୮ରେ କ୍ୟାବିନେଟ୍ ବୈଠକରେ ଏହା ପାରିତ ହୋଇଥିଲା। ସେତେବେଳେ କୁହାଗଲା ଓଡିଶାରେ ୮ ହଜାର ଯୁବ ବାହିନୀ ତିଆରି ହେବେ। ୬୭୯୯ ଗ୍ରାମ ପଞ୍ଚାୟତ ତଥା ୧୧୪ ଏନଏସି ଓ ମ୍ୟୁନିସିପାଲିଟି ଲାଗି ଆସନ୍ତା ୩ ବର୍ଷ ପାଇଁ ପ୍ରାୟ ୪୫୦ କୋଟି ଟଙ୍କା ବଜେଟ୍ ବ୍ୟବସ୍ଥା କରାଯାଇଥିଲା। ସିଏଜିଙ୍କ ନିର୍ଦ୍ଦେଶ ସତ୍ତ୍ୱେ ରାଜ୍ୟ ସରକାର ୨୦୧୮ରେ ହକି ବିଶ୍ୱକପ ଆଳ ଦେଖାଇ ବିଜୁ ଯୁବ ବାହିନୀ ଅର୍ଥର ଅଡିଟ୍ କରି ନ ଥିଲେ ବୋଲି ଇରାସିସ୍ କହିଛନ୍ତି।



**ଆଜିର ମନ୍ତବ୍ୟ**

"ମାର୍ଚ୍ଚ ୧୫ରୁ ଅଦ୍ୟାବଧି ଭାରତରେ ପ୍ରସ୍ତୁତ ୫.୯୪ କୋଟି ଡୋଜ୍ କୋଭିଡ୍-୧୯ ଭାକ୍ସିନ ୭୨ ଦେଶକୁ ପଠାଯାଇଛି। କିନ୍ତୁ ତାହା ଦେଶବାସୀଙ୍କ ଖର୍ଚ୍ଚରେ ରପ୍ତାନୀ କରାଯାଉ ନାହିଁ।

–ଡକ୍ଟର ହର୍ଷବର୍ଦ୍ଧନ, କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ




## ଜନ୍ମଦିନର ଶୁଭେଚ୍ଛା

ନାମ: ...................................

ବୟସ:...................................

ଜନ୍ମ ତାରିଖ: ...............................



ଜଗା, ବଳିଆ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


**ପ୍ରଥମ ପୃଷ୍ଠାରୁ...**

## ଚାଷୀଙ୍କ ପରେ ବ୍ୟାଙ୍କ...

କରି ବ୍ୟାଙ୍କିଙ୍ଗ୍ ସେକ୍ଟରର ଚାବିକାଠି ପୁଞ୍ଜିପତିଙ୍କୁ ଧରାଇବାକୁ ଯାଉଛନ୍ତି କେନ୍ଦ୍ର ସରକାର। ଏହାର ପ୍ରତିବାଦରେ ଦୁଇଦିନିଆ ଧର୍ମଘଟ ଡାକରା ଦିଆଯାଇଥିଲା। ଏଥିରେ ସାରା ଦେଶର ୧୦ ଲକ୍ଷରୁ ଊର୍ଦ୍ଧ୍ୱ ବ୍ୟାଙ୍କ କର୍ମଚାରୀ ସାମିଲ ହୋଇଥିବାରୁ ସୋମବାର ଭଳି ମଙ୍ଗଳବାର ଦ୍ୱିତୀୟ ଦିନରେ ମଧ୍ୟ ବ୍ୟାଙ୍କ ସେବା ବାଧାପ୍ରାପ୍ତ ହୋଇଛି। ଦେଶବ୍ୟାପୀ ବ୍ୟାଙ୍କଗୁଡ଼ିକରେ କାରବାର ଏକପ୍ରକାର ଠପ୍ ହୋଇଯାଇଛି। ଶାଖାଗୁଡିକରେ ଟଙ୍କା ଉଠାଣ, ଜମା, ଚେକ୍ କ୍ଲିୟରାନ୍ସ, ରେମିଟାନ୍ସ ଭଳି ସେବା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ବିଭିନ୍ନ ରାଜ୍ୟର ଗ୍ରାହକମାନେ ବ୍ୟାଙ୍କ ସେବା ପାଇବାରୁ ବଞ୍ଚିତ ହୋଇଛନ୍ତି। ଏହାର ପ୍ରଭାବ ଓଡ଼ିଶାରେ ମଧ୍ୟ ବହୁଳ ଭାବେ ଅନୁଭୂତ ହୋଇଛି। ଓଡ଼ିଶାରେ ଧର୍ମଘଟ ଯୋଗୁ ୫,୫୦୦ରୁ ଅଧିକ ବ୍ୟାଙ୍କ ଶାଖା ବନ୍ଦ ରହିଛି। ଏଥିରେ ପ୍ରାୟ ୩୦ ହଜାରରୁ ଊର୍ଦ୍ଧ୍ୱ କର୍ମଚାରୀ ଓ ଅଧିକାରୀ ଧର୍ମଘଟରେ ସାମିଲ ହୋଇଥିବା ସଂଘଗୁଡ଼ିକ ପକ୍ଷରୁ କୁହାଯାଇଛି। ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସହିତ ଗ୍ରାମ୍ୟବ୍ୟାଙ୍କ ଓ ସମବାୟ ବ୍ୟାଙ୍କଗୁଡ଼ିକର କର୍ମଚାରୀମାନେ ମଧ୍ୟ ଧର୍ମଘଟରେ ଯୋଗଦେଇଥିଲେ। ଫଳରେ ରାଜ୍ୟର ସୋମବାର ଏବଂ ମଙ୍ଗଳବାର ୨ ଦିନରେ ୭୦୦ରୁ ୮୦୦ କୋଟି ଟଙ୍କାର କାରବାର ପ୍ରଭାବିତ ହୋଇଥିବା ଜଣାପଡିଛି। ଗତ ଶନିବାରଠାରୁ ଚଳିତ ସପ୍ତାହ ମଙ୍ଗଳବାର ଯାଏ ପ୍ରାୟ ୧୫୦୦ କୋଟି ଟଙ୍କାର କାରବାର ବାଧାପ୍ରାପ୍ତ ହୋଇଛି। ଏହି ପରିପ୍ରେକ୍ଷୀରେ ୟୁଏଫ୍‌ବିୟୁ ଓଡିଶା ଆବାହକ ରଘୁନାଥ ପ୍ରସାଦ ଦାସ କହିଛନ୍ତି, କେନ୍ଦ୍ର ସରକାରଙ୍କ ଘରୋଇକରଣ ନୀତିକୁ ବିରୋଧ ଜାରି ରହିବ। ବ୍ୟାଙ୍କ ଶାଖା ଖୋଲା ରହିଲେ ମଧ୍ୟ ସଂଘ ପକ୍ଷରୁ ଏହା ବିରୋଧରେ ଲଢ଼େଇ କରାଯିବ। ଶାଖାଗୁଡିକରେ ଚେକ୍ କ୍ଲିୟରାନ୍ସ, ଏନ୍‌ଇଏଫ୍‌ଟି ଜରିଆରେ କାରବାର ଆଦି ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ବନ୍ଦର ପ୍ରଭାବ ପ୍ରତ୍ୟକ୍ଷ ଭାବେ ଲୋକଙ୍କ ଉପରେ ପଡିଛି। କାରଣ ଶନିବାର ଏବଂ ରବିବାର ବ୍ୟାଙ୍କ ବନ୍ଦ ରହିବା ଯୋଗୁ ସେବା ଉପଲବ୍ଧ ନ ଥିଲା। ସେହିଭଳି ସୋମବାର ଏବଂ ମଙ୍ଗଳବାର ଧର୍ମଘଟ ଯୋଗୁ ବ୍ୟାଙ୍କ ବନ୍ଦ ରହିବା କାରଣରୁ ଗ୍ରାହକମାନେ ନାହିଁ ନ ଥିବା ଅସୁବିଧା ସାମ୍ନା କରିଛନ୍ତି। ବୁଧବାରଠାରୁ ବ୍ୟାଙ୍କସେବା ପୁଣି ସ୍ୱାଭାବିକ ସ୍ଥିତିକୁ ଫେରିବ।

ଆଇସିଆଇସିଆଇ ବ୍ୟାଙ୍କ, ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଏବଂ ଆକ୍ସିସ ବ୍ୟାଙ୍କ ଭଳି ଘରୋଇ ବ୍ୟାଙ୍କଗୁଡିକ ଖୋଲା ରହିବା ଫଳରେ ଏମାନଙ୍କ ସେବାରେ କୌଣସି ସମସ୍ୟା ଆସି ନ ଥିବା ସୂଚନା ମିଳିଛି। ସେହିଭଳି ଏଟିଏମ୍‌ଗୁଡ଼ିକ ଖାଲି ହେବା ଯୋଗୁ ଲୋକମାନେ ଟଙ୍କା ଉଠାଣରେ ସମସ୍ୟା ସାମ୍ନା କରିଛନ୍ତି। ସ୍କେଲ ୧, ୨ ଏବଂ ୩ ବ୍ୟାଙ୍କ କର୍ମଚାରୀମାନେ ଧର୍ମଘଟରେ ୧୦୦% ଅଂଶଗ୍ରହଣ କରିଥିବା ସଂଘଗୁଡ଼ିକ ପକ୍ଷରୁ ସୂଚନା ମିଳିଛି। ଧର୍ମଘଟ ସଫଳ ହୋଇଥିବା ଏଆଇବିଇଏ ସାଧାରଣ ସମ୍ପାଦକ ସି.ଏଚ୍. ଭେଙ୍କଟଚଲମ କହିଛନ୍ତି। ଜମା ଏବଂ ଉଠାଣ ବାଧାପ୍ରାପ୍ତ ହେବାରୁ ଇଣ୍ଟରନେଟ ଏବଂ ମୋବାଇଲ ବ୍ୟାଙ୍କିଙ୍ଗରେ ନେଣଦେଣ କରିବାକୁ ବ୍ୟାଙ୍କ ସେମାନଙ୍କ ଗ୍ରାହକଙ୍କୁ ନିବେଦନ କରିଥିଲେ। ଭାରତ ଭଳି ଏକ ଅଭିବୃଦ୍ଧିଶୀଳ ଅର୍ଥ ବ୍ୟବସ୍ଥାରେ ବ୍ୟାଙ୍କଗୁଡିକର ଘରୋଇକରଣ ନକାରାତ୍ମକ ପ୍ରଭାବ ପକାଇବ ବୋଲି ସଂଘ କହିଛନ୍ତି। ସଂଘଗୁଡିକ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

## ଅବହେଳାରୁ ଜୀବନ...

ଅଭିଯୋଗ କରି ପରିବାର ଲୋକେ ମଙ୍ଗଳବାର ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦାବି କରିଥିଲେ। ଶେଷରେ ଏସ୍‌ସିବି ଜରୁରିକାଳୀନ ଅଧିକାରୀ ଭୁବନାନନ୍ଦ ମହାରଣା ମୃତା ପାର୍ବତୀଙ୍କ ସମ୍ପର୍କୀୟଙ୍କୁ ବୁଝାଶୁଝା କରିଥିଲେ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁ ଯଦି ଫ୍ୟାନ୍ ପଡ଼ିଥିବା କାରଣରୁ ହୋଇଥିବା ଜଣାପଡ଼ିବ, ତେବେ କ୍ଷତିପୂରଣ ନେଇ ବିଚାର କରାଯିବ ବୋଲି କହି ସାନ୍ତ୍ୱନା ଦେଇଛନ୍ତି। ସୂଚନାଯୋଗ୍ୟ, ବରୀ ବ୍ଲକ କୃଷ୍ଣନଗର ଗ୍ରାମର ପାର୍ବତୀ ନିଆଁରେ ପୋଡ଼ି ହୋଇ ଆହତ ହୋଇଥିଲେ। ପ୍ରଥମେ ତାଙ୍କୁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ଅବସ୍ଥା ଗୁରୁତର ହେବାରୁ ଗତ ୫ତାରିଖରେ ତାଙ୍କୁ କଟକ ଏସ୍‌ସିବି ହସ୍ପିଟାଲର ସର୍ଜରୀ ବିଭାଗରେ ଭର୍ତ୍ତି କରାଯାଇଥିଲା। ସେଠାରେ ଶଯ୍ୟା ନ ମିଳିବାରୁ ସେ ବେଡ୍ ନଂ. ୧୮ ଓ ୧୯ ମଝିରେ ଶୋଇଥିଲେ। ୮ତାରିଖ ସକାଳେ ହଠାତ୍ ଛାତରେ ଲାଗିଥିବା ଫ୍ୟାନ୍‌ଟି ଛିଡ଼ି ପାର୍ବତୀଙ୍କ ଉପରେ ପଡ଼ିଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ଆଇସିୟୁରେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ବିଳମ୍ବିତ ରାତିରେ ପାର୍ବତୀଙ୍କ ମୃତ୍ୟୁ ଘଟିଲା। ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ଅବହେଳାରୁ ମୃତ୍ୟୁ ଘଟିଥିବା ପରିବାର ଲୋକ ଅଭିଯୋଗ କରି କ୍ଷତିପୂରଣ ଦାବି କରିଛନ୍ତି। ଅପରପକ୍ଷରେ ଏସ୍‌ସିବିର ଜରୁରିକାଳୀନ ଅଧିକାରୀ ମହାରଣାଙ୍କ କହିବା ହେଲା, ପାର୍ବତୀ ନିଆଁରେ ପୋଡ଼ି ହୋଇ ଚିକିତ୍ସିତ ହେଉଥିଲେ। ଫ୍ୟାନ୍ ଖସିବା ପରେ ତାଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ପାର୍ବତୀଙ୍କ ମୃତ୍ୟୁ ପରେ ସର୍ଜରୀ ବିଭାଗ ଏଚ୍‌ଓଡି ପ୍ରଫେସର ବନବିହାରୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ଯାଞ୍ଚ କମିଟି ଗଠନ କରାଯାଇଛି। ସେଥିରେ ଜେନେରାଲ ଇଲେକ୍ଟ୍ରିକାଲ୍ ଡିପାର୍ଟମେଣ୍ଟ(ଜିଇଡି)ର ଜଣେ ଇଞ୍ଜିନିୟର ମଧ୍ୟ ରହିଛନ୍ତି। କମିଟିର ପ୍ରାଥମିକ ତଦନ୍ତରୁ ପାର୍ବତୀଙ୍କ ସେପ୍ଟିସେମିଆରେ ମୃତ୍ୟୁ ଘଟିଥିବା କୁହାଯାଇଛି। ଏହାସତ୍ତ୍ୱେ ପୋଷ୍ଟମର୍ଟମ ରିପୋର୍ଟକୁ ଅପେକ୍ଷା କରାଯାଇଛି। ଫ୍ୟାନ୍ ପଡ଼ିବା କାରଣରୁ ଯଦି ମୃତ୍ୟୁ ଘଟିଥାଏ ତେବେ କ୍ଷତିପୂରଣ ଦେବା ନେଇ ଏସ୍‌ସିବି କର୍ତ୍ତୃପକ୍ଷ ବିଚାର କରିବେ ବୋଲି ମହାରଣା କହିଛନ୍ତି। ପାର୍ବତୀଙ୍କ ମୃତ୍ୟୁ ପରେ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ଅବହେଳାକୁ ଦାୟୀ କରାଯାଇ କ୍ଷତିପୂରଣ ଦାବିରେ ପରିବାର ପକ୍ଷରୁ ଓଡ଼ିଶା ମାନବ ଅଧିକାର ଆୟୋଗ(ଓଏଚ୍‌ଆର୍‌ସି)ଙ୍କ ନିକଟରେ ଏକ ମାମଲା ରୁଜୁ ହୋଇଛି।

## ଅଭିଯୁକ୍ତଙ୍କ ସ୍ତ୍ରୀଙ୍କୁ ବଳାତ୍କାର, ...

ଏକ ୱାରେଣ୍ଟ ରହିଥିଲା। ଏହାକୁ ଭିତ୍ତିକରି ଗତ ୧୩ ତାରିଖ ରାତିରେ ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେହି ସମୟରେ ଥାନାରେ କାର୍ଯ୍ୟରତ ହାବିଲଦାର ନାୟକ ଉକ୍ତ ବ୍ୟକ୍ତିଙ୍କଠାରୁ ତାଙ୍କ ସ୍ତ୍ରୀଙ୍କ ମୋବାଇଲ ନମ୍ବର ନେଇ କଥା ହୋଇଥିଲେ। ସ୍ୱାମୀ ଜେଲ ଯିବା ପରେ ହରମୋହନ ମହିଳାଙ୍କୁ ମାମଲାରେ ସହଯୋଗ କରିବା ବାହାନା ଓ ବିଭିନ୍ନ ପ୍ରଲୋଭନ ଦେଖାଇ ଫୋନ କରି ଆସୁଥିଲେ। ସୋମବାର ସନ୍ଧ୍ୟାରେ ସେ ମହିଳାଙ୍କ ଘରେ ପହଞ୍ଚି ବଳାତ୍କାର କରିଥିଲେ। ମହିଳାଙ୍କ ଚିତ୍କାର ଶୁଣି ପରିବାର ଲୋକେ ପହଞ୍ଚି ହାବିଲଦାର ନାୟକଙ୍କୁ ଅଟକ ରଖିଥିଲେ। ପରେ ମହିଳାଙ୍କ ଅଭିଯୋଗକ୍ରମେ ଭଣ୍ଡାରିପୋଖରୀ ଥାନା ପୋଲିସ ପହଞ୍ଚି ଗାଁ ଲୋକଙ୍କ କବଳରୁ ହାବିଲଦାରଙ୍କୁ ଉଦ୍ଧାର କରିଥିଲା। ତଦନ୍ତ ପରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନାଧିକାରୀ ମୃତ୍ୟୁଞ୍ଜୟ ପ୍ରଧାନ ସୂଚନା ଦେଇଛନ୍ତି।

## ଇସ୍ତଫା ଦେଲେ...

ଅଗଷ୍ଟରେ ପ୍ରଧାନମନ୍ତ୍ରୀଙ୍କ ଅଫିସର ଅନ୍ ସ୍ପେଶାଲ ଡ୍ୟୁଟି (ଓଏସ୍‌ଡି) ନିଯୁକ୍ତ ହୋଇଥିଲେ। ସିହ୍ନା ଶକ୍ତି ମନ୍ତ୍ରଣାଳୟରେ ମଧ୍ୟ ସଚିବ ରୂପେ ଦାୟିତ୍ୱ ତୁଲାଇଥିଲେ। ଏହା ପୂର୍ବରୁ ପ୍ରଧାନମନ୍ତ୍ରୀଙ୍କ ପ୍ରଧାନ ସଚିବ ନୃପେନ୍ଦ୍ର ମିଶ୍ର ମଧ୍ୟ ଗତ ଲୋକ ସଭା ନିର୍ବାଚନ ପରେ ଇସ୍ତଫା ଦେଇଥିଲେ।

## ଏପ୍ରିଲ ୧୭ରେ ପିପିଲି...

ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇପାରେ ବୋଲି ଦଳୀୟ ମହଲରୁ ସୂଚନା ମିଳିଛି। ତେବେ କାହାକୁ ପ୍ରାର୍ଥୀ କରାଯିବ ସେ ନେଇ ଖୁବ୍‌ଶୀଘ୍ରଚିତ୍ର ସ୍ପଷ୍ଟ ହେବ। ଅନୁକମ୍ପା ଭୋଟ ହାତେଇବାକୁ ବିଜେଡି ସ୍ୱର୍ଗତ ମହାରଥୀଙ୍କ ପରିବାରରୁ ଜଣକୁ ପ୍ରାର୍ଥୀ କରିବା ନେଇ ଚର୍ଚ୍ଚା ଜୋର ଧରିଛି। ଅନ୍ୟପକ୍ଷରେ ଭାଜପା ମଧ୍ୟ ପିପିଲି ନିର୍ବାଚନମଣ୍ଡଳୀରେ ନିଜର ଗଡ଼ ମଜଭୁତ କରିବାକୁ ପ୍ରୟାସ ଚଳାଇଛି। ତେବେ ଭାଜପା ସେଠାରେ କାହାକୁ ପ୍ରାର୍ଥୀ କରିବ ସେ ନେଇ ଦଳ ପକ୍ଷରୁ କିଛି ସ୍ପଷ୍ଟ ସୂଚନା ଦିଆଯାଇ ନାହିଁ। ୨୦୧୯ ସାଧାରଣ ନିର୍ବାଚନରେ ଭାଜପା ପ୍ରାର୍ଥୀ ବିଜେଡିକୁ କଡ଼ା ଟକ୍କର ଦେଇଥିଲେ। ବିଜେଡି ପ୍ରାର୍ଥୀ ପ୍ରଦୀପ ମହାରଥୀ ୮୮,୫୧୮ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବା ବେଳେ ଭାଜପା ପ୍ରାର୍ଥୀ ଆଶ୍ରିତ ପଟ୍ଟନାୟକ ୭୨,୭୩୧ ଖଣ୍ଡ ଭୋଟ ପାଇ ଦ୍ୱିତୀୟ ଓ କଂଗ୍ରେସ ପ୍ରାର୍ଥୀ ୯,୮୩୦ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ। ଆସନ୍ତା ଉପନିର୍ବାଚନରେ ବିଜେଡି ଓ ଭାଜପା ମଧ୍ୟରେ କଡ଼ା ଟକ୍କର ହେବାର ସମ୍ଭାବନା ରହିଛି।

କଂଗ୍ରେସ ମଧ୍ୟ ନିଜର ପୁରୁଣା ଗଡ଼କୁ ପୁନର୍ଜୀବିତ କରିବାକୁ ଉଦ୍ୟମ କରିବା ନେଇ ଚର୍ଚ୍ଚା ହେଉଛି। ପିପିଲି ଉପନିର୍ବାଚନ ନେଇ ବିଜେଡି ବିଧାୟକ ଉମାକାନ୍ତ ସାମନ୍ତରାୟ କହିଛନ୍ତି, ବିଜେଡି ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ଅଛି। ଉପନିର୍ବାଚନରେ ଦଳ ଭଲ ପ୍ରଦର୍ଶନ କରିବ। ପିପିଲି, ଡେଲାଙ୍ଗବାସୀ ନିଶ୍ଚିତଭାବେ ବିଜେଡି ପ୍ରାର୍ଥୀଙ୍କୁ ଭୋଟ ଦେଇ ବିଜୟୀ କରିବେ। ଦଳରୁ କିଏ ପ୍ରାର୍ଥୀ ହେବ ସେନେଇ କୌଣସି ଦ୍ୱନ୍ଦ୍ୱ ନାହିଁ। ଦଳର ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସବୁବେଳେ ଯଥା ସମୟ ଦେଖି ଠିକ୍ ନିଷ୍ପତ୍ତି ନେଇଛନ୍ତି। ଏଥର ମଧ୍ୟ କାହାକୁ ପ୍ରାର୍ଥୀ କରାଯିବ ଉଚିତ୍ ନିଷ୍ପତ୍ତି ମୁଖ୍ୟମନ୍ତ୍ରୀ ନେବେ ବୋଲି ଉମା କହିଛନ୍ତି।

ଭାଜପା ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ କହିଛନ୍ତି, ଭାଜପା ଗତ ସାଧାରଣ ନିର୍ବାଚନରେ ଭଲ ପ୍ରଦର୍ଶନ କରିଥିଲା। ବହୁତ କମ୍ ବ୍ୟବଧାନରେ ସେଠାରେ ବିଜେଡି ପ୍ରାର୍ଥୀ ମହାରଥୀ ବିଜୟୀ ହୋଇଥିଲେ। ଯିଏ ଆମର ପ୍ରାର୍ଥୀ ହେବେ, ସିଏ ବର୍ତ୍ତମାନ ଦଳର ଜିଲା ସଭାପତି ଅଛନ୍ତି। ସେଠାରେ ମହାରଥୀଙ୍କ ନିଜସ୍ୱ ଭୋଟ ଥିଲା। ତାକୁ ବିଜେଡି କେତେଦୂର ରଖିପାରୁଛି ତାହା ଦେଖିବା ବାକି ଅଛି। ଯଦି ତ୍ରିକୋଣୀୟ ମୁକାବିଲା ହୁଏ, ତେବେ ଭାଜପା ନିଶ୍ଚୟ ଜିତିବ ବୋଲି ଜୟନ୍ତ କହିଛନ୍ତି।

ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି, ଉପନିର୍ବାଚନ ଲଢିବାକୁ କଂଗ୍ରେସ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି। ସେଠାରେ କଂଗ୍ରେସ ଜିତିବାର ଯଥେଷ୍ଟ ସମ୍ଭାବନା ରହିଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନବିରୋଧୀ କାର୍ଯ୍ୟକଳାପକୁ ଲୋକମାନେ ବର୍ତ୍ତମାନ ବୁଝି ସାରିଲେଣି। ସେଠାକୁ ଯାଇ ଲୋକଙ୍କୁ ବୁଝାଇବାକୁ ଚେଷ୍ଟା କରିବୁ। ଉପନିର୍ବାଚନ ତାରିଖ ଘୋଷଣା ପୂର୍ବରୁ କମିଟି ଗଠନ କରାଯାଇ ସେଠାକୁ ପଠାଯାଇଛି। ଖୁବଶୀଘ୍ର ପ୍ରାର୍ଥୀ ଘୋଷଣା କରାଯିବ ବୋଲି ନିରଞ୍ଜନ କହିଛନ୍ତି।

## ୩୦ ପ୍ରଦୂଷିତ ସହରରୁ...

ମୁଜାଫରନଗର, ଭିୱାରି, ଫରିଦାବାଦ, ଜିନ୍ଦ, ହିସାର, ଫତେହାବାଦ, ବନ୍ଧୱାରି, ଗୁରୁଗ୍ରାମ, ଯମୁନାନଗର, ରୋହତକ, ଧରୁହେରା ଓ ମୁଜାଫରପୁର। ବୈଶ୍ୱିକ ସହର ର୍ୟାଙ୍କିଙ୍ଗ୍ ରିପୋର୍ଟ ୧୨୬ ଦେଶର ପିଏମ୍୨.୫ ତଥ୍ୟ ଆଧାରରେ ପ୍ରସ୍ତୁତ କରାଯାଇଛି, ଯାହାକି ତୃଣମୂଳ ସ୍ତରରେ ଥିବା ମନିଟରିଂ ଷ୍ଟେଶନ ଦ୍ୱାରା ପରିମାପ କରାଯାଇଥାଏ। ସେଗୁଡ଼ିକ ମଧ୍ୟରୁ ଅଧିକାଂଶ ସରକାରୀ ସଂସ୍ଥା ଦ୍ୱାରା ପରିଚାଳିତ। ଉକ୍ତ ରିପୋର୍ଟରେ ଚାଇନାର ଶିଞ୍ଜିଆନ୍‌କୁ ବିଶ୍ୱର ସବୁଠୁ ପ୍ରଦୂଷିତ ସହର ଭାବେ ଦର୍ଶାଯାଇଛି। ଟପ୍ ଟେନ୍ ତାଲିକାରେ ଏହା ପଛକୁ ଭାରତର ୯ଟି ସହର ରହିଛି। ଗାଜିଆବାଦ ହେଉଛି ବିଶ୍ୱର ଦ୍ୱିତୀୟ ପ୍ରଦୂଷିତ ସହର। ତା' ପଛକୁ ରହିଛି ବୁଲନ୍ଦସହର, ବିସ୍ରାଖ ଜଲାଲପୁର, ନୋଇଡା, ଗ୍ରେଟର ନୋଇଡା, କାନପୁର, ଲକ୍ଷ୍ନୌ ଓ ଭିୱାରି।

ଗ୍ରିନ୍ ପିସ୍ ଇଣ୍ଡିଆର କ୍ଲାଇମେଟ୍ କ୍ୟାମ୍ପେନର ଅବିନାଶ ଚଞ୍ଚଳ କହିଛନ୍ତି, ଲକ୍‌ଡାଉନ୍ ଯୋଗୁ ଦିଲ୍ଲୀ ସମେତ ଭାରତର ଅନେକ ସହରରେ ସ୍ଥିତି ସାମାନ୍ୟ ସୁଧୁରିଥିଲେ ମଧ୍ୟ ବାୟୁ ପ୍ରଦୂଷଣ ଯୋଗୁ ସ୍ୱାସ୍ଥ୍ୟଗତ ଓ ଅର୍ଥନୈତିକ କ୍ଷତି ସମାନ ରହିଛି। ତେଣୁ କେନ୍ଦ୍ର ଓ ରାଜ୍ୟ ସରକାରଗୁଡ଼ିକ ସ୍ୱଚ୍ଛ ଶକ୍ତି ଉତ୍ସଗୁଡ଼ିକ ଉପରେ ପ୍ରାଥମିକତା ଦେବା ଜରୁରୀ ହୋଇପଡ଼ିଛି। ସହରଗୁଡ଼ିକରେ ପାଦରେ ଚାଲିବା, ସାଇକେଲ ଚଳାଇବା ଓ ସର୍ବସାଧାରଣ ପରିବହନ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଆପଣ ମଧୁର ବାକ୍ୟାଳାପ ଦ୍ୱାରା ଅନ୍ୟକୁ ଆପଣାର କରିବାରେ ସମର୍ଥ ହେବେ। ବନ୍ଧୁଙ୍କ ଆସିବା ବାଟକୁ ଅପେକ୍ଷା କରିବା ସକାଶରୁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହୋଇପାରେ। ବିବାଦୀୟ ଘଟଣାରେ କୌଣସି ପକ୍ଷ ସମର୍ଥନ କରିବା ଠିକ୍ ହେବ ନାହିଁ। ଚଳଚ୍ଚିତ୍ର, ସାହିତ୍ୟ, କଳା ଓ ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**ବୃଷ** ଛୋଟ ଛୋଟ କଥାକୁ କେନ୍ଦ୍ରକରି ଅତି ଭଲ ସମ୍ପର୍କ ଥିବା ବନ୍ଧୁଙ୍କ ସହ ଭୁଲ୍ ବୁଝାମଣା କାରଣରୁ କଳହ ଲାଗିବ। କୌଣସି ମୂଲ୍ୟବାନ ଜିନିଷ କିଣିବା ସକାଶେ ଧାର କରିବାକୁ ପଡ଼ିବ। ଅଯଥା ପରକଥାରେ ମନ ଦେଇ ନିଜ କାମକୁ ଅବହେଳା କରି ସମାଲୋଚିତ ହେବେ। ଅଫିସରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି।

**ମିଥୁନ** ସହକର୍ମୀଙ୍କ ସହ ଟଙ୍କା, ପଇସାକୁ କେନ୍ଦ୍ର କରି କଳହ ଘଟିପାରେ। ବନ୍ଧୁ ଗହଣରେ ବେଶି ସମୟ କଟିଲେ ମଧ୍ୟ ଘରର ଅଶାନ୍ତି ମନକୁ ଭାରାକ୍ରାନ୍ତ କରି ରଖିବ। ବହୁ ଦିନରୁ ଚେଷ୍ଟା କରି ପାଇ ନ ଥିବା ପ୍ରାପ୍ୟଧନ ଆଜି ଅପରାହ୍ନରେ ପାଇବାର ପ୍ରତିଶ୍ରୁତି ପାଇବେ। ସମ୍ପର୍କୀୟ ବ୍ୟକ୍ତିଙ୍କ ସକାଶେ ଭ୍ରମଣ ଓ କାର୍ଯ୍ୟସିଦ୍ଧି ଯୋଗୁ ମନ ପ୍ରଫୁଲ୍ଲିତ ହେବ।

**କର୍କଟ** ବନ୍ଧୁମାନେ ସାହାଯ୍ୟ କରିବାକୁ ଆଗେଇ ଆସିବା ବଦଳରେ ସ୍ୱାର୍ଥହାନି ଆଶଙ୍କାରେ ଦୂରେଇ ଯିବେ। ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟି ହେବ। ବ୍ୟବସାୟ, ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ। କଳା, ସାହିତ୍ୟ, ଚଳଚ୍ଚିତ୍ର, ପ୍ରେସ୍ ଓ ପବ୍ଲିକେଶନ କ୍ଷେତ୍ରରେ ସୁନାମ ଅର୍ଜନ କରିବେ।

**ସିଂହ** ପାରିବାରିକ କ୍ଷେତ୍ରରେ ବିଭିନ୍ନ ସମସ୍ୟାକୁ କେନ୍ଦ୍ର କରି ମନ ଭଲ ରହିବ ନାହିଁ। ପରିବାରରେ ବଦ୍‌ଖର୍ଚ୍ଚ ରୋକିବା ପାଇଁ ଚେଷ୍ଟିତ ହେବେ, କିନ୍ତୁ ପାରିବେ ନାହିଁ। କର୍ମକ୍ଷେତ୍ରରେ ସବୁ କଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡିବେ। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ।

**କନ୍ୟା** ଆର୍ଥିକ ଅଭାବ ସଙ୍ଗକୁ ପ୍ରତ୍ୟେକ କାମ ବହୁତ ବିଳମ୍ବରେ ହେଉଥିବାରୁ ବ୍ୟସ୍ତତା ବଢିଯିବ। ଦୁଃଖିତ ଆତ୍ମୀୟଙ୍କୁ ସାନ୍ତ୍ୱନା ଦେବାକୁ ଯାଇ ପରିବାରରେ ଟଣାଓଟରା ଲାଗିଯିବ। ଦୀର୍ଘ ଦିନରୁ ସାଧାରଣ କଥାରେ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ। ନିଜ ପରିସରରେ କିମ୍ବା ଆନୁଷ୍ଠାନିକ କ୍ଷେତ୍ରରେ ପ୍ରତିଷ୍ଠିତ ହେବେ।

**ତୁଳା** ପରିସ୍ଥିତିବଶତଃ ଆଲୋଚନା କ୍ଷେତ୍ରରେ ଠିକ୍ କଥା କହି ପାରିବେ ନାହିଁ। ଅପ୍ରିୟ ସତ୍ୟ କହି ସମସ୍ୟାକୁ ନିମନ୍ତ୍ରଣ କରିବେ। ବ୍ୟୟ ଭାର କମି କମି ଆସିବ ଏବଂ ବାଣିଜ୍ୟ ଓ ପରିବହନରେ କେତେକ ପ୍ରତିବନ୍ଧକ ଦେଖା ଦେଇପାରେ। ଆର୍ଥିକ ଅନଟନ କିମ୍ବା ଧନ ହାନି ଓ ସ୍ଥାନ ବଦଳିବା କାରଣରୁ ଦୁଶ୍ଚିନ୍ତା ମଧ୍ୟ ବଢିଯିବାର ସୂଚନା ରହିଛି।

**ବିଛା** କାମର ଚାପ ବୃଦ୍ଧି ପାଇବା କାରଣରୁ ଓ କିଛିଟା ବ୍ୟତିକ୍ରମ ମଧ୍ୟରେ ସମୟ ଅତିବାହିତ ହେବ। ଆଜି ଯେମିତି ଚାହୁଁଛନ୍ତି ସେପରି ଫଳ ମିଳିଯିବ। ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ବନ୍ଧୁମାନେ ଠିକ ଖବର ଦେବାରେ ହେଳା କରିପାରନ୍ତି, ଯାହା କି କେତେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡିବ।

**ଧନୁ** ପୁରାତନ ରୋଗପୀଡା ଓ ପୂର୍ବ ଶତ୍ରୁତାକୁ ନେଇ ମନ ଭଲ ରହିବ ନାହିଁ। ଆଜି ଅଧିକାଂଶ ସମୟ ବନ୍ଧୁଙ୍କ ମେଳରେ କଟିବ। କୌଣସି କାର୍ଯ୍ୟ ସକାଶେ ଅର୍ଥର ଆବଶ୍ୟକତାକୁ ନେଇ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ଭ୍ରମଣ, ସଂଗଠନ, ରାଜନୀତି, କଳା, ସାହିତ୍ୟ, ପ୍ରଶାସନିକ ତଥା ସଭାସମିତି କାମରେ ବ୍ୟସ୍ତତା ବୃଦ୍ଧି ପାଇବ।

**ମକର** ପ୍ରତ୍ୟେକ କାମ ସାମାନ୍ୟ ବିଳମ୍ବିତ ସମୟରେ ପାରିବାରିକ ସମସ୍ୟାର ସରଳ ସମାଧାନ କରିବେ। ଆନୁଷ୍ଠାନିକ, ସାଂଗଠନିକ ତଥା ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହୋଇଯିବ। ମାଲିମକଦ୍ଦମାରେ ସଫଳତା ହାସଲ କରିବା ସଙ୍ଗକୁ ଆର୍ଥିକ ପରିସ୍ଥିତି ପ୍ରାୟତଃ ମନ୍ଦ ହେବନି।

**କୁମ୍ଭ** ଆଜି ଏକ ସାଧାରଣ ଆଲୋଚନା ମଧ୍ୟରେ ଭୁଲ୍ ବୁଝାମଣା କାରଣରୁ ବନ୍ଧୁଙ୍କ ସହ କଳହ ଘଟିପାରେ। ଜମିଜମା, ସରକାରୀ ସୂତ୍ରରୁ ଅର୍ଥ, ଧାର୍ମିକ କାର୍ଯ୍ୟ ପ୍ରଭୃତିରେ ଆଶାନୁରୂପ ସଫଳତା ପାଇବେ। ବାଣିଜ୍ୟ, ବ୍ୟବସାୟ, ପରିବହନକୁ କେନ୍ଦ୍ରକରି ବାଦବିବାଦରେ ଆପୋସ ସମାଧାନ ଘଟିବ। କୌଣସି ଦ୍ରବ୍ୟ ନଷ୍ଟ ହୋଇପାରେ।

**ମୀନ** ବନ୍ଧୁଙ୍କ ସାହାଯ୍ୟ ଲାଭ କରି ମାନସିକ ସ୍ଥିତି କ୍ରମଶଃ ସୁସ୍ଥ ହୋଇଯିବ। ଆଜି ଯାହା ଭାବୁଛନ୍ତି, ସେହିପରି ହିଁ ପାଇବେ। କିନ୍ତୁ କର୍ମକ୍ଷେତ୍ରରେ ଅପରାହ୍ନରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। କ୍ରୀଡ଼ା, କଳା ଓ ଚଳଚ୍ଚିତ୍ର କ୍ଷେତ୍ରରେ ପ୍ରତିଯୋଗିତା ମନୋଭାବ ଉପୁଜି ପାରେ।

ଆଜି ଫାଲ୍‌ଗୁନ ଶୁକ୍ଳ ଚତୁର୍ଥୀ ବୁଧବାର, ମାର୍ଚ୍ଚ ୧୭ ତାରିଖ, ରାଶି ନକ୍ଷତ୍ର- ଦ୍ୱିଜା/ମେଷ, ମେଷ ରାଶିର ଘାତଚନ୍ଦ୍ର, କର୍କଟ ରାଶିର ଘାତବାର, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ସକାଳ ଘ.୦୫.୫୭ମି. ଗତେ ଘ.୦୭.୨୨ମି. ମଧ୍ୟେ, ଘ.୦୯.୫୫ମି. ଗତେ ଘ.୧୧.୩୧ମି. ମଧ୍ୟେ, ଘ.୦୩.୩୦ମି. ଗତେ ଘ.୦୫.୦୫ମି. ମଧ୍ୟେ ଅମୃତବେଳା। ଦିବା ଘ.୦୧.୫୪ମି. ଗତେ ଘ.୦୩.୩୦ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୧୧.୫୫ମି. ଗତେ ଘ. ୦୧.୩୦ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




**BRIDE WANTED**

Wanted brahmin brides for brahmin grooms 25-35yrs B.Tech/ MBA, Bhubaneswar. 7978736177. D-68275

Match for my M.Tech (IIT Bombay) internship (Steinbeis University Germany) qualified commander son in Indian Navy. Contact: +919438183860. D-20244

**GROOM WANTED**

Khandayat girl MBA 1993 5'1" established family required suitable service holder/ Businessman. SANGAAM, 9338224867, 8249768787. D-70437

ସରକାରୀ ଚାକିରି କରୁଥିବା 31 ବର୍ଷୀୟ ଖଣ୍ଡାୟତ ଝିଅ ପାଇଁ ଭୁବନେଶ୍ୱରରେ ସରକାରୀ ଚାକିରି କରିଥିବା ବରପାତ୍ର ଆବଶ୍ୟକ। (M): 8908387853. D-20202

Divorcee bride Bank manager 35, Business 42 (Caste-no-bar)-7873374269. D-69700

Wanted a boy for 33 years mangalik girl. For discussion- 7978003909. D-20253




**SALE**

**Bhubaneswar AIIMS and Sum Hospital ନିକଟରେ ଘରବାରି plot sale. 7847882596.** D-70815

**Saibhihar Colonyରେ 30' ରାସ୍ତା ଥାଇ Rangabazar, BJEM-2 ରେ 1500sqft. 780000ରେ ମିଳୁଛି। 9853415415.** D-20248

Own gharabari plot sale, near Nissan Showroom, Pahal, Bhubaneswar, plan approved, Bank finance available. 9658609631. D-70557

**Bhubaneswar, Khordha NH side Pitapalli Chhaka ନିକଟରେ plot ମିଳୁଛି। 6372852525.** D-70192

Genuine plot for sale with Bank Loan facility in Sundarpada, AIIMS. 8118050420. D-20210

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**Demarcated ପ୍ଲଟ୍ KEC, ଗୁଡ଼ିଆପୋଖରୀ ପାଖରେ immediate registration & possession ଅଗ୍ରିମ boundarywall, electricity, with 30ft. road, sqft.650/-ରେ ମିଳୁଛି। Contact: 7008045582, 7749800648.** D-20177

ଭୁବନେଶ୍ୱର ପଟିଆ ରେଲଓ୍ୱେଷ୍ଟେସନ 1.k.m. ଘର କରିବା ପାଇଁ plot 1200sqft. 6,60,000/- immediate possession/ registration. 8249384685, 8249005131, 9583328312. D-70813

3BHK Flat near Lingaraj Station,, Bhubaneswar, immediate sale 56 Lakh. 7008005490. D-59983

**3200 Sqft. sthitiban Gharabari corner plot with Boundary Wall near ITER, Panchasakha Nagar, Bhubaneswar. 9958003695, 9861805658.** D-19996

Bhubaneswar ସୁନ୍ଦରପଦାରେ ଘରବାରି ପ୍ଲଟ୍ sqft.-950/-, 350/- କାଟେଣୀରେ 650/- LIPSA- 9853150290. D-70812

**ଭୁବନେଶ୍ୱର ଧଉଳି ଛକ ନିକଟରେ ଘରବାରି plot boundarywall, road, electricity ସହିତ NH ଠାରୁ 500' ଦୂରତାରେ ବିକ୍ରିହେବ। 9861428475.** D-70814

**GENERAL**

**SALE**

Two 1.5ton carrier window A.C. domestically used in good running condition, sale Rs. 18,000/- each. Contact Mo- 8458080690. D-20205




**4400 Sqft. Hall in First and Second Floor for Office or Commercial on 100ft. Bhimatangi Main Road, Bhubaneswar. 9958003695, 9861805658.** D-19997

600sqft./ 1200sqft. space available for Office/ Commercial. 9937203178. D-67586

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Shivam logistic packers movers. Household/ car relocation countrywide. 9777044177, 9338461133. D-20160




Zen SPA positively health benefits with experts therapeutic genuinely massage. 7205084157. D-70560

Swarna SPA newly open positively health benefits with expert therapist. 9556978408. D-70559

Get good massage for your health the best therapy. 7749997224. D-70438

New opening Saikrupa Panchakarma and SPA jointpain, fullbody massage, 8984068077. D-65913




SMS sending କାମକରି ଯୁବକ/ଯୁବତୀ, ଗୃହିଣୀମାନେ ମାସିକ 12000-35000/- +Laptop+ Mobile + other facilities free (Part/ fulltime). 9667693638, 9667693639. D-70558


**AFFIDAVIT**

By virtue of an affidavit before Notary Public, Kantabanji bearing No. 481 on 16.03.2021 my name is recorded in my educational Certificate as "SURESH KUMAR BHARASAGRIA" S/o PABITRA BHARASAGRIA but in my Aadhaar Card & Voter Identity Card my name mentioned as MAHESH SAGRIA S/O- PABITRA SAGRIA whereas SURESH KUMAR BHARASAGRIA @ MAHESH SAGRIA S/O- PABITRA BHARASAGRIA @ SAGRIA is one and same and I known as MAHESH SAGRIA S/O PABITRA SAGRIA in all purposes.

Sd./- Mahesh Sagria. D-20254

## ସଂକ୍ଷେପରେ

### ବଢ଼ିଲା ତାତି

ଭୁବନେଶ୍ୱର,୧୬।୩(ବ୍ୟୁରୋ): ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଆରମ୍ଭ ହୋଇଛି। ଗତ କିଛିଦିନ ନିୟନ୍ତ୍ରଣରେ ଥିବା ତାତି ମଙ୍ଗଳବାର ଠାରୁ ପୁଣି ବୃଦ୍ଧି ପାଇଛି। ଆସନ୍ତା ସପ୍ତାହକ ମଧ୍ୟରେ ପାରଦ ୪୩ ଡିଗ୍ରୀ ସେଲସିୟସ ଉପରକୁ ଉଠିଯିବାର ସମ୍ଭାବନା ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଭୁବନେଶ୍ୱରରେ ସର୍ବାଧିକ ତାପମାତ୍ରା ୩୯.୩ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ବାରିପଦା ୩୮, ତାଳଚେର ୩୮.୧, ବଲାଙ୍ଗୀର ୩୮.୭, ଟିଟିଲାଗଡ ୩୮.୫, ମାଲକାନଗିରି ୩୮.୫, ନୟାଗଡ ୩୮.୫, ବୌଦ୍ଧ ୩୮.୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

### ବୃଦ୍ଧଙ୍କୁ ଦଳିଦେଲା ହାତୀ

**ଢେଙ୍କାନାଳ ଅଫିସ, ୧୬।୩:** ଢେଙ୍କାନାଳ ସଦର ଥାନା କାଣ୍ଡବିନ୍ଧା ପଞ୍ଚାୟତ ତାମଣ୍ଡା ଗ୍ରାମ ଜଙ୍ଗଲରେ ମଙ୍ଗଳବାର ହାତୀ ଆକ୍ରମଣରେ ଗୌରାଙ୍ଗ ଜେନା (୭୦)ଙ୍କ ମୃତ୍ୟୁ ଘଟିଛି। ସେ ପୂର୍ବାହ୍ନ ୧୦ଟାରେ କାଜୁ ବଗିଚାକୁ ଜଗିବାକୁ ଯାଇଥିଲେ। ଦୀର୍ଘସମୟ ଧରି ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ। କାଜୁ ଜଙ୍ଗଲରେ ତାଙ୍କର କ୍ଷତବିକ୍ଷତ ମୃତଦେହ ପଡ଼ିଥିଲା। ପାରିପାର୍ଶ୍ୱିକ ସ୍ଥିତିରୁ ହାତୀ ଆକ୍ରମଣରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ସୂଚନା ପାଇ ବନ କର୍ମଚାରୀ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଥିଲେ। ରିପୋର୍ଟ ଆସିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଜିଲା ବନଖଣ୍ଡ ଅଧିକାରୀ ଡା. ପ୍ରକାଶଚାନ୍ଦ ଗୋଗିନେନି ସୂଚନା ଦେଇଛନ୍ତି।

# 'ନୂତନ ପଦ୍ଧତି ଆପଣାଇଲେ କୃଷିର ବିକାଶ ହେବ'

## 'କୃଷି ଓଡ଼ିଶା'ର ଦ୍ୱିତୀୟ ଦିବସ



ଜଣେ ସଫଳ ମହିଳା ଚାଷୀଙ୍କୁ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଏବଂ ଅରୁଣ କୁମାର ସାହୁ ସମ୍ବର୍ଦ୍ଧିତ କରୁଛନ୍ତି।

**ଭୁବନେଶ୍ୱର, ୧୬।୩(ବ୍ୟୁରୋ)**

ଖାଦ୍ୟଶସ୍ୟ ଉତ୍ପାଦନ ବୃଦ୍ଧି ସହିତ କୃଷକମାନଙ୍କ ଆୟ ବୃଦ୍ଧି କରିବାକୁ ହେଲେ କୃଷି କ୍ଷେତ୍ରରେ ଆଧୁନିକ ଜ୍ଞାନକୌଶଳ ବ୍ୟବହାର କରିବାକୁ ପଡ଼ିବ। ସମୟର ଆହ୍ୱାନ ହେଲା ପରିବର୍ତ୍ତିତ ପରିସ୍ଥିତିରେ ନୂତନ ବ୍ୟବସ୍ଥାକୁ ଆପଣାଇବା ଦରକାର। ଜଳବାୟୁ ପରିବର୍ତ୍ତନ ଓ ବଜାର ଚାହିଦାକୁ ଦୃଷ୍ଟିରେ ରଖି ପାରମ୍ପରିକ ପଦ୍ଧତି ବଦଳରେ ନୂତନ ପଦ୍ଧତିକୁ ଆପଣାଇ ପାରିଲେ କୃଷିର ସାମଗ୍ରିକ ବିକାଶ ହୋଇପାରିବ ବୋଲି ବିଜ୍ଞାନ ଓ କାରିଗରୀ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ସରକାରୀ ଉଦ୍ୟୋଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଛନ୍ତି। ମଙ୍ଗଳବାର 'କୃଷି ଓଡ଼ିଶା'ର ଦ୍ୱିତୀୟ ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ପଣ୍ଡା କହିଛନ୍ତି, ନୂତନ ଜ୍ଞାନକୌଶଳର ବ୍ୟବହାର ନିମନ୍ତେ ବିଭିନ୍ନ ଯୋଜନାରେ ରାଜ୍ୟ ସରକାର ଅନେକ ପ୍ରୋତ୍ସାହନ ଯୋଗାଇ ଦେଉଛନ୍ତି। ଏ ଦିଗରେ ଯୁବ ଉଦ୍ୟୋଗୀମାନେ ଷ୍ଟାର୍ଟଅପ୍ ଗଠନ ମାଧ୍ୟମରେ ନୂତନ ସୁଯୋଗ ସୃଷ୍ଟି କରିପାରିବେ। ଏଥି ସହିତ ସମନ୍ୱିତ କୃଷି ଦ୍ୱାରା କୃଷକଙ୍କ ସାମଗ୍ରିକ ଆୟ ବୃଦ୍ଧି ପାଇବ ବୋଲି ମନ୍ତ୍ରୀ ପଣ୍ଡା କହିଛନ୍ତି।

କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ଅରୁଣ କୁମାର ସାହୁ କହିଛନ୍ତି, ସମ୍ପ୍ରତି 'କୃଷି ଓଡ଼ିଶା'ର ଲୋକପ୍ରିୟତା ବୃଦ୍ଧି ପାଇବାରୁ ଏହା ଏକ ବୃହତ୍ ମେଳା ଭାବେ ତା'ର ଉପସ୍ଥିତି ଜାହିର କରିପାରିଛି। ଏହି 'କୃଷି ଓଡ଼ିଶା'ରୁ ଚାଷୀମାନେ ବହୁତ କିଛି ଶିଖିବାକୁ ପାଆନ୍ତି। ପରବର୍ତ୍ତୀ ସମୟରେ ସେମାନେ କିଭଳି ଅଧିକ ଅମଳ କରିବେ, ଅଧିକ ଲାଭବାନ ହେବେ ସେଥିଲାଗି ଚେଷ୍ଟା କରନ୍ତି। 'କୃଷି ଓଡ଼ିଶା'ର ବିଭିନ୍ନ ଦିବସରେ କୃଷି ପାଠଶାଳାର ଆୟୋଜନ ଅତ୍ୟନ୍ତ ଉପଯୋଗୀ ସାବ୍ୟସ୍ତ ହୋଇପାରିଛି। ମଙ୍ଗଳବାର ଏହି କ୍ରମରେ 'କୃଷକ ଉତ୍ପାଦନକାରୀ ଗୋଷ୍ଠୀକୃଷକ ସଶକ୍ତୀକରଣ ନିମନ୍ତେ ଏକ ଅଭିନବ ପଦକ୍ଷେପ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କୃଷକ ଉତ୍ପାଦକ ଗୋଷ୍ଠୀର ଉତ୍ପାଦିତ ବିକ୍ରିବଟା ସୁବିଧା ନିମନ୍ତେ ବିଭାଗ ପକ୍ଷରୁ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ସେହିପରି 'ଫୁଲଚାଷ, ଜୀବିକା ନିର୍ବାହ ଏବଂ ସମୃଦ୍ଧିର ଏକ ନୂତନ ଦିଗନ୍ତ' ସଂକ୍ରାନ୍ତ ଆଲୋଚନା ଚକ୍ର ଫୁଲଚାଷୀଙ୍କ ପାଇଁ ନୂତନ ସମ୍ଭାବନା ସୃଷ୍ଟି କରିଛି। ସମ୍ପ୍ରତି ରାଜ୍ୟ ୩୦୦୦ କୋଟି ଟଙ୍କାରୁ ଅଧିକ ମତ୍ସ୍ୟ ରପ୍ତାନୀ କରୁଛି। 'ମାଛଚାଷ–ଚାଷୀଙ୍କ ଆର୍ଥିକ ଉନ୍ନତିର ସୁଗମ ପଥ' ଆଲୋଚନାଚକ୍ର ରାଜ୍ୟରେ ମାଛ ଉତ୍ପାଦନ ଓ ରପ୍ତାନୀ ବୃଦ୍ଧି ଦିଗରେ ସହାୟକ ହୋଇପାରିବ ବୋଲି ମନ୍ତ୍ରୀ ସାହୁ କହିଛନ୍ତି। ପ୍ରାରମ୍ଭରେ ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ରତ୍ନାକର ରାଉତ ସ୍ୱାଗତ ଭାଷଣ ଦେଇଥିବାବେଳେ ଓଡ଼ିଶା ରାଜ୍ୟ ବିହନ ନିଗମର ପରିଚାଳନା ନିର୍ଦ୍ଦେଶକ ଜ୍ୟୋତିରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଉଦ୍ୟାନ କୃଷି ଏବଂ ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା କୃଷକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଅତିଥିମାନଙ୍କ ଦ୍ୱାରା ଏକ୍ସପର୍ଟ କମିଟି ରେକମଣ୍ଡେସନ୍ ପୁସ୍ତକ ଲୋକାର୍ପିତ ହୋଇଯାଇଛି।

# ଯାଜପୁର ଆଇଟିଆଇରେ ପ୍ରତିଷ୍ଠା ହେବ ଉତ୍କର୍ଷ କେନ୍ଦ୍ର



ଚୁକ୍ତି ସ୍ୱାକ୍ଷର କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀମାନେ।

**ଭୁବନେଶ୍ୱର,୧୬।୩(ବ୍ୟୁରୋ)**

ଯାଜପୁରସ୍ଥିତ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ (ଆଇଟିଆଇ)ରେ ଥର୍ମାଲ କଟିଂ ଏବଂ ୱେଲ୍ଡିଂ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରାଯିବ। ପ୍ରାୟ ୫.୨୫ କୋଟି ଟଙ୍କା ବ୍ୟୟରେ ଏହି ଉତ୍କର୍ଷ କେନ୍ଦ୍ର ୬ମାସ ମଧ୍ୟରେ କାର୍ଯ୍ୟକାରୀ ହେବ। ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା ନିମନ୍ତେ ରାଜ୍ୟ ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ନିର୍ଦ୍ଦେଶାଳୟ ଏବଂ ମେସର କଟିଂ ସିଷ୍ଟମ୍ସ ଇଣ୍ଡିଆ ପ୍ରା. ଲିଃ ମଧ୍ୟରେ ମଙ୍ଗଳବାର ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଏଥିରେ ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ରେଘୁ ଜି. ଏବଂ ମେସର କଟିଂ ସିଷ୍ଟମସ୍ ଇଣ୍ଡିଆ ପ୍ରା. ଲିଃର ନିର୍ଦ୍ଦେଶକ (ସେଲ୍ସ ଓ ମାର୍କେଟିଂ) ଉଦୟ ମୁଖାର୍ଜୀ ସ୍ୱାକ୍ଷର କରିଛନ୍ତି। ଏହି ଉତ୍କର୍ଷ କେନ୍ଦ୍ର ନିମନ୍ତେ ଓଡ଼ିଶା ଖଣିଜ ଅଞ୍ଚଳ ଉନ୍ନୟନ ନିଗମ ପକ୍ଷରୁ ବେରୋଜଗାର ଯୁବପିଢ଼ିଙ୍କ ଦକ୍ଷତା ବିକାଶ ପାଇଁ ଉଦ୍ଦିଷ୍ଟ ପାଣ୍ଠି ବିନିଯୋଗ କରାଯିବ। ଯାଜପୁର ଶିଳ୍ପ କ୍ଲଷ୍ଟରରେ ଥିବା ସମସ୍ତ ଆବଶ୍ୟକତାକୁ ଉକ୍ତ ଉତ୍କର୍ଷ କେନ୍ଦ୍ର ପୂରଣ କରିବ। ଏଥିସହ ଥର୍ମାଲ କଟିଂ ତଥା ୱେଲ୍ଡିଂରେ ଉତ୍ତୀର୍ଣ୍ଣ ଆଇଟିଆଇ ବିଦ୍ୟାର୍ଥୀ ତଥା ଡିପ୍ଲୋମା ଇଞ୍ଜିନିୟରମାନଙ୍କୁ ଏହି କେନ୍ଦ୍ର ଅପ୍‌ସ୍କିଲ୍ କରାଇବ। ବେଙ୍ଗାଲୁରୁରେ କର୍ଣ୍ଣାଟକ ସରକାରଙ୍କ ସହଯୋଗିତାରେ ମେସର କଟିଂ ସିଷ୍ଟମ୍ସ ଇଣ୍ଡିଆ ଅନୁରୂପ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରିଛନ୍ତି। ଯାଜପୁରରେ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା ହେବା ଫଳରେ ଥର୍ମାଲ କଟିଂ ଏବଂ ୱେଲ୍ଡିଂ ବିଭାଗରେ କୌଶଳ ବ୍ୟବଧାନ ଦୂର ହେବ ଓ ପ୍ରଶିକ୍ଷାର୍ଥୀଙ୍କ ଦକ୍ଷତା ବୃଦ୍ଧି ପାଇବା ସହ ନିଯୁକ୍ତି ସୁଯୋଗ ମିଳିବ। ମେସର କଟିଂ ସିଷ୍ଟମର ପ୍ରଶିକ୍ଷକମାନେ ଏକବର୍ଷ ପାଇଁ ତାଲିମ ଦେବେ। ଆଇଟିଆଇ ତଥା ପଲିଟେକ୍ନିକ୍‌ର ପ୍ରଶିକ୍ଷାର୍ଥୀମାନେ ମଧ୍ୟ ଉତ୍କର୍ଷ କେନ୍ଦ୍ର ଦ୍ୱାରା ଉପକୃତ ହେବେ। ଏହି ପରିବେଶ ଅନୁକୂଳ ଆଧୁନିକ କର୍ମଶାଳା ବିଭିନ୍ନ ଶିଳ୍ପାନୁଷ୍ଠାନର ଅର୍ଦ୍ଧକୁଶଳୀ କର୍ମଚାରୀଙ୍କୁ ଦକ୍ଷତା ବୃଦ୍ଧି ଲାଗି ସାହାଯ୍ୟ କରିବ। ପ୍ରଶିକ୍ଷାର୍ଥୀଙ୍କ ଦକ୍ଷତା ବୃଦ୍ଧି ସହିତ ସେମାନଙ୍କୁ ବିଶ୍ୱ ଦକ୍ଷତା ପ୍ରତିଯୋଗିତା ପାଇଁ ପ୍ରସ୍ତୁତ କରିବା ଲାଗି ବିଭିନ୍ନ ଅତ୍ୟାଧୁନିକ ଅଣବିନାଶକ ଓ ବିନାଶକ ପରୀକ୍ଷଣ ଉପକରଣ ଉପଲବ୍ଧ ହେବ। ସଫଳ ପ୍ରଶିକ୍ଷାର୍ଥୀମାନଙ୍କୁ ପ୍ରମାଣପତ୍ର ଦିଆଯିବ। ଚୁକ୍ତିନାମା ସ୍ୱାକ୍ଷର କାର୍ଯ୍ୟକ୍ରମରେ ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ଅଜୟ ପଣ୍ଡା, ଉପନିର୍ଦ୍ଦେଶକ (ପ୍ରୋକ୍ୟୁର୍‌ମେଣ୍ଟ) ସୁଯୋଗ୍ୟ ମିଶ୍ର, ମେସର କଟିଂ ସିଷ୍ଟମସ୍ ଇଣ୍ଡିଆ ପ୍ରା. ଲିଃର ମହାପ୍ରବନ୍ଧକ ପ୍ରଶାନ୍ତ ଚତୁର୍ବେଦୀ ଏବଂ ବିକ୍ରୟ ପ୍ରବନ୍ଧକ ଶଙ୍ଖ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଗୋଏଲଙ୍କ ହସ୍ତକ୍ଷେପ ଲୋଡ଼ିଲେ ଓଡ଼ିଶା ଭାଜପା ଏମ୍‌ପି

## ଚାଷୀଙ୍କଠାରୁ ଧାନ କ୍ରୟ ପ୍ରସଙ୍ଗ

**ଭୁବନେଶ୍ୱର, ୧୬।୩(ବ୍ୟୁରୋ)**

ଓଡ଼ିଶାରେ ଚାଷୀମାନେ ସେମାନଙ୍କ ଧାନ ବିକ୍ରି କରିପାରୁ ନ ଥିବା ଅଭିଯୋଗ ନେଇ ରାଜ୍ୟର ଭାଜପା ଏମ୍‌ପିମାନେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ମଙ୍ଗଳବାର କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋଏଲଙ୍କୁ ଭେଟି ଏକ ସ୍ମାରକପତ୍ର ଦେଇଛନ୍ତି। ରାଜ୍ୟରେ ଚାଷୀଙ୍କ କଲ୍ୟାଣକୁ ଦୃଷ୍ଟିରେ ରଖି ବିକ୍ରି ହୋଇ ନ ଥିବା ସମସ୍ତ ଧାନକୁ ରାଜ୍ୟ ସରକାର ଯେଭଳି ତୁରନ୍ତ କିଣିବେ ସେନେଇ ହସ୍ତକ୍ଷେପ କରନ୍ତୁ ବୋଲି ଭାଜପା ଏମ୍‌ପିମାନେ ଗୋଏଲଙ୍କୁ ଅନୁରୋଧ କରିଛନ୍ତି।

ସ୍ମାରକପତ୍ର ଜରିଆରେ ଭାଜପାର ଏମ୍‌ପିମାନେ ଦର୍ଶାଇଛନ୍ତି ଯେ, ଧାନକିଣା ନେଇ ଆନୁଷଙ୍ଗିକ ସମସ୍ୟା ରହିଛି। ଏହି ପ୍ରକ୍ରିୟାକୁ ଶୃଙ୍ଖଳିତ କରିବା, ଏମ୍‌ଏସ୍‌ପି ମୂଲ୍ୟ ଆଧାରରେ ସ୍ୱଚ୍ଛ ଏବଂ ଶୀଘ୍ର ଧାନ କ୍ରୟ କରିବା ଦିଗରେ ସହଯୋଗ ଆବଶ୍ୟକ। ଏହି ସମସ୍ୟାର ସମାଧାନ ହେଲେ ଚାଷୀଙ୍କ ଆୟ ଦ୍ୱିଗୁଣିତ ହେବା ଲକ୍ଷ୍ୟ ପୂରଣ ହୋଇପାରିବ। ସେହିପରି ଧାନ ସଂଗ୍ରହ ନେଇ ଉଚ୍ଚସ୍ତରୀୟ କମିଟି ଗଠନ କରିବା ସହ ଧାନ କିଣା ବିଳମ୍ବର ସତ୍ୟତା ଅନୁସନ୍ଧାନ ପାଇଁ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଗଠନ ହେଉ ବୋଲି ଦାବି କରିଛନ୍ତି।

ସ୍ମାରକପତ୍ରରେ ଦର୍ଶାଇଛନ୍ତି ଯେ, ରାଜ୍ୟ ସରକାରଙ୍କ ଦ୍ୱାରା ଧାନ କ୍ରୟ ନେଇ ଚାଷୀମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ୨୦୧୪ ପରଠାରୁ କେନ୍ଦ୍ର ସରକାର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ଆଧାରରେ ଓଡ଼ିଶାର ଚାଷୀଙ୍କଠାରୁ ୩୭୦ ଲକ୍ଷ ମେଟ୍ରିକ୍ ଟନ୍(ଏଲ୍‌ଏମ୍‌ଟି) ଧାନ ୬୦ ହଜାର ୫୯୪ କୋଟି ଟଙ୍କା ମୂଲ୍ୟରେ କିଣିଛନ୍ତି। ପିଏମ୍-କିଷାନ ଯୋଜନାରେ ପ୍ରତି ୩ ମାସରେ ପ୍ରତ୍ୟେକ ପଞ୍ଜୀକୃତ ଚାଷୀଙ୍କ ବ୍ୟାଙ୍କ ଖାତାକୁ ୨ ହଜାର ଟଙ୍କା ଲେଖାଏ ହସ୍ତାନ୍ତର କରାଯାଇଛି। ଓଡ଼ିଶାର ସମସ୍ତ ଯୋଗ୍ୟ ପଞ୍ଜୀକୃତ ଚାଷୀଙ୍କ ବ୍ୟାଙ୍କ ଖାତାକୁ ୩ ହଜାର ୨୭୪.୨୧ କୋଟି ଟଙ୍କା ହସ୍ତାନ୍ତର କରାଯାଇଛି। ପିଏମ୍ ଫସଲ ବୀମା ଯୋଜନା ଅଧୀନରେ ୨୦.୯୪ ଲକ୍ଷ ବୀମାକୃତ ଚାଷୀଙ୍କୁ ଫସଲ ନଷ୍ଟ ଅଭିଯୋଗ ସ୍ୱରୂପ ୪ ହଜାର ୪୨୪.୮୫ କୋଟି ଟଙ୍କା ପ୍ରଦାନ କରାଯାଇଛି। ଶାସକ ଦଳ ଧାନ କ୍ରୟ ପାଇଁ କେନ୍ଦ୍ରର ଆର୍ଥିକ ସହାୟତା ଗ୍ରହଣ କରି ନ ଥିବା ଭଳି ବିଭ୍ରାନ୍ତିକର ତଥ୍ୟ ଦେବା ସହ ପରିଚାଳନାରେ ନିଜର ବିଫଳତାକୁ ଲୁଚାଇବା ପାଇଁ ପ୍ରୟାସ କରୁଛି। ଓଡ଼ିଶାରେ ବ୍ୟାପକ ଫସଲ ସତ୍ତ୍ୱେ ରାଜ୍ୟ ସରକାରଙ୍କ ଅପାରଗତା, ପ୍ରଶାସନିକ ଅବ୍ୟବସ୍ଥା ଏବଂ ସରକାରୀ ଅଧିକାରୀଙ୍କ ଶାସନ କଳର ଅପବ୍ୟବହାର ଯୋଗୁ ରାଜ୍ୟରେ ଧାନକ୍ରୟରେ ବିଳମ୍ବ ହେବା ମୁଖ୍ୟ କାରଣ ହୋଇଛି। ଧାନ ସଂଗ୍ରହ କେନ୍ଦ୍ର (ପିପିସି) ପାଇଁ ସାଧାରଣ ବଣ୍ଟନ ବିଭାଗ ଦ୍ୱାରା ବଣ୍ଟାଯାଇଥିବା ଧାନ କିଣା ଟୋକନ ୩୦ ଦିନ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ କରିବାର ସମୟ ସୀମା ରହିଥିଲା। ହେଲେ ଧାନ କିଣାରେ ବିଳମ୍ବ ଯୋଗୁ ସରକାରଙ୍କ ଏହି ଟୋକନ ବ୍ୟବସ୍ଥା ବିଫଳ ହୋଇଛି, ଯାହା ସରକାରଙ୍କ ପ୍ରଶାସନିକ ବିଫଳତାକୁ ଦର୍ଶାଉଛି ବୋଲି ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ସମସ୍ୟାର ସମାଧାନ ପାଇଁ ମନ୍ତ୍ରଣାଳୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ଗୋଏଲ ପ୍ରତିଶ୍ରୁତି ଦେଇଥିବା ଭାଜପା ତରଫରୁ ସୂଚନା ଦିଆଯାଇଛି।



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଓଡ଼ିଶା ଭାଜପା ଏମ୍‌ପିମାନେ କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋଏଲଙ୍କୁ ସ୍ମାରକପତ୍ର ଦେଉଛନ୍ତି।

# ଆନ୍ଧ୍ରରେ ଦାଦନ ଶ୍ରମିକଙ୍କ ମୃତ୍ୟୁ

**ନବରଙ୍ଗପୁର,୧୬।୩ (ବି.ପ୍ର.)**

ଆନ୍ଧ୍ରରେ କାମ କରୁଥିବା ନବରଙ୍ଗପୁର ସଦର ମହକୁମା ମଙ୍ଗରାଜ ସାହିର ରବି ଗୌଡ଼ (୨୫)ଙ୍କ ମୃତ୍ୟୁ ହୋଇଯାଇଛି। ମଙ୍ଗଳବାର ତାଙ୍କ ମୃତଦେହ ରେଳଧାରଣାରୁ ପୋଲିସ ଉଦ୍ଧାର କରିଛି। ରବିଙ୍କୁ ଆନ୍ଧ୍ରରେ ହତ୍ୟା କରାଯାଇଛି ବୋଲି ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ରବି ୩ ମାସ ପୂର୍ବରୁ ୨ଜଣ ସାଙ୍ଗଙ୍କ ସହ ଦାଦନ ଖଟିବାକୁ ଆନ୍ଧ୍ରପ୍ରଦେଶ ଯାଇଥିଲେ। ଆନ୍ଧ୍ରପ୍ରଦେଶ ଗୋଦାବରୀ ଜିଲା ତୁନୁକ ଗ୍ରାମରେ ଥିବା ଏକ ଚିଙ୍ଗୁଡ଼ି କମ୍ପାନୀରେ ସେମାନେ କାମ କରୁଥିଲେ। ନିକଟରେ ଥିବା ରେଳଧାରଣାରୁ ମଙ୍ଗଳବାର ସକାଳେ ରବିଙ୍କ ମୃତଦେହ ଦେଖି କମ୍ପାନୀ ମଲିକ ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ତନୁକୁ ପୋଲିସ ମୃତଦେହ ଜବତ କରି ଘଟଣା ତଦନ୍ତ କରୁଛି।


## ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ନଂ. SANDT_ZONAL_SSE_TELE_RGDA

**କାର୍ଯ୍ୟର ନାମ :** ୱାଲ୍ଟିୟର ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର/ଦୂରସଂଚାର/ରାୟଗଡ଼ା ପରିସୀମା ଅଧୀନରେ ଦୂରସଂଚାର ଜୋନାଲ (Zonal) କାର୍ଯ୍ୟ।

**ବିଜ୍ଞାପିତ ମୂଲ୍ୟ (ଟଙ୍କାରେ) :** 19,71,618/-,

ଶେଷ ହେବା ଅବଧି : 12 ମାସ।

ବିଡ୍ ଆରମ୍ଭ ହେବା ତାରିଖ : ତା.26.03.2021ରିଖ,

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.09.04.2021ରିଖ 1500 ଘଟିକାରେ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫର ଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଉପରୋକ୍ତ ଇ-ଟେଣ୍ଡର ର ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ବରିଷ୍ଠ ମଣ୍ଡଳ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ, ୱାଲ୍ଟିୟର

PR-623/L/20-21



ବିବାହ ଋତୁ ଉପଲକ୍ଷେ ଉପସ୍ଥାପନ କରୁଛୁ
New Crafts
Silk India®
2021
Exhibition & Sale
ଶୀଘ୍ର ଆସୁଅଛି...
ସିଲ୍କ ଶାଢ଼ି । ସୁଟ୍‌ସ । ଡ୍ରେସ୍ ମ୍ୟାଟେରିଆଲ୍ । ଷ୍ଟୋଲ୍ । ଓଢ଼ଣି । କୁର୍ତ୍ତା
କୁର୍ତ୍ତି । ପ୍ୟୋର୍ ଓ ପ୍ରୋବେବଲ୍ ସିଲ୍କ । ଟସର ସିଲ୍କ । ଶାନ୍ତିପୁର ସିଲ୍କ
ସାରା ଭାରତରୁ ବୁଣାକାରମାନଙ୍କଠାରୁ
ସିଧାସଳଖ କ୍ରୟ କରାଯାଇଥିବା ଶୁଦ୍ଧ ସିଲ୍କ ଉତ୍ପାଦ
ଦି ନ୍ୟୁ ମାରିୟନ୍
ଜନପଥ, ରାମ ମନ୍ଦିର ସମ୍ମୁଖ, ଭୁବନେଶ୍ୱରେ
ଅବଧି: 19ରୁ 28 ମାର୍ଚ୍ଚ. 2021
ମାତ୍ର 10 ଦିନ ପାଇଁ
ପ୍ରଦର୍ଶିତ ଉତ୍ପାଦ - ଓଡ଼ିଶା: ସମ୍ବଲପୁରୀ ଇକ୍କାଟ ସିଲ୍କ ଶାଢ଼ି, ବିହାର: ଅର୍ଗାନିକ୍ ଟସର ସିଲ୍କ ଶାଢ଼ି, ସୁଟ୍ ଓ ଷ୍ଟୋଲ୍, ଆସାମ: ମୁଗା ଏବଂ ଏରି ସିଲ୍କ ଶାଢ଼ି, କର୍ନାଟକ: କ୍ରିପ୍ ସିଲ୍କ, ଜର୍ଜେଟ୍ ସିଲ୍କ, ଅରିନି ସିଲ୍କ ଏବଂ ପ୍ରିଣ୍ଟେଡ୍ ଶାଢ଼ି, ତାମିଲନାଡୁ: କାଞ୍ଜିବରମ୍ ସିଲ୍କ ଶାଢ଼ି ଓ ଡିଜାଇନର୍ ଫ୍ୟାବ୍ରି ଶାଢ଼ି, ଆନ୍ଧ୍ରପ୍ରଦେଶ: ଧର୍ମାବରା, ଉପ୍ପଡା, ଗଡୱାଲ, ମଙ୍ଗଲଗିରି ଏବଂ ପୋଚମପାଲ୍ଲୀ ଶାଢ଼ି, ଉତ୍ତରପ୍ରଦେଶ: ମୁଲବାରୀ ସିଲ୍କ, ଜାମଦାନି, ଜମାୱାର ସିଲ୍କ ଶାଢ଼ି ଓ ଚିଫନ୍ ସିଲ୍କ, ମହାରାଷ୍ଟ୍ର: ଡିଜାଇନର୍ ଡ୍ରେସ୍ ମ୍ୟାଟେରିଆଲ୍ସ, ଛତିଶଗଡ଼: ଏକ୍ସକ୍ଲୁସିଭ୍ ର' ସିଲ୍କ ଶାଢ଼ି, କୋସା ସିଲ୍କ, ଟସର୍ ସୁଟ୍ ଏବଂ ଓଢ଼ଣି, ମଧ୍ୟପ୍ରଦେଶ: ମହେଶ୍ୱରୀ, ଚାନ୍ଦେରି ସିଲ୍କ ଶାଢ଼ି ଓ ସୁଟ୍, ପଶ୍ଚିମବଙ୍ଗ: ବାଲୁଚରୀ, ଢାକା ମାସଲି, ଗିଚା ଶାଢ଼ି, ବୁଟିକ୍ ଶାଢ଼ି, କାନ୍ଥା ଶାଢ଼ି, ଜୋରଦୋଷୀ, ଜାମ୍ମୁ ଓ କାଶ୍ମୀର: ଚିନନ୍ ସିଲ୍କ, ତାଡ଼ୀ ସିଲ୍କ ପ୍ରିଣ୍ଟେଡ୍ ଶାଢ଼ି, ପଶ୍ମିନା ଶଲ୍ ଓ ସୁଟ୍, ରାଜସ୍ଥାନ: କୋଟା ସିଲ୍କ, ହ୍ୟାଣ୍ଡ ବ୍ଲକ୍ ପ୍ରିଣ୍ଟ ଡ୍ରେସ୍ ଓ ଶାଢ଼ି, ପଞ୍ଜାବ: ଫୁଲକାରୀ ଡ୍ରେସ୍ ଓ ଆହୁରି ଅନେକ...
WEARING FACE MASK · SOCIAL DISTANCE · THERMAL SCANNER · HAND SANITIZERS
ଏଣ୍ଟ୍ରି ଓ ପାର୍କିଂ ମାଗଣା
ସବୁ କ୍ରେଡିଟ୍ ଓ ଡେବିଟ୍ କାର୍ଡ ଗ୍ରହଣୀୟ
କଲ୍: 08850902824
ସମୟ: 10.30 am - 8.30 pm
ଆୟୋଜକ: ଓ.ଏ. ଆଣ୍ଡ ସି.
ଆର୍/ଓ: ବୟନଶିଳ୍ପ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଦ୍ୱାରା



## ଜିଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦୁଝର
(ଅବକାରୀ ବିଭାଗ)

### କେନ୍ଦୁଝର ଜିଲ୍ଲାର ଠିପି ବନ୍ଦ ବିଦେଶୀ ମଦ ଦୋକାନର ୨୦୨୧-୨୨ ବର୍ଷ ପାଇଁ ବନ୍ଦୋବସ୍ତ ନିମନ୍ତେ ବିଜ୍ଞପ୍ତି

ପତ୍ର ସଂ. ୪୭୭ // ଅ ତା ୧୬.୦୩.୨୧//

କେନ୍ଦୁଝର ଜିଲ୍ଲାର ୨୦୨୧-୨୨ ବର୍ଷ ପାଇଁ ୬୨ (ବାଷଠି) ଗୋଟି ଠିପି ମଦ ଦୋକାନଗୁଡ଼ିକ ଲଟେରି ମାଧ୍ୟମରେ ବନ୍ଦୋବସ୍ତ ନିମନ୍ତେ ଆବେଦନ ପତ୍ର ଆହ୍ୱାନ କରାଯାଉଅଛି। ଲଟେରିରେ ଭାଗ ନେବା ନିମନ୍ତେ ଇଚ୍ଛୁକ ବ୍ୟକ୍ତି "http://stateexcise.odisha.gov.in" ୱେବ୍‌ସାଇଟ୍‌ରେ ଉପଲବ୍ଧ Form-Bରେ ଅନ୍‌ଲାଇନ୍ ମାଧ୍ୟମରେ **ତା୧୭.୦୩.୨୦୨୧ରିଖରୁ ତା୩୦.୦୩.୨୦୨୧ରିଖ** ମଧ୍ୟରେ ଆବେଦନ କରିପାରିବେ। ଉପରୋକ୍ତ ଦୋକାନଗୁଡ଼ିକ **ତା୦୯.୦୪.୨୦୨୧ରିଖ ୧୧.୩୦ଘ.** ପରଠାରୁ **ଦରବାର ହଲ୍, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦୁଝର**ଠାରେ ଜିଲ୍ଲାପାଳଙ୍କ ଦ୍ୱାରା ଲଟେରି ଉଠାଣ କରାଯିବ।

ଦୋକାନଗୁଡ଼ିକର ସମ୍ପୂର୍ଣ୍ଣ ବିବରଣୀ ତଥା ଲଟେରିର ନିୟମ ଓ ସର୍ତ୍ତାବଳୀ ଉପରୋକ୍ତ ୱେବ୍‌ସାଇଟ୍‌ରେ ଏବଂ ଜିଲ୍ଲା ଅବକାରୀ କାର୍ଯ୍ୟାଳୟ ଓ ଜିଲ୍ଲାପାଳ, କେନ୍ଦୁଝରଙ୍କ କାର୍ଯ୍ୟାଳୟର ନୋଟିସ ବୋର୍ଡରେ ଉପଲବ୍ଧ ଅଟେ।

Toll Free No.- 18003456713

ଜିଲ୍ଲାପାଳ, କେନ୍ଦୁଝର



## REGIONAL PLANT RESOURCE CENTRE
Ekamra Kanan, Nayapalli, Bhubaneswar-751015, Odisha
FOREST & ENVIRONMENT DEPARTMENT, GOVERNMENT OF ODISHA
Tel No.:0674-2557925, 2552002, Email : rprcbbsr@gmail.com, Website:www.rprcbbsr.in

T-10/2006-No.579/RPRC Dated 15.03.2021

### TENDER NOTICE FOR DISPOSAL OF CONDEMNED VEHICLE

Sealed tenders in plain paper, supercribed "**Tender for disposal of condemned Vehicle**" are invited by the undersigned from interested bidders for disposal of one Ambasador Car bearing registration number **OR 02-AK-3920** on "as is where is basis" Each tender should be accompanied by an Earnest Money Deposit of Rs.3,000/- (Rupees Three thousand) only (refundable) in shape of DD/Pay order in favour of Chief Executive, RPRC payable at Bhubaneswar. Tenders will be received up to **3.30 PM of 15.04.2021** and will be opened at **4.30 PM on 15.04.2021** by the undersigned or any authorised officers of RPRC. For details, please visit RPRC notice board and website : http://www.rprcbbsr.in

Sd/-
Administrative Officer


# ଦୁର୍ଘଟଣାରେ ମହିଳାଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା

**ଢେଙ୍କାନାଳ ଅଫିସ, ୧୬।୩:** ଢେଙ୍କାନାଳ ସଦର ଥାନା ଝାରଗାଡ଼ିଆ ଫାଣ୍ଡି ଅନ୍ତର୍ଗତ ୫୫ନଂ. ଜାତୀୟ ରାଜପଥର କାଉଁରିଆପାଳ ଛକ ନିକଟରେ ମଙ୍ଗଳବାର ଅପରାହ୍ନ ୫ଟାରେ ଲୋମଟାଙ୍କୁରା ଦୁର୍ଘଟଣା ଘଟିଛି। ମରଣଯନ୍ତା ପାଲଟିଥିବା ରାସ୍ତାରେ ଭାରସାମ୍ୟ ହରାଇ ସ୍କୁଟିରୁ ଜଣେ ମହିଳା ଖସିପଡ଼ିଥିଲେ। ଏହି ସମୟରେ ପଛରୁ ଆସୁଥିବା ଏକ ଟ୍ରକ୍ ଚଢ଼ିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ମୃତା ମହିଳା ହେଲେ ଅନୁଗୋଳ ଜିଲା ବଁଣ୍ଟପାଳ ଥାନା ବୁଢ଼ାପଙ୍କ ଗ୍ରାମର ଲୁସି ମହାନ୍ତି ଏଥିରେ ତାଙ୍କ ସ୍ୱାମୀ ପ୍ରଶାନ୍ତ ଏବଂ ୪ ବର୍ଷର ପୁଅ ସାମାନ୍ୟ ଆହତ ହୋଇଛନ୍ତି। ଜାତୀୟ ରାଜପଥ ସମ୍ପ୍ରସାରଣ କାମ ଚାଲିଥିବାରୁ ଅଧିକାଂଶ ସ୍ଥାନରେ ମାଟି ଗଦା ହୋଇଛି। ବିପଦସଙ୍କୁଳ ରାସ୍ତାରେ ଦୁର୍ଘଟଣା ଘଟି ଏଭଳି ଧନଜୀବନ ହାନି ହେଉଛି। ଏହାକୁ ନେଇ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା। ସଦର ଏସ୍‌ଡିପିଓ ଶ୍ରୀହର୍ଷ ମିଶ୍ର, ଥାନାଧିକାରୀ ସନ୍ଧ୍ୟାରାଣୀ ବେଉରିଆ ପହଞ୍ଚି ବୁଝାଶୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।


## ଦକ୍ଷିଣ ପୂର୍ବ ରେଳପଥ ଦ୍ୱାରା ଡିଇଏମ୍ୟୁ ପାସେଞ୍ଜର ଟ୍ରେନ୍‌ର ଚଳାଚଳ

ଯାତ୍ରୀମାନଙ୍କ ଚାହିଦାକୁ ଦୃଷ୍ଟିରେ ରଖି, ତା୧୭।୦୩।୨୦୨୧ରିଖଠାରୁ ନିମ୍ନଲିଖିତ ଡିଇଏମ୍ୟୁ ପାସେଞ୍ଜର ଟ୍ରେନ୍‌ଗୁଡ଼ିକ ନିମ୍ନରେ ଦର୍ଶାଯାଇଥିବା ସମୟ, ଚଳାଚଳ ଦିବସ, ରହଣି ଅନୁଯାୟୀ ଚଳାଚଳ କରିବ।

### ରୂପ୍‌ସା-ଭଞ୍ଜପୁର-ରୂପ୍‌ସା ଡିଇଏମ୍ୟୁ ପାସେଞ୍ଜର

ରୂପ୍‌ସାରୁ ଟ୍ରେନ୍ ନଂ. ୭୮୦୦୯ ଭାବେ କେବଳ ଶନିବାରକୁ ଛାଡ଼ି | ଭଞ୍ଜପୁରରୁ ଟ୍ରେନ୍ ନଂ. ୭୮୦୧୦ ଭାବେ କେବଳ ରବିବାରକୁ ଛାଡ଼ି

| ୭୮୦୦୯ | | ଷ୍ଟେଶନ | ୭୮୦୧୦ | |
|---|---|---|---|---|
| ୨୧.୪୦ | ଛା. | ↓ ରୂପ୍‌ସା | ପ. | ୦୪.୪୦ |
| ୨୩.୧୫ | ପ. | ଭଞ୍ଜପୁର ↑ | ଛା. | ୦୩.୧୫ |

ଉପରୋକ୍ତ ଡିଇଏମ୍ୟୁ ଟ୍ରେନ୍‌ଗୁଡ଼ିକ ବାଟରେ ଠାକୁରତୋଟା, ଯୁଗପୁରା (କେବଳ ୭୮୦୦୯ ଅଟକିବ), ଯୋଗଲ, ବେତନଟୀ (କେବଳ ୭୮୦୦୯ ଅଟକିବ), କୃଷ୍ଣଚନ୍ଦ୍ରପୁର (କେବଳ ୭୮୦୦୯ ଅଟକିବ), ଜାମସୋଲା ଏବଂ ବାରିପଦା (କେବଳ ୭୮୦୦୯ ଅଟକିବ) ଷ୍ଟେଶନରେ ମଧ୍ୟ ଅଟକିବ।

### ରୂପ୍‌ସା-ଭଞ୍ଜପୁର-ରୂପ୍‌ସା ଡିଇଏମ୍ୟୁ ପାସେଞ୍ଜର

ରୂପ୍‌ସାରୁ ଟ୍ରେନ୍ ନଂ. ୭୮୦୧୧ ଭାବେ କେବଳ ରବିବାରକୁ ଛାଡ଼ି | ଭଞ୍ଜପୁରରୁ ଟ୍ରେନ୍ ନଂ. ୭୮୦୧୨ ଭାବେ କେବଳ ରବିବାରକୁ ଛାଡ଼ି

| ୭୮୦୧୧ | | ଷ୍ଟେଶନ | ୭୮୦୧୨ | |
|---|---|---|---|---|
| ୦୬.୩୨ | ଛା. | ↓ ରୂପ୍‌ସା | ପ. | ୦୯.୩୦ |
| ୦୭.୫୫ | ପ. | ଭଞ୍ଜପୁର ↑ | ଛା. | ୦୮.୦୫ |

ଉପରୋକ୍ତ ଡିଇଏମ୍ୟୁ ଟ୍ରେନ୍‌ଗୁଡ଼ିକ ବାଟରେ ଠାକୁରତୋଟା, ଯୁଗପୁରା, ଯୋଗଲ, ବେତନଟୀ, କୃଷ୍ଣଚନ୍ଦ୍ରପୁର, ଜାମସୋଲା ଏବଂ ବାରିପଦା ଷ୍ଟେଶନରେ ମଧ୍ୟ ଅଟକିବ।

### ରୂପ୍‌ସା-ବାରିପଦା-ରୂପ୍‌ସା ଡିଇଏମ୍ୟୁ ପାସେଞ୍ଜର

ରୂପ୍‌ସାରୁ ଟ୍ରେନ୍ ନଂ. ୭୮୦୧୩ ଭାବେ କେବଳ ରବିବାରକୁ ଛାଡ଼ି | ବାରିପଦାରୁ ଟ୍ରେନ୍ ନଂ. ୭୮୦୨୦ ଭାବେ କେବଳ ଶନିବାରକୁ ଛାଡ଼ି

| ୭୮୦୧୩ | | ଷ୍ଟେଶନ | ୭୮୦୨୦ | |
|---|---|---|---|---|
| ୦୯.୪୦ | ଛା. | ↓ ରୂପ୍‌ସା | ପ. | ୧୯.୩୦ |
| ୧୦.୫୫ | ପ. | ବାରିପଦା ↑ | ଛା. | ୧୮.୦୮ |

ଉପରୋକ୍ତ ଡିଇଏମ୍ୟୁ ଟ୍ରେନ୍‌ଗୁଡ଼ିକ ବାଟରେ ଠାକୁରତୋଟା, ଯୁଗପୁରା, ଯୋଗଲ, ବେତନଟୀ, କୃଷ୍ଣଚନ୍ଦ୍ରପୁର, ଜାମସୋଲା ଷ୍ଟେଶନରେ ମଧ୍ୟ ଅଟକିବ।

### ବାରିପଦା-ବାଙ୍ଗିରିପୋଷୀ-ବାରିପଦା ଡିଇଏମ୍ୟୁ ପାସେଞ୍ଜର

ବାରିପଦାରୁ ଟ୍ରେନ୍ ନଂ. ୭୮୦୧୫ ଭାବେ କେବଳ ରବିବାରକୁ ଛାଡ଼ି | ବାଙ୍ଗିରିପୋଷୀରୁ ଟ୍ରେନ୍ ନଂ. ୭୮୦୧୪ ଭାବେ କେବଳ ରବିବାରକୁ ଛାଡ଼ି

| ୭୮୦୧୫ | | ଷ୍ଟେଶନ | ୭୮୦୧୪ | |
|---|---|---|---|---|
| ୧୦.୫୭ | ଛା. | ↓ ବାରିପଦା | ପ. | ୧୨.୩୮ |
| ୧୧.୪୫ | ପ. | ବାଙ୍ଗିରିପୋଷୀ ↑ | ଛା. | ୧୧.୫୫ |

ଉପରୋକ୍ତ ଡିଇଏମ୍ୟୁ ଟ୍ରେନ୍‌ଗୁଡ଼ିକ ବାଟରେ ଭଞ୍ଜପୁର, କୁଚାଇ, ବୁରାମରା ଏବଂ ରାଜାଲୁକା ଷ୍ଟେଶନରେ ମଧ୍ୟ ଅଟକିବ।

### ବାରିପଦା-ରୂପ୍‌ସା-ବାରିପଦା ଡିଇଏମ୍ୟୁ ପାସେଞ୍ଜର

ବାରିପଦାରୁ ଟ୍ରେନ୍ ନଂ. ୭୮୦୧୬ ଭାବେ କେବଳ ରବିବାରକୁ ଛାଡ଼ି | ରୂପ୍‌ସାରୁ ଟ୍ରେନ୍ ନଂ. ୭୮୦୧୭ ଭାବେ କେବଳ ଶନିବାରକୁ ଛାଡ଼ି

| ୭୮୦୧୬ | | ଷ୍ଟେଶନ | ୭୮୦୧୭ | |
|---|---|---|---|---|
| ୧୨.୪୦ | ଛା. | ↓ ବାରିପଦା | ପ. | ୧୬.୧୫ |
| ୧୩.୫୦ | ପ. | ରୂପ୍‌ସା ↑ | ଛା. | ୧୪.୫୮ |

ଉପରୋକ୍ତ ଡିଇଏମ୍ୟୁ ଟ୍ରେନ୍‌ଗୁଡ଼ିକ ବାଟରେ ଜାମସୋଲା, କୃଷ୍ଣଚନ୍ଦ୍ରପୁର, ବେତନଟୀ, ଯୋଗାଲ, ଯୁଗପୁରା ଏବଂ ଠାକୁରତୋଟା ଷ୍ଟେଶନରେ ମଧ୍ୟ ଅଟକିବ।

### ବାରିପଦା-ବାଙ୍ଗିରିପୋଷୀ-ବାରିପଦା ଡିଇଏମ୍ୟୁ ପାସେଞ୍ଜର

ବାରିପଦାରୁ ଟ୍ରେନ୍ ନଂ. ୭୮୦୧୯ ଭାବେ କେବଳ ଶନିବାରକୁ ଛାଡ଼ି | ବାଙ୍ଗିରିପୋଷୀରୁ ଟ୍ରେନ୍ ନଂ. ୭୮୦୧୮ ଭାବେ କେବଳ ଶନିବାରକୁ ଛାଡ଼ି

| ୭୮୦୧୯ | | ଷ୍ଟେଶନ | ୭୮୦୧୮ | |
|---|---|---|---|---|
| ୧୬.୧୭ | ଛା. | ↓ ବାରିପଦା | ପ. | ୧୮.୦୫ |
| ୧୭.୦୫ | ପ. | ବାଙ୍ଗିରିପୋଷୀ ↑ | ଛା. | ୧୭.୧୫ |

ଉପରୋକ୍ତ ଡିଇଏମ୍ୟୁ ଟ୍ରେନ୍‌ଗୁଡ଼ିକ ବାଟରେ ଭଞ୍ଜପୁର, କୁଚାଇ, ବୁରାମରା ଏବଂ ରାଜାଲୁକା ଷ୍ଟେଶନରେ ମଧ୍ୟ ଅଟକିବ।

(PR-591) ମୁଖ୍ୟ ଯାତ୍ରୀ ପରିବହନ ପରିଚାଳକ

ଦକ୍ଷିଣ ପୂର୍ବ ରେଳପଥ
ଆମେ ହର୍ଷର ସହିତ ସେବା କରୁ

"ଧର୍ମର ଯୁଗ ସରିଗଲାଣି। ଆମେ ବର୍ତ୍ତମାନ ସାର୍ବଜନୀନ ଆଧ୍ୟାତ୍ମିକ ଯୁଗରେ ପ୍ରବେଶ କଲୁଣି। ଆମେ ଆଧ୍ୟାତ୍ମିକତାର ମୌଳିକ ଶୁଦ୍ଧତାକୁ ଉପଲବ୍ଧି କରିବୁ। (ଧାର୍ମିକ ମତାନ୍ଧତାକୁ ନୁହଁ।) –ଶ୍ରୀମା



# ଟି–ଶାର୍ଟ ବାରଣ

ଇନ୍ଦ୍ରଧନୁର ସାତ ରଙ୍ଗ। ଯଦି ରଙ୍ଗସବୁ ଗୋଟିଏ ହୋଇଥାଆନ୍ତା, ତାହା ହେଲେ ତାହାର ସୌନ୍ଦର୍ଯ୍ୟ ରହି ନ ଥାଆନ୍ତା। ଭାରତର ସୌନ୍ଦର୍ଯ୍ୟ ତା'ର ବିବିଧତା ଭିତରେ ରହିଛି। ଆଜି କିଛି ଶକ୍ତି ବିବିଧତା ମଧ୍ୟରେ ଥିବା ସୁନ୍ଦରତାକୁ ଦେଖିପାରୁ ନାହାନ୍ତି। ନିଜେ ଯାହା ପସନ୍ଦ କରିଥାଆନ୍ତି, ତାହାକୁ ଅନ୍ୟମାନଙ୍କ ଉପରେ ଲଦିଦେବାକୁ ଚାହୁଁଥିବାରୁ ସମାଜରେ ବିଭେଦତା ବଢ଼ୁଛି। ବିଗତ କିଛି ବର୍ଷ ହେବ ଭାରତରେ ଅସହିଷ୍ଣୁତା ଓ ଅସମାନତା ବଢ଼ି ଚାଲିବା ପଛରେ କିଛି ବ୍ୟକ୍ତିବିଶେଷଙ୍କ ମନମୁଖି ଆଚରଣ ଦାୟୀ।

୧୫ ମାର୍ଚ୍ଚ ୨୦୨୧ରେ ଗୁଜରାଟ ବିଧାନସଭାକୁ କଂଗ୍ରେସ ବିଧାୟକ ବିମଳ ଚୁଡାସ୍ମା ଟି–ଶାର୍ଟ ପିନ୍ଧି ଆସିବା ପରେ ବାଚସ୍ପତି ରାଜେନ୍ଦ୍ର ତ୍ରିବେଦୀ ତାଙ୍କୁ ଗୃହରୁ ବାହାରିଯିବା ପାଇଁ କହିଥିଲେ। ଶାର୍ଟ କିମ୍ବା କୁର୍ତ୍ତା ପିନ୍ଧି ଆସିଲେ ହିଁ ତାଙ୍କୁ ଗୃହ ପ୍ରବେଶ କରିବାର ସୁଯୋଗ ମିଳିବ ବୋଲି କୁହାଯାଇଥିଲା। ବାଚସ୍ପତିଙ୍କ ଏତାଦୃଶ ବ୍ୟବହାର ବିରୋଧରେ ସେ ପ୍ରତିବାଦ କରିଥିଲେ। ସେ ଯୁକ୍ତି ବର୍ଷାଇଥିଲେ, ଯେହେତୁ ବିଧାୟକଙ୍କ ପାଇଁ କୌଣସି ଡ୍ରେସ୍ କୋଡ୍ ନାହିଁ ସେହେତୁ ତାଙ୍କୁ ବିଦା କରିବାର କୌଣସି ଯାଥାର୍ଥ୍ୟତା ନାହିଁ। ସେ ଆହୁରି କହିଥିଲେ ଯେ, ନିର୍ବାଚନ ବେଳେ ଟି–ଶାର୍ଟ ପିନ୍ଧି ପ୍ରଚାର କରିଥିଲେ ଓ ଲୋକଙ୍କ ସମର୍ଥନ ପାଇ ବିଜୟଲାଭ କରିଥିଲେ। ତାଙ୍କୁ ଗୃହରୁ ଏଥିପାଇଁ ବିଦା କରାଯିବାର ମାନେ ତାଙ୍କ ଭୋଟରଙ୍କୁ ଅସମ୍ମାନ କରାଯାଉଛି ବୋଲି ଚୁଡାସ୍ମା କହିବା ପରେ ଏହାକୁ ନେଇ ଚର୍ଚ୍ଚା ହେଲାଣି। ଉଲ୍ଲେଖଯୋଗ୍ୟ ଯେ, ଏହି ଘଟଣା ପୂର୍ବରୁ ଗତ ସପ୍ତାହରେ ମଧ୍ୟ ଚୁଡାସ୍ମା ଟି–ଶାର୍ଟ ପିନ୍ଧି ଆସିଥିବା ବେଳେ ବାଚସ୍ପତି ତାଙ୍କୁ ତାଗିଦ କରିଥିଲେ।

ଉପରିଲିଖିତ ଘଟଣାକ୍ରମକୁ ଦେଖିଲେ ଭାରତର ନେତାମାନେ ବିଧାନସଭା ହେଉ ବା ସଂସଦରେ ଅପ୍ରସଙ୍ଗ ଉପରେ ଅଧିକ ସମୟ ଦେଉଛନ୍ତି। ଲୋକ ପ୍ରତିନିଧି ଜନକଲ୍ୟାଣକାରୀ ଚିନ୍ତାକୁ ମୂଳକରି ତର୍କ ପ୍ରତର୍କ କରିବା କଥା। ଦୁଃଖର ବିଷୟ ସେ ଲୋକ ସଭା, ରାଜ୍ୟ ସଭାଠାରୁ ଆରମ୍ଭ କରି ସବୁ ବିଧାନସଭା ପର୍ଯ୍ୟନ୍ତ ଏଭଳି ବାତାବରଣ ସୃଷ୍ଟି କରିବାକୁ ଦିଆଯାଉ ନାହିଁ। ଗଣତନ୍ତ୍ରର ସର୍ବୋଚ୍ଚ ମନ୍ଦିର ହେଲା ବ୍ୟବସ୍ଥାପକ ସଭା। ଏଥିରେ ଉଭୟ ପାର୍ଲାମେଣ୍ଟ ଓ ବିଧାନସଭା ଆସୁଛି। ଆଜିର ରାଜନୈତିକ ସ୍ଥିତିରେ ବିଧାୟକମାନଙ୍କୁ ଗୌଣ କରିଦେବାର ଏକ ଭିତିରି ଉଦ୍ଦେଶ୍ୟ ରହୁଥିବା ଭଳି ମନେହେଉଛି। ସ୍ୱୀକାର କରିବାକୁ ହେବ ଯେ ଭାରତୀୟ ରାଜନୀତିରେ ଯେଉଁମାନେ ନିର୍ବାଚନ ଜିତିକରି ଲୋକପ୍ରତିନିଧି ହେଉଛନ୍ତି, ସେମାନେ ଉଚ୍ଚଶିକ୍ଷିତ ଓ ଉଚ୍ଚକୋଟୀର ବୋଲି ଦାବି କରିପାରିବେ ନାହିଁ। ଏହା ସତ୍ତ୍ୱେ ନିର୍ବାଚନ ଜିତିବା ପରେ ପ୍ରମାଣ ମିଳୁଛି ଯେ, ଲୋକଙ୍କସମର୍ଥନ ରହୁଥିବାକୁ ହେଲେ ଶିକ୍ଷାର ପ୍ରୟୋଜନ ନାହିଁ। ଜନସାଧାରଣ ଯାହା ଉପରେ ବିଶ୍ୱାସ ରଖିଲେ ସେହି ବ୍ୟକ୍ତି ସେମାନଙ୍କ ପ୍ରତିନିଧି ହୋଇପାରୁଛନ୍ତି। ବିଶ୍ୱାସଭାଜନ ହୋଇପାରୁଥିବା ବ୍ୟକ୍ତିଙ୍କୁ ପଙ୍କ୍ତ କରିଦେଲେ ଜନସାଧାରଣଙ୍କ କ୍ଷତି ଘଟୁଛି। ସାଧାରଣ ନାଗରିକର ସ୍ୱର ସଂସଦରେ ପହଞ୍ଚିପାରୁ ନାହିଁ। ଯଦି କେହି ବିରୋଧାଭାବ ଉଠାଉଛି ତେବେ ତାକୁ କ୍ଷୁଦ୍ର ଆଳରେ ଅବମାନ କରିଦିଆଯାଉଛି। ଉଦାହରଣ ସ୍ୱରୂପ, ଗୁଜରାଟ ବିଧାନସଭା ସଦସ୍ୟ ଚୁଡାସ୍ମା ଯଦି କଂଗ୍ରେସ ସଦସ୍ୟ ହୋଇନଥାନ୍ତେ ବୋଲି ଭାଜପା ଦଳର ହୋଇଥାନ୍ତେ ବାଚସ୍ପତି ତ୍ରିବେଦୀ ହୁଏତ କଠୋର ପଦକ୍ଷେପ ନେବା ପୂର୍ବରୁ ଅନେକ ଚିନ୍ତା କରିଥାନ୍ତେ। ଏହା କହିବା ପଛରେ ମୁଖ୍ୟ କାରଣ ହେଲା ବିଧାନସଭା ବା ସଂସଦରେ ସଦସ୍ୟଙ୍କ ପାଇଁ ପ୍ରବେଶ ସକାଶେ ଡ୍ରେସ୍‌କୋଡ୍ ବା ପୋଷାକ ନିୟମ ସମ୍ବିଧାନରେ ଉଲ୍ଲିଖିତ ନାହିଁ। ସେଥିରୁ ବୁଝିବାକୁ ହେବ ଯେ, ଭଦ୍ର ଭାବେ ଲୁଗା ପିନ୍ଧି ଯେକୌଣସି ସଦସ୍ୟ ଗୃହ ଭିତରକୁ ପ୍ରବେଶ କରିପାରିବେ। ତେଣୁ ଚୁଡାସ୍ମାଙ୍କ ଟି–ଶାର୍ଟ ପ୍ରତି ବାଚସ୍ପତିଙ୍କ କଠୋର ଦୃଷ୍ଟି ରହିବାର କୌଣସି କାରଣ ନ ଥିଲା। କିନ୍ତୁ ବାସ୍ତବରେ ଗୁଜରାଟ ବାଚସ୍ପତିଙ୍କ ପଦକ୍ଷେପ ଏକ ଗଭୀର ସମସ୍ୟାର ଝଲକ ମାତ୍ର ଦେଖାଉଛି। ଆଜିର ଭାରତରେ କଣ୍ଟ୍ରୋଲ ବା ସବୁକିଛି ନିୟନ୍ତ୍ରଣ କରିବାର ଏକ ବିଚିତ୍ର ଉଦ୍ୟମ ଜୋରସୋରରେ ଚାଲିଛି। ଏ ଦେଶରେ ସର୍ବଦା ଲୋକେ କ'ଣ ଖାଇବେ, କ'ଣ ପିନ୍ଧିବେ, କ'ଣ ଦେଖିବେ, କେଉଁ ଧର୍ମ ଓ ଠାକୁରଙ୍କୁ ପୂଜା କରିବେ ଆଦି ବିଷୟକୁ ପ୍ରବଳ ଗୁରୁତ୍ୱ ଦିଆଯାଉଛି। ଲଭ୍ ଜିହାଦ ହେଉଛି ଏହାର ଅନ୍ୟ ଏକ ଜ୍ୱଳନ୍ତ ଉଦାହରଣ। ପ୍ରେମ କରିବା ଆଗରୁ ଜାତି କିମ୍ବା ଧର୍ମକୁ ଦେଖିବାକୁ ବାଧ୍ୟ କରାଯାଉଛି। ରେଫ୍ରିଜରେଟରରେ କେଉଁ ମାଂସ ରଖି ପରିବାର ଖାଉଛି, ତାହା ମଧ୍ୟ ବାହ୍ୟ ବ୍ୟକ୍ତି ତନଖି ପାରିବ। ବିଦ୍ୟାଳୟ ଏବଂ ମହାବିଦ୍ୟାଳୟରେ ପଢ଼ାଯାଉଥିବା ବିଷୟଗୁଡ଼ିକୁ ପରିବର୍ତ୍ତନ କରି ଏକ ବିକୃତ ପାଠ୍ୟକ୍ରମ ସୃଷ୍ଟି କରାଗଲାଣି। ଅନୁରୂପ ଭାବେ ଭାଷାଗୁଡ଼ିକୁ ମାରିଦିଆଯାଇ କେବଳ ହିନ୍ଦୀକୁ ପ୍ରୋତ୍ସାହନ ଦିଆଯିବା ଭଳି ଅନେକ ବିଷୟ ଉପୁଜିଲାଣି, ଯେଉଁଥିରୁ ହୃଦ୍‌ବୋଧ ହେଉଛି ଯେ ଭାରତର ବିବିଧତାକୁ ଧ୍ୱଂସ କରିବାର ସବୁ ବ୍ୟବସ୍ଥା କରାଯାଉଛି।

## ୨୫ ବର୍ଷ ତଳର ଧରିତ୍ରୀ

୧୭ ମାର୍ଚ୍ଚ ୧୯୯୬

- ହିଂସାକାଣ୍ଡ ସୃଷ୍ଟି ଅଭିଯୋଗରେ ଅଭିଯୁକ୍ତଙ୍କୁ ସୌଦି ଆରବ–ୟେମେନ୍ ସୀମା ନିକଟସ୍ଥ ଜିଦାନକୁ ସ୍ଥାନାନ୍ତର କରାଯାଉଥିବା ବେଳେ ସଡ଼କ ଦୁର୍ଘଟଣା ଘଟି ୪୭ ମୃତ।
- ଜର୍ଜ ଫର୍ଣ୍ଣାଣ୍ଡିଜ୍‌ଙ୍କ ନେତୃତ୍ୱରେ ପରିଚାଳିତ ସମତା ପାର୍ଟି ଏବଂ ମୁଲାୟମ ସିଂ ଯାଦବଙ୍କ ନେତୃତ୍ୱାଧୀନ ସମାଜବାଦୀ ପାର୍ଟିର ମିଶ୍ରଣ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି।
- ରାଜ୍ୟରେ ଦୈନିକ ସର୍ବନିମ୍ନ ମଜୁରି ହାରକୁ ୨୫ରୁ ୩୦ ଟଙ୍କାକୁ ବୃଦ୍ଧି କରିବାକୁ ସର୍ବନିମ୍ନ ମଜୁରି ନିର୍ଦ୍ଧାରଣ ପରାମର୍ଶଦାତା ବୋର୍ଡ଼ ରାଜ୍ୟ ସରକାରଙ୍କୁ ସୁପାରିସ କରିଛନ୍ତି।

## su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | | | 1 | B | 6 | A | | | 8 | |
| | | 5 | | B | 3 | | 9 | | | | | | | |
| | 6 | | | 0 | 2 | | | 5 | | 1 | | 4 | 9 | D |
| | 0 | | | | | E | | 4 | | | 2 | B | 7 | C |
| | | 4 | | | | 3 | | A | E | C | 8 | | | |
| | | | | | A | 2 | | | | 8 | 9 | | | |
| | | 2 | | | C | | | | | 6 | 0 | | D | 4 |
| | 8 | | | | 0 | | 6 | | 1 | B | | | C | |
| C | | | | 9 | 1 | | A | 3 | 2 | | 7 | | | |
| | | | B | | | | | | | E | | 8 | 5 | |
| | | | 1 | | | 4 | | 9 | | | D | 6 | A | |
| A | B | | 7 | D | | 5 | | | 0 | 4 | | | | 2 |
| 4 | | | | E | | | | 1 | | | C | | B | 5 |
| | C | | | | | | | | | 7 | | | | |
| | | | | 6 | | B | | | | 9 | | D | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | 1 | 8 | 7 | C | D | A | 6 | 4 | 2 | 3 | E | 9 | B | 0 |
| 4 | E | 3 | 1 | 9 | 0 | 7 | B | 2 | 6 | 8 | C | A | D | 5 |
| 6 | 9 | C | 8 | E | A | D | 3 | 1 | 5 | 0 | B | 2 | 4 | 7 |
| B | A | D | 3 | 2 | 4 | 5 | 0 | 8 | 7 | 1 | 9 | C | 6 | E |
| 7 | 0 | 2 | 6 | B | 5 | C | 9 | E | A | 4 | D | 1 | 3 | 8 |
| 2 | 3 | 4 | 0 | 6 | C | E | 8 | 7 | D | B | 1 | 5 | 9 | A |
| E | 8 | 5 | 9 | 7 | B | 3 | C | A | 0 | 2 | 4 | D | 1 | 6 |
| 9 | D | 1 | A | 8 | 3 | 4 | 5 | 0 | C | E | 6 | B | 7 | 2 |
| 0 | C | 6 | D | 5 | 2 | B | 1 | 9 | 8 | 7 | A | 3 | E | 4 |
| A | B | 7 | 4 | 1 | E | 6 | 2 | D | 9 | 5 | 3 | 8 | 0 | C |
| 3 | 4 | E | 5 | D | 9 | 2 | A | 6 | 1 | C | 0 | 7 | 8 | B |
| 8 | 6 | A | B | 3 | 1 | 0 | 7 | C | E | D | 5 | 4 | 2 | 9 |
| D | 5 | 9 | 2 | 0 | 6 | 8 | 4 | B | 3 | A | 7 | E | C | 1 |
| C | 7 | 0 | E | 4 | 8 | 1 | D | 5 | B | 9 | 2 | 6 | A | 3 |
| 1 | 2 | B | C | A | 7 | 9 | E | 3 | 4 | 6 | 8 | 0 | 5 | D |

ଗତକାଲିର ଉତ୍ତର

# ବିଜ୍ଞ ମଣିଷର ଅଜ୍ଞତା



ବୈକୁଣ୍ଠନାଥ ମିଶ୍ର

ପ୍ରାଚୀନ କାଳରେ ଯେତେବେଳେ ଆମ ଦେଶରେ ରାଜତନ୍ତ୍ର ପ୍ରଚଳିତ ଥିଲା, ସେହି ସମୟରେ ରାଜା ଜମିଦାରଙ୍କ ଅତ୍ୟାଚାରରେ ସାଧାରଣ ପ୍ରଜା କେବଳ ନିର୍ଯାତିତ, ନିଷ୍ପେଷିତ ହେଉ ନ ଥିଲେ ; ବରଂ ଶାସନ ଦାୟିତ୍ୱରେ ଥିବା ଅହଂକାରୀ ବ୍ୟକ୍ତିଙ୍କର ମିଥ୍ୟା ପ୍ରବଞ୍ଚନାର ଶିକାର ହେଉଥିଲେ। ଅନେକ ସେମାନଙ୍କର ଠକାମି ବୁଝିପାରୁଥିଲେ ମଧ୍ୟ ସେମାନଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ସାହସ କରିପାରୁ ନ ଥିଲେ। ତାଙ୍କୁ ବିରୋଧ କରିବା ଅର୍ଥ ପୈତୃକ ପ୍ରାଣକୁ ମହାସଙ୍କଟ ମଧ୍ୟକୁ ଠେଲିଦେବା। ଛାମୁଙ୍କ ତୁଣ୍ଡରୁ ଯାହା ବାହାରୁଥିଲା, ତାହା ବେଦରେ ଗାର। ପ୍ରତିବାଦ କରିବାର କ୍ଷମତା ନ ଥିଲା। ଲୋକଙ୍କର ସରଳତା ଓ ନିର୍ବୋଧତାର ସୁଯୋଗ ନେଇ ସେମାନଙ୍କୁ ନାନା ଭାବରେ ଶୋଷଣ କରାଯାଉଥିଲା। ଧନଧାନ୍ୟର ମାଲିକ ସେହିମାନେ। ଏଣେ ଖାଦ୍ୟାଭାବରେ ପ୍ରଜା ଅତ୍ୟନ୍ତ ଦୁଃଖକଷ୍ଟରେ ଜୀବନ ଅତିବାହିତ କରୁଥିଲା। ଭୋକ ଦାଉରୁ ରକ୍ଷା ପାଇବା ପାଇଁ ଜମିଦାରଙ୍କ ଦ୍ୱାରସ୍ଥ ହେଉଥିଲା। ଜମିଦାର ସୌଜନ୍ୟ ଦେଖାଇ ଋଣ ଆକାରରେ ଅର୍ଥ କିମ୍ବା ଖାଦ୍ୟଶସ୍ୟ ଦେଉଥିଲେ। ଉକ୍ତ ଋଣ ଦିନ କେତେଟାରେ ବହୁଗୁଣିତ ହୋଇ ପ୍ରଜାକୁ ସର୍ବସ୍ୱାନ୍ତ କରିଦେଉଥିଲା। ଜମିଦାରଙ୍କର ହିସାବ ସମସ୍ତ ଗାଣିତିକ ସୂତ୍ରର ଊର୍ଦ୍ଧ୍ୱରେ। 'ମୁଁ ଦେଲି ୧୦୦, ତୁ ନେଲୁ ୧୦୦। ସମୁଦାୟ ହେଲା ୨୦୦ ଓ ୨୦୦ଟଙ୍କା ଉପରେ ସୁଧ କଷାଯାଇ ଏପରି ଏକ ପରିମାଣ ଧାର୍ଯ୍ୟ କରାଯାଉଥିଲା ; ଯାହା ଗରିବ ପ୍ରଜାପକ୍ଷେ ଅପରିଶୋଧନୀୟ। ଫଳରେ ତା'ର ସମସ୍ତ ସମ୍ପତ୍ତି ଜମିଦାରଙ୍କର ହସ୍ତଗତ ହେଉଥିଲା ଓ ଗରିବ ପ୍ରଜାଟି ସାରା ଜୀବନ ଜମିଦାର ଘରେ ବେଠି ଖଟି ଜୀବନ ଜିଉଥିଲା। ସ୍ଥଳ ବିଶେଷରେ ଏ ଚତୁରତାକୁ ନିରୀହ ପ୍ରଜାଟି ବୁଝିପାରୁଥିଲେ ମଧ୍ୟ ଭୟରେ ନୀରବ ରହିବାକୁ ଶ୍ରେୟ ମଣୁଥିଲା।

ଦେଶ ସ୍ୱାଧୀନ ହେଲା। ରାଜତନ୍ତ୍ରର ବିଲୟ ଘଟି ଲୋକତନ୍ତ୍ରର ପ୍ରତିଷ୍ଠା ହେଲା। ସମସ୍ତଙ୍କ ପାଇଁ ଶିକ୍ଷାର ସୁଯୋଗ ସୃଷ୍ଟି ହେଲା। ଦେଶରେ ଉଚ୍ଚଶିକ୍ଷିତଙ୍କ ସଂଖ୍ୟା ବଢ଼ିଲା। ସମତାଳରେ ଆର୍ଥିକ ମାନଦଣ୍ଡର ଯଥେଷ୍ଟ ବିକାଶ ଘଟିଲା। ମଣିଷ ନିଜ ବୁଦ୍ଧିବଳରେ ଅସମ୍ଭବକୁ ସମ୍ଭବ କଲା। ବୁଦ୍ଧିବଳରେ ଉନ୍ନତିର ସୋପାନ ପରେ ସୋପାନ ଅତିକ୍ରମ କରି ଆଜି ଡିଜିଟାଲ ଜଗତରେ ପଦାର୍ପଣ କରିଛି । ମଣିଷ ହୋଇଛି ଧନୀ, ମାନୀ ଓ ଜ୍ଞାନୀ। ଅପନ୍ତରାମୟ ଗ୍ରାମ୍ୟ ସଭ୍ୟତାକୁ ପରିହାର କରି ସହରୀ ସଭ୍ୟତାକୁ ଆପଣାଇ ନେଇଛି। ଏକ ପକ୍ଷେ ବୁଦ୍ଧିମତ୍ତାର ଚରମସୀମା ସ୍ପର୍ଶ କରିଥିବା ବେଳେ ଅନ୍ୟପକ୍ଷେ ନିର୍ବୋଧତାର ବଶବର୍ତ୍ତୀ ହୋଇ ଧନହୀନ ଓ ସର୍ବସ୍ୱାନ୍ତ ଭାବେ ଦୁର୍ଦ୍ଦିନର କଷଣ ମଧ୍ୟକୁ ଠେଲି ହୋଇଯାଉଛି। ପ୍ରାକ୍ ସ୍ୱାଧୀନତା ଯୁଗରେ ଅଜ୍ଞ ମଣିଷ ଜମିଦାରି ଚତୁରତାରେ ସର୍ବସ୍ୱାନ୍ତ ହେବା ଯେତେ ଦୁଃଖଦାୟକ ନୁହେଁ; ସ୍ୱାଧୀନୋତ୍ତର ବିଜ୍ଞ ମଣିଷ ତା'ଠାରୁ ଅବିଜ୍ଞତର ମଣିଷ ଦ୍ୱାରା ଠକାମିର ଶିକାର ହୋଇ ସାରା ଜୀବନର ସଞ୍ଚିତ ଅର୍ଥକୁ ପର ହାତରେ ଟେକିଦେବା ତଦୂର୍ଦ୍ଧ୍ୱ ବିସ୍ମୟକର।

ନିକଟରେ ଆମ ରାଜ୍ୟରେ ଘଟିଥିବା କେତୋଟି ଘଟଣାର ଅବତରଣା ବିଜ୍ଞ ମଣିଷର ଅବିଜ୍ଞ କାର୍ଯ୍ୟକଳାପ ଓ ତଜ୍ଜନିତ ପରିଣାମ ସ୍ୱରୂପ ଦୁର୍ଦ୍ଦିନକୁ ଆମନ୍ତ୍ରଣ କରିବାର ଚିତ୍ର ସ୍ପଷ୍ଟ ହୁଏ । କଟକର ଜଣେ ଅବସରପ୍ରାପ୍ତ ଡାକ୍ତରଙ୍କ ବ୍ୟାଙ୍କ ଜମାଖାତାରୁ ଠକମାନେ ୭୮ଲକ୍ଷ ଟଙ୍କା ଠକି ନେଇଥିବାର ଏକ ଚାଞ୍ଚଲ୍ୟକର ଖବର ସବୁ ଗଣମାଧ୍ୟମର ଶିରୋନାମା ପାଲଟିଥିଲା। ଡାକ୍ତରଙ୍କ ଶିକ୍ଷାଦୀକ୍ଷା, ପ୍ରଜ୍ଞା ଓ ପଦମର୍ଯ୍ୟାଦା ନିଶ୍ଚିତଭାବେ ଉନ୍ନତ। ମାତ୍ର ଅସାବଧାନତା ଓ ଦୂରଦୃଷ୍ଟି ଅଭାବରୁ ସାରା ଜୀବନର ସଞ୍ଚିତ ଅର୍ଥ ଆଜି ପରହସ୍ତଗତ। ସେହିପରି ଆଉ ଜଣେ ଆୟୁର୍ବେଦ ଡାକ୍ତର ୫୨ଲକ୍ଷ ଟଙ୍କାର ଠକାମିର ଶିକାର ହୋଇଛନ୍ତି। ସାଇବର ଠକମାନେ ଏକ ଜାଲ୍ ବୀମା କମ୍ପାନୀ ଜରିଆରେ ଡାକ୍ତରଙ୍କଠାରୁ ଉପରୋକ୍ତ ରାଶିର ଅର୍ଥ ଠକି ନେଇଛନ୍ତି। ଉକ୍ତ କମ୍ପାନୀରେ ଟଙ୍କା ଜମାକଲେ ଜମାଅର୍ଥ ଅଳ୍ପଦିନରେ ଦୁଇଗୁଣ ହେବାର ଲୋଭ ଡାକ୍ତର ଜଣକ ସମ୍ବରଣ କରିପାରିଲେ ନାହିଁ। ୨୦୧୫ ମସିହାରୁ ଟଙ୍କା ଜମାକରି ଟଙ୍କା ଉଠାଣ ସମୟ ବେଳକୁ କମ୍ପାନୀ ନିରୁଦ୍ଦିଷ୍ଟ। ଯେଉଁମାନେ ଉକ୍ତ ସଂସ୍ଥାରେ ଟଙ୍କା ଜମାକରି ପର୍ଯ୍ୟାପ୍ତ ଫାଇଦା ଉଠାଇବାକୁ ପ୍ରବର୍ତ୍ତାଉଥିଲେ ସେମାନେ ମଧ୍ୟ ଅପହଞ୍ଚ।

ରିଜର୍ଭ ବ୍ୟାଙ୍କ ବିଜ୍ଞାପନ ମାଧ୍ୟମରେ ବାରମ୍ବାର ଲୋକଙ୍କୁ ସାବଧାନ କରୁଛନ୍ତି ଯେ, ବ୍ୟାଙ୍କ ଆକାଉଣ୍ଟ, ଏଟିଏମ୍ କାର୍ଡର ତଥ୍ୟ କିମ୍ବା ଅନ୍ୟ ଆର୍ଥିକ ବିବରଣୀ କାହାକୁ ନ ଜଣାଇବା ପାଇଁ । ତଥାପି ଲୋଭର ବଶବର୍ତ୍ତୀ ହୋଇ ପ୍ରଜ୍ଞାଶୀଳ ବ୍ୟକ୍ତିବିଶେଷ ଠକଙ୍କ ଚକ୍ରବ୍ୟୂହ ମଧ୍ୟକୁ ଠେଲି ହୋଇଯାଉଛନ୍ତି। ସମସ୍ତ ସତର୍କ ସୂଚନା ସତ୍ତ୍ୱେ ଅମାନିଆ ଭାବେ ଠକଙ୍କ କଥାରେ ପରିଚାଳିତ ହୋଇ ଟଙ୍କା ହରାଇଲେ ବ୍ୟାଙ୍କ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ବୋଲି ଯେତେ କହିଲେ ମଧ୍ୟ ଅବସ୍ଥା ଯଥା ପୂର୍ବଂ ତଥା ପରମ୍। ଠକଙ୍କ କଥାରେ ପରିଚାଳିତ ହୋଇ ଅର୍ଥ ନିବେଶ କଲାବେଳେ ଏହି ଲୋକମାନେ ଯଥେଷ୍ଟ ଗୋପନୀୟତା ରକ୍ଷା କରିଥାନ୍ତି। ପ୍ରଚୁର ଅର୍ଥପ୍ରାପ୍ତିର ଆଶା ଏମାନଙ୍କୁ ଅନ୍ୟଠାରୁ ଗୋପନ ରଖିବାକୁ ବାଧ୍ୟ କରିଥାଏ। କିନ୍ତୁ ଯେତେବେଳେ ଠକାମିର ଶିକାର ହୋଇଛନ୍ତି ବୋଲି ଅନୁଭବ କରନ୍ତି ସେତେବେଳେ ପ୍ରକାଶ୍ୟରେ ବିଳାପ କରନ୍ତି। ଚିଟ୍‌ଫଣ୍ଡ ଜମାକାରୀମାନେ ଏତାଦୃଶ୍ୟ ଅବସ୍ଥାର ସମ୍ମୁଖୀନ ହୋଇ ଦୁର୍ଦ୍ଦଶା ଭୋଗୁଥିବାବେଳେ ମନେକରାଯାଉଥିଲା ଯେ ଏଣିକି ହୁଏତ ସମସ୍ତେ ସାବଧାନ ହେଇଯିବେ। କିନ୍ତୁ ସାବଧାନତାର କୌଣସି ଲକ୍ଷଣ ଆମଠାରେ ଦେଖାଯାଉନାହିଁ। ଅପରନ୍ତୁ ବ୍ୟାଙ୍କରୁ ଏତେ ପରିମାଣର ଅର୍ଥ ଉଠାଣ ହୋଇଥିଲେ ମଧ୍ୟ ପ୍ରଥମ ଡାକ୍ତରଙ୍କ କ୍ଷେତ୍ରରେ ବ୍ୟାଙ୍କ ପକ୍ଷରୁ କୌଣସି ବାର୍ତ୍ତା ପଠା ନ ଯିବା ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଅସଂପୃକ୍ତି ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରୁଛି।

ବେଳେବେଳେ ଆମ ମୋବାଇଲ୍ ଫୋନକୁ ଅଜଣା ବ୍ୟକ୍ତିଠାରୁ କଲ୍ ଆସେ ; ଯେଉଁଥିରେ ବ୍ୟାଙ୍କ କାରବାର ଓ ଏଟିଏମ୍ କାର୍ଡରେ ତ୍ରୁଟି ଥିବା ଦର୍ଶାଇ ବ୍ୟାଙ୍କ ଆକାଉଣ୍ଟ ଓ ଏଟିଏମ୍ ନମ୍ବର ମଗାଯାଏ। ଆମେ ଯଦି ସତ୍ୟାସତ୍ୟ ପରୀକ୍ଷା ନ କରି ସମସ୍ତ ତଥ୍ୟ ପ୍ରଦାନକରୁ ତେବେ ମୁହୂର୍ତ୍ତକ ମଧ୍ୟରେ ଜମା ଖାତା ଶୂନ୍ୟ ହୋଇଯାଏ। ପୁଣି କେତେବେଳେ ସୂଚନା ମିଳେ ଯେ, ଆପଣଙ୍କ ବୀମା ପଲିସି ଅଚଳ ହେବାକୁ ଯାଉଛି, ଆପଣ ପ୍ରଦତ୍ତ ଆକାଉଣ୍ଟ ନମ୍ବରରେ ଏତେ ଟଙ୍କା ତୁରନ୍ତ ଦାଖଲ କରନ୍ତୁ, ଆପଣଙ୍କ ପଲିସି ନିୟମିତ ହୋଇଯିବ। ଆମେ ବିଶ୍ୱାସକରି ସମସ୍ତ ଗୋପନତଥ୍ୟ ପ୍ରକାଶ କରିବା ମାତ୍ରକେ ଜମାଖାତା ଚାହୁଁ ଚାହୁଁ ଶୂନ୍ୟ ହୋଇଯିବ। ଯାଜପୁର ଜିଲା କାଳିଆପାଣି ଅଞ୍ଚଳର ଜଣେ ଶିକ୍ଷୟିତ୍ରୀଙ୍କ କ୍ଷେତ୍ରରେ ଏପରି ଘଟିଛି। ତାଙ୍କ ଜମାଖାତାରୁ ୩ ଲକ୍ଷ ୧୩ ହଜାର ଟଙ୍କା ଉଠାଣ ହୋଇଛି। ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ତାଙ୍କ ହୃତ୍ ଟଙ୍କା ଫେରିପାଇବାର କୌଣସି ନିଶ୍ଚିତତା ଦେଖାଯାଉ ନାହିଁ। ଏତଦ୍‌ବ୍ୟତୀତ ଗହଣା ଦୋକାନୀ ପେଟ୍ରୋଲ ପମ୍ପ କର୍ମଚାରୀଙ୍କଠାରୁ ଲୁଟ୍ କରିବା ଏକ ନିତିଦିନର ବ୍ୟାପାର । ପ୍ରାତଃ ଭ୍ରମଣ ସମୟରେ ମହିଳାଙ୍କଠାରୁ ହାର ଛିଣ୍ଡାଇବା ମଧ୍ୟ ପ୍ରାୟତଃ ଶ୍ରୁତିଗୋଚର ହେଉଛି।

ଡିଜିଟାଲ ନେଣଦେଣ ବୃଦ୍ଧିର ସମତାଳରେ ସାଇବର ଠକଙ୍କ ସାମ୍ରାଜ୍ୟ ବୃଦ୍ଧି ପାଇବାରେ ଲାଗିଛି। ନିକଟରେ କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଓ ଆଇ.ଟି. ରାଷ୍ଟ୍ରମନ୍ତ୍ରୀ ସଂଜୟ ଧାତ୍ରେ ଇଣ୍ଡିଆନ କମ୍ପ୍ୟୁଟର ଇମରଜେନ୍ସି ରେସ୍‌ପନ୍ସ ଟିମ୍ (ସି.ଇ.ଆର୍.ଟି) ସୂଚନା ଆଧାରରେ ରାଜ୍ୟ ସଭାରେ ଉପସ୍ଥାପନ କରିଥିବା ତଥ୍ୟ ଅନୁଯାୟୀ ଦେଶରେ ୨୦୧୮ରେ ୧,୫୯,୭୬୧ଟି, ୨୦୧୯ରେ ୨,୪୭,୫୧୪ଟି ଓ ୨୦୨୦ରେ ୨,୯୦,୪୪୫ଟି ଡିଜିଟାଲ ବ୍ୟାଙ୍କିଙ୍ଗ୍ ସମ୍ବନ୍ଧୀୟ ଠକେଇ ହୋଇଛି। ଏସବୁ ଠକାମିର ଅପାଠୁଆ ସ୍ୱଳ୍ପ ଶିକ୍ଷିତଙ୍କ ଅପେକ୍ଷା ପ୍ରାୟ ୮୦ଭାଗ ପାଠୁଆ ଓ ଉଚ୍ଚଶିକ୍ଷିତ ବ୍ୟକ୍ତି ଠକାମିର ଶିକାର ହୋଇଥିବା ଜଣାଯାଏ। ଉଭୟ ଠକ ଓ ଠକାମିରେ ଶିକାର ବ୍ୟକ୍ତି ଉଚ୍ଚଶିକ୍ଷିତ। ମୂର୍ଖଙ୍କ ଠକାମି ଶହେରେ ସୀମିତ ବେଳେ ଶିକ୍ଷିତଙ୍କ ଠକାମି ଲକ୍ଷ ଓ କୋଟି।

ଏ ଠକାମି ବ୍ୟତୀତ ଅନେକ ସମୟରେ ମିଥ୍ୟାଗୁଜବର ବଶବର୍ତ୍ତୀ ହୋଇ ଭଣ୍ଡ ବାବାମାନଙ୍କ ମନ ଭୁଲାଣିଆ କଥାରେ ଆମେ ଏତେ ମାତ୍ରାରେ ଭ୍ରମିତ ହୋଇଯାଉ ଯେ ଅନୁତାପ କରିବା ପାଇଁ ମଧ୍ୟ ଆମ ପାଖରେ ସୁଯୋଗ ନ ଥାଏ। ଏ ସମ୍ବନ୍ଧରେ ଗଣମାଧ୍ୟମରେ ପ୍ରସାରିତ ଏକ ବିସ୍ମୟକର ଘଟଣାର ଅବତାରଣା ଅତ୍ୟନ୍ତ ପ୍ରାସଙ୍ଗିକ ମନେହୁଏ। ଗତ ଦୁଇମାସ ତଳେ ଆନ୍ଧ୍ରପ୍ରଦେଶରେ ଘଟିଥିବା ଉକ୍ତ ଘଟଣାଟି ଯେତିକି ବିସ୍ମୟକର ସେତିକି ଲଜ୍ଜାକର। ସ୍ୱାମୀ ସ୍ତ୍ରୀ ଉଭୟ ଉଚ୍ଚଶିକ୍ଷିତ ଓ ଦୁଇଟି ଭିନ୍ନଭିନ୍ନ ମହାବିଦ୍ୟାଳୟର ଅଧ୍ୟକ୍ଷ ପଦରେ ଅଧିଷ୍ଠିତ। ଜଣେ ଗୁଣିଆ ବା ତଥାକଥିତ ବାବା କଥାକୁ ବିଶ୍ୱାସକରି ନିଜର ଦୁଇ ଉଚ୍ଚ ଶିକ୍ଷିତ ଝିଅଙ୍କୁ ପରୀକ୍ଷାମୂଳକ ଭାବେ ହତ୍ୟାକଲେ। ତାଙ୍କ ମଧ୍ୟରେ ଏକ ବିଶ୍ୱାସ ଦୃଢୀଭୂତ ହୋଇଥିଲା ଯେ ଚବିଶଘଣ୍ଟା ମଧ୍ୟରେ ସତ୍ୟଯୁଗ ପ୍ରବେଶ କରିବ ଓ କଳିଯୁଗର ଅବସାନ ଘଟିବ। ତାଙ୍କ ଦୁଇକନ୍ୟା ଚବିଶଘଣ୍ଟା ମଧ୍ୟରେ ପୁନର୍ଜୀବନ ଲାଭକରି ପୂର୍ବାପେକ୍ଷା ଅଧିକ ଜ୍ଞାନୀଗୁଣୀ ହୋଇ ଜୀବନରେ ଉଚ୍ଚ ପ୍ରତିଷ୍ଠା ଲାଭ କରିବେ। ସତ୍ୟର ପ୍ରଭାବରେ ନୂଆ ଜୀବନ ସହ ତାଙ୍କ ପରିବାରର ସଭିଙ୍କ ଜୀବନ ହୋଇ ଉଠିବ ଅତ୍ୟନ୍ତ ସୁଖ ସମୃଦ୍ଧିମୟ। କିନ୍ତୁ ସେପରି କିଛି ହେଲା ନାହିଁ; ବରଂ ପୋଲିସ୍ ଦ୍ୱାରା ଗିରଫ ହୋଇ କାରାଗାର ପ୍ରକୋଷ୍ଠରେ ସତ୍ୟଯୁଗର ଆଗମନକୁ ଅପେକ୍ଷା କରିଛନ୍ତି।

ଏତେ ଉଚ୍ଚଶିକ୍ଷିତ; ଅଥଚ କାର୍ଯ୍ୟକଳାପ ଶତଶତ ମୂର୍ଖଙ୍କଠାରୁ ବଳେ। ମଣିଷ ଲୋଭ ମୋହର ମାୟାରେ ପଡି ମିଥ୍ୟା ଉପରେ ପ୍ରଗାଢ଼ ଆସ୍ଥା ସ୍ଥାପନର ବିଷମୟ ପରିଣତି ଭୋଗକରୁଥିଲେ ମଧ୍ୟ ସେଥିରୁ ବିରତ ହୋଇପାରୁନାହିଁ। ସାଧାରଣ ଅଜ୍ଞାନଟିଏ କ'ଣ କରିଦେଲା ତାହା ଯେତିକି ଧର୍ତ୍ତବ୍ୟ ନୁହେଁ, ଜ୍ଞାନର ଅହଙ୍କାରରେ ବୁଡ଼ିଥିବା କତିପୟ ଶିକ୍ଷିତ ମଣିଷଙ୍କ ଅବିଚାରିତ କାର୍ଯ୍ୟକଳାପ ବେଶ୍ ଚିନ୍ତାଜନକ। ଆଉ କେତେହେଲେ ଆମେ ଚେତିବା ? କୌଣସି ଲୋଭନୀୟ ବିନାଶକାରୀ ଅପପ୍ରଚାରରେ ଭ୍ରମିତ ନ ହୋଇ କର୍ମକୁ ସମ୍ବଳକରି ଆଗେଇ ଚାଲିବା ହେଉଛି ବୁଦ୍ଧିମତ୍ତାର କାମ।

ସିଦ୍ଧଳ, ଜଗତ୍‌ସିଂହପୁର
ମୋ– ୯୯୩୭୪୫୦୫୪୦

# ମାନବ ସମାଜର ଜୀବନରେଖା



ଅଲେଖ ଚନ୍ଦ୍ର ସାମଲ

ନଦୀ ମାନବ ସମାଜ ପାଇଁ ଜୀବନରେଖାର ଭୂମିକା ନିର୍ବାହ କରିଆସିଛି। ମନୁଷ୍ୟକୁ ଜଳ ଯୋଗାଇ ଦେବା ସହ ଜୈବ ବିବିଧତା ସଂରକ୍ଷଣ, କୃଷି କାର୍ଯ୍ୟରେ ସହାୟତା କରିଆସିଛି ନଦୀ। ମାନବ ସଭ୍ୟତା ଗଢ଼ି ଉଠିବା ଦିନଠାରୁ ନଦୀ ଏକ ଉପକାରୀ ପ୍ରାକୃତିକ ଜଳଉତ୍ସ ଭାବେ ସର୍ବଦା ମଣିଷକୁ ସହାୟତା ଯୋଗାଇ ଆସିଛି। ନଦୀ ଉପତ୍ୟକାରେ ଅନେକ ସମୃଦ୍ଧ ସଭ୍ୟତା ଗଢ଼ି ଉଠିଥିବା ଇତିହାସରେ ବର୍ଣ୍ଣିତ। ହେଲେ ବର୍ତ୍ତମାନ ନଦୀଜଳର ଅପବ୍ୟବହାର କରାଯାଉଛି। ଶିଳ୍ପାୟନ ଯୋଗୁ ନଦୀଜଳ ଦୂଷିତ ହେବା ସହ ଅପଚୟ ହେଉଛି। ନଦୀଜଳକୁ ଶିଳ୍ପ କାର୍ଯ୍ୟରେ ବ୍ୟବହାର କରାଯାଇଥିବାବେଳେ ଏହାର ସଂରକ୍ଷଣ ପାଇଁ କୌଣସି ବିକଳ୍ପ ବ୍ୟବସ୍ଥା କରାଯାଉନାହିଁ। ସେହିପରି ବିଦ୍ୟୁତ୍ ଉତ୍ପାଦନ, ଜଳସେଚନ ପାଇଁ ବଡ଼ ବଡ଼ ଡ୍ୟାମ୍ ନିର୍ମାଣ କରାଯାଉଛି । ନଦୀର ଗତିପଥ ବଦଳା ଯାଉଛି। ଏଥିଯୋଗୁ ମରୁଡ଼ି, ବନ୍ୟା, ଭଳି ପରିସ୍ଥିତି ସୃଷ୍ଟି ହେଉଛି। ନଦୀର ସୁରକ୍ଷା ପାଇଁ ସଚେତନତା ସୃଷ୍ଟି କରାଯାଉଛି, କିନ୍ତୁ ତାହା ଶତପ୍ରତଶତ ସଫଳ ହୋଇପାରୁନାହିଁ।

କେବଳ ଭାରତୀୟ ଜନଜୀବନ ନୁହେଁ, ସମଗ୍ର ପୃଥିବୀର ମୁଖ୍ୟ ଜୀବନ ଜୀବିକାର ଅବଲମ୍ବନ କ୍ଷେତ୍ର ହେଉଛି ପ୍ରମୁଖ ନଦୀ। ଇତିହାସ ପୃଷ୍ଠାରେ ଦେଖାଯାଇଛି, ମାନବ ସଭ୍ୟତା ପ୍ରତିଷ୍ଠା ହୋଇଥିବା ବେଳେ ସେମାନେ ସର୍ବପ୍ରଥମେ ନିଜ ଦୈନନ୍ଦିନ ଜୀବନଯାପନ ପାଇଁ ନଦୀକୂଳକୁ ଗୁରୁତ୍ୱ ଦେଉଥିଲେ। ଐତିହାସିକମାନେ ପ୍ରାମାଣିକ ଭାବରେ ଏସବୁ ଉଲ୍ଲେଖ କରିଛନ୍ତି। ଆଜି ଭାରତର ପ୍ରମୁଖ ନଦୀମାନେ ନିଜର ଗତିପଥକୁ ବାଧାବିଘ୍ନତାର ସହିତ ସମ୍ମୁଖୀନ ହେଉଛନ୍ତି। ଦିନକୁ ଦିନ ମନୁଷ୍ୟକୃତ କୁଢ଼କୁଢ଼ ଆବର୍ଜନା ନଦୀଜଳକୁ ଭୟଙ୍କର ଭାବେ ପ୍ରଦୂଷିତ ସହ ଏହାର ଗଭୀରତାକୁ କ୍ଷତବିକ୍ଷତ କରୁଛନ୍ତି। ଭାରତର ବିଶିଷ୍ଟ ଜନନାୟକ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ତାଙ୍କ ଶାସନ ସମୟରେ ଭାରତରେ ନଦୀ ସଂଯୋଗୀକରଣ ଯୋଜନାକୁ ଗୁରୁତ୍ୱ ଦେଇ ଏକ ବହୁତ ବଡ଼ ପଦକ୍ଷେପ ହାତକୁ ନେଇଥିଲେ ଓ ଏବେ କେନ୍ଦ୍ର ସରକାର ଏହି ବୃହତ୍ ଯୋଜନା ଉପରେ ଗୁରୁତ୍ୱ ପ୍ରଦାନ କରୁଛନ୍ତି। କିନ୍ତୁ ନଦୀ ସଂଯୋଗୀକରଣ ଯୋଜନାର କେତେ ଅଗ୍ରଗତି ହୋଇଛି ତାହା ଜଣାପଡୁନାହିଁ। ବର୍ତ୍ତମାନର ଗଙ୍ଗା ସଫେଇ ଅଭିଯାନ ଏକ ଦୃଷ୍ଟାନ୍ତମୂଳକ ଯୋଜନା କହିଲେ ଅତ୍ୟୁକ୍ତି ହେବନାହିଁ। ନଦୀଜଳ ମନୁଷ୍ୟର ପାନୀୟର ମୁଖ୍ୟ ଅବଲମ୍ବନ ହେବା ସହ କୃଷି କାର୍ଯ୍ୟ, ବିଭିନ୍ନ ବ୍ୟବସାୟ ବିପଣନ, ଗୃହପାଳିତ ପଶୁପକ୍ଷୀଙ୍କ ମୁଖ୍ୟ ଆଧାର ଏହିପରି ବିଭିନ୍ନ ଭାବରେ ଆମମାନଙ୍କୁ ପରିତୃପ୍ତି ଦେଇଥାଆନ୍ତି। କିନ୍ତୁ ଦୁଃଖର ପ୍ରସଙ୍ଗ ହେଉଛି, ଯେଉଁ ନଦୀ ଆମମାନଙ୍କୁ ପିଇବା ପାଣି ଦେଉଛି, ଆମ୍ଭମାନଙ୍କୁ ଚାଷର କ୍ଷେତକୁ ସୁଜଳା ସୁଫଳା କରୁଛି, ଆମେ ସେହି ନଦୀଜଳକୁ ପ୍ରଦୂଷିତ କରିବାରେ ପଛାଉ ନାହିଁ। ଭାରତର ଅନେକ ପ୍ରମୁଖ ସହର ଏହି ନଦୀତଟରେ ଗଢ଼ି ଉଠିଛି। ମୁମ୍ବାଇ କୁହନ୍ତୁ ବା ନୂଆଦିଲ୍ଲୀ, କାନପୁର କୁହନ୍ତୁ ବା ଆହ୍ଲାବାଦ, ହରିଦ୍ୱାର, ଋଷିକେଶ ଏପରିକି ହଜାର ବର୍ଷର ସହର ଭାବରେ ପରିଚିତ କଟକର ଦୁଇପଟେ ରାଜ୍ୟର ପ୍ରମୁଖ ନଦୀ ମହାନଦୀ ଓ କାଠଯୋଡ଼ି ବୋହି ଯାଇଛି। ନଦୀଠାରୁ ଆମେ ଏତେ ଉପକାର ପାଇ ମଧ୍ୟ ଆମ କଳକାରଖାନାର ସମସ୍ତ ବର୍ଜ୍ୟବସ୍ତୁକୁ ନଦୀଜଳ ଭିତରକୁ ଛାଡ଼ି ଦେଉଛୁ, ଯଦ୍ଦ୍ୱାରା କଳକାରଖାନାର ଭୟଙ୍କର ବର୍ଜ୍ୟ ସାମଗ୍ରୀ ନଦୀଜଳକୁ ଭୟଙ୍କର ଭାବରେ ପ୍ରଦୂଷିତ କରି ଏହା ପ୍ରକାରାନ୍ତରେ ଆମ ପାଇଁ କ୍ଷତିକାରକ ସାଜିଛି। କେବଳ ସହରାଞ୍ଚଳ ନୁହେଁ, ଭାରତର ଗ୍ରାମ୍ୟ ଜନଜୀବନ ମଧ୍ୟ ଏହି ନଦୀର ଅବବାହିକାର ସ୍ଥିତିକୁ ନେଇ ଗଢ଼ି ଉଠିଛି।

ସଂପ୍ରତି ବିଶ୍ୱର ବଡ଼ ବଡ଼ ଶକ୍ତିଶାଳୀ ଦେଶମାନେ ନିଜ ନିଜ ଦେଶର ନଦୀର ସୁରକ୍ଷା ଓ ଗଭୀର ଖନନ ପାଇଁ ଅନେକ ଦୃଷ୍ଟାନ୍ତମୂଳକ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି। କେବଳ ସେତିକି ନୁହେଁ, ଦିନ ଥିଲା ବିଭିନ୍ନ ନଦୀରେ ଡଙ୍ଗାଚାଳନା କରି ଲୋକମାନେ ଯା'ଆସ କରିବା ସହ ନିଜ ଜିନିଷପତ୍ର ମଧ୍ୟ ପରିବହନ କରୁଥିଲେ। ସଡ଼କର ବିକାଶ ନ ହୋଇଥିବା ସମୟରେ ଆନ୍ତଃ ନଦୀ ପରିବହନ ବ୍ୟବସ୍ଥା ଥିଲା ମୁଖ୍ୟ ଯୋଗାଯୋଗର ମାଧ୍ୟମ। ଭାରତର ଗଙ୍ଗା, ଯମୁନା, ବ୍ରହ୍ମପୁତ୍ର, ମହାନଦୀ, ଗୋଦାବରୀ, କ୍ରିଷ୍ଣା, କାବେରୀ ପ୍ରଭୃତି ନଦୀଗୁଡ଼ିକ କେତେକ କ୍ଷେତ୍ରରେ ନିଜ ଗତିପଥ ବଦଳାଇବା ପାଇଁ ବାଧ୍ୟ ହୋଇଛନ୍ତି। କେତେକ ଘଟଣା ପାଇଁ ଆମ ପରିପାର୍ଶ୍ୱିକ ଭୌଗୋଳିକ ପରିସ୍ଥିତି ଦାୟୀ, କିନ୍ତୁ ଆଉ କିଛି ଘଟଣା ପାଇଁ ଏହା ମନୁଷ୍ୟକୃତ ତ୍ରୁଟି। ଶାସ୍ତ୍ରରେ ନଦୀମାନଙ୍କୁ ଦିବ୍ୟ ଜନନୀ ଭାବରେ ପୂଜା କରାଯାଇ ସେମାନଙ୍କ ପ୍ରତି ସମ୍ମାନ ଜଣାଯାଇଛି। ଆଜି ପର୍ଯ୍ୟନ୍ତ ଆହ୍ଲାବାଦର ବିଭିନ୍ନ ଘାଟରେ ଗଙ୍ଗା ଆଳତି ଯେଉଁମାନେ ଦେଖିଥିବେ ବା ହରିଦ୍ୱାରରେ ଗଙ୍ଗା ପୂଜନ ମହାଆଳତି ଦର୍ଶନର ଯେଉଁମାନେ ସୁଯୋଗ ପାଇଥିବେ, ସେମାନେ ଜାଣିଥିବେ ଯେ ନଦୀକୁ ଆମ ପୂର୍ବଜମାନେ କେତେ ସମ୍ମାନର ସ୍ଥାନ ଦେଉଥିଲେ। ବର୍ତ୍ତମାନର ଅନେକ ଜଳଜନିତ ପ୍ରାକୃତିକ ବିପର୍ଯ୍ୟୟ ପାଇଁ ନଦୀର ସୁରକ୍ଷା ଅତ୍ୟନ୍ତ ଜରୁରୀ। ଏ କ୍ଷେତ୍ରରେ କେବଳ ପ୍ରଶାସନିକ ଦାୟିତ୍ୱ ନୁହଁ, ଆମ ସମସ୍ତଙ୍କର ଉତ୍ତରଦାୟିତ୍ୱ ନିର୍ବାହ କରିବା ଗୁରୁତ୍ୱପୂର୍ଣ୍ଣ।

– ଅବସରପ୍ରାପ୍ତ ଡିଏଫ୍‌ଓ (କେନ୍ଦୁଲିଫ୍)
ମୋ : ୯୪୩୭୨୫୭୧୨୩

## ଏଇ ଭାରତରେ

ବିଶ୍ୱାସରେ ସବୁ କିଛି ସମ୍ଭବ– ଏହି ଉକ୍ତିଟି ଏକ ମନ୍ତ୍ର ପାଲଟିଯାଇଛି ମିଜୋରାମର ଶେଲିଂ ଗାଁର କୃଷକମାନଙ୍କ କ୍ଷେତ୍ରରେ। ସେମାନେ ବିଶ୍ୱାସରେ ଦୋକାନ ଚଳାଇ ବିନା ସମସ୍ୟାରେ ରୋଜଗାର କରିଆସୁଛନ୍ତି। ଦୋକାନଗୁଡ଼ିକରେ କେହି ରହନ୍ତି ନାହିଁ। ଏହି ବ୍ୟବସ୍ଥାରେ ବହୁ ପୂର୍ବରୁ ଏକ ପ୍ରକାର ସାମାଜିକ ଦୂରତା ଜାରି ରହିଥିବା ଲକ୍ଷ୍ୟ କରାଯାଏ। ଆଇଜ୍ୱାଲ ଜିଲାର ଶେଲିଂ ଗାଁ ପାଖଦେଇ ଯାଇଥିବା ରାଜପଥ କଡ଼ରେ ବାଉଁଶ ନିର୍ମିତ କୁଡ଼ିଆରେ ଚାଲୁଥିବା ଏହି ଦୋକାନଗୁଡ଼ିକ ନଜରରେ ପଡ଼େ। ଏଥିରେ ପରିବା, ଫଳ, ଶୁଖୁଆ ଏବଂ ମଧୁରଜଳ ଗେଣ୍ଡା ରଖାଯାଇଥାଏ। କିନ୍ତୁ ଏହି ଜିନିଷଗୁଡ଼ିକୁ ବିକ୍ରି କରିବା ପାଇଁ ଦୋକାନରେ କୌଣସି ବ୍ୟକ୍ତିଙ୍କୁ ଦେଖିବାକୁ ପାଇବେ ନାହିଁ। କୃଷି ଶ୍ରମିକମାନଙ୍କୁ କାମରେ ଲଗାଇବା ଲାଗି କୃଷକମାନଙ୍କ ପାଖରେ ସମ୍ବଳର ଅଭାବ ରହିଥିବା ଯୋଗୁ ସେମାନେ କିମ୍ବା ସେମାନଙ୍କ ପରିବାରର କୌଣସି ସଦସ୍ୟ ଦୋକାନରେ ନ ରହି କାମରେ ଲାଗିଯାଆନ୍ତି। କୃଷକମାନେ ପ୍ରତିଦିନ ସେମାନଙ୍କ କ୍ଷେତକୁ ଯିବା ପୂର୍ବରୁ ଦୋକାନରେ ପରିବା, ଫଳ ଆଦି ରଖିଦେଇଯାଆନ୍ତି। ସେଠାରେ ସେମାନେ ସବୁ ସାମଗ୍ରୀର ମୂଲ୍ୟ ଏକ ସାଇନ୍‌ବୋର୍ଡରେ ଲେଖି ଝୁଲାଇ ଦିଅନ୍ତି। ନିକଟରେ ବି ପେମେଣ୍ଟ ବକ୍ସ ରଖିଦିଅନ୍ତି; ଯେଉଁଥିରେ ଗ୍ରାହକମାନେ ଜିନିଷ ନେବା ପରେ ଟଙ୍କା ରଖିଥାନ୍ତି। ଦିନସାରା ଦୋକାନଗୁଡ଼ିକ ଖୋଲା ରହେ ଓ ଗ୍ରହକମାନେ ସାମଗ୍ରୀ ନେଇଥାଆନ୍ତି। ଯଦି ଖୁଚୁରା ଦରକାର ପଡ଼େ, ତେବେ ଗ୍ରାହକମାନେ ତାହା ପେମେଣ୍ଟ ବକ୍ସରୁ ନେଇଥାଆନ୍ତି। ବହୁ ସମୟରେ ଲୋକମାନେ ଏଭଳି ବ୍ୟବସ୍ଥା ଦେଖି କୃଷକମାନଙ୍କ ପାଇଁ ଅଧିକ ଟଙ୍କା ବି ପେମେଣ୍ଟ ବକ୍ସରେ ରଖି ଦିଅନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ଦାନ ଏକ ମହତପଣ

ମହାଶୟ,

ଅର୍ଥ ଦ୍ୱାରା ମଣିଷ ପ୍ରତିପୋଷଣ ହୋଇଥାଏ। ଯେ କୌଣସି କାର୍ଯ୍ୟ ଲାଗି ଅର୍ଥର ଆବଶ୍ୟକତା ଯଥେଷ୍ଟ ଥାଏ। ସେଥିପାଇଁ ଲୋକମାନେ ଚାକିରି ଓ ବ୍ୟବସାୟ ଆଦି ଦ୍ୱାରା କଷ୍ଟ ସାଧ୍ୟ ଉପାୟରେ ଅର୍ଥ ଉପାର୍ଜନ କରନ୍ତି। ଏହି ଅର୍ଥ ହିଁ ଦିନେ ଅନର୍ଥର କାରଣ ସାଜିଥାଏ। ଅନେକ ଲୋକ ଅର୍ଥବଳରେ ଅହଂକାରୀ ହୋଇ ସମାଜରେ ନାନାଦି ବିଶୃଙ୍ଖଳା ଘଟାଇଥାନ୍ତି। ସେଥିପାଇଁ ଆମର ବଡ଼ ପୁରୁଷମାନେ କହିଛନ୍ତି – 'ପୁଅ ଯେବେ ଯୋଗ୍ୟ ହୁଏ ଧନ କାହିଁ ପାଇଁ ସଞ୍ଚ।' ଅର୍ଥାତ୍ ବ୍ୟକ୍ତି ଜଣକ ନାନାଦି କଷ୍ଟ ସ୍ୱୀକାରପୂର୍ବକ ଅର୍ଥୋପାର୍ଜନ କରିଥାଏ। ସେହି ବ୍ୟକ୍ତିର ସନ୍ତାନ ବା ଦାୟାଦମାନେ ଅକର୍ମରେ ମାତି ପିତୃ ଅର୍ଜିତ ଧନକୁ ଅପବ୍ୟୟ କରିବାକୁ ପଛାନ୍ତି ନାହିଁ। ଏହା ବ୍ୟତୀତ ଧନ ଜୀବନ କ୍ଷଣସ୍ଥାୟୀ ବୋଲି ସର୍ବଜନ ବିଦିତ । ଧନ ଆସେ ପୁଣି ଚାଲିଯାଏ। ମଣିଷ ଜନ୍ମ ଲାଭ କରେ ଓ ପରବର୍ତ୍ତୀ କାଳରେ ମୃତ୍ୟୁମୁଖରେ ପଡ଼େ। ଏହା ନିରାଟ ସତ୍ୟ ବଚନ । ଜୀବନକାଳ ମଧ୍ୟରେ କଷ୍ଟ ସାଧ ଧନ ତକ ମଣିଷ ମୃତ୍ୟୁ ସମୟରେ ଛାଡ଼ି ଏକା ଚାଲିଯାଏ। ସାଥିରେ କାଣୀ କଉଡିଟିଏ ନେଇ ପାରେ ନାହିଁ। ତଥାପି ଜୀବଥିବା ଯାଏ ଧନ ଲାଭ ଜାଗ୍ରତ ହୋଇଥାଏ। ଅନ୍ୟପକ୍ଷରେ ବହୁ କଷ୍ଟ ସ୍ୱୀକାର ପୂର୍ବକ ଅର୍ଥ ରୋଜଗାର କରିପାରି ଶେଷରେ ତ୍ୟାଗ କରିବା ଅପେକ୍ଷା ସେହି ଧନକୁ ଜନକଲ୍ୟାଣ ଦିଗରେ ଲଗାଇବା ସାଧୁ ଉପାୟ । ଏହାଛଡ଼ା ଅନେକ ବ୍ୟକ୍ତିଙ୍କ ନିକଟରେ ଆବଶ୍ୟକତାଠାରୁ ଅଧିକ ଧନ ଥିବା ଦୃଷ୍ଟି ଗୋଚର ହୁଏ। କେତେକ ଲୋକ ମନ୍ଦିର ଓ ଧର୍ମାନୁଷ୍ଠାନକୁ ଅର୍ଥଦାନ କରି ନିଜର ବଦାନ୍ୟତା ପରିଚୟ ସୃଷ୍ଟି କରୁଛନ୍ତି। ସେହି ମର୍ମରେ ଧନିକ ଲୋକମାନେ ଗରିବ ଜନସାଧାରଣଙ୍କ ଉନ୍ନତି କଳ୍ପେ ଅକୁଣ୍ଠିତ ଚିତ୍ତରେ ଦାନ କରିବାକୁ ଆଗଭର ହେବା ଆବଶ୍ୟକ। ଏହା ଦ୍ୱାରା ଦେଶ ତଥା ଦେଶବାସୀଙ୍କର ମଙ୍ଗଳ ସାଧନ ହେବ, ଯେହେତୁ ଦାନ ଏକ ମହତପଣ ।

–ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଯେତେ କୋଟି ଯାତ୍ରୀ–ପଦ ପଡିଛି ଏ ମନ୍ଦିର ଦୁଆରେ
ଭବିଷ୍ୟତେ ଯେତେ ପୁଣି ଲାଗିବ ଏ ପାଷାଣ ହିୟାରେ
ନ ରହିବ ଇତିହାସ ନ ରହିବ ଚିହ୍ନ,
ଏ ପାଷାଣ ଗାତ୍ର କାହିଁ ନୋହିବ ବିଦୀର୍ଣ୍ଣ,
କିନ୍ତୁ ସେ ଯେ ବିଶ୍ୱାସ ଭକତି
ତା' ଉଦ୍ଦେଶ୍ୟେ ଜଣାଏଁ ମୁଁ ନତି!
ମାନବ–ଜୀବନେ
ଅମୂଲ୍ୟ ସେ ଧନ
ନମସ୍କାର
ବାରମ୍ବାର। –(ପୁରୀ–ମନ୍ଦିର)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ସଫଳତା ଦିଏ ଆହ୍ୱାନ

**ବିଶ୍ୱାସ କରାଯାଏ ଯେ ସର୍ବୋତ୍ତମ ଉଦ୍ୟୋଗୀମାନେ ଜନ୍ମ ହୋଇଥାନ୍ତି, ସେମାନଙ୍କୁ ତିଆରି କରାଯାଇ ପାରେନାହିଁ। ସେମାନେ ସବୁବେଳେ ଆବେଗପ୍ରବଣ ଏବଂ ଉଦ୍ଭାବନପ୍ରିୟ ହୋଇଥାଆନ୍ତି। ଫଳରେ ବ୍ୟବସାୟରେ ନୂଆ ମୋଡ଼ ଆଣିବା କ୍ଷେତ୍ରରେ କେବେ ପଛଘୁଞ୍ଚା ଦେଇ ନ ଥାନ୍ତି।**



➥ଲାଲ୍‌ଚନ୍ଦ ଗ୍ରୁପ୍ ପ୍ରତିଷ୍ଠାତା ଅଧ୍ୟକ୍ଷ ସଞ୍ଜୟ ହଂସ ଏକ ବ୍ୟବସାୟୀ ପରିବାରରେ ଜନ୍ମ ହୋଇଥିଲେ। ଭୁବନେଶ୍ୱର ମାର୍କେଟ ବିଲ୍ଡିଂରେ ଥିବା ବାପାଙ୍କ ଦୋକାନରେ ବଡ଼ଭାଇଙ୍କୁ ସହଯୋଗ କରି ସେ ବାଣିଜ୍ୟ ଦୁନିଆ ଓ ଗ୍ରାହକ ସେବା ସମ୍ପର୍କରେ ଅନୁଭୂତି ସଂଗ୍ରହ କରିଥିଲେ। ତଥାପି କେବଳ ପାରିବାରିକ ବ୍ୟବସାୟ ଚଳାଇବା ଲାଗି ତାଙ୍କର ଜନ୍ମ ହୋଇ ନ ଥିଲା। ପାରାଦୀପ ବନ୍ଦରରେ ଅଏଲ୍ ଇଣ୍ଡିଆ ପକ୍ଷରୁ କଣ୍ଟ୍ରାକ୍ଟ ପାଇ ଡ୍ରିଲ୍ କରୁଥିବା ଏକ ଅଷ୍ଟ୍ରେଲୀୟ କମ୍ପାନୀକୁ ଖାଦ୍ୟ ଏବଂ ଆବଶ୍ୟକ ସାମଗ୍ରୀ ଯୋଗାଣରୁ ଉଦ୍ୟୋଗ କ୍ଷେତ୍ରରେ ତାଙ୍କର ମୂଳଦୁଆ ପଡ଼ିଥିଲା। ସେ ଉକ୍ତ କାର୍ଯ୍ୟକୁ ସୁଚାରୁ ରୂପେ ତୁଲାଇଥିବା ଦେଖି କମ୍ପାନୀ ତାଙ୍କୁ ପଶ୍ଚିମବଙ୍ଗ ଏବଂ ଆନ୍ଧ୍ରପ୍ରଦେଶରେ ଏପରି ଆଉ ଦୁଇଟି କାମର କଣ୍ଟ୍ରାକ୍ଟ ଦେଇଥିଲା।

➥କିଛିବର୍ଷ ପରେ ସଞ୍ଜୟ ଏଭଳି କଣ୍ଟ୍ରାକ୍ଟ କାର୍ଯ୍ୟଗୁଡ଼ିକୁ ସଫଳତାର ସହ ତୁଲାଇବା ଲାଗି ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଧାଁଦୌଡ଼ କରିଥିଲେ। ପରେ ସେ ନିଜ ସହରରେ ରୁପା ତିଆରି ସାମଗ୍ରୀର ଏକ ଉପହାର ଦୋକାନ ଖୋଲିବାକୁ ନିଷ୍ପତ୍ତି ନେଲେ। ତେବେ ଅଳଙ୍କାର ବ୍ୟବସାୟର ନୈରାଶ୍ୟଜନକ ସ୍ଥିତି ଦେଖି ସେପରି ନ କରିବାକୁ ବହୁ ବ୍ୟବସାୟିକ ବିଶେଷଜ୍ଞ ତାଙ୍କୁ ପରାମର୍ଶ ଦେଇଥିଲେ। ସେ ଓଡ଼ିଶାରେ ଅଳଙ୍କାର ବ୍ୟବସାୟକୁ ଉତ୍ତମ ସ୍ଥିତିକୁ ଆଣିବା ଲକ୍ଷ୍ୟରେ ଏହାକୁ ଏକ ସୁଯୋଗ ଭାବେ ଗ୍ରହଣ କରିଥିଲେ।

ଧରିତ୍ରୀ | OrissaPOST
BUSINESS EMINENCE AWARDS

➥ରାଜ୍ୟବାସୀଙ୍କୁ ବିଆଇଏସ୍ ହଲ୍‌ମାର୍କର ସୁନା ଅଳଙ୍କାର ସହ ପରିଚିତ କରାଇବା ସହିତ ଶୁଦ୍ଧ ସୁନାର ଗୁରୁତ୍ୱ ସମ୍ପର୍କରେ ସଚେତନ କରାଇବା, ଦେଶ ତଥା ବିଶ୍ୱର ବିଭିନ୍ନ ସ୍ଥାନରୁ ଆଖିଝଲସା ଡିଜାଇନ୍‌ର ଅଳଙ୍କାର ଆଣି ଯୋଗାଇବା ଏବଂ ଗ୍ରାହକଙ୍କୁ ସର୍ବୋତ୍ତମ ସେବା ପ୍ରଦାନ କରିବା ଭଳି ପଦକ୍ଷେପ ନେଇ ସବୁକିଛିକୁ ଗୋଟିଏ ଛାତ ତଳେ ସେ ଏକାଠି କରିପାରିଥିଲେ।

➥ସଞ୍ଜୟ ନିଜେ ମଧ୍ୟ ଏହାର ସୁଫଳ ପାଇଲେ। ଓଡ଼ିଶାର ସବୁଠୁ ଭରସାଯୋଗ୍ୟ ଲକ୍ସ୍ୟୁରି ବ୍ରାଣ୍ଡ ରୂପେ ଏଲ୍‌ସିଜେ ନେଟ୍‌ୱର୍କରେ ପୂର୍ବ ଭାରତର ବୃହତ୍ ୩ଟି ଅଳଙ୍କାର ଶୋ' ରୁମ୍ ରହିଛି। ସର୍ବବୃହତ୍ ତଥା ଚତୁର୍ଥ ବୃହତ୍ତମ ଶୋ'ରୁମ୍ ଦ୍ୱୈତ ନଗରୀର ଏକ ପ୍ରମୁଖ ସ୍ଥାନରେ ଅଛି। ସେହି ଶୋ'ରୁମ୍‌ରେ ଆଉ ୩୫ ହଜାର ବର୍ଗଫୁଟ ଯୋଡ଼ାଯାଇ ଏହି ନେଟ୍‌ୱର୍କକୁ ୯୦ ହଜାର ବର୍ଗଫୁଟ ପର୍ଯ୍ୟନ୍ତ ବୃଦ୍ଧି କରାଯିବାକୁ ଲକ୍ଷ୍ୟ ରଖାଯାଇଛି।

➥ସେହିପରି ସଞ୍ଜୟ କିଛିବର୍ଷ ତଳେ ଆତିଥେୟତା ଉଦ୍ୟୋଗ କ୍ଷେତ୍ରରେ ଆଗେଇବାକୁ ଚାହିଁବାରୁ ବିଶେଷଜ୍ଞମାନେ ତାଙ୍କୁ ସେପରି ନ କରିବାକୁ କହିଥିଲେ। ପ୍ରଥମେ ଉଭୟ ଅଳଙ୍କାର ଓ ଆତିଥେୟତା ଉଦ୍ୟୋଗର ପରିଚାଳନା କ୍ଷେତ୍ରରେ ଆକାଶପାତାଳ ଫରକ୍ ରହିଛି। ଦ୍ୱିତୀୟରେ ସେ ପ୍ରାଚୀ ହୋଟେଲକୁ ନେଇ କାମ ଆରମ୍ଭ କରିବାକୁ ଚାହିଁଲେ, ଯାହା ଦୀର୍ଘଦିନ ଧରି ପ୍ରବଳ କ୍ଷତି ଭିତରେ ଗତି କରୁଥିଲା। ସେମାନେ ବୁଝିପାରୁ ନ ଥିଲେ ଯେ ମୁଁ ସବୁବେଳେ ଆହ୍ୱାନକୁ ଗ୍ରହଣ କରିବାକୁ ଚାହିଁଛି। ଏସବୁ ଚ୍ୟାଲେଞ୍ଜ ମତେ କଠିନ ପରିଶ୍ରମ କରି ସର୍ବୋତ୍ତମ ଫଳ ପାଇବା ଦିଗରେ ଆଗେଇବା ପାଇଁ ପ୍ରେରଣା ଦେଇଛି। ସମସ୍ତ ପ୍ରତିକୂଳ ସ୍ଥିତି ସତ୍ତ୍ୱେ କିଛି ଭଲ ଫଳ ପାଇବାର ଖୁସି ଅବର୍ଣ୍ଣନୀୟ ବୋଲି ସଞ୍ଜୟ କହନ୍ତି।

➥ଲାଲ୍‌ଚନ୍ଦ ବ୍ରାଣ୍ଡରେ ଦି ନ୍ୟୁ ମାରିଅନ୍ ଭାବେ ନୂଆ ନାମ ପାଇ ସମସ୍ୟା ଭିତରେ ଥିବା ପୁରୁଣା ପ୍ରାଚୀ ହୋଟେଲର ସ୍ଥିତି ମାତ୍ର ମାସକ ମଧ୍ୟରେ ଲାଭପ୍ରଦ ହେବା ଆରମ୍ଭ କରିଥିଲା। ଏହା ପରେ ସଞ୍ଜୟ ଆଉ ପଛକୁ ଫେରି ଚାହିଁ ନ ଥିଲେ। ଫଳରେ ଲାଲଚନ୍ଦ ଗ୍ରୁପ୍ ରାଜଧାନୀରେ କେତେକ ଲୋକପ୍ରିୟ ରେଷ୍ଟୁରାଣ୍ଟ ପ୍ରତିଷ୍ଠା କରିପାରିଛି।

➥ଗତବର୍ଷ ବୈଶ୍ୱିକ ମହାମାରୀ କୋଭିଡ୍-୧୯ ପ୍ରଭାବରେ ସମଗ୍ର ଦେଶ ଲକ୍‌ଡାଉନ୍ ଭିତରକୁ ଚାଲିଯାଇଥିଲା। ବ୍ୟବସାୟିକ ସଂସ୍ଥାଗୁଡ଼ିକ ବନ୍ଦ ହେବା ସହ କର୍ମଚାରୀ ଛଟେଇ ଭୟଙ୍କର ସ୍ଥିତି ସୃଷ୍ଟି କରିଥିଲା। ସଞ୍ଜୟ କରୋନା ପ୍ରକୋପରୁ ସମାଜର ଅନଗ୍ରସର ଲୋକଙ୍କୁ ସୁରକ୍ଷିତ ରଖି ସେମାନଙ୍କୁ ସହାୟତା ଦେବା ପାଇଁ ଲାଲଚନ୍ଦ ଫାଉଣ୍ଡେଶନ୍ ପ୍ରତିଷ୍ଠା କରିଥିଲେ। ଏଭଳି ନିଷ୍ପତ୍ତିକୁ ରୂପାନ୍ତର କରିବା ସମୟ ନେଇ ସେ ଗଣମାଧ୍ୟମକୁ କହିଥିଲେ, କୌଣସି ଭଲ କାମ କରିବା ଲାଗି କେବେ କୌଣସି ସମୟ ଖରାପ ହୋଇ ନ ଥାଏ।

➥ଏହା ବ୍ୟତୀତ ନିଜ ସ୍ଥିତି ପାଇଁ ସଂଘର୍ଷରତ ପାରମ୍ପରିକ ତାରକସୀ କାରିଗରମାନଙ୍କୁ ସଞ୍ଜୟ ଦୃଢ଼ ସମର୍ଥନ ଦେଇଛନ୍ତି। ସେମାନଙ୍କ ମଧ୍ୟରୁ ଅତି ଦକ୍ଷ କାରିଗରଙ୍କୁ ଏଲ୍‌ସିଜେ ପାଇଁ ମନୋନୀତ କରି ଗ୍ରାହକଙ୍କୁ କାରୁକାର୍ଯ୍ୟପୂର୍ଣ୍ଣ ଭିନ୍ନ ପସନ୍ଦ ଓ ବଜାର ମଧ୍ୟ ସେ ଯୋଗାଇ ପାରିଛନ୍ତି। ତେଣୁ ଦଶନ୍ଧି ଧରି ନିଜ ତଥା ନିଜ ଗ୍ରୁପ୍ ପାଇଁ ସମ୍ପୃକ୍ତ ଉଦ୍ୟୋଗରୁ ବହୁ ସମ୍ମାନଜନକ ପୁରସ୍କାର ବିଜୟୀ ହେବା ପରେ ସଞ୍ଜୟଙ୍କ ସଫଳତାରେ ଆଉ ଏକ ଫର୍ଦ୍ଦ ଯୋଡ଼ିହୋଇଯାଇଛି। ସେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ପକ୍ଷରୁ ବିଜନେସ୍ ଏମିନେନ୍ସ ଆୱାର୍ଡ ପାଇବାକୁ ଯାଉଛନ୍ତି।

# ସ୍କ୍ରାପେଜ୍ ପଲିସି କାର୍ ବିକ୍ରି ବଢ଼ାଇବ



**କରୋନା ମହାମାରୀର ପ୍ରଭାବ ସାଙ୍ଗକୁ ବର୍ଦ୍ଧିତ ତେଲ ଦର ଯାନ ବିକ୍ରି ବୃଦ୍ଧିରେ ବାଧକ ସାଜି ଅଟୋ ସେକ୍ଟର ପାଇଁ ଆଉ ଏକ ଚିନ୍ତାର କାରଣ ପାଲଟିଛି। ତେଲ ଦର ବୃଦ୍ଧିଜନିତ ଚିନ୍ତା କମାଇବା ଲାଗି ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସମ୍ପର୍କରେ ଧରିତ୍ରୀକୁ ସାକ୍ଷାତ୍କାର ଦେବାବେଳେ ବତାଇଛନ୍ତି ଏସ୍ପିରିଟ୍ ଟୟୋଟା ମ୍ୟାନେଜିଂ ଡାଇରେକ୍ଟର ସୁନୀଲ ତନେଜା।**

ଧରିତ୍ରୀ | OrissaPOST
BUSINESS EMINENCE AWARDS

**▶ ମହାମାରୀ ଓ ତୈଳ ଦର ବୃଦ୍ଧି ବିକ୍ରିକୁ ପ୍ରଭାବିତ କରିଛି, ନୁହେଁ କି ?**

ହଁ, ନିଶ୍ଚିତ। ମହାମାରୀ ଯୋଗୁ ଅଟୋମୋବାଇଲ୍ କ୍ଷେତ୍ରର ଅଭିବୃଦ୍ଧି ନିମ୍ନଗାମୀ ହୋଇଛି। ଲକ୍‌ଡାଉନ୍ କାରଣରୁ ମଧ୍ୟ ବିକ୍ରି ଅତି ନିମ୍ନସ୍ତରରେ ରହିଥିଲା। ଅନ୍ୟପକ୍ଷରେ ବଢୁଥିବା ତୈଳ ଦର ଏହି କ୍ଷେତ୍ର ଲାଗି ଚିନ୍ତା ବଢ଼ାଇଦେଇଛି। ତୈଳ ଦର ବୃଦ୍ଧି ଫଳରେ ବିକ୍ରି ମଧ୍ୟ ପ୍ରଭାବିତ ହୋଇଛି। ପ୍ରକୃତରେ ମହାମାରୀ ପରେ ସବୁ ସାମଗ୍ରୀର ଦରଦାମ ବଢ଼ିଛି। ମୋ ମତରେ ସରକାର ଇଲେକ୍ଟ୍ରିକ୍ ଓ ହାଇବ୍ରିଡ୍ ଯାନଗୁଡ଼ିକୁ ବଜାରକୁ ଆଣିବା ନେଇ ଯୋଜନା କରିଥିଲେ ଭଲ ହୋଇଥାଆନ୍ତା। ଫଳରେ ଇନ୍ଧନ ଉପରେ ନିର୍ଭରଶୀଳତା କମ୍ ହୋଇଥାନ୍ତା। ସରକାର ପ୍ରତିକ୍ରିୟାଶୀଳ ହେବା ପରିବର୍ତ୍ତେ ଅଧିକ ସକ୍ରିୟ ହେବା ଉଚିତ। ବର୍ତ୍ତମାନ ପାଇଁ ଶତ ପ୍ରତିଶତ ଉପଯୋଗୀ ହେବ ନାହିଁ। କାରଣ ଏଥିଲାଗି ଆବଶ୍ୟକ ଭିତ୍ତିଭୂମି ପ୍ରସ୍ତୁତ ହେବାକୁ ସମୟ ଲାଗିବ। କିନ୍ତୁ ଏସବୁର ବିକ୍ରି ଆରମ୍ଭ ହେବା ଉଚିତ। ୨୦୨୩ ବେଳକୁ ଅଧିକ କିଛି ପଦକ୍ଷେପ ନିଆଯାଇ ସାରିଥିବ ବୋଲି ଆଶା। କେନ୍ଦ୍ର ସରକାର ଉପଯୁକ୍ତ ପ୍ରୋତ୍ସାହନ ଦେଲେ ଏହି ଦୁଇ ପ୍ରକାର କାର୍ ବିକ୍ରି ବୃଦ୍ଧି ପାଇବ। ତେବେ ପ୍ରଯୁକ୍ତି ଓ ମୂଲ୍ୟ ଉପରେ ନିର୍ଭର କରୁଛି ଏହା ଅଟୋ ବଜାରର କେତେ ଶେୟାର ଅକ୍ତିଆର କରିବ। ଏବେ ସରକାର ଇଭିକୁ ପ୍ରେତ୍ସାହିତ କରିଛନ୍ତି ଓ ଏ ଦିଗରେ ଆହୁରି ସକ୍ରିୟ ଦୃଷ୍ଟି ଦେବା ଉଚିତ।

**▶ ବିକ୍ରି ସାଧାରଣ ସ୍ତରକୁ କେବେ ଆସିବ ?**

ଆମେ ଭାବୁଛୁ, ଖୁବ୍‌ଶୀଘ୍ର ବିକ୍ରି ସାଧାରଣ ସ୍ତରକୁ ଆସିଯିବ। ସରକାର ସ୍କ୍ରାପେଜ୍ ନୀତି ଘୋଷଣା କରିଛନ୍ତି, ଯାହାକି ଲୋକଙ୍କୁ ସେମାନଙ୍କ ପୁରୁଣା କାର୍ ଛାଡ଼ିବା ଲାଗି ପ୍ରୋତ୍ସାହିତ କରିବ। ଫଳରେ ବଜାରରେ ଚାହିଦା ବୃଦ୍ଧି ପାଇବ। ସେହିପରି ସରକାର ହାଇବ୍ରିଡ୍ ଓ ବିଦ୍ୟୁତ୍‌ଚାଳିତ ଯାନକୁ ପ୍ରୋତ୍ସାହନ ଦେଇ ସେଗୁଡ଼ିକର ଚାହିଦା ବୃଦ୍ଧି ଦିଗରେ ଉଦ୍ୟମ କରିବା ଉଚିତ। ସାରା ଦେଶରେ ଟିକାକରଣ ଅଭିଯାନ ଆରମ୍ଭ ହୋଇଥିବାରୁ ବିକ୍ରି ମଧ୍ୟ ବଢ଼ିବ। ଏହାଛଡ଼ା ମହାମାରୀ ଯୋଗୁ ଲୋକଙ୍କ ମନୋଭାବରେ ପରିବର୍ତ୍ତନ ଆସିଛି। ଲୋକେ ଭଡ଼ା ଗାଡ଼ି ବଦଳରେ ନିଜ ଗାଡ଼ି ବ୍ୟବହାର କରିବାକୁ ଅଧିକ ପସନ୍ଦ କରୁଛନ୍ତି ଏବଂ ଆଗକୁ ମଧ୍ୟ କରିବେ।

**▶ ବିଦ୍ୟୁତ୍‌ଚାଳିତ ଯାନ ଓ ହାଇବ୍ରିଡ୍ କାର୍ ଲାଗି ଆମେ ପ୍ରସ୍ତୁତ କି ?**

ଦେଖନ୍ତୁ, ସିଏନ୍‌ଜି, ଇଭି ବା ବିଦ୍ୟୁତ୍‌ଚାଳିତ ଯାନ ଏବଂ ହାଇବ୍ରିଡ୍ ଯାନ

**▶ ବଜେଟ ଉପରେ ମତାମତ ?**

ସ୍କ୍ରାପେଜ୍ ପଲିସି ବିଷୟରେ ଶୁଣି ଆମେ ଖୁସି। ଏହି ନୀତି ବହୁ ପୂର୍ବରୁ ଆସିବା ଦରକାର ଥିଲା। ବଜେଟରେ ଜିଏସ୍‌ଟି କମ୍ ହେବ ବୋଲି ଭାବୁଥିଲୁ। ହେଲେ କେନ୍ଦ୍ର ସରକାର ଜିଏସ୍‌ଟି କମ୍ କଲେ ନାହିଁ। ହାଇବ୍ରିଡ୍ କାରକୁ ପ୍ରୋତ୍ସାହନ ଦିଆଯିବ ବୋଲି ଆମେ ଆଶାବାଦୀ।

**▶ ଭାରତୀୟ ଅର୍ଥନୀତିର ଅଭିବୃଦ୍ଧି କେବେ ହେବ ବୋଲି ଚିନ୍ତା କରୁଛନ୍ତି ?**

ଦେଖନ୍ତୁ, କେନ୍ଦ୍ର ଓ ରାଜ୍ୟ ସରକାରଗୁଡ଼ିକ ଏଦିଗରେ ଯଥାସମ୍ଭବ ଉଦ୍ୟମ କରୁଛନ୍ତି। କିନ୍ତୁ ମୋ ମତରେ ଭାରତର ଅର୍ଥନୈତିକ ଅଭିବୃଦ୍ଧି ଶୀଘ୍ର ହେବ। ଏଠାରେ ଚାହିଦା ରହିଛି। ତା'ସହ ପ୍ରତି କ୍ଷେତ୍ରରେ ସରକାର ବିପୁଳ ବ୍ୟୟ କରୁଛନ୍ତି। ଘରୋଇ ଶିଳ୍ପଗୁଡ଼ିକ ମଧ୍ୟ ନିଜ ନିଜ ଦକ୍ଷତା ଅନୁଯାୟୀ ନିବେଶ କରୁଛନ୍ତି। ତେଣୁ ଆଉ ଦୁଇବର୍ଷ ଲାଗିଯିବ।

# ଫେଲ୍ ମାରିଲା ସର୍ବଦଳୀୟ ବୈଠକ

ଭୁବନେଶ୍ୱର,୧୬।୩(ବ୍ୟୁରୋ)

ଧାନ ପ୍ରସଙ୍ଗ ଆଲୋଚନା ହେଉ। ମଣ୍ଡିରୁ ଚାଷୀଙ୍କର ଧାନ ଉଠାଇବାକୁ ସରକାର ପ୍ରତିଶ୍ରୁତି ଦିଅନ୍ତୁ। ତା' ପରେ ବିଧାନସଭା ଚାଲିବ। ବିଧାନସଭାରେ ଆତ୍ମହତ୍ୟା ଉଦ୍ୟମ କରିଥିବା ଭାଜପା ବିଧାୟକ ସୁବାସ ପାଣିଗ୍ରାହୀ କ୍ଷମା ମାଗନ୍ତୁ। ନଚେତ୍ ବିଧାନସଭା ଚଳାଇ ଦିଆଯିବ ନାହିଁ। ଏମିତି ଜିଦ୍‌ରେ ଅଡ଼ି ବସିଛନ୍ତି ବିରୋଧୀ ଓ ଶାସକ। ମଣ୍ଡି ଅବ୍ୟବସ୍ଥା, ଧାନ କିଣା ଏବଂ ଭାଜପା ବିଧାୟକଙ୍କ ଆତ୍ମହତ୍ୟା ଉଦ୍ୟମକୁ ନେଇ ବିରୋଧୀ ଓ ଶାସକ ମୁହାଁମୁହିଁ ଅବସ୍ଥାରେ ରହିଛନ୍ତି। କେହି ନିଜ ଜିଦ୍‌ରୁ ନ ଓହରିବାରୁ ଲଗାତର ୪ ଦିନ ଲାଗି ବିଧାନସଭା ଅଚଳ ହୋଇଛି। ଧାନ କିଣା ବ୍ୟବସ୍ଥାକୁ ନେଇ ବିରୋଧୀ ଭାଜପା ଓ କଂଗ୍ରେସ ସରକାରଙ୍କୁ ଆକ୍ରମଣ ଜାରି ରଖିଥିବା ବେଳେ ବିଧାନସଭାରେ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିବାରୁ ଭାଜପା ବିଧାୟକ ସୁବାସ ପାଣିଗ୍ରାହୀ ଗୃହରେ କ୍ଷମା ମାଗନ୍ତୁ ଦାବିରେ ଶାସକ ବିଜେଡି ସଦସ୍ୟମାନେ ବିଧାନସଭାରେ ହଟ୍ଟଗୋଳ କରୁଛନ୍ତି। ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିଧାନସଭା ରଣକ୍ଷେତ୍ର ପାଲଟି ଯାଉଛି। ଅଧା ମିନିଟ୍ କିମ୍ବା ଅତିବେଶିରେ ମିନିଟିଏ ଗୃହକାର୍ଯ୍ୟ ଆରମ୍ଭ ହୋଇ ମୁଲତବୀ ମୋଡକୁ ଚାଲି ଯାଉଛି। ବିରୋଧୀ ଓ ଶାସକ ଦଳ ସଭ୍ୟଙ୍କ ହଟ୍ଟଗୋଳରେ ବିଧାନସଭାର ପ୍ରଶ୍ନକାଳ, ଶୂନ୍ୟକାଳ, ମୁଲତବୀ, ବଜେଟ ଆଲୋଚନା ସବୁ କିଛି ଫିକା ପଡ଼ିଯାଉଛି। ବାଚସ୍ପତି ବାଧ୍ୟ ହୋଇ ଗୃହକୁ ମୁଲତବୀ ଘୋଷଣା କରୁଛନ୍ତି। ଗୃହକୁ ସ୍ୱାଭାବିକ ଅବସ୍ଥାକୁ ଫେରାଇ ଆଣିବାକୁ ବାଚସ୍ପତି ଡାକିଥିବା ସର୍ବଦଳୀୟ ବୈଠକ ମଧ୍ୟ ଫେଲ୍ ମାରିଛି। ବିନା ନିଷ୍କର୍ଷରେ ଦୀର୍ଘ ଆଲୋଚନା ଶେଷ ହୋଇଛି।

ମଙ୍ଗଳବାର ବିଧାନସଭାରେ ମଧ୍ୟ ସମାନ ଅବସ୍ଥା ଦେଖିବାକୁ ମିଳିଥିଲା। ପୂର୍ବାହ୍ନ ୧୦ଟା ୩୦ ମିନିଟ୍‌ରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ସଭା କାର୍ଯ୍ୟ ଆରମ୍ଭ କରିବା ମାତ୍ରେ ବିରୋଧୀ କଂଗ୍ରେସ ଓ ଭାଜପା ସଦସ୍ୟମାନେ ଧାନ ସମସ୍ୟାକୁ ନେଇ ଗୃହର ମଧ୍ୟଭାଗକୁ ଧସେଇ ପଶିଥିଲେ। ଶାସକ ଦଳର ସଦସ୍ୟମାନେ ମଧ୍ୟ ଭାଜପା ବିଧାୟକ କ୍ଷମା ମାଗିବା ଦାବିରେ ଗୃହର ମଧ୍ୟ ଭାଗରେ ହଟ୍ଟଗୋଳ କରିଥିଲେ। ସମସ୍ତ ସଦସ୍ୟ ହଟ୍ଟଗୋଳରେ ମାତିଥିବାରୁ ବାଚସ୍ପତି ପ୍ରଶ୍ନକାଳ ଆରମ୍ଭ କରି ପାରି ନ ଥିଲେ। କିପରି ଗୃହକୁ ସ୍ୱାଭାବିକ ଅବସ୍ଥାକୁ ଆଣିବେ ସେ କଥା ମଧ୍ୟ ବୁଝିପାରି ନ ଥିଲେ। କେବଳ ସଦସ୍ୟମାନଙ୍କୁ ଚାହିଁ ରହିବା ଛଡ଼ା ବାଚସ୍ପତିଙ୍କ ପାଖରେ କୌଣସି ଉପାୟ ନ ଥିଲା। ପରିସ୍ଥିତି ବିଗୁଡୁଥିବା ଦେଖି ବାଚସ୍ପତି ମାତ୍ର ୧ ମିନିଟ ପରେ ୧୦ଟା ୩୧ରୁ ୧୧ଟା ୩୦ ମିନିଟ୍ ଯାଏ ଗୃହକୁ ମୁଲତବୀ ଘୋଷଣା କରିଥିଲେ। ୧୧ଟା ୩୦ରେ ପୁଣି ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ବିରୋଧୀ ଓ ଶାସକ ସଭ୍ୟମାନେ ପୁଣି ହୋହଲ୍ଲା କରିଥିଲେ। ବାଚସ୍ପତି ବାଧ ହୋଇ ଗୃହକୁ ୧୧ଟା ୩୧ରୁ ପୁଣି ୩୦ ମିନିଟ୍ ଯାଏ ମୁଲତବୀ ଘୋଷଣା କରିଥିଲେ। ୧୨ଟା ୧ ମିନିଟ୍‌ରେ ପୁଣି ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ଶାସକ ବିରୋଧୀ ହଟ୍ଟଗୋଳରେ ମାତି ଯାଇଥିଲେ। ବାଚସ୍ପତି ସଦସ୍ୟମାନଙ୍କୁ ନିଜ ସିଟ୍‌କୁ ଯିବାକୁ ଯେତେ ଅନୁରୋଧ କରିଥିଲେ ସୁଦ୍ଧା ପରିସ୍ଥିତିରେ ସୁଧାର ଆସି ନ ଥିଲା। ଗୃହରେ ସ୍ୱାଭାବିକ ଅବସ୍ଥା ଫେରାଇ ଆଣିବାକୁ ବାଚସ୍ପତି ସର୍ବଦଳୀୟ ବୈଠକ ଡାକିଥିଲେ। ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର, ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ, କୃଷିମନ୍ତ୍ରୀ ଅରୁଣ ସାହୁ, ସରକାରୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ବିରୋଧୀ ଦଳ ଉପନେତା ବିଷ୍ଣୁଚରଣ ସେଠୀ, ବିଧାୟକ ଲକ୍ଷ୍ମଣ ମୁଣ୍ଡା, ପ୍ରଣବ ପ୍ରକାଶ ଦାସ, ମୋହନ ମାଝି, ତାରା ପ୍ରସାଦ ବାହିନୀପତିଙ୍କୁ ବୈଠକରେ ଯୋଗଦେବାକୁ ଅନୁରୋଧ କରିଥିଲେ। ୧୨ଟା ୧ ମିନିଟ୍‌ରୁ ସର୍ବଦଳୀୟ ବୈଠକ ଆରମ୍ଭ ହୋଇଥିଲା। ବୈଠକରେ ତିନି ଦଳ ଭିନ୍ନ ଭିନ୍ନ ଆଭିମୁଖ୍ୟ ପୋଷଣ କରିଥିଲେ। ବୈଠକରେ ପ୍ରଥମେ ଚାଷୀମାନଙ୍କ ଧାନ ଉଠାଇବା କଥା ଆଲୋଚନା କରିବାକୁ କଂଗ୍ରେସ ଦାବି କରିଥିଲା। ଅନ୍ୟପକ୍ଷରେ ବିଧାନସଭାର ମର୍ଯ୍ୟାଦା ହାନି ହୋଇଥିବା ଦର୍ଶାଇ ଭାଜପା ବିଧାୟକ ଗୃହରେ କ୍ଷମା ମାଗନ୍ତୁ ବୋଲି ବିଜେଡି ଦାବି କରିଥିଲା। ଭାଜପା ଧାନ ସମସ୍ୟା ସମାଧାନ ଉପରେ ଗୁରୁତ୍ୱ ଦେଇଥିଲା। କୌଣସି ଦଳ ନିଜ ଜିଦ୍‌ରୁ ଓହରିବାକୁ ରାଜି ନ ହେବାରୁ ବୈଠକରେ କୌଣସି ନିଷ୍କର୍ଷ ବାହାରିପାରୁ ନାହିଁ। ନିଜ ପ୍ରସ୍ତାବ ଗ୍ରହଣୀୟ ନ ହେବାରୁ କଂଗ୍ରେସ ସଦସ୍ୟ ବୈଠକର ଅଧାରୁ ଉଠି ଚାଲି ଯାଇଥିଲେ। ଦୀର୍ଘ ୧ ଘଣ୍ଟା କାଳ ଆଲୋଚନା ହୋଇଥିଲେ ମଧ୍ୟ କୌଣସି ନିଷ୍କର୍ଷ ବାହାରି ପାରିଲା ନାହିଁ। ପୁଣି ଅପରାହ୍ନରେ ସର୍ବଦଳୀୟ ବୈଠକ ବସିଥିଲା। ଅପରାହ୍ନ ୪ଟାରୁ ୫ଟା ଯାଏ ବୈଠକ ହୋଇଥିଲେ ମଧ୍ୟ କୌଣସି ନିଷ୍କର୍ଷ ବାହାରି ନାହିଁ। ଫଳରେ ବାଚସ୍ପତି ବାଧ୍ୟ ହୋଇ ଗୃହକୁ ବୁଧବାର ପୂର୍ବାହ୍ନ ୧୦ଟା ୩୦ ମିନିଟ୍ ଯାଏ ମୁଲତବୀ ଘୋଷଣା କରିଥିଲେ।

**ଜିଦ୍‌ରେ ବିରୋଧୀ-ଶାସକ**
- ୪ ଦିନ ଗୃହ ଅଚଳ
- ବୈଠକ ଅଧାରୁ କଂଗ୍ରେସର ବର୍ଜନ
- ହଟ୍ଟଗୋଳ, ବାରମ୍ବାର ମୁଲତବୀ



ବିଧାନସଭାରେ ବିରୋଧୀ ଦଳର ସଦସ୍ୟମାନେ ହୋହଲ୍ଲା କରୁଛନ୍ତି।

# ୭ ଲକ୍ଷ ପ୍ରବାସୀ ଶ୍ରମିକଙ୍କୁ ୧୩୪ କୋଟି କୋଭିଡ୍ ସହାୟତା

ଭୁବନେଶ୍ୱର,୧୬।୩(ବ୍ୟୁରୋ)

କରୋନା ସଂକ୍ରମଣ ସମୟରେ ମାର୍ଚ୍ଚରୁ ଅକ୍ଟୋବର ମଧ୍ୟରେ ୧୦,୦୭,୩୩୦ ପ୍ରବାସୀ ରାଜ୍ୟକୁ ଫେରିଥିଲେ। ପ୍ରବାସୀ ଶ୍ରମିକମାନଙ୍କୁ ସଙ୍ଗରୋଧ କେନ୍ଦ୍ରରେ ନିର୍ଦ୍ଦିଷ୍ଟ ଅବଧି ପରେ ତତ୍କାଳ ସହାୟତା ବାବଦକୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ଜଣ ପିଛା ୨ ହଜାର ଟଙ୍କାର ସହାୟତା ଦିଆଯାଇଛି। ୨୦୨୦ ଅଗଷ୍ଟରେ ୬,୭୩,୦୭୯ ଜଣ ପ୍ରବାସୀ ଶ୍ରମିକଙ୍କୁ ୧୩୪.୬୨ କୋଟି ଟଙ୍କା ପ୍ରଦାନ କରାଯାଇଛି। ବିଜେଡି ସଭ୍ୟ ସୌମ୍ୟ ରଞ୍ଜନ ପଟ୍ଟନାୟକଙ୍କ ଲିଖିତ ପ୍ରଶ୍ନର ଉତ୍ତରରେ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ସୁଶାନ୍ତ ସିଂହ ମଙ୍ଗଳବାର ଗୃହରେ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ଶ୍ରମିକମାନଙ୍କ ଜୀବିକା ନିରାପତ୍ତା ନିମନ୍ତେ ରାଜ୍ୟ ସରକାର ବିଭିନ୍ନ ବିଭାଗ ଦ୍ୱାରା କାର୍ଯ୍ୟକାରୀ କରାଯାଉଥିବା କୋଭିଡ୍-୧୯ ସ୍ୱତନ୍ତ୍ର ଆର୍ଥିକ ପ୍ୟାକେଜକୁ କାର୍ଯ୍ୟକାରୀ କରାଯାଉଛି। ସରକାରଙ୍କ ଅନୁମୋଦନ କ୍ରମେ ଓଡିଶା କୋଠାବାଡ଼ି ଓ ଅନ୍ୟାନ୍ୟ ଶ୍ରମିକ କଲ୍ୟାଣ ବୋର୍ଡ ତରଫରୁ ପଞ୍ଜୀକୃତ ଶ୍ରମିକମାନଙ୍କୁ ୧୫୦୦ ଟଙ୍କା ଲେଖାଏ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ତେବେ କଟକଣା କୋହଳ ପରେ କେତେ ଶ୍ରମିକ ଅନ୍ୟ ରାଜ୍ୟକୁ ପଳାଇଛନ୍ତି ସେ ସଂକ୍ରାନ୍ତ ତଥ୍ୟ ବିଭାଗର ହସ୍ତଗତ ହୋଇ ନାହିଁ ବୋଲି ମନ୍ତ୍ରୀ କହିଛନ୍ତି।




୩ ଦଫା ଦାବିରେ ଓଡ଼ିଶା ରାଜ୍ୟ ସାକ୍ଷର ଭାରତ କର୍ମଚାରୀ ସଂଘ ପକ୍ଷରୁ ମଙ୍ଗଳବାର ଭୁବନେଶ୍ୱର ପିଏମ୍‌ଜିରେ ବିକ୍ଷୋଭ।

# ୧.୨୪ ଲକ୍ଷ ଲୋକଙ୍କର ଛାତଘର ନାହିଁ

ଭୁବନେଶ୍ୱର,୧୬।୩(ବ୍ୟୁରୋ)

**ସହରାଞ୍ଚଳ ପକ୍କାଘର**
- ବଜେଟରେ ୩୧୭ କୋଟି ବ୍ୟୟ ବରାଦ

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସହରାଞ୍ଚଳରେ ବାସଗୃହ ଯୋଗାଇ ଦେବାକୁ ଚଳିତ ବଜେଟରେ ୩୧୭.୭୬ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ଭାଜପା ସଭ୍ୟ ମୋହନ ଚରଣ ମାଝିଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ମଙ୍ଗଳବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ରାଜ୍ୟରେ ସହରାଞ୍ଚଳରେ ବାସ କରୁଥିବା ଲୋକଙ୍କ ମଧ୍ୟରୁ ୧ ଲକ୍ଷ ୨୪ ହଜାର ୪୧ ଲୋକଙ୍କର ଛାତ ଘର ନାହିଁ। ସେମାନଙ୍କ ମଧ୍ୟରେ ୨୩,୩୪୫ ଅନୁସୂଚୀତ ଜନଜାତି, ୨୨,୨୫୨ ଅନୁସୂଚୀତ ଜାତି ଓ ୩୩,୩୨୭ ଅର୍ଥ ନୈତିକ ଦୁର୍ବଳ ବର୍ଗର ଲୋକ ଅଛନ୍ତି। ୨୦୧୨-୧୩ରୁ ଏ ପର୍ଯ୍ୟନ୍ତ ସ୍ୱଳ୍ପ ମୂଲ୍ୟରେ ୭୮,୯୩୮ ବାସଗୃହ ଯୋଗାଇ ଦିଆଯାଇଛି। ସେଥିରୁ ୨୦୦୯ରୁ ୨୦୧୫ ମଧ୍ୟରେ ବେସିକ ସର୍ଭିସ ଟୁ ଅର୍ବାନ ପୋର ଯୋଜନାରେ ୧,୭୭୮ ବାସଗୃହ ଯୋଗାଇ ଦିଆଯାଇଥିବା ବେଳେ ସମନ୍ୱିତ ଗୃହ ଓ ବସ୍ତି ଉନ୍ନୟନ ଯୋଜନାରେ ୧୧,୨୯୬ , ରାଜୀବ ଅବାସ ଯୋଜନାରେ ୨୦୧୩ରୁ ୪୭୭୩ ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୬୧,୦୯୧ ଗୃହ ଯୋଗାଇ ଦିଆଯାଇଛି।

# ମୁଣ୍ଡ ପିଛା ପାନୀୟ ଜଳ ମିଳୁଛି ୪୦ ଲିଟର

ଭୁବନେଶ୍ୱର,୧୬।୩(ବ୍ୟୁରୋ)

ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ୨୦୧୭-୧୮ରୁ ଦୈନିକ ମୁଣ୍ଡିପଛା ୭୦ ଲିଟର ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦେବାକୁ ନିଷ୍ପତ୍ତିନେଇଛନ୍ତି। ତେବେ ରାଜ୍ୟର ଗ୍ରାମୀଣ ପରିବାରଙ୍କୁ ଦୈନିକ ୪୦ ଲିଟର ହିସାବରେ ପାନୀୟ ଜଳ ଯୋଗାଇ ଦିଆଯାଉଛି। ନିଅଣ୍ଟ ପଡୁଥିବା ୩୦ ଲିଟର ଜଳ ଯୋଗାଇ ଦେବାକୁ ପଦକ୍ଷେପ ନିଆଯାଉଛି। ବିଧାୟକ ଶଙ୍କର ଓରାମଙ୍କ ଲିଖିତ ପ୍ରଶ୍ନର ଉତ୍ତରରେ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ପ୍ରତାପ ଜେନା ମଙ୍ଗଳବାର ଏହି ସୂଚନା ଦେଇଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୧୭ ମାର୍ଚ୍ଚ, ୨୦୨୧

## ୧୯୨୦ ଲିଟର ଦେଶୀ ମଦ ଜବତ

ଆଠଗଡ଼,(ସ୍ୱ.ପ୍ର.): କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ ତଥା ଜିଲା ଅବକାରୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଟିଗିରିଆ ଥାନା ଅନ୍ତର୍ଗତ ଭିରୁଡ଼ା ଓ ବଡ଼ମ୍ବାର ଡେଲିଆପାଳ ଅଞ୍ଚଳରେ ଚଢ଼ାଉ କରାଯାଇ ୧୯୨୦ ଲିଟର ଦେଶୀ ମଦ ଜବତ କରାଯାଇଛି। ଏଥିସହ ୨୦,୪୦୦ ଲିଟର ଗୁଡ଼ପୋଚ ନଷ୍ଟ କରାଯାଇଛି। ଏନେଇ ବିଭାଗ ପକ୍ଷରୁ ୮ଟି ମାମଲା ରୁଜୁ ହୋଇଛି। କିନ୍ତୁ ଅଭିଯୁକ୍ତମାନେ ଧରାପଡ଼ିନାହାନ୍ତି। ଅବକାରୀ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଦେବାଶିଷ ପଟେଲଙ୍କ ନେତୃତ୍ୱରେ ଆଠଗଡ଼ ଅବକାରୀ ନିରୀକ୍ଷକ ପ୍ରଭାସ ଚୌଧୁରୀ, ମୋବାଇଲ ଇନ୍ସପେକ୍ଟର ସଞ୍ଜିତ କୁମାର ବାର୍ଲା, ସବ୍‌ଇନ୍ସପେକ୍ଟର ବିଜୟ କୁମାର ଭଞ୍ଜ, ବେଣୁଧର ସାମଲ ଓ ମଙ୍ଗଲୁ ଚରଣ ମାଝି ପ୍ରମୁଖ ଏହି ଚଢ଼ାଉରେ ସାମିଲ ହୋଇଥିଲେ।



## ସଂକ୍ଷେପରେ

### ୭ ବଖରା ଜଳିଗଲା

ନିଶ୍ଚିନ୍ତକୋଇଲି, ୧୬।୩ (ସ୍ୱ.ପ୍ର.): ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ବରପଡ଼ା ଗ୍ରାମରେ ମଙ୍ଗଳବାର ଅଗ୍ନିକାଣ୍ଡ ଘଟି ରଘୁନାଥ ବେହେରାଙ୍କ ୨, ଶିବପ୍ରସାଦ ବେହେରାଙ୍କ ୪ ଓ ଅମ୍ବିକା ବେହେରାଙ୍କ ଗୋଟିଏ ବଖରା ଜଳିଯାଇଛି। ଅଗ୍ନିକାଣ୍ଡରେ ସେମାନଙ୍କ ଘରର ଆସବାବପତ୍ର ସମେତ ଅନ୍ୟ ସାମଗ୍ରୀ ପୋଡ଼ିଯାଇଛି। ନିଆଁ ଲାଗିବାର କାରଣ ସ୍ପଷ୍ଟ ହୋଇନାହିଁ। ପ୍ରଥମେ ରଘୁନାଥ ଘରେ ନିଆଁ ଲାଗି ଅନ୍ୟ ଆଡ଼େ ବ୍ୟାପି ଯାଇଥିଲା। ନିଶ୍ଚିନ୍ତକୋଇଲି ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ମାତ୍ର ସେତେବେଳକୁ ସବୁ ଜଳି ଯାଇଥିଲା।

### ୨ ହାଇୱା ଜବତ: ୩୦ ହଜାର ଜରିମାନା ଆଦାୟ

ବାଙ୍କୀ,୧୬।୩(ବି.ପ୍ର.): ଡମପଡ଼ା ତହସିଲ କାର୍ଯ୍ୟାଳୟ ପକ୍ଷରୁ ସୋମବାର ରାତିରେ ଏହି ବ୍ଲକ ଅନ୍ତର୍ଗତ ଜାତମୁଣ୍ଡିଆ ଛକରୁ ଗୋଟିଏ ଚିପ୍ସ ବୋଝେଇ ଓ ଦୁଲଣପୁରରୁ ଏକ ବାଲି ବୋଝେଇ ହାଇୱା ଜବତ କରାଯାଇଛି। ଉଭୟ ଗାଡ଼ିର ଅନୁମତି ପତ୍ର ଠିକ୍ ନ ଥିବାରୁ ଜରିମାନା ବାବଦରେ ଯଥାକ୍ରମେ ୧୮ ହଜାର ଓ ୧୨ ହଜାର ଟଙ୍କା ଆଦାୟ କରାଯାଇଛି।

### ବୁଣାକାରଙ୍କୁ ତନ୍ତ, ସରଞ୍ଜାମ ପ୍ରଦାନ

ଟିଗିରିଆ, ୧୬।୩(ଡି.ଏନ.ଏ): ଟିଗିରିଆ ବ୍ଲକ ଅନ୍ତର୍ଗତ ନୂଆପଟଣାସ୍ଥିତ ନଂ.୧ ତନ୍ତୁବାୟ ସହଯୋଗ ସମିତି ପରିସରରେ ମଙ୍ଗଳବାର ଜାତୀୟ ହସ୍ତତନ୍ତ ଉନ୍ନୟନ ଯୋଜନାରେ ବୁଣାକରା ସେବା କେନ୍ଦ୍ର ଭୁବନେଶ୍ୱର ପକ୍ଷରୁ ୨୫୧ ଜଣ ବୁଣାକାରଙ୍କୁ ତନ୍ତ ଓ ସରଞ୍ଜାମ ପ୍ରଦାନ କରାଯାଇଛି। ଏନେଇ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ଟିଗିରିଆ ପଞ୍ଚାୟତ ସମିତି ଅଧ୍ୟକ୍ଷା ରୂପା ଦଳେଇ, ସମ୍ମାନିତ ଅତିଥି ନଂ.୧ ବୁଣାକାର ସମିତି ପୂର୍ବତନ ସଭାପତି ମହେନ୍ଦ୍ର କୁଣ୍ଡୁ, ସାମାଜିକ କର୍ମୀ ଧ୍ରୁବଚରଣ ଦାଶ, ଟିଗିରିଆ ବ୍ଲକ ଆତ୍ମା କମିଟି ଅଧ୍ୟକ୍ଷ ହରେନ୍ଦ୍ର ଦଳେଇ, ବୟନ ତତ୍ତ୍ୱାବଧାରକ ଦାମୋଦର ବେହେରା ଯୋଗଦେଇଥିଲେ।

### ଗାନ୍ଧିଜୀଙ୍କ ଓଡ଼ିଶା ଆଗମନର ଶତବାର୍ଷିକୀ ପାଳନ ପ୍ରସ୍ତୁତି ବୈଠକ

କଟକ ଅଫିସ, ୧୬।୩: କଟକ ନଗର କଂଗ୍ରେସ କମିଟି ପକ୍ଷରୁ ପୁରୀଘାଟସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ଆଗମନର ଶତବାର୍ଷିକୀ ଉତ୍ସବ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବିଧାୟକ ଇଂ. ମହମ୍ମଦ ମୋକିମ ଯୋଗଦେଇ ଗାନ୍ଧିଜୀଙ୍କ ଆଗମନର ଜାତୀୟ ଚେତନାକୁ ସର୍ବସାଧାରଣରେ ପହଞ୍ଚାଇବା ପାଇଁ ଆସନ୍ତା ୨୨ରୁ ୨୮ ତାରିଖ ସପ୍ତାହ ବ୍ୟାପୀ ମହୋତ୍ସବ ପାଳନ ପାଇଁ କହିଥିଲେ। ୨୨ ତାରିଖରେ କଦମରସୁଲଠାରେ ସମାବେଶ, ୨୩ରେ ଏକ ପଦଯାତ୍ରା ରେଲୱେ ଷ୍ଟେଶନଠାରୁ ବାହାରି ସହର ପରିକ୍ରମା କରି ଚାନ୍ଦିନୀଚୌକ ବେଲଭ୍ୟୁଠାରେ ପହଞ୍ଚିବ। ଗାନ୍ଧିଜୀଙ୍କ ନୀତି ଓ ଆଦର୍ଶର ପ୍ରଚାର ପ୍ରସାର ପାଇଁ କଟକ ସହରକୁ ଉତ୍ସବ ମୁଖର କରିବା ନିମନ୍ତେ ସମସ୍ତଙ୍କର ଦାୟିତ୍ୱ ରହିଛି ବୋଲି ବିଧାୟକ କହିଥିଲେ। ନଗର କଂଗ୍ରେସ ସଭାପତି ଗିରିବାଳା ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ପୂର୍ବତନ ବିଚାରପତି ମନୋରଞ୍ଜନ ମହାନ୍ତି, ଗାନ୍ଧୀବାଦୀ ଡ. ବିଶ୍ୱଜିତ୍ ଯୋଗଦେଇଥିଲେ।

### ଦୀନଦୟାଲ ଉପାଧ୍ୟାୟ କର୍ମନିଯୁକ୍ତି ମେଳା

କଟକ ସଦର, ୧୬।୩(ଡି.ଏନ୍.ଏ.): କଟକ ସଦର ବ୍ଲକ ପରିସରରେ ଦୀନଦୟାଲ ଉପାଧ୍ୟାୟ କର୍ମନିଯୁକ୍ତି ମେଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ବିଧାୟକ ଚନ୍ଦ୍ରସାରଥି ବେହେରା ଉଦ୍‌ଘାଟନ କରିଥିଲେ। ବିଡିଓ ରାଜୀବ ଲୋଚନ ପରିଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଓର୍‌ମାସର କଟକ ଜିଲା ପରିଚାଳକ ବିପିନ ରାଉତ, ବିଭୁତି ଭୂଷଣ ପରିଡା, ପ୍ରମୋଦ ମହାପାତ୍ର, ସମର ବେହେରା, ଶରତ ରାୟ ଓ ଲୋପାମୁଦ୍ରା ନାୟକ ଯୋଗଦେଇଥିଲେ। ଓଡ଼ିଶା ଜୀବିକା ମିଶନର ପ୍ରୋଗ୍ରାମ ଅଫିସର ସୋନାଲି ପ୍ରିୟଦର୍ଶିନୀ ମେଳାର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ସଂଯୋଜିକା ସୂର୍ଯ୍ୟକାନ୍ତି ନାୟକ, ସମାପିକା ଦାଶ, ଅଭିପ୍ସା ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ୨୩ଟି ପଞ୍ଚାୟତର ୩୧୧ ଜଣ ଯୁବତୀଯୁବକ ତାଲିମ ସହ କର୍ମନିଯୁକ୍ତି ପାଇଁ ନାମ ପଞ୍ଜୀକରଣ କରିଥିଲେ। ଅତିରିକ୍ତ ବିଡିଓ ଗିରିଜା ପ୍ରସାଦ ବାରିକ ଧନ୍ୟବାଦ ଦେଇଥିଲେ।

# ପୋଲିସକୁ ମହିଳା କମିଶନଙ୍କ ରିପୋର୍ଟ ତଲବ

ଭୁବନେଶ୍ୱର(ବ୍ୟୁରୋ)/ଯାଁଳା, ୧୬।୩(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ଜଟଣୀ ଥାନା ଅଧୀନ ଯାଁଳା ଫାଣ୍ଡି ପରିସରରେ ଏକ ଜବତ କାର୍‌ରୁ ମହିଳାଙ୍କ କଙ୍କାଳ ଜବତ ଘଟଣାରେ ମହିଳା କମିଶନ ଅଧ୍ୟକ୍ଷା ଡ. ମିନତି ବେହେରା ମଙ୍ଗଳବାର କମିଶନରେଟ ପୋଲିସକୁ ରିପୋର୍ଟ ତଲବ କରିଛନ୍ତି। ଘଟଣାର ତଦନ୍ତ କରି ୧ ମାସ ଭିତରେ ରିପୋର୍ଟ ଦେବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ମଙ୍ଗଳବାର ଡିସିପି ଡ. ଉମାଶଙ୍କର ଦାଶ ଯାଁଳା ଫାଣ୍ଡି ପରିସରରେ ଥିବା ସମ୍ପୃକ୍ତ ଜବତ କାର୍‌କୁ ଯାଞ୍ଚ କରିଛନ୍ତି। ଏଥିସହ ଫାଣ୍ଡିଠାରୁ ଉକ୍ତ ଗାଡ଼ିର ଦୂରତା ପରଖିଥିଲେ। ମହିଳାଙ୍କ ପରିଚୟ ଜାଣିବା ପାଇଁ ସ୍ଥାନୀୟ ଅଞ୍ଚଳରେ କେତେଜଣ ଲୋକଙ୍କୁ ପଚାରିବା ସହ ଆଶ୍ରୟସ୍ଥଳ ବିଷୟରେ ସବିଶେଷ ତଥ୍ୟ ସଂଗ୍ରହ କରିବା ପାଇଁ ଫାଣ୍ଡି ଅଧିକାରୀଙ୍କୁ କହିଥିଲେ। ମହିଳାଙ୍କ ସମ୍ଭାବ୍ୟ ସ୍କେଚ୍‌ର ରଫ୍ ହୋଇଛି। ଆଗାମୀ ୩/୪ଦିନ ମଧ୍ୟରେ ପୁରା ଫଟୋ ଆସିଯିବ। ଏହି ଫଟୋକୁ ପ୍ରସାରଣ କରାଯାଇ ମହିଳାଙ୍କ ପରିଚୟ ପାଇବା ପାଇଁ ଉଦ୍ୟମ ହେବ ବୋଲି ଡିସିପି ଦାଶ କହିଛନ୍ତି। ଯାଞ୍ଚ ବେଳେ ଡିସିପିଙ୍କ ସହ ଏସିପି ପ୍ରାଣବନ୍ଧୁ ରାଉତ ଓ ତଦନ୍ତକାରୀ ମହିଳା ଇନ୍ସପେକ୍ଟର ବନିତା ମହାରଣା ଉପସ୍ଥିତ ଥିଲେ। ଅନ୍ୟପଟେ ଗତ ସୋମବାର ଘଟଣାକୁ ନେଇ ନିଲମ୍ବିତ ହୋଇଥିବା ଏସ୍‌ଆଇଙ୍କୁ ମହିଳା ଥାନାଧିକାରୀ ମହାରଣା ପଚରାଉଚରା କରିଥିଲେ। ଏହି ଘଟଣାରେ ସମ୍ପୃକ୍ତ ଥିବା ତଥା ବ୍ୟବଚ୍ଛେଦ କରିଥିବା ଡାକ୍ତରଙ୍କୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରାଯିବ ବୋଲି ସୂଚନା ମିଳିଛି।

ସୂଚନାଯୋଗ୍ୟ, ୨୦୧୯ରେ ଉକ୍ତ କାର୍‌ରେ ଗଞ୍ଜେଇ ଚାଲାଣ ହେଉଥିବାବେଳେ ଗଞ୍ଜାମ ପୋଲିସ ଭୁବନେଶ୍ୱର ଯାଁଳା ଫାଣ୍ଡି ଅଞ୍ଚଳରେ ଚଢ଼ାଉ କରି ଧରିଥିଲା। ସେବେଠାରୁ ଉକ୍ତ କାର୍ ଯାଁଳା ଫାଣ୍ଡି ପରିସରରେ ପଡ଼ିରହିଛି। ଗତ ଫେବୃୟାରୀ ୧୨ରେ ଗାଡ଼ି ନେବାକୁ ମାଲିକ ବିପିନ ପଟ୍ଟନାୟକ କୋର୍ଟ ଅର୍ଡର ଧରି ଫାଣ୍ଡିରେ ପହଞ୍ଚିଥିଲେ। କାର୍ ପାଖକୁ ଯିବାବେଳେ ଭିତରେ ମଣିଷ କଙ୍କାଳ ପଡ଼ିଥିବା ସହ ଦୁର୍ଗନ୍ଧ ବାହାରୁଥିଲା। କାର୍ କାଚ ଭଙ୍ଗାଯାଇଥିବା ଦେଖିବାକୁ ମିଳିଥିଲା। ପରେ ପୋଲିସ ଉକ୍ତ କଙ୍କାଳ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଏମ୍‌ସ ପଠାଇ ସାଇଣ୍ଟିଫିକ୍ ଟିମ୍ ସହ ତଦନ୍ତ ଆରମ୍ଭ କରିଥିଲା। ଏହି ଘଟଣାକୁ ନେଇ ଡିସିପି ଦାଶ ଜୋନ୍ ଏସିପିଙ୍କୁ ସ୍ପଷ୍ଟୀକରଣ ମାଗିଥିଲେ। ଗତ ୬ ତାରିଖରେ ଫାଣ୍ଡି ଅଧିକାରୀ ଡିସିପିଙ୍କ ପାଖରେ ଏକ ସ୍ପଷ୍ଟୀକରଣ ପତ୍ର ଉପସ୍ଥାପନ କରିଥିଲେ, ଯେଉଁଥିରେ ଏ ଘଟଣା ସମ୍ପର୍କରେ ସେ କିଛି ଜାଣି ନ ଥିବା ଓ ନିଜକୁ ନିର୍ଦ୍ଦୋଷ ବୋଲି ଉଲ୍ଲେଖ କରିଥିଲେ। ପରେ ତାଙ୍କୁ କାର୍ଯ୍ୟରେ ଅବହେଳା ନିମନ୍ତେ ଡିସିପି ସସ୍‌ପେଣ୍ଡ କରିଥିଲେ। ସେହିଦିନ ଏହି ଘଟଣାର ତଦନ୍ତ ଦାୟିତ୍ୱ ମହିଳା ଥାନା ଆଇଆଇସିଙ୍କୁ ହସ୍ତାନ୍ତର କରାଯାଇଥିଲା।



ଡିସିପି ଉମାଶଙ୍କର ଦାସ ପୋଲିସ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

**କାର୍‌ରୁ ମହିଳାଙ୍କ କଙ୍କାଳ ମିଳିବା ଘଟଣା**

- ଘଟଣାସ୍ଥଳ ଯାଞ୍ଚ କଲେ ଡିସିପି
- ମହିଳାଙ୍କ ସ୍କେଚ୍ ତିଆରି ଚାଲିଛି

# ବର୍ଦ୍ଧିତ ହୋଲ୍ଡିଂ ଟିକସ ଫେରାଇବ ବିଏମ୍‌ସି

ଭୁବନେଶ୍ୱର, ୧୬।୩ (ବ୍ୟୁରୋ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଞ୍ଚଳରେ ବର୍ଦ୍ଧିତ ହୋଲ୍ଡିଂ ଟିକସ ଦେଇଥିବା ଘରମାଲିକଙ୍କ ଅର୍ଥ ଫେରସ୍ତ କିମ୍ବା ଆଡଜଷ୍ଟ କରାଯିବ। ମଙ୍ଗଳବାର ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ ଏନେଇ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଆଦାୟ ହୋଇଥିବା ଅଧିକ ହୋଲ୍ଡିଂ ଟିକସକୁ ଆସନ୍ତା ବର୍ଷରେ ଆଡ୍‌ଜଷ୍ଟମେଣ୍ଟ କରାଯିବ। ଏହାଛଡ଼ା ବର୍ଦ୍ଧିତ ଅର୍ଥ ଫେରାଇବାକୁ ଯଦି କୋର୍ଟ ଆଦେଶ ଦେବେ ତେବେ ତାହାକୁ ଫେରାଯିବ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ବର୍ଦ୍ଧିତ ହୋଲ୍ଡିଂ ଟିକସ ଆଦାୟକୁ ସ୍ଥଗିତ ରଖାଯାଇଛି। ଏସଂକ୍ରାନ୍ତରେ କୋର୍ଟଙ୍କ ଚୂଡ଼ାନ୍ତ ଆଦେଶ ମିଳିବାପରେ ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ। ୧୯୯୮ରୁ ଭୁବନେଶ୍ୱରରେ ହୋଲ୍‌ଡିଂ ଟିକସ ବୃଦ୍ଧି କରାଯାଇ ନାହିଁ। ୨୦୧୦ରେ ସମ୍ପତ୍ତି ଟିକସକୁ ବିରୋଧ କରି ହାଇକୋର୍ଟରେ ଏକ ମାମଲା ରୁଜୁ କରାଯାଇଥିଲା। ୨୦୧୮ରେ ଟିକସ ବଢାଇବା ପାଇଁ ଏକ ଅନ୍ତରୀଣ କୋର୍ଟ ନିର୍ଦ୍ଦେଶ ମିଳିବା ପରେ ବର୍ଦ୍ଧିତ ଟକସ ଆଦାୟ କରାଯାଉଥିଲା। ଗତ ୨୦ବର୍ଷ ଧରି ହେଲ୍ଡିଂ ଟିକସ ଆଦାୟରେ କୌଣସି ପରିବର୍ତ୍ତନ ହୋଇ ନାହିଁ। କେବଳ ୨୦୧୯ ବେଞ୍ଚମାର୍କ ଭ୍ୟାଲ୍ୟୁଏଶନ ଆଧାରରେ ଟିକସ ବୃଦ୍ଧି କରାଯାଇଛି। ହାଇକୋର୍ଟଙ୍କ ଚୂଡ଼ାନ୍ତ ରାୟ ଆଧାରରେ ବିଏମ୍‌ସି ଟିକସ ଆଦୟ କରାଯିବ ବୋଲି ଚୌଧାରୀ କହିଛନ୍ତି।

# ଭିନ୍ନକ୍ଷମ ନାବାଳିକାଙ୍କୁ ବଳାତ୍କାର

କଟକ ସଦର, ୧୬।୩(ଡି.ଏନ୍.ଏ.)

କନ୍ଦରପୁର ଥାନା ଅଞ୍ଚଳର ଜଣେ ଭିନ୍ନକ୍ଷମ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ମଙ୍ଗଳବାର ଅଭିଯୋଗ ହୋଇଛି। ଏହି ଘଟଣାରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ପୋଲିସ ଅଟକ ରଖି ପଚରାଉଚରା ଚଳାଇଛି। ଅଭିଯୋଗ ଅନୁଯାୟୀ, ନାବାଳିକା ଘରେ ଏକୁଟିଆ ଥିବାବେଳେ ପଡୋଶୀ ଘରର ଜଣେ ବ୍ୟକ୍ତି ତାଙ୍କୁ ବଳାତ୍କାର କରିଥିଲେ। ଏ ସମ୍ପର୍କରେ ନାବାଳିକା ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ଏ ନେଇ ନାବାଳିକାଙ୍କ ପରିବାର ଲୋକେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୬୪/୨୧) ରୁଜୁ କରିଛି। ଏଥିସହ କଟକ ବଡ ଡାକ୍ତରଖାନାରେ ଅଭିଯୁକ୍ତଙ୍କ ଡାକ୍ତରୀମାଇନା କରାଇଛି।

# ବିଦ୍ୟାଳୟରେ ମିଶନ ସ୍ୱଚ୍ଛତା କାର୍ଯ୍ୟକ୍ରମକୁ ଗୁରୁତ୍ୱ



ସମୀକ୍ଷା ବୈଠକରେ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ସହ ଅନ୍ୟମାନେ।

କଟକ ଅଫିସ, ୧୬।୩

**ସମଗ୍ର ଶିକ୍ଷା କାର୍ଯ୍ୟକ୍ରମର ସମୀକ୍ଷା ବୈଠକ**

ସମଗ୍ର ଶିକ୍ଷା କାର୍ଯ୍ୟକ୍ରମର ସମୀକ୍ଷା ବୈଠକ କଟକ ଜିଲାପାଳଙ୍କ ସଦ୍‌ଭାବନା ଗୃହରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଯୋଗଦେଇ ବିଦ୍ୟାଳୟଗୁଡ଼ିକରେ ମିଶନ ସ୍ୱଚ୍ଛତା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମିଶନ ସ୍ୱଚ୍ଛତା କାର୍ଯ୍ୟକ୍ରମରେ ଜିଲାର ସମସ୍ତ ବିଦ୍ୟାଳୟରେ ଛାତ୍ରୀଛାତ୍ର, ଭିନ୍ନକ୍ଷମ, ଶିକ୍ଷୟିତ୍ରୀଶିକ୍ଷକମାନଙ୍କ ପାଇଁ ପୃଥକ୍ ଶୌଚାଳୟ ନିର୍ମାଣ, ପରିଷ୍କାର ଉପରେ ଜିଲାପାଳ ଗୁରୁତ୍ୱ ଦେଇଥିଲେ। ସେହିପରି ସମସ୍ତ ବିଦ୍ୟାଳୟରେ ଜଳଯୋଗାଣ, ପୋଷ୍ୟ ବିଦ୍ୟାଳୟ ଗ୍ରହଣ କାର୍ଯ୍ୟକ୍ରମରେ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ସାମିଲ ହେବା ପାଇଁ ପରାମର୍ଶ ଦେଇଥିଲେ। ମୋ ସ୍କୁଲ ଅଭିଯାନରେ ପୁରାତନ ଛାତ୍ର ସାମିଲ ହୋଇ ବିଦ୍ୟାଳୟର ଉନ୍ନତି ପାଇଁ ଆଗେଇ ଆସିବାକୁ ଜିଲାପାଳ ଆହ୍ୱାନ ଦେଇଥିଲେ। ଏଥିରେ ମୋ ସ୍କୁଲ ଅଭିଯାନର ଅଧ୍ୟକ୍ଷା ସୁସ୍ମିତା ବାଗ୍‌ଚୀ ଯୋଗଦେଇ ବିଦ୍ୟାଳୟଗୁଡ଼ିକର ଉନ୍ନତି ପାଇଁ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ, ଛାତ୍ରୀଛାତ୍ର, ମାତାପିତା ଓ ସମାଜର ବିଭିନ୍ନ ବର୍ଗର ବ୍ୟକ୍ତିଙ୍କ ସହଯୋଗ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଏହି ବୈଠକରେ ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ, ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅମ୍ବର କୁମାର କର, ଜିଲା ଶିକ୍ଷା ଅଧିକାରୀ ସୁସ୍ମିତା ସାହୁ, ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ନିର୍ବାହୀ ଯନ୍ତ୍ରୀ ସଞ୍ଜୟ କୁମାର ସାମଲ ଓ ପ୍ରଦୀପ୍ତ ମହାପାତ୍ରଙ୍କ ସମେତ ସମସ୍ତ ବ୍ଲକ ଶିକ୍ଷା ଅଧିକାରୀ ଉପସ୍ଥିତ ଥିଲେ।

### ବିଦ୍ୟାଳୟ, ପୁରାତନ ଛାତ୍ରୀଛାତ୍ରଙ୍କ ଯୋଗସୂତ୍ରର ମାଧ୍ୟମ

କଟକ ଅଫିସ,୧୬।୩

ମୋ ସ୍କୁଲ ଅଭିଯାନ ଅଧ୍ୟକ୍ଷା ସୁସ୍ମିତା ବାଗ୍‌ଚୀ ମଙ୍ଗଳବାର ସେକେଣ୍ଡାରୀ ବୋର୍ଡ ହାଇସ୍କୁଲ ପରିଦର୍ଶନ କରିଥିଲେ। ସେଠାରେ ସେ ଚଳିତବର୍ଷର ମାଟ୍ରିକ ପରୀକ୍ଷାର୍ଥୀମାନେ କର୍ତ୍ତବ୍ୟନିଷ୍ଠ ଓ ପରିଶ୍ରମୀ ହୋଇ ବିଦ୍ୟାଳୟର ସୁନାମ ଆଣିବାକୁ ପରାମର୍ଶ ଦେଇଥିଲେ। ଏହାପରେ ପ୍ରଧାନଶିକ୍ଷକ ଦିଲୀପ କୁମାର ବେହେରାଙ୍କ ସଭାପତିତ୍ୱରେ ବିଦ୍ୟାଳୟର ସଭାଗୃହରେ ବୈଠକ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ବାଗ୍‌ଚୀ ଯୋଗଦେଇ 'ମୋ ସ୍କୁଲ ଅଭିଯାନ' ବିଦ୍ୟାଳୟ ଓ ପୁରାତନ ଛାତ୍ରୀଛାତ୍ରଙ୍କ ସହିତ ଯୋଗସୂତ୍ର ରକ୍ଷା କରିବାର ଏକ ମାଧ୍ୟମ ବୋଲି କହିଥିଲେ। ସେହିପରି ବୋର୍ଡର ସମ୍ପାଦକ ଶ୍ରୀକାନ୍ତ ତରାଇ ଯୋଗଦେଇ ବିଦ୍ୟାଳୟର ବିକାଶମୂଳକ କାର୍ଯ୍ୟ ସମ୍ବନ୍ଧରେ କମ୍ପୋଜିଟ୍ ଆକ୍ସନ ପ୍ଲାନ ପ୍ରଦାନ କରିଥିଲେ। ଏହି ଅବସରରେ ମୋ ସ୍କୁଲ ଅଭିଯାନକୁ ବିଦ୍ୟାଳୟର ବିକାଶମୂଳକ କାର୍ଯ୍ୟ ପାଇଁ ଆର୍ଥିକ ଅନୁଦାନ ପ୍ରଦାନ କରିଥିବା ପୁରାତନ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବୈଠକରେ ବୋର୍ଡ ସଭାପତି ରାମାଶିଷ ହାଜରା, ବିଦ୍ୟାଳୟ ପୁରାତନ ଛାତ୍ର ସଂସଦ ଅଧ୍ୟକ୍ଷ ଡ. ମଞ୍ଜୁଶ୍ରୀ ପଟ୍ଟନାୟକ, ସମ୍ପାଦକ ସମୀର ପରିଜା, ଜିଲା ଶିକ୍ଷା ଅଧିକାରୀଙ୍କ ପ୍ରତିନିଧି ପ୍ରମଥନାଥ ଦେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପୁରାତନ ଛାତ୍ର ସଂସଦର ଉପସଭାପତି ପୁଣ୍ୟଶ୍ଲୋକ ଦାସ ଧନ୍ୟବାଦ ଦେଇଥିଲେ।

### ୨୦୬ ଜଣ ବରିଷ୍ଠ ନାଗରିକଙ୍କୁ କୋଭିଡ୍ ଟିକା

ନିଶ୍ଚିନ୍ତକୋଇଲି,୧୬।୩(ସ୍ୱ.ପ୍ର.)

ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ୨ ଦିନ ହେବ ବରିଷ୍ଠ ନାଗରିକଙ୍କୁ କୋଭିଡ୍ ଟିକା ଦିଆଯାଉଛି। ଅସୁରେଶ୍ୱର ପଞ୍ଚାୟତ କାର୍ଯ୍ୟାଳୟରେ ୧୪୩ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୬୩ ଜଣ ବରିଷ୍ଠ ନାଗରିକଙ୍କୁ କୋଭିଡ ଟିକା ପ୍ରଦାନ କରାଯାଇଛି।

# କଟକ ଜିଲା ଭାଜପା କାର୍ଯ୍ୟକର୍ତ୍ତାଙ୍କ ନାମ ଘୋଷଣା

କଟକ ଅଫିସ, ୧୬।୩

କଟକ ଜିଲା ଭାଜପାର କାର୍ଯ୍ୟକର୍ତ୍ତାଙ୍କ ନାମ ମଙ୍ଗଳବାର ଏକ ପ୍ରେସ ବିବୃତି ମାଧ୍ୟମରେ ଘୋଷଣା କରାଯାଇଛି। ଦଳର ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ଅନୁମୋଦନକ୍ରମେ ଭାଜପା ଜିଲା ସଭାପତି ପ୍ରକାଶ ଚନ୍ଦ୍ର ବେହେରା କାର୍ଯ୍ୟକର୍ତ୍ତାଙ୍କ ନାମ ଘୋଷଣା କରିଛନ୍ତି। ଉପସଭାପତି ଭାବେ ଗୋକୁଳ ଚନ୍ଦ୍ର ପ୍ରଧାନ, ମନୋରଞ୍ଜନ ନାୟକ, ପ୍ରଶାନ୍ତ ହୋତା, ସୀତାକାନ୍ତ ମିଶ୍ର, ସତ୍ୟବାଦୀ ଚଇନି ଓ ପ୍ରଶାନ୍ତ କୁମାର ପ୍ରଧାନ, ସାଧାରଣ ସମ୍ପାଦକ ଭାବେ ରାମ ନାରାୟଣ ମହାନ୍ତି ଓ ଅରବିନ୍ଦ ବିଶ୍ୱାଳ, ସମ୍ପାଦକ ଭାବେ ଆଲୋକ ମହାନ୍ତି, ବିବେକାନନ୍ଦ ବେହେରା, ପ୍ରକାଶ ସେଠୀ, ବୈରାଗୀ ଚରଣ ପ୍ରଧାନ, ରାଜକିଶୋର ସ୍ୱାଇଁ, ସମିତା ବେହେରା ଓ ମମତା ମହାପାତ୍ର ମନୋନୀତ ହୋଇଛନ୍ତି। ସେହିପରି ଜିଲା କୋଷାଧ୍ୟକ୍ଷ ଭାବେ ବିଶ୍ୱରଞ୍ଜନ ଦାଶ, ଜିଲା ମହିଳା ମୋର୍ଚ୍ଚା ସଭାପତି ଯାଜ୍ଞସେନୀ ଜେନା, ଯୁବମୋର୍ଚ୍ଚା ସଭାପତି ରଞ୍ଜିତ୍ ସାହୁ, କୃଷକ ମୋର୍ଚ୍ଚା ସଭାପତି ଶଙ୍କର୍ଷଣ ମହାନ୍ତି, ଓବିସି ମୋର୍ଚ୍ଚା ସଭାପତି ଚିନ୍ତାମଣି ମହାଲିକ, ଏସ.ସି. ମୋର୍ଚ୍ଚା ସଭାପତି ସରୋଜ ସେଠୀ ଏବଂ ସଂଖ୍ୟାଲଘୁ ସଭାପତି ଭାବେ ସେକ୍ ମହମ୍ମଦ ଅସଲମଙ୍କୁ ମନୋନୀତ କରାଯାଇଛି। ଜିଲା କାର୍ଯ୍ୟକାରିଣୀର ସ୍ଥାୟୀ ନିମନ୍ତ୍ରିତ ସଦସ୍ୟ ଭାବେ ବୈଜନ୍ତ ପଣ୍ଡା, ପ୍ରକାଶ ମିଶ୍ର, ବିଭୁ ପ୍ରସାଦ ତରାଇ, ନୟନ କିଶୋର ମହାନ୍ତି, ଦିଲୀପ ମଲ୍ଲିକ, ଶାରଦା ପ୍ରଧାନ, ଶୁଭ୍ରାଂଶୁ ମୋହନ ପାଢ଼ୀ, ବିଜୟ ଦଳବେହେରା, ଛବି ମଲ୍ଲିକ, ବ୍ରଜେନ୍ଦ୍ର ରାୟ, ଚୌଧାରୀ ହେମନ୍ତ ସାହୁ, ସତ୍ୟ ଜେନା, ପ୍ରତିଭା ଶତପଥୀ, ଶକୁନ୍ତଳା ବିଶ୍ୱାଳ, ମନ୍ମଥ ମିଶ୍ର ଓ ପ୍ରଫେସର ଏ. ସଲାମଙ୍କୁ ମନୋନୀତ କରାଯାଇଛି। ସେହିପରି ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଭାବେ ତୁଷାର ଚକ୍ରବର୍ତ୍ତୀ, ସୁଶାନ୍ତ ମଲ୍ଲିକ, ହୃଷୀକେଶ ଜେନା, ଅଜୟ ସ୍ୱାଇଁ, ଦେବୀ ପ୍ରସାଦ ମହାନ୍ତି, ବେଣୁଧର ବେହେରା ଓ ସରୋଜ ରଣାଙ୍କ ସମେତ ୨୬ ଜଣଙ୍କୁ ମନୋନୀତ କରାଯାଇଛି। ଜିଲା କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ଭାବେ ଅଜୟ ବେହେରା, ଅଜିତ ସୁବୁଦ୍ଧିରାୟ, ବିବେକ ଜେନା, କମଳାକାନ୍ତ ପ୍ରହରାଜ, ମେହେରବାନ ଖାନ୍, ମୃତ୍ୟୁଞ୍ଜୟ ଦାସ, ସତ୍ୟଜିତ୍ ମଲ୍ଲିକ, ମମତା ରାଉତ, କମଳା ବସତିଆ, କ୍ଷୀରୋଦ ଦଳାଇ ଏବଂ ପ୍ରମୋଦ ରାୟଙ୍କ ସମେତ ୬୪ ଜଣଙ୍କୁ ମନୋନୀତ କରାଯାଇଛି।

# ପୁନଃ ସର୍ଭେ କରି ଦୋକାନ ଗୃହ ଯୋଗାଇବାକୁ ଦାବି

କଟକ ଅଫିସ, ୧୬।୩

କଟକ ସହର ୫ଟି ସ୍ଥାନରେ ୧୬୦ ଭେଣ୍ଡିଂ ଜୋନ୍ କରାଯାଇଛି। ସେଠାରେ ୧୬୦ଟି କ୍ୟାବିନ ଗୃହ ନିର୍ମାଣ କରାଯାଇଥିବାବେଳେ ସେଥିମଧ୍ୟରୁ ୧୦୬ଟି ସୋମବାର ଉଠାଦୋକାନୀମାନଙ୍କୁ ବଣ୍ଟନ କରାଯାଇଛି। ସୋମବାର କଟକ ସହିଦ ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ, ବିଧାୟକ ଓ ବିଭାଗୀୟ ଅଧିକାରୀମାନେ ଉଠାଦୋକାନୀମାନଙ୍କୁ ଭେଣ୍ଡିଂ ଜୋନ୍ ଦୋକାନ ଆବଣ୍ଟନପତ୍ର ବଣ୍ଟନ କରିଥିଲେ। ତେବେ ଏହି ୧୦୬ ଉଠାଦୋକାନୀଙ୍କୁ ଆବଣ୍ଟନ ପତ୍ର କେଉଁ ଆଧାରରେ ବଣ୍ଟନ କରାଯାଇଛି ଓ ବାକି ୫୪ଟି ଦୋକାନ ଗୃହ କ'ଣ ହେବ, ସେ ନେଇ କଟକ କଲେଜ ଛକସ୍ଥିତ ଶିଶୁ ମନ୍ଦିରରେ ଓଡ଼ିଶା ସୂଚନା ଅଧିକାର ଅଭିଯାନ ପକ୍ଷରୁ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରଶ୍ନ କରାଯାଇଛି। ସହରରେ ପ୍ରାୟ ୧୦ ହଜାରରୁ ଉର୍ଦ୍ଧ୍ୱ ଉଠାଦୋକାନୀ ବ୍ୟବସାୟ କରି ପରିବାର ପ୍ରତିପୋଷଣ କରୁଛନ୍ତି। ରାଜ୍ୟ ସରକାର ୨୦୧୭/୧୮ ବର୍ଷରେ ଏନ.ଏଫ.ଇମଫୋସ ନାମକ ଏକ ସଂସ୍ଥା ମାଧ୍ୟମରେ ସର୍ଭେ କରି ୩୪୨୩ ଜଣ ଉଠାଦୋକାନୀଙ୍କୁ ଚିହ୍ନଟ କରିଥିଲେ। ମାତ୍ର ୱାର୍ଡୱାରୀ ୩୪୬୩ ଜଣଙ୍କ ନାମ ଉଲ୍ଲେଖ କରାଯାଇଥିବା ସମ୍ପର୍କରେ ସୂଚନା ଅଧିକାର ଆଇନ ବଳରେ ସିଏମ୍‌ସି ପକ୍ଷରୁ ତଥ୍ୟ ମିଳିଛି। ଯେଉଁ ଉଠାଦୋକାନୀଙ୍କୁ ଭେଣ୍ଡିଂ ଜୋନ୍ ଦୋକାନ ଆବଣ୍ଟନ ପତ୍ର ପ୍ରଦାନ କରାଯାଇଛି, ତାହାକୁ ପୁନଃ ସର୍ଭେ କରି ପ୍ରକୃତ ଯୋଗ୍ୟ ହିତାଧିକାରୀ ଚିହ୍ନଟ କରାଯାଇ ଦୋକାନ ଗୃହ ଯୋଗାଇ ଦେବାକୁ ଦାବି ହୋଇଛି। ଆଗାମୀ ପୌରନିର୍ବାଚନ ପାଇଁ ଦଳୀୟ ପ୍ରିୟାପ୍ରୀତିରେ ବଣ୍ଟନ କରି ଭୋଟ ହାତେଇବା ପାଇଁ ସରକାର ଯୋଜନା ନାମରେ ହରିଲୁଟ୍ କରୁଛନ୍ତି ବୋଲି ଓଡ଼ିଶା ସୂଚନା ଅଧିକାର ଅଭିଯାନର ଜିତେନ୍ଦ୍ର ସାହୁ, ଉଠାଦୋକାନୀ ମହାସଂଘର ସୁରେଶ ମହାନ୍ତି ଓ ମୋ କଟକ ସୁରକ୍ଷା ମଞ୍ଚର ସଭାପତି ଅକ୍ଷୟ ପଣ୍ଡା ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି ।

# ଯୁବ କଂଗ୍ରେସ କର୍ମକର୍ତ୍ତାଙ୍କ ନାମ ଘୋଷଣା

କଟକ ଅଫିସ,୧୬।୩

କଟକ ନଗର ଜିଲା ଯୁବ କଂଗ୍ରେସ କମିଟି ସଭାପତି ବିକି ଚକ୍ରବର୍ତ୍ତୀ ମଙ୍ଗଳବାର ଯୁବ କଂଗ୍ରେସ କର୍ମକର୍ତ୍ତାଙ୍କ ନାମ ଘୋଷଣା କରିଛନ୍ତି। କମିଟି ଉପସଭାପତି ଭାବେ ସେକ୍ ଗୋଲାମ ଉଦ୍ଦିନ, ଅନିଲ ନାୟକ, ଦେବେନ୍ଦ୍ର ପ୍ରସାଦ ସେଠୀ, ଦୀପକ ସାହୁ, ସୋନୁ ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ପରିଜା, ଜ୍ୟୋତିର୍ମୟ ରାଜ, ସାଧାରଣ ସମ୍ପାଦକ ଭାବେ ସୌମ୍ୟରଞ୍ଜନ ରାହା, ଆସିଫ ଅହମ୍ମଦ ଖାନ, ସୁଧାଂଶୁ ପାତ୍ର, ମାନସ କୁମାର ନାଥ, ସେକ୍ ଅବ୍‌ଦୁଲ ମୋକିଦ, କାହ୍ନୁ ମହାରଣା, ମହେଶ ରାୟ, ସେକ୍ ବାବାଯାନୀ, ସେକ୍ ଅବଦୁଲ ନସିମ, ସୌମେନ୍ଦ୍ର ମହାନ୍ତି, ଉସ୍ମାନ ଖାନ୍, ଅଭିଷେକ ପରିଡା, ଶର୍ମିଲା ସାହୁ, ଅସିତ୍ ବେହେରା ମନୋନୀତ ହୋଇଛନ୍ତି । ସେହିପରି ସମ୍ପାଦକ ଭାବେ ରୂପକ ରଞ୍ଜନ ପାତ୍ର, ଚନ୍ଦନ ସେନ, କାର୍ତ୍ତିକ ସିଂ ରାଜପୁତ, ରାଜେନ୍ଦ୍ର ଗୁରୁ, ନିଲମ ଦାସ, ସ୍ୱରାଜ ସୁମନ ମହାନ୍ତି, ରୀନାରାଣୀ ବେହେରା, ଗୁରୁଦେବ ସେଠୀ, ଅଜୟ ଦାସ, ଇତିଶ୍ରୀ ବେହେରା, ସମ୍ବିତ ଦାସ, ମନୋରଞ୍ଜନ ମହାନ୍ତି, ଗୁଲ୍‌ସନ କୁମାର ନାୟକ, ଜି. ଭାସ୍କର ରାଓ, ତ୍ରିଲୋଚନ ବେଉରା, ଅବଦୁଲ ୱାଜିଦ, ରାକେଶ ଦାସ, ସେକ୍ ସାଜିଦ ମନୋନୀତ ହୋଇଥିଲେ। ଯୁବ କଂଗ୍ରେସ ସଭାପତି ଭାବେ ଡ. ସ୍ମୃତି ରଞ୍ଜନ ଲେଙ୍କା ନିଯୁକ୍ତ ହୋଇଛନ୍ତି।



ମହାତ୍ମା ଗାନ୍ଧୀଙ୍କ କଟକ ଆଗମନର ୧୦୦ ବର୍ଷ ପୂର୍ତ୍ତି ଉପଲକ୍ଷେ ସିଡିଏ ବେଲ୍‌ଭ୍ୟୁ ଛକ ନବନିର୍ମିତ ପାର୍କ ପରିସରରେ ଶିଳ୍ପୀ ଲକ୍ଷ୍ମୀଧର ରଣାଙ୍କ ଦ୍ୱାରା ପ୍ରସ୍ତୁତ ଚାଲିଥିବା କାଠଯୋଡ଼ି ନଦୀ ତଟରେ ମହାତ୍ମା ଗାନ୍ଧୀଙ୍କ ସଭା ଦୃଶ୍ୟର ବ୍ରୋଞ୍ଜ ପ୍ରତିକୃତି।

# ବି.ଏଡ୍. କଲେଜରେ ନାମଲେଖା ପ୍ରକ୍ରିୟା ଆରମ୍ଭ ଦାବିରେ ବିକ୍ଷୋଭ

କଟକ ଅଫିସ,୧୬।୩

ସ୍ଥାନୀୟ ରାଧାନାଥ ଉଚ୍ଚତର ଶିକ୍ଷା ଅନୁଧ୍ୟାନ ପ୍ରତିଷ୍ଠାନ ସମେତ ରାଜ୍ୟର ସମସ୍ତ ବି.ଏଡ୍. କଲେଜରେ ଆବଶ୍ୟକ ସଂଖ୍ୟକ ଅଧ୍ୟାପକ ନିଯୁକ୍ତି ତଥା ନାମଲେଖା ପ୍ରକ୍ରିୟା ତୁରନ୍ତ ଆରମ୍ଭ କରିବା ଦାବିରେ ଛାତ୍ରୀଛାତ୍ରମାନେ ମଙ୍ଗଳବାର କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ମିଳିଥିବା ସୂଚନା ଅନୁଯାୟୀ, ରାଜ୍ୟରେ ଥିବା ୧୪ଟି ବି.ଏଡ୍. କଲେଜରେ ୧୯୯୯ ପରଠାରୁ ଆବଶ୍ୟକ ସଂଖ୍ୟକ ଅଧ୍ୟାପକ, କର୍ମଚାରୀଙ୍କ ସହ ଭିତ୍ତିଭୂମିର ଅଭାବ ରହିଛି। ଏଥିଯୋଗୁ ଏନ୍‌ସିଟିଇ ଏହି ୧୪ଟି କଲେଜରୁ ବି.ଏଡ୍. କୋର୍ସକୁ ପ୍ରତ୍ୟାହାର କରିନେବାକୁ ବାରମ୍ବାର କାରଣଦର୍ଶାଅ ନୋଟିସ୍ ପଠାଇଥିଲେ। କିନ୍ତୁ ରାଜ୍ୟ ସରକାର ଏଥିପ୍ରତି ଅହେତୁକ ଅବହେଳା ପ୍ରଦର୍ଶନ କରିଆସୁଛନ୍ତି। ସରକାର ଏହି କଲେଜଗୁଡିକୁ ଖୋଲିବା ପରିବର୍ତ୍ତେ ସେଲ୍ଫ ଫାଇନାନ୍ସିଂ ଭିତ୍ତିରେ କେତେକ ବି.ଏଡ୍ ପାଠ୍ୟକ୍ରମକୁ ୧୨ଟି ସାଧାରଣ ଡିଗ୍ରୀ କଲେଜରେ ଖୋଲିଛନ୍ତି । ପରିଣାମ ସ୍ୱରୂପ ଗତବର୍ଷଠାରୁ ୧୪ଟି ବିଏଡ୍ କଲେଜରେ ନାମଲେଖା ବନ୍ଦ କରିଦିଆଯାଇଛି ବୋଲି ବିକ୍ଷୋଭବେଳେ ଛାତ୍ରୀଛାତ୍ରମାନେ କହିଛନ୍ତି। ଏହି ବିକ୍ଷୋଭରେ ବିନୋଦ ସେଠୀ, ଦଶରଥ ମହାକୁଡ, କମଳ ଲୋଚନ ସାହୁ, ବିଭୂତି ଭୂଷଣ ତରାଇ, ଲକ୍ଷ୍ମୀପ୍ରିୟା ସାହୁ, ସଙ୍ଗୀତା ସୁତାର ପ୍ରମୁଖ ସାମିଲ ହୋଇଥିଲେ।




ରାଧାନାଥ ଉଚ୍ଚତର ଶିକ୍ଷା ଅନୁଧ୍ୟାନ ପ୍ରତିଷ୍ଠାନର ଛାତ୍ରୀଛାତ୍ରମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରୁଛନ୍ତି।

## ଭୁବନେଶ୍ୱରରେ ଭିଠଲ ରାମାନୁଜ

ପୁରୁଣା ଭୁବନେଶ୍ୱର,(ଡି.ଏନ୍.ଏ.): ଅଖିଳ ଭାରତ ଜୟଗୁରୁ ସମ୍ପ୍ରଦାୟର ମୁଖ୍ୟ ତଥା ସଭାପତି ଭିଠଲ ରାମାନୁଜ ମଙ୍ଗଳବାର ଅପରାହ୍ନରେ ଭୁବନେଶ୍ୱରରେ ପହଞ୍ଚିଥିଲେ। ଏୟାରପୋର୍ଟରେ ଶ୍ୟାମାଶଙ୍କର ମଠ ସଭାପତି ଅରୁଣ କୁମାର ଗାଙ୍ଗୁଲିଙ୍କ ସହ ଅନ୍ୟମାନେ ତାଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ଶ୍ୟାମାଶଙ୍କର ମଠରେ ସାଧୁ, ସନ୍ୟାସୀ ଏବଂ ଛୋଟ ପିଲାଙ୍କ ସହ କଥା ହେବା ସହିତ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଅପରାହ୍ନରେ ମଠର ପୂର୍ବ ଦିଗରେ ନିର୍ମାଣ ହେବାକୁ ଥିବା ଠାକୁର ଶ୍ରୀ ସୀତାରାମ ଦାସ ଓଁକାର ନାଥଙ୍କ ତପସ୍ଥଳିର କାର୍ଯ୍ୟ ଉପରେ ତଦାରଖ କରିଥିଲେ।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ୧୩ତମ କଳିଙ୍ଗ ହର୍ବାଲ ମେଳା, ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ପୂର୍ବାହ୍ନ ୧୦ଟା।
- ଶ୍ରମିକ ଏକତା ମଞ୍ଚ ପକ୍ଷରୁ ରାଲି ଓ ଧାରଣା, ଭୁବନେଶ୍ୱର ରେଲୱେ ଷ୍ଟେଶନରୁ ଲୋୟର ପିଏମ୍‌ଜି, ପୂର୍ବାହ୍ନ ୧୦ଟା ୩୦।
- ସମାଜବାଦୀ ପାର୍ଟିର ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ବିକ୍ଷୋଭ, ଲୋୟର ପିଏମ୍‌ଜି ଛକ, ପୂର୍ବାହ୍ନ ୧୧ଟା।
- ଓଡ଼ିଶା ଗ୍ରାମପଞ୍ଚାୟତ କର୍ମଚାରୀ ସଂଘ ପକ୍ଷରୁ ଗଣଧାରଣା, ଲୋୟର ପିଏମ୍‌ଜି ଛକ, ମଧ୍ୟାହ୍ନ ୧୨ଟା।
- ୨୭ତମ ଗୁରୁପଙ୍କଜ ଉତ୍ସବ ଓ ମାହାରୀ ସମ୍ମାନ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା।
- ପଞ୍ଚମବେଦ ପକ୍ଷରୁ ନାଟକ 'ହାଟ ବାହୁଡ଼ା', ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା ୪୫।
- କଟକ
- କବି ରାଜେନ୍ଦ୍ର କୁମାର ପ୍ରଧାନଙ୍କ କାବ୍ୟ ପୁସ୍ତକ ଉନ୍ମୋଚନ ସମାରୋହ, ଶ୍ରୀରାମଚନ୍ଦ୍ର ଭବନ, ସନ୍ଧ୍ୟା ୬ଟା ୩୦।

# କଳିଙ୍ଗ ହର୍ବାଲ ମେଳା ଆରମ୍ଭ

**ବିଶ୍ୱର ୮୦ ପ୍ରତିଶତ ଲୋକ ହର୍ବାଲ ଔଷଧ ଉପରେ ଆସ୍ଥା ରଖନ୍ତି**

ଭୁବନେଶ୍ୱର, ୧୬।୩ (ବ୍ୟୁରୋ)

ଓଡ଼ିଶା ରାଜ୍ୟ ଔଷଧୀୟ ଉଦ୍ଭିଦ ପରିଷଦ ପକ୍ଷରୁ ମଙ୍ଗଳବାର ୟୁନିଟ୍-୩ସ୍ଥିତ ପ୍ରଦର୍ଶନୀ ପଡ଼ିଆରେ ୧୩ତମ ରାଜ୍ୟସ୍ତରୀୟ କଳିଙ୍ଗ ହର୍ବାଲ ମେଳା ଆରମ୍ଭ ହୋଇଛି। ଏହି ହର୍ବାଲ ମେଳାକୁ ଜଙ୍ଗଲ ଓ ପରିବେଶ ଏବଂ ସଂସଦୀୟ ବ୍ୟାପାର ବିଭାଗ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଉଦ୍‌ଘାଟନ କରିଛନ୍ତି। ଏଠାରେ ରାଜଧାନୀବାସୀ ବହୁ ମୂଲ୍ୟବାନ ଜଡ଼ିବୁଟି, ପ୍ରାକୃତିକ ଔଷଧ ଆଦିକୁ ହାତପାହାନ୍ତାରେ ପାଇବାର ସୁଯୋଗ ପାଇବେ ବୋଲି ମନ୍ତ୍ରୀ ଆରୁଖ କହିଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଆକଳନ ଅନୁଯାୟୀ ସାରା ବିଶ୍ୱର ୮୦ ପ୍ରତିଶତ ଲୋକ ହର୍ବାଲ ଔଷଧ ଉପରେ ଆସ୍ଥା ସ୍ଥାପନ କରନ୍ତି। ଭାରତ ଓ ଚାଇନା ଭଳି ଦ୍ରୁତ ବିକାଶଶୀଳ ଦେଶଗୁଡ଼ିକରେ ପ୍ରାୟ ତିନି ଚତୁର୍ଥାଂଶ ଲୋକ ଉଦ୍ଭିଦଜାତ ଔଷଧ ଉପଯୋଗ କରିଥାନ୍ତି ବୋଲି ମନ୍ତ୍ରୀ କହିଥିଲେ। ମେଳାରେ ୧୪୦ଟି ଷ୍ଟଲ ଖୋଲାଯାଇଛି। ଏଥିରେ ରାଜ୍ୟ ଓ ରାଜ୍ୟ ବାହାରୁ ଔଷଧୀୟ ବୃକ୍ଷଲତା ସହ ସଂପୃକ୍ତ ବ୍ୟକ୍ତିବିଶେଷ, ଓଡ଼ିଶାର ବିଭିନ୍ନ ଜିଲାରୁ ଅଭିଜ୍ଞ ବୈଦ୍ୟ ଓ କବିରାଜ, ସ୍ୱୟଂ ସହାୟକ ଗୋଷ୍ଠୀ, ବନ ସଂରକ୍ଷଣ ସମିତି ଏବଂ କେତେକ ଔଷଧୀୟ ପ୍ରସ୍ତୁତକାରୀ କମ୍ପାନୀ ଅଂଶଗ୍ରହଣ କରିଛନ୍ତି। ମାଗଣାରେ ସ୍ୱାସ୍ଥ୍ୟ ପରୀକ୍ଷା ବ୍ୟବସ୍ଥା, ବୟସ୍କ ନାଗରିକଙ୍କ ଦୁରାରୋଗ୍ୟ ବ୍ୟାଧି, ମଧୁମେହ, ସ୍ତ୍ରୀ ରୋଗ, ହୃଦ୍‌ରୋଗ ଆଦି ଉପରେ ଆଲୋଚନାଚକ୍ର, ଯୋଗ ପ୍ରଶିକ୍ଷଣ ଶିବିର, ବୈଦ୍ୟ କର୍ମଶାଳା, ବନସ୍ପତି କ୍ରେତା ବିକ୍ରେତାମାନଙ୍କ କର୍ମଶାଳା ଆଦି ଆୟୋଜନ ହେଉଛି। ସେହିପରି ଆୟୁର୍ବେଦ, ପଞ୍ଚକର୍ମ, ଯୋଗ ଓ ପ୍ରାକୃତିକ ଚିକିତ୍ସା, ହୋମିଓପାଥି, ଆକ୍ୟୁପ୍ରେସର ମାଧ୍ୟମରେ ପରାମର୍ଶ ଓ ଚିକିତ୍ସା ବ୍ୟବସ୍ଥା ରହିଛି। ଆସନ୍ତା ୨୨ତାରିଖ ପର୍ଯ୍ୟନ୍ତ ପ୍ରତ୍ୟହ ପୂର୍ବାହ୍ନ ୧୦ଟାରୁ ରାତି ୯ଟା ପର୍ଯ୍ୟନ୍ତ ଏହି ମେଳା ଚାଲୁ ରହିବ। ଉଦ୍‌ଘାଟନୀ ଉତ୍ସବରେ ବିଜ୍ଞାନ ଓ ପ୍ରଯୁକ୍ତି, ସରକାରୀ ଉଦ୍ୟୋଗ, ସାମାଜିକ ନିରାପତ୍ତା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଧାୟକ ଅନନ୍ତ ନାରାୟଣ ଜେନା, ସୁଶାନ୍ତ କୁମାର ରାଉତ, ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ମୋନା ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।



ରାଜ୍ୟସ୍ତରୀୟ କଳିଙ୍ଗ ହର୍ବାଲ ମେଳାକୁ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଉଦ୍‌ଘାଟନ କରୁଛନ୍ତି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବାବୁ



@ ବୁନୁ



@ ରଶ୍ମିତା



@ ମାରୁତ



@ ଗୋପୀନାଥ



@ ସୀମାଞ୍ଚଳ

## ଚାକିରି ଦେବା ଆଳରେ ଠକେଇ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୧୬।୩(ବ୍ୟୁରୋ)

ଏକ ଟେଲିଭିଜନ ସଂସ୍ଥାରେ ଚାକିରି କରାଇ ଦେବାକୁ କହି ୧ ଲକ୍ଷ ୨୮ ହଜାର ଟଙ୍କା ଠକେଇ କରିଥିବା ଅଭିଯୁକ୍ତଙ୍କୁ ଏୟାପୋର୍ଟ ଥାନା ପୋଲିସ ଗିରଫ କରିଛି। ସେ ହେଲେ ଅନୁଗୋଳ ଟାଉନ ଥାନା ଅର୍ନ୍ତଗତ ମାଟିଆ ସାହି ଅଞ୍ଚଳର ବଳଭଦ୍ର ପ୍ରସାଦ ମିଶ୍ର। ମଙ୍ଗଳବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନା ମୁତାବକ, ଏୟାରପୋର୍ଟ ଥାନା ଅଞ୍ଚଳର ଅଜିତ୍ ତ୍ରିପାଠୀଙ୍କୁ ଏକ ଟିଭି ସଂସ୍ଥାରେ ଏଚ୍.ଆର୍ ପୋଷ୍ଟରେ ଚାକିରି ଦେବାକୁ କହି ବଳଭଦ୍ର ତାଙ୍କଠାରୁ ୧ଲକ୍ଷ ୨୮ ହଜାର ଟଙ୍କା ନେଇଥିଲେ। ମାତ୍ର ପରେ ଆଉ ଧରାଛୁଆଁ ନ ଦେଇ ଫେରାର ହୋଇଯାଇଥିଲେ। ଏ ନେଇ ଅଜିତ ଗତ ୧୬ ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ କେସ୍ (ନଂ. ୮୫/୨୧) ରୁଜୁ କରି ତଦନ୍ତ ଚଳାଇଥିଲା। ମଙ୍ଗଳବାର ବଳଭଦ୍ରଙ୍କୁ ଗିରଫ କରାଯାଇଛି। ତାଙ୍କ ନିକଟରୁ ମୋବାଇଲ୍ ଫୋନ୍ ଓ ଅନେକ ଗୁରୁତ୍ୱପୂର୍ଣ୍ଣ କାଗଜ ପତ୍ର ଜବତ କରିଛି। ତାଙ୍କ ନାମରେ ଶ୍ରୀଦଳିଙ୍ଗରାଜ ଥାନା ଓ ଶହୀଦନଗର ଥାନାରେ ୨ଟି ମାମଲା ରହିଥିବା ପୋଲିସ ତରଫରୁ ସୂଚନା ମିଳିଛି।

## ସଂକ୍ଷେପରେ

### 'ସୁରୁଖୁରୁରେ ହାଣ୍ଡିଭଙ୍ଗା ଯାତ ହେବ'

ଭୁବନେଶ୍ୱର, ୧୬।୩(ବ୍ୟୁରୋ): ଗତ ୪ବର୍ଷ ଧରି ବନ୍ଦ ଥିବା ହାଣ୍ଡିଭଙ୍ଗା ଯାତ ଚଳିତବର୍ଷ ଆସନ୍ତା ୨୦ ତାରିଖରେ ସୁରୁଖୁରୁରେ କରାଯିବ। ଏ ନେଇ କପିଳେଶ୍ୱର ମନ୍ଦିରର ଖୁଣ୍ଟିଆ ଓ ମଲିଆ ସେବାୟତଙ୍କ ସହଯୋଗ ମଗାଯାଇଛି ବୋଲି କପିଳେଶ୍ୱର ମନ୍ଦିର ଟ୍ରଷ୍ଟ ବୋର୍ଡର ଅଧକ୍ଷ ତଥା ଖୋର୍ଦ୍ଧା ଜିଲାପାଳ ସନତ କୁମାର ମହାନ୍ତି ସୂଚନା ଦେଇଛନ୍ତି। ମଙ୍ଗଳବାର ସ୍ଥାନୀୟ ସର୍କିଟ ହାଉସରେ ଟ୍ରଷ୍ଟ ବୋର୍ଡ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ ଓ ଦେବୋତ୍ତର ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ହାଣ୍ଡିଭଙ୍ଗା ଯାତ କରିବା ପାଇଁ ଦେବୋତ୍ତର କମିଶନରଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ରହିଥିଲା। ସେହି ଅନୁସାରେ ଦେବୋତ୍ତର କମିଶନରଙ୍କ ଆଦେଶ କ୍ରମେ ବୁଧବାର ଖୁଣ୍ଟିଆ ଓ ମଲିଆ ସେବାୟତଙ୍କ ସହ ବୈଠକ ବସିବ। ହାଣ୍ଡିଭଙ୍ଗା ଯାତ ପାଇଁ ସହଯୋଗ କରିବାକୁ ସେମାନଙ୍କୁ ଅନୁରୋଧ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି।

### ସ୍ଥାୟୀ ନିଯୁକ୍ତି, ବକେୟା ଦରମା ଦାବି

ଭୁବନେଶ୍ୱର, ୧୬।୩(ବ୍ୟୁରୋ)- ସରକାର ଚାକିରି ପାଇଁ ଇଣ୍ଟରଭ୍ୟୁ ନେଇ ସମସ୍ତ ଯୋଗ୍ୟତା ପ୍ରମାଣପତ୍ର ଯାଞ୍ଚ କରିବା ପରେ ଲଞ୍ଚ ଡ୍ରାଇଭର ଓ ଖଲାସୀମାନଙ୍କୁ ନିଯୁକ୍ତି ଦିଆଯାଇଥିଲା। ୬ବର୍ଷ ଠିକା ଚାକିରି ଥିଲେ ସ୍ଥାୟୀ ନିଯୁକ୍ତି ପ୍ରଦାନ କରିବାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ରହିଛି। ମାତ୍ର ୧୨ ବର୍ଷରୁ ଅଧିକ ସମୟ ଧରି ଏମାନେ ଠିକା ଭାବେ କାମ କରିଆସୁଛନ୍ତି, କେତେଜଣ କର୍ମଚାରୀ ଅବସର ମଧ ନେଇ ସାରିଲେଣି। ଏନେଇ ସରକାରଙ୍କୁ ବାରମ୍ବାର ଦାବି ଜଣାଇ ଆସୁଥିଲେ ସୁଦ୍ଧା ସରକାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି ବୋଲି ଅସ୍ଥାୟୀ ଲଞ୍ଚ ଡ୍ରାଇଭର ଓ ଖଲାସୀ ମହାସଂଘ ପକ୍ଷରୁ ମଙ୍ଗଳବାର ନାଗଭୂଷଣ ଭବନଠାରେ ଆୟୋଜିତ ଖବରଦାତା ସମ୍ମିନୀରେ ଅଭିଯୋଗ କରାଯାଇଛି। ସେମାନଙ୍କୁ ନିୟମିତ ଭାବେ ଦରମା ପ୍ରଦାନ କରାଯାଉ ନ ଥିବା ମଧ ଅଭିଯୋଗ ହୋଇଛି। ତୁରନ୍ତ ବକେୟା ଦରମା ପ୍ରଦାନ ଓ ସ୍ଥାୟୀ ନିଯୁକ୍ତି ନ ହେଲେ ଆସନ୍ତା ୨୪ତାରିଖରେ ବିଧାନସଭା ସମ୍ମୁଖରେ ଧାରଣା ଦିଆଯିବ ବୋଲି ମହାସଂଘ କର୍ମକର୍ତ୍ତା କହିଛନ୍ତି।

### 'ପୁଣ୍ୟାତ୍ମା ଗୋପବନ୍ଧୁ' ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର,୧୬।୩- ଆରତି କରଙ୍କ ରଚିତ ଓ ପୂର୍ଣ୍ଣାଙ୍ଗ ଉତ୍କଳ ଉନ୍ନୟନ ନ୍ୟାସ ମଣ୍ଡଳ ଦାରା ପ୍ରକାଶିତ ପୂଣ୍ୟାତ୍ମା ଗୋପବନ୍ଧୁ ପୁସ୍ତକ ମଙ୍ଗଳବାର ରାଜଭବନରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ପୁସ୍ତକଟି ନ୍ୟାସ ମଣ୍ଡଳ ପକ୍ଷରୁ ଉତ୍କଳମଣିଙ୍କ ଜନ୍ମସ୍ଥାନରେ କମ୍ ମୂଲ୍ୟରେ ଯୋଗାଇ ଦିଆଯିବ। ଏହି ପୁସ୍ତକର ଯଥେଷ୍ଟ କପି ପ୍ରସ୍ତୁତ କରି ରାଜ୍ୟର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବଣ୍ଟନ କରିବା ପାଇଁ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ଏହି ଅବସରରେ ନ୍ୟାସ ମଣ୍ଡଳ ସମ୍ପାଦକ ପର୍ଶୁରାମ ଦ୍ୱିବେଦୀ, ଲେଖିକା ଆରତି କର, ସାହିତ୍ୟ ସଙ୍ଗଠକ ରମାକାନ୍ତ ମିଶ୍ର, ଅମ୍ବିକା ପ୍ରସାଦ ଦାସ ଓ ବିରଜା ପ୍ରସାଦ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

# ୧୧ଜଣଙ୍କୁ ଗୁରୁ ଦେବପ୍ରସାଦ ନୃତ୍ୟ ରତ୍ନ ସମ୍ମାନ

**ତ୍ରିଧାରା ପକ୍ଷରୁ ୩୪ତମ ଶ୍ରଦ୍ଧାଞ୍ଜଳି ସମାରୋହ**

ଭୁବନେଶ୍ୱର, ୧୬।୩(ବ୍ୟୁରୋ)

ଓଡ଼ିଶୀ ନୃତ୍ୟ ଅନୁଷ୍ଠାନ ତ୍ରିଧାରା ପକ୍ଷରୁ ୩୪ତମ ଶ୍ରଦ୍ଧାଞ୍ଜଳି ସମାରୋହ ମଙ୍ଗଳବାର ରବୀନ୍ଦ୍ର ମଣ୍ଡପଠାରେ ଆୟୋଜିତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟକୁ ବିଧାୟକ ଦେବୀପ୍ରସାଦ ମିଶ୍ର ଉଦ୍‌ଘାଟନ କରିଥିଲେ। ପ୍ରଥମେ ତ୍ରିଧାରାର ଶିଳ୍ପୀମାନଙ୍କ ଦ୍ୱାରା ପଞ୍ଚଦେବ ନୃତ୍ୟ ପରିବେଷଣ କରାଯାଇଥିଲା। ପରେ ନୟାଗଡ ନୃତ୍ୟ ପ୍ରଣାମ ଅନୁଷ୍ଠାନ କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ରଚିତ 'କୁଞ୍ଜବନେ କଳାନିଧି' ପରିବେଷଣ କରିଥିଲେ। ବ୍ରହ୍ମପୁର ଓଡ଼ିଶୀ ସାଧନା ପୀଠର କଳାକାରମାନେ 'ମହାକାଳୀ ଧ୍ୟାନ', ସନ୍ଧ୍ୟା ଓଡ଼ିଶୀ ନୃତ୍ୟ ଏକାଡେମୀର କଳାକାର 'ସ୍ଥାୟୀ ନୃତ୍ୟ', ନୃତ୍ୟପ୍ରଭାର କଳାକାର 'ଶିବଅଷ୍ଟକ' ପରିବେଷଣ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟକୁ ନାଟ୍ୟକାର ରମେଶ ପ୍ରସାଦ ପାଣିଗ୍ରାହୀ ଉଦ୍‌ଘାଟନ କରିଥିଲେ। ବେଙ୍ଗାଲୁରୁର ନନର୍ତ୍ତାଶା ଡ୍ୟାନ୍ସ ଏକାଡେମୀ ଗଣେଶ ତାଣ୍ଡବ ପରିବେଷଣ କରିଥଲେ। ତାଙ୍କ ପରେ କଟକର ଲାସ୍ୟ ଡ୍ୟାନ୍ସ ଏକାଡେମୀ 'ଗଙ୍ଗାତରଙ୍ଗ', ବଡ଼ଦର ନଟରାଜ କଳାମନ୍ଦିର ଶ୍ରୀ ଜୟଦେବଙ୍କ ରଚନାରୁ 'ଶ୍ରିତକମଳ', ଅଙ୍ଗହାର ନୃତ୍ୟାୟନ ପକ୍ଷରୁ 'ଥାଇ ନୃତ୍ୟ', ତ୍ରିଭଙ୍ଗ କଳା ନିକେତନ ପକ୍ଷରୁ 'ଶିବସ୍ତୁତି' ଆଦି ୧୬ଟି ନୃତ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମର ଅନ୍ତିମ ପର୍ଯ୍ୟାୟକୁ ରାଜ୍ୟ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଉଦ୍‌ଘାଟନ କରିଥଲେ। ତ୍ରିଧାରାର ଶିଳ୍ପୀମାନଙ୍କ ଦ୍ୱାରା ଲକ୍ଷ୍ମୀନୃସିଂହ ଧ୍ୟାନ, ନୃତ୍ୟ ବିଳାସ ପକ୍ଷରୁ 'କୃଷ୍ଣ ବନ୍ଦନା' ଭଳି ୧୧ଟି ନୃତ୍ୟ ପରିବେଷଣ କରାଯାଇଥିଲା। ଏହି ଅବସରରେ ୧୧ଜଣ ନୃତ୍ୟଶିଳ୍ପୀ ଓ ଗୁରୁମାନଙ୍କୁ 'ଗୁରୁ ଦେବପ୍ରସାଦ ନୃତ୍ୟ ରତ୍ନ ସମ୍ମାନ' ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ସିମାଞ୍ଚଳ ପଣ୍ଡା ତିନୋଟିଯାକ ଅଧିବେଶନରେ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମକୁ ଇଂ ଶ୍ରୀନିବାସ ଘଟୁଆରୀ ସଂଯୋଜନା କରିଥିଲେ।



କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

# ଘର ଦଖଲକୁ କେନ୍ଦ୍ର କରି ତୁମୁଳକାଣ୍ଡ

- ରାଜନେତାଙ୍କ ସମ୍ପର୍କୀୟ-ଭଡ଼ାଟିଆଙ୍କ ମଧ୍ୟରେ ମୁହାଁମୁହିଁ
- ଉଭୟ ପକ୍ଷର ୧୪ ଅଟକ, ଥାନାରେ ଡିସିପିଙ୍କ ୩ ଘଣ୍ଟା କସରତ

ଭୁବନେଶ୍ୱର,୧୬।୩(ବ୍ୟୁରୋ):

ନୟାପଲ୍ଲୀ ଥାନା ଅନ୍ତର୍ଗତ ଏନ୍-୩ରେ ଏକ ଘର ଦଖଲକୁ କେନ୍ଦ୍ର କରି ମଙ୍ଗଳବାର ସନ୍ଧ୍ୟାରେ ତୁମୁଳକାଣ୍ଡ ଘଟିଛି। ଜଣେ ବିଧାୟକଙ୍କ ସମ୍ପର୍କୀୟ ଘର କିଣିବାପରେ ସେଠାରେ ରହୁଥିବା ଭଡ଼ାଟିଆ ଘର ଖାଲି ନ କରିବାରୁ ଉଭୟଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି। ଉଭୟ ପକ୍ଷଙ୍କ ଅଭିଯୋଗ ପରେ ପୋଲିସ ସେମାନଙ୍କୁ ଥାନାକୁ ଆଣି ପଚରାଉଚରା ଜାରି ରଖିଛି। ଏପରି କି ଏହି ଘଟଣା ସମ୍ପର୍କରେ ଖବର ପାଇ ଡିସିପି ଉମାଶଙ୍କର ଦାସ ଥାନାରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଉଭୟ ପକ୍ଷର ୧୪ଜଣଙ୍କୁ ଅଟକ ରଖାଯାଇଥିବା ସୂଚନା ଦେଇଛନ୍ତି।

ମିଳିଥିବା ସୂଚନା ଅନୁସାରେ, ଉକ୍ତ ଘରେ ରହୁଥିବା ଭଡ଼ାଟିଆଙ୍କ ଅଭିଯୋଗ ମୁତାବକ ମଙ୍ଗଳବାର ସନ୍ଧ୍ୟାରେ ଜିପ୍ ଓ ବାଇକ୍‌ରେ ୧୦ ରୁ ୨୦ ଯୁବକ ଆସି ଲୁହା ଛଡ଼ ଓ କାଠ ଫାଳିଆରେ ତାଙ୍କ ଟିଭି ସହ ଅନ୍ୟ ଆସବାବପତ୍ର ପିଟି ଭାଙ୍ଗି ଦେଇଥିଲେ। ଏହାକୁ ପ୍ରତିବାଦ କରିବାରୁ ବିଧାୟକଙ୍କ ସମ୍ପର୍କୀୟ ଓ ଅନ୍ୟମାନେ ତାଙ୍କୁ ଧମକ ଦେଇଥିଲେ। ଅପରପକ୍ଷରେ ବିଧାୟକଙ୍କ ସମ୍ପର୍କୀୟାଙ୍କ ଅଭିଯୋଗ ଅନୁସାରେ ତାଙ୍କ ସ୍ୱାମୀ ନୟାପଲ୍ଲୀରେ ଥିବା ଏକ ଘରକୁ କିଣିଛନ୍ତି। ଏନେଇ ମାସେ ତଳେ ଟଙ୍କା ଦେଣନେଣ ମଧ ସରିଛି। ଉକ୍ତ ଘରେ ପୂର୍ବରୁ ରହୁଥିବା ଭଡ଼ାଟିଆଙ୍କୁ ୭ ଦିନ ମଧ୍ୟରେ ଘର ଖାଲି କରିବାକୁ କୁହାଯାଇଥିଲା। ହେଲେ ସେ ଘର ଛାଡ଼ି ନ ଥିଲେ। ଏପରି କି ଘରର ଇଣ୍ଟେରିୟର ଡେକୋରେଟର ବାବଦକୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରିଥିବାରୁ ଘର ଖାଲି କରିବାକୁ ମନା କରି ଦେଇଥିଲେ। ଇଣ୍ଟେରିୟର ବାବଦରେ ଖର୍ଚ୍ଚ କରିଥିବା ଟଙ୍କା ଫେରାଇଲେ ଘର ଖାଲି କରିବେ ବୋଲି କହିଥିଲେ। ଯାହାକୁ ନେଇ ଉଭୟ ପକ୍ଷଙ୍କ ମଧ୍ୟରେ ମଙ୍ଗଳବାର ବଚସା ହୋଇ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି ଘଟଣାରେ ଘର ବିକ୍ରି ଓ କିଣିଥିବା ଏବଂ ଭଡ଼ାରେ ରହିଥିବା ଲୋକ ପ୍ରଭାବଶାଳୀ ହୋଇଥିବାରୁ ଏହାର ସମାଧାନ ନିମନ୍ତେ ଖୋଦ୍ ଡିସିପି ଥାନାରେ ବିଳମ୍ବିତ ରାତିରେ ୩ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଚେଷ୍ଟା ଚଳାଇଥିବା ଜଣାପଡ଼ିଛି। ଖବର ଲେଖା ହେବା ପର୍ଯ୍ୟନ୍ତ ଉଭୟ ପକ୍ଷର ୧୪ଜଣ ଥାନାରେ ଅଟକ ଥିବାବେଳେ କୌଣସି ମାମଲା ରୁଜୁ ହୋଇନାହିଁ ବୋଲି ପୋଲିସ ସୂଚନା ଦେଇଛି।

## ୫ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୧୬।୩(ବ୍ୟୁରୋ):

ରାଜଧାନୀରେ ଷ୍ଟ୍ରିଟ କ୍ରାଇମ ରୋକିବାକୁ କମିଶନରେଟ୍ ପୋଲିସର ସ୍ପେଶାଲ୍ ସ୍କ୍ୱାଡ ଚନ୍ଦ୍ରଶେଖରପୁର, ଖାରବେଳ ନଗର ଓ ଜଟଣୀ ଥାନାର ସ୍ପେଶାଲ୍ ସ୍କ୍ୱାର୍ଡ ଟିମ ଚଢ଼ାଉ କରି ୫ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୨୫ହଜାର ଟଙ୍କା ଓ ୩ଟି ମୋବାଇଲ୍ ଫୋନ୍ ଜବତ ହୋଇଛି। ଗତ ୧୫ତାରିଖରେ ଜଣେ ବ୍ୟକ୍ତିଙ୍କଠାରୁ ୪୦ ହଜାର ଟଙ୍କା ଲୁଟ୍ ହୋଇଥିଲା। ଏ ନେଇ ଖାରବେଳନଗର ଥାନାରେ ଅଭିଯୋଗ ପରେ କନ୍ଦରପୁର ଅଞ୍ଚଳରୁ ଅଭିଯୁକ୍ତ ନିରଞ୍ଜନ ବେହେରାଙ୍କୁ ଗିରଫ କରାଯାଇଛି। ତାଙ୍କ ଠାରୁ ୨୩ ହଜାର ଟଙ୍କା ଜବତ ହୋଇଛି। ସେହିପରି ଜଟଣୀ ପୋଲିସ ଗଜପତି ନଗରର ଏମ୍.ସୋମନାଥ ରାଓ ଓ ରାମଚନ୍ଦ୍ରପୁର ବଜାରର କୁନା ନାୟକଙ୍କୁ ଗିରଫ କରିଛି। ଗତ ୧୫ ତାରିଖରେ ଶିଶିର ମହାପାତ୍ରଙ୍କ ଘରୁ ଚୋରି ଅଭିଯୋଗରେ ବିରୁ ଦାସ ଓ ଅଜିତ୍ ପ୍ରଧାନଙ୍କୁ ଗିରଫ କରାଯାଇଛି।

# ବ୍ଲୁ ଲାଇଟ୍ ଡ୍ୟାନ୍ସ ଷ୍ଟୁଡିଓ ନୃତ୍ୟଶାଳା ଉଦ୍‌ଘାଟିତ

ଭୁବନେଶ୍ୱର, ୧୬।୩ (ବ୍ୟୁରୋ)

ନୃତ୍ୟ ଶିଳ୍ପୀମାନଙ୍କୁ ଆଧ୍ୟତ୍ମିକ ଓ ଶାନ୍ତ ବାତାବରଣରେ ଶିକ୍ଷା ଦେବାକୁ 'ଦି ବ୍ଲୁ ଲାଇଟ୍' ଡ୍ୟାନ୍ସ ଷ୍ଟୁଡିଓର ନୃତ୍ୟଶାଳା ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଓଡ଼ିଆ ଭାଷା ସାହିତ୍ୟ, ସଂସ୍କୃତି ବିଭାଗର ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ଯୋଗଦ୍ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ କାଦମ୍ବିନୀର ସମ୍ପାଦିକା ଡ. ଇତି ସାମନ୍ତ ଯୋଗଦେଇଥିଲେ। ଏଠାରେ ନୃତ୍ୟ ସହିତ ଯୋଗ, ଧ୍ୟାନ, କ୍ଲାସିକାଲ ଡ୍ୟାନ୍ସ ଶିକ୍ଷା ଦିଆଯିବ ବୋଲି ନୃତ୍ୟଶାଳା ପ୍ରତିଷ୍ଠାତା ଗୁରୁ ଜନ୍ମେଜୟ ମହାନ୍ତି କହିଛନ୍ତି ।



ନୃତ୍ୟଶାଳା ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ ।

# ଆଚରଣଗତ ପରିବର୍ତ୍ତନ ପାଇଁ ନିୟୋଜିତ ୨୧୬୮ ସ୍ୱଚ୍ଛସାଥୀ

**'ସ୍ୱଚ୍ଛ ଓଡ଼ିଶା ସୁସ୍ଥ ଓଡ଼ିଶା' ଲକ୍ଷ୍ୟ**

ଭୁବନେଶ୍ୱର,୧୬।୩(ବ୍ୟୁରୋ)

ସହରାଞ୍ଚଳରେ ପରିମଳ ପରିଚାଳନା ବିଶେଷକରି କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିମନ୍ତେ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ସହରରେ ଥିବା ପ୍ରତିଟି ଘରୁ, ଦୋକାନ ବଜାର, ଅନୁଷ୍ଠାନ,ପ୍ରତିଷ୍ଠାନ ଆଦିରୁ ଓଦା ଏବଂ ଶୁଖିଲା ବର୍ଜ୍ୟବସ୍ତୁ ଅଲଗା ଅଲଗା ଭାବେ ସଂଗ୍ରହ ଉପରେ ଗୁରୁତ୍ୱ ଦିଆଯାଉଛି। ବର୍ତ୍ତମାନ ୨,୧୬୮ ସ୍ୱଚ୍ଛସାଥି ଏବଂ ୪୮୬ ଜଣ ସ୍ୱଚ୍ଛ ସୁପରଭାଇଜର ରାଜ୍ୟର ୧୧୪ଟି ପୌରସଂସ୍ଥାରେ ପରିମଳ କାର୍ଯ୍ୟରତ ଅଛନ୍ତି। ଏ ପର୍ଯ୍ୟନ୍ତ ବିଭିନ୍ନ ପୌରସଂସ୍ଥାରେ ୧୬୫ଟି ମଇକ୍ରୋ କାମ୍ପୋଷ୍ଟିଙ୍ଗ ସେଣ୍ଟର ଏବଂ ୧୪୦ଟି ମ୍ୟାଟେରିଆଲ ରିକଭରୀ ଫ୍ୟାସିଲିଟି ସେଣ୍ଟର କାର୍ଯ୍ୟକ୍ଷମ ହୋଇଛି। ମିଶନ ଶକ୍ତି ସ୍ୱୟଂ ସହାୟକ ଦଳ ତରଫରୁ ୪ ଜଣ ସ୍ୱଚ୍ଛ ସାଥୀଙ୍କ ପାଇଁ ଜଣେ ସ୍ୱଚ୍ଛ ସୁପରଭାଇଜର ନିୟୋଜିତ ହୋଇଛନ୍ତି। ଯେଉଁମାନେ ଲୋକଙ୍କ ମଧ୍ୟରେ ଆଚରଣଗତ ପରିବର୍ତ୍ତନ ଆଣିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି।

ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ମନୋନୀତ ସ୍ୱଚ୍ଛ କର୍ମୀ ବ୍ୟାଟେରୀ ଚାଳିତ ଅଳିଆ ସଂଗ୍ରହ ଗାଡ଼ି ସହାୟତାରେ ଅଳିଆ ସଂଗ୍ରହ କରୁଛନ୍ତି । ଅଳିଆ ଅଲଗା ହୋଇ ସଂଗ୍ରହ ହେବାପରେ 'ସମ୍ପଦ କେନ୍ଦ୍ର' କୁ ନିଆଯାଇ ସେଠାରେ ଓଦା ଅଳିଆ ମଇକ୍ରୋ କାମ୍ପୋଷ୍ଟିଙ୍ଗ ସେଣ୍ଟର ଏବଂ ଶୁଖିଲା ଅଳିଆ ମ୍ୟାଟେରିଆଲ ରିକଭରୀ ଫ୍ୟାସିଲିଟିରେ ପ୍ରକ୍ରିୟାକରଣ କରାଯାଉଛି । ମାଇକ୍ରୋ କାମ୍ପୋଷ୍ଟିଙ୍ଗ ସେଣ୍ଟରରେ ଓଦା ଅଳିଆ ପ୍ରକ୍ରିୟାକରଣ ହୋଇ ମୋ ଖତ (ଜୈବିକଖତ) ପ୍ରସ୍ତୁତ ହେଉଛି । "ମୋ ଖତ ବିକ୍ରୟ କାଉଣ୍ଟର" ଏବଂ ମାଇକ୍ରୋ କମ୍ପୋଷ୍ଟିଙ୍ଗ ସେଣ୍ଟରରେ କିଲୋଗ୍ରାମ ପ୍ରତି ୨୦ ଟଙ୍କାରେ ବିକ୍ରି ହେଉଛି ଓ ଏହାର ଅନେକ ଚାହିଦା ରହିଛି । ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ମହିଳା ଏବଂ କିନ୍ନରଙ୍କ ଦକ୍ଷତାକୁ ସ୍ୱୀକୃତି ଦେଇ, ସେ ବର୍ଜ୍ୟବସ୍ତୁ ସଂଗ୍ରହ ହେଉ ଅବା ସମ୍ପଦ କେନ୍ଦ୍ରର ପରିଚାଳନା ସବୁଥିରେ ସେମାନଙ୍କର ଭାଗିଦାରୀତା ନିଶ୍ଚିତ କରିଛନ୍ତି। ଏତଦ୍ ବ୍ୟତୀତ ଗୋଷ୍ଠୀ ସଂଗଠନ, ବଜାର ସମିତିଙ୍କ ବର୍ଜ୍ୟ ବସ୍ତୁ ପରିଚାଳନାରେ ସକ୍ରିୟ ଅଂଶଗ୍ରହଣ ରାଜ୍ୟ ସରକାରଙ୍କ ଏହି ପ୍ରୟାସକୁ ଆହୁରି ସୁଦୃଢ଼ କରିଛି ବୋଲି ପୌର ପ୍ରଶାସନ ନିର୍ଦ୍ଦେଶକଙ୍କ ସଂଗ୍ରାମଜିତ ନାୟକ କହିଛନ୍ତି ।

ରାଜ୍ୟର ସହରାଞ୍ଚଳକୁ ସ୍ୱଚ୍ଛ ଓ ସୁନ୍ଦର ରଖିବାର ପ୍ରୟାସକୁ ମଧ ଅନେକ ସ୍ୱୀକୃତି ମିଳିଛି। କେନ୍ଦ୍ର ସରକାରଙ୍କ ଦ୍ୱାରା ହେଉଥିବା ପରିମଳ "ସ୍ୱଚ୍ଛସର୍ବେକ୍ଷଣ-୨୦୨୦'ରେ ଓଡିଶା ଦୁଇଟି ଜାତୀୟ ପୁରସ୍କାର ସହିତ ପୌରସଂସ୍ଥାଗୁଡିକର ଭଲପ୍ରଦର୍ଶନ ଗୌରବ ଆଣିଦେଇଛି। ଓଡ଼ିଶାକୁ 'ଦ୍ରୁତଗାମୀ ରାଜ୍ୟ' ଓ ବ୍ରହ୍ମପୁର ମହାନଗର ନିଗମକୁ ଅଭିନବ କାର୍ଯ୍ୟକ୍ରମ ପାଇଁ ଶ୍ରେଷ୍ଠ ସହର ଭାବେ ପୁରସ୍କୃତ କରାଯାଇଛି। କୋଭିଡ୍ ସତ୍ତ୍ୱେ କୋଭିଡ୍ ନିୟମସବୁକୁ କଡ଼ାକଡ଼ି ପାଳନ କରାଯାଇ ରାଜ୍ୟର ସମସ୍ତ ପୌରସଂସ୍ଥାରେ ଥିବା ସଫେଇ କର୍ମଚାରୀ, ସ୍ୱଚ୍ଛ କର୍ମୀ, ସ୍ୱଚ୍ଛ ସାଥୀ, ସ୍ୱଚ୍ଛସୁପରଭାଇଜର ଏବଂ ପରିମଳରେ ନିୟୋଜିତ କର୍ମଚାରୀଙ୍କୁ ତାଲିମ ଦିଆଯାଇଥିଲା । ୩ଟି ପର୍ଯ୍ୟାୟରେ ୧୧୪ଟି ପୌରସଂସ୍ଥାରେ ୩୩୬୦୬ ଜଣ ତାଲିମ ପାଇଥିଲେ । ଏହା ପୂର୍ବରୁ ପୌରସଂସ୍ଥାରେ ତାଲିମ ଦେବାକୁ ଥିବା ତାଲିମଦାତାଙ୍କ ଭିଡ଼ିଓ କନଫରେନ୍ସିଂ ମାଧ୍ୟମରେ ବିଭାଗ ତରଫରୁ ପ୍ରଦାନ କରାଯାଇଥିଲା ।"ସ୍ୱଚ୍ଛ ଓଡ଼ିଶା ସୁସ୍ଥ ଓଡ଼ିଶା" ଗଢିବା ଲକ୍ଷ୍ୟରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମୁଖ୍ୟମନ୍ତ୍ରୀଙ୍କ ସୁଦୂର ପ୍ରସାରୀ ଦୂରଦର୍ଶନ ଓ ନିର୍ଦ୍ଦେଶ କ୍ରମେ ଲୋକାଭିମୁଖୀ ଯୋଜନା ଏବଂ କାର୍ଯ୍ୟକ୍ରମ ହାତକୁ ନେଇଛି ବୋଲି ନିର୍ଦ୍ଦେଶକ କହିଛନ୍ତି।

## ବାଣଫୁଟି ପାଳଗଦା ଜଳିଗଲା

କଣ୍ଟାପଡା,(ଡି.ଏନ୍.ଏ.) ବାଣ ଫୁଟି ଓଲଟପୁର ଥାନା ଅନ୍ତର୍ଗତ ବାଇରୋଇ ଗ୍ରାମର ବିଭୂତି ସିଂଙ୍କ ପାଳଗଦା ଜଳିଯାଇଛି। ମଙ୍ଗଳବାର ଅପରାହ୍ନରେ ଉକ୍ତ ଗ୍ରାମର ଜଣେ ବାଳକ ବିଭୂତିଙ୍କ ପାଳଗଦା ନିକଟରେ ବାଣ ଫୁଟାଉଥିଲେ। ମାତ୍ର ଅସାବଧାନତା ଯୋଗୁ ବାଣ ପାଳଗଦା ଭିତରକୁ ପଶି ଫୁଟିଯିବାରୁ ତାହା ଜଳିଯାଇଥିଲା। ଖବରପାଇ ଅଡଶପୁର ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

## ସଂକ୍ଷେପରେ

### କେଲୁଣୀ ମୁହାଣ ନଦୀରୁ ମୃତଦେହ ଜବତ

**ଅସ୍ତରଙ୍ଗ,୧୬।୩(ଡି.ଏନ୍.ଏ.):** ଅସ୍ତରଙ୍ଗ ବ୍ଲକ ଶିଶୁଅ ପଞ୍ଚାୟତର କେଲୁଣୀ ମୁହାଣ ନଦୀରେ ମଙ୍ଗଳବାର ଏକ ଅଜଣାବ୍ୟକ୍ତିଙ୍କ ମୃତଦେହକୁ ପୋଲିସ ଜବତ କରିଛି। ବ୍ୟକ୍ତିଙ୍କର ବୟସ ୫୦ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ବ୍ୟକ୍ତି ଜଣକ କଳା ହାଫ୍ ପ୍ୟାଣ୍ଟ ଓ ହଳଦିଆ ଶାର୍ଟ ପିନ୍ଧି ଥିବାବେଳେ ପରିଚୟ ସ୍ପଷ୍ଟ ଜଣାପଡ଼ିନି। କେଲୁଣି ମୁହାଣ ନଦୀକୁ ସ୍ଥାନୀୟ ଗ୍ରାମର କେତେଜଣ ଲୋକ ଯାଉଥିବାବେଳେ ଏକ ମୃତଦେହ ଭାସୁଥିବାର ଦେଖିଥିଲେ। ପରେ ପୋଲିସକୁ ଜଣାଇବାରୁ ଅସ୍ତରଙ୍ଗ ଥାନାଧିକାରୀ ଏକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦିଆଯାଇଛି। ଏକ ଅପମୃତ୍ୟୁ ମାମଲା(ନଂ.୩/୨୧) ରୁଜୁ କରି ତଦନ୍ତ ଚଳାଇଛି।

### ବନ୍ଧୁକ ଦେଖାଇ ମୋବାଇଲ, ଟଙ୍କା ଲୁଟ୍

**ଚୌଦ୍ୱାର,୧୬।୩(ଡି.ଏନ.ଏ.):** ଦୋକାନ ବନ୍ଦ କରି କଟକରୁ ଘରକୁ ଫେରୁଥିବା ଜଣେ ବ୍ୟବସାୟୀଙ୍କୁ ୨ ଜଣ ଦୁର୍ବୃତ୍ତ ବନ୍ଧୁକ ଦେଖାଇ ମୋବାଇଲ ଓ ଟଙ୍କା ଲୁଟି ନେଇଥିବା ଚୌଦ୍ୱାର ଥାନାରେ ଅଭିଯୋଗ ହୋଇଛି। ଏହି ଥାନା ଅଧୀନ ବଡସାମନ୍ତରାପୁର ଗ୍ରାମର ରାଜେନ୍ଦ୍ର ନାୟକ ସୋମବାର ରାତି ୯ଟାରେ କଟକରୁ ନିଜ ଗ୍ରାମକୁ ଫେରୁଥିଲେ। ବ୍ୟାରେଜ ରୋଡ଼ର ଚୌଦ୍ୱାର ବିରୁପା ବ୍ରିଜ ପମ୍ପ ହାଉସ ନିକଟରେ ଦୁର୍ବୃତ୍ତ ଦ୍ୱୟ ଏକ ବାଇକରେ ଆସି ତାଙ୍କୁ ଅଟକାଇଥିଲେ। ପରେ ତାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ମାଡ଼ ମାରିବା ସହ ମୋବାଇଲ ଓ ଟଙ୍କା ଲୁଟି ନେଇଥିଲେ। ଏ ନେଇ ରାଜେନ୍ଦ୍ର ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

### ହତ୍ୟା ଉଦ୍ୟମ: ୨ ଗିରଫ

**କଟକ ଅଫିସ, ୧୬।୩:** ହତ୍ୟା ଉଦ୍ୟମ ଅଭିଯୋଗରେ ମାଲଗୋଦାମ ପୋଲିସ ୨ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ଯୋବ୍ରା ପାତ୍ରା ସାହିର ପୁପୁନା ମାହାଲା(୪୫) ଓ ସନିଆ ସ୍ୱାଇଁ(୩୨)। ସେମାନଙ୍କ ନିକଟରୁ ଗୋଟିଏ ଗାଡି ଓ ଛୁରି ଜବତ ହୋଇଛି। ମାଲଗୋଦାମ ଥାନା ଅଧିକାରୀ ରବି ନାରାୟଣ ଭଞ୍ଜଙ୍କ ସୂଚନା ଅନୁଯାୟୀ, ଅଭିଯୁକ୍ତ ଦ୍ୱୟ ସେହି ସାହିର କ୍ରିଷ୍ଣା ରେଡ୍ଡୀଙ୍କୁ ସୋମବାର ବିଳମ୍ବିତ ରାତିରେ ଘରୁ ଡାକି ନେଇ ନିଛାଟିଆ ସ୍ଥାନରେ ଛୁରିରେ ମାରିଦେବାକୁ ଉଦ୍ୟମ କରିଥିଲେ। ସେହି ସମୟରେ ସ୍ଥାନୀୟ ଅଞ୍ଚଳର ଦୁଇ ଜଣ ବ୍ୟକ୍ତି ଆସିଯିବାରୁ ଅଭିଯୁକ୍ତ ଦ୍ୱୟ ପଳାଇ ଯାଇଥିଲେ। ଏ ନେଇ କ୍ରୀଷ୍ଣା ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିଥିଲା।

### ଘର ତାଲା ଭାଙ୍ଗି ଚୋରି

**ନିମାପଡ଼ା,୧୬।୩(ଡି.ଏନ୍.ଏ.):** ନିମାପଡ଼ା ଥାନା ଗଡ଼ଅଣ୍ଡିଆ ମାହାଦିଆହୁଡ଼ା ସାହିରେ ଥିବା ଏକ ଘରର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି କରି ନେଇଥିବା ମଙ୍ଗଳବାର ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା(ନଂ.୧୦୧/୨୧) ରୁଜୁ କରି ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ଏହି ସାହିରେ ସଞ୍ଜୟ ଦାଶଙ୍କ ଘରେ କୋଣାର୍କ ଥାନା ଅଧୀନ ଗାଗପୁର ଗ୍ରାମର ସଦାଶିବ ତ୍ରିପାଠୀ ଭଡ଼ାରେ ରୁହନ୍ତି। ହେଲେ ସଦାଶିବ ସୋମବାର ଘରେ ନ ଥିବାବେଳେ କେହି ଦୁର୍ବୃତ୍ତ ମଧାହ୍ନରେ ଘର ତାଲା ଭାଙ୍ଗି ପଶି ୩ଟି ଫ୍ୟାନ, ୩ଟି ଗ୍ୟାସ ସିଲିଣ୍ଡର, ୨ଟା ଚୂଲା, ଗ୍ରାଇଣ୍ଡର, ସିଲେଇ ମେଶିନ, ବାସନକୁସନ, ଲୁଗାପଟା, ଡ୍ରେସିଂ ଓ ଡାଇନିଂ ଟେବୁଲ ଆଦି ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି କରି ନେଇଛନ୍ତି। ତେବେ ରାତିରେ ସଦାଶିବ ଫେରିବାବେଳେ ଘର ତାଲା ଭାଙ୍ଗି ଚୋରି ହୋଇଥିବା ଦେଖି ଥାନାର ଦ୍ୱାରସ୍ଥ ହୋଇଥିଲେ। ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଭଡ଼ାଘରର ମାଲିକ ସଞ୍ଜୟଙ୍କ ପରିବାର ଘର ପରିସରରେ ହିଁ ରହୁଥିବାବେଳେ ସ୍ପଷ୍ଟଦିବାଲୋକରେ କିଭଳି ଦୁର୍ବୃତ୍ତମାନେ ଘର ତାଲା ଭାଙ୍ଗି ଫ୍ୟାନ, ଟେବୁଲ ଭଳି ସାମଗ୍ରୀ ସବୁ ଉଠାଇନେଲେ ତାହା ସାଧାରଣରେ ସନ୍ଦେହ ସୃଷ୍ଟି କରୁଛି।

# ଚନ୍ଦକାରେ ନିଆଁ



- ଗ୍ରାମବାସୀ ଭୟଭୀତ
- ବନ୍ୟଜନ୍ତୁ ପ୍ରଭାବିତ ହେବା ଆଶଙ୍କା
- ଡମପଡ଼ା, ବାରଙ୍ଗ, ଆଠଗଡ଼ର ଟିମ୍ ନିଆଁଲିଭାରେ ନିୟୋଜିତ

ଚନ୍ଦକା ଜଙ୍ଗଲରେ ଲାଗିଥିବା ନିଆଁ।

**ବାଙ୍କୀ,୧୬।୩(ବି.ପ୍ର./ସ୍ୱ.ପ୍ର.)**

ଶିମିଳିପାଳ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ନିଆଁ ଲାଗିବା ଯୋଗୁ ଜଙ୍ଗଲ ସମ୍ପଦ ଓ ବହୁ ଜୀବଜନ୍ତୁଙ୍କ ପ୍ରାଣହାନି ଘଟିଛି। ରାଜ୍ୟ ସରକାର ନିଆଁକୁ ଆୟତ୍ତ କରିବା ଲାଗି ଅନେକ ପଦକ୍ଷେପ ନେଇଥିବା କହିଛନ୍ତି। ଏହାସତ୍ତ୍ୱେ ବିଭିନ୍ନ ଜଙ୍ଗଲରୁ ନିଆଁ ଥମୁନାହିଁ। ଚନ୍ଦକାର ବିଭିନ୍ନ ସ୍ଥାନରେ ନିଆଁ ବଢୁଥିବାବେଳେ ସୋମବାର ରାତିରୁ ବାଙ୍କୀ-ଡମପଡ଼ା ବ୍ଲକ ଅଧୀନ ଡମପଡ଼ା-ଚନ୍ଦକା ଅଭୟାରଣ୍ୟ ପାଦ ଦେଶରେ କଇଁମୁଣ୍ଡି ଗ୍ରାମ ନିକଟସ୍ଥ ବାଘରାଖୋଲ ଓ ଦେଉଳିଆ ପାହାଡ଼ରେ ନିଆଁ ଲାଗି ଭୟାବହ ପରିସ୍ଥିତି ସୃଷ୍ଟି ହୋଇଛି। ଗ୍ରାମବାସୀଙ୍କଠାରୁ ଖବରପାଇ ମଙ୍ଗଳବାର ସକାଳେ ଡମପଡ଼ା ଅଗ୍ନିଶମ ବିଭାଗ ଓ ବନବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଛନ୍ତି। ହେଲେ ପାହାଡ଼ର ଟୀଖରେ ନିଆଁ ଲାଗିଥିବାରୁ ଅଗ୍ନିଶମ ବିଭାଗ ଓ ବନକର୍ମଚାରୀ ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିବାରେ ସମସ୍ୟା ସୃଷ୍ଟି ହୋଇଛି।

ଖବରପାଇ କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ନିଆଁ ଲିଭାଇବା ପାଇଁ ସେ ଅଗ୍ନିଶମ ବିଭାଗ ଡିଜିଙ୍କ ସହ କଥା ହୋଇଛନ୍ତି। ଅଧିକ ସଂଖ୍ୟକ ଫାୟାର୍ ବ୍ରିଗେଡ୍ ଗାଡି ଘଟଣାସ୍ଥଳକୁ ପଠାଇବା ପାଇଁ ଅନୁରୋଧ କରିଛନ୍ତି। ଏ ସମ୍ପର୍କରେ ଚୟନୀ ଜଙ୍ଗଲ ବିଭାଗ ଅଧିକାରୀ, ଡିଏଫ୍ଓ ଏବଂ ଉପଜିଲାପାଳଙ୍କ ସହ ଆଲୋଚନା କରିଛନ୍ତି। ଡମପଡ଼ା, ଆଠଗଡ଼ ଓ ବାରଙ୍ଗ ଅଗ୍ନିଶମ ବିଭାଗ ସମେତ କଟକରୁ ଷ୍ଟ୍ରାଇକିଂ ଫୋର୍ସ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ପ୍ରଚେଷ୍ଟା ଚଳାଇଛନ୍ତି। ଡେପୁଟି ଫାୟାର ଅଫିସର ଟି.କେ ବାବୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସର୍ଚ୍ଚ ଅପରେସନ ଚାଲିଥିବା ବେଳେ ଡମପଡା ତହସିଲଦାର କ୍ଷୀତିଶ କୁମାର ବେହେରା କଇଁମୁଣ୍ଡି ଗ୍ରାମକୁ ଯାଇ ଉପସ୍ଥିତ ଅଗ୍ନିଶମ ଅଧିକାରୀ ଓ ଷ୍ଟ୍ରାଇକିଂ ଫୋର୍ସ ସହ ଆଲୋଚନା କରିଛନ୍ତି। ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ବାଘରାଖୋଲ ପାହାଡ଼ର ନିଆଁକୁ ଆୟତ୍ତ କରାଯାଇପାରିଛି ବୋଲି ଡମପଡ଼ା ଆଗ୍ନିକ ଲକ୍ଷ୍ମୀଧର ସାହୁ ସୂଚନା ଦେଇଛନ୍ତି। ତେବେ ଦେଉଳିଆ ପାହାଡ଼ରେ ନିଆଁକୁ ଆୟତ୍ତ କରିବା ପାଇଁ ଏବେବି ପ୍ରଚେଷ୍ଟା ଜାରି ରହିଛି। ଅପରପକ୍ଷେ ଅଗ୍ନିର ପ୍ରଭାବ ସ୍ଥାନୀୟ ଚାରଘେରିଆ ଗ୍ରାମ ଉପରେ ପଡ଼ିବା ଆଶଙ୍କାରେ ଗ୍ରାମବାସୀ ଭୟଭୀତ ହୋଇଯାଇଛନ୍ତି।

ଦେଉଳିଆ ପାହାଡ଼ ଓ ବାଘରାଖୋଲ ଅଞ୍ଚଳରେ ବହୁ ଜଙ୍ଗଲି ଜନ୍ତୁ ଯଥା ବାର୍‌ହା, ମିରିଗ, ହରିଣ, କୁଟୁରା ଆଦି ରହିଛନ୍ତି। ସେଠାରେ ଅନେକ ମୟୂର ମଧ୍ୟ ଦେଖିବାକୁ ମିଳେ। ନିଆଁ ଲାଗିବା ଯୋଗୁ ଏହି ବନ୍ୟଜନ୍ତୁ ଓ ପକ୍ଷୀମାନେ ପ୍ରଭାବିତ ହେବା ସହ ବିଭିନ୍ନ ବୃକ୍ଷ ଓ ଔଷଧୀୟ ବୃକ୍ଷ କ୍ଷତିଗ୍ରସ୍ତ ହେବାର ଆଶଙ୍କା ରହିଛି ବୋଲି ପରିବେଶବିତ୍‌ମାନେ କହିଛନ୍ତି। ନିଆଁ ଲାଗିବାର କାରଣ ଠିକ୍ ଭାବେ ଜଣାପଡିନାହିଁ। ଭଗିପୁର ବନାଞ୍ଚଳ ସେକ୍ସନ ଫରେଷ୍ଟର ଓ ବନ କର୍ମଚାରୀମାନେ ସେଠାରେ ଉପସ୍ଥିତ ରହିଛନ୍ତି। ଆଗ୍ନିକ ରଞ୍ଜନ କୁମାର ବେହେରା, ପ୍ରଶାନ୍ତ ବିଶ୍ୱାଳ ଏବଂ ଡମପଡାଗଡ଼ର ୨ ଦମକଳ ବାହିନୀ କର୍ମଚାରୀଙ୍କ ସମେତ ବାରଙ୍ଗ ଓ ଆଠଗଡ଼ର ଗୋଟିଏ ଲେଖାଏ ଆଗ୍ନିକ ଟିମ୍ ନିଆଁଲିଭା କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ଡମପଡ଼ା ରେଞ୍ଜର, ଫରେଷ୍ଟର ଓ ବନ କର୍ମଚାରୀମାନେ ଏଥିପ୍ରତି ଦୃଷ୍ଟି ରଖିଛନ୍ତି।

# ରିଚାର୍ଜ ନାଁରେ ଠକେଇ: ଅଭିଯୁକ୍ତ ଗିରଫ

## ମନିଟର, ହାର୍ଡଡିସ୍କ, ୟୁପିଏସ୍ ଜବତ



**କଟକ ସଦର, ୧୬।୩(ଡି.ଏନ୍.ଏ.)**

୪୨ ମୌଜା ଫାଣ୍ଡି ଦ୍ୱିବାଟୀ ଅଞ୍ଚଳରେ ମୋବାଇଲ ରିଚାର୍ଜ ନାଁରେ ଠକେଇ କରିବା ମାମଲାର ଅନ୍ୟତମ ଅଭିଯୁକ୍ତଙ୍କୁ ପୋଲିସ ମଙ୍ଗଳବାର ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଜଗତ୍‌ସିଂହପୁର ଜିଲା ବାଲିକୁଦା ଥାନା ଅଧୀନ ପାତ୍ରପଡା ଅଞ୍ଚଳର ବିପ୍ର ପ୍ରସାଦ ସ୍ୱାଇଁ। ଠକେଇରେ ବ୍ୟବହୃତ ୭ଟି ହାର୍ଡଡିସ୍କ, ୬ଟି ୟୁପିଏସ୍, ୬ଟି ସିପିୟୁ, ୭ଟି ମନିଟର, ୩ ମାଉସ୍ ଓ ୬ଟି କି-ବୋର୍ଡକୁ ପୋଲିସ ଜବତ କରିଛି। ମାମଲାରେ ସୂଚନା ପ୍ରଯୁକ୍ତି ଧାରା ୬ ଲାଗିଥିବାରୁ ତଦନ୍ତ ଦାୟିତ୍ୱ ଅତିରିକ୍ତ ଥାନାଧିକାରୀ ଅନୀତା ସାହୁଙ୍କୁ ଦିଆଯାଇଥିଲା। ପୋଲିସ ସୂତ୍ରରୁ ପ୍ରକାଶ, ବିପ୍ର ଦ୍ୱିବାଟୀ ଅଞ୍ଚଳରେ ଏକ ଦୋକାନ ଖୋଲି ଅନ୍‌ଲାଇନରେ ମୋବାଇଲ ଓ ଡିସ୍‌ଟିଭି ରିଚାର୍ଜ କରିବା ପାଇଁ ଗ୍ରାହକଙ୍କୁ ଆକର୍ଷଣୀୟ ଅଫର ଦେଇଥିଲେ। ୯୯୯ ଟଙ୍କା ରିଚାର୍ଜ କଲେ ୧ ବର୍ଷ ପାଇଁ ଅସୀମିତ କଲ ଓ ଇଣ୍ଟରନେଟ୍ ସେବା ମିଳିପାରିବ। ସେହିପରି ଡିସ୍‌ଟିଭିରେ ୧୪୯୯ ଟଙ୍କା ରିଚାର୍ଜ କଲେ ୧ ବର୍ଷ ପାଇଁ ଗ୍ରାହକମାନେ ବିଭିନ୍ନ ଚ୍ୟାନେଲ ଦେଖିପାରିବେ। ଏହି ଅଫରରେ ଗ୍ରାହକମାନଙ୍କୁ ସାମିଲ କରିବା ପାଇଁ ମନସ୍ଥ କରି ୪/୫ ଜଣ ଯୁବକଙ୍କ ନିଯୁକ୍ତି ଦେଇଥିଲେ। ପରେ ସମ୍ପୃକ୍ତ ଯୁବକମାନେ ବହୁସଂଖ୍ୟକ ଗ୍ରାହକ ଯୋଗାଡ କରିଥିଲେ। ସେମାନଙ୍କ ଜରିଆରେ ୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବିପ୍ର ଠକି ନେଇଥିଲେ। ଠକେଇ ଶିକାର ହୋଇଥିବା ମଧୁପାଟଣା ଥାନା ଦରଖାପାଟଣା ଅଞ୍ଚଳର ଜ୍ଞାନରଞ୍ଜନ ଶତପଥୀଙ୍କ ଫେବୃୟାରୀ ୫ରେ ୪୨ ମୌଜା ଫାଣ୍ଡିରେ ଅଭିଯୋଗ କରିଥିଲେ। ଏ ନେଇ କଟକ ସଦର ଥାନାରେ ଏକ ମାମଲା(ନଂ.୮୪/୨୧) ରୁଜୁହୋଇଥିଲା।

# ରେଳଧାରଣାରୁ ୨ ମୃତଦେହ ଜବତ

**ନିରାକାରପୁର,୧୬।୩(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ଭୁଷଣ୍ଡପୁର ରେଳ ଷ୍ଟେଶନ ନିକଟ କୁସୁମି ରେଳ ଫାଟକ ଖମ୍ବ ନଂ.୪୮୭/୨୨ ଡାଉନ୍ ଲାଇନରୁ ରେଲୱେ ପୋଲିସ ମଙ୍ଗଳବାର ଜଣେ ବୃଦ୍ଧଙ୍କ ମୃତଦେହ ଜବତ କରିଛି। ତେବେ ତାଙ୍କ ପରିଚୟ ମିଳିପାରି ନ ଥିବା ବେଳେ ବୟସ ପାଖାପାଖି ୭୦ବର୍ଷ ହେବ ବୋଲି ଜଣାପଡ଼ିଛି। ସେହିପରି ବାଲୁଗାଁ ରେଳଷ୍ଟେଶନ ନିକଟ ଖମ୍ବ ନଂ.୫୨୬/୨୩ ଡାଉନ୍‌ଲାଇନ୍‌ର ରେଳ ଧାରଣାରୁ ପୋଲିସ ଜଣେ ଅଚିହ୍ନା ଯୁବକଙ୍କ ମୃତଦେହ ଜବତ କରିଛି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଏନେଇ ନିରାକାରପୁର ରେଲ୍‌ୱେ ଫାଣ୍ଡିରେ ଦୁଇଟି ମାମଲା ରୁଜୁ ହୋଇଛି।

# ବଟି ପାଇଁ ଯୁବକଙ୍କୁ ଗୋଡ଼େଇ ହାଣିଲେ

**ପୁରୀ ଅଫିସ,୧୬।୩**



ଆହତ ପ୍ରଦୀପ ତ୍ରିପାଠୀ।

ପୁରୀ ବାସେଳୀ ସାହି ଥାନା ଅନ୍ତର୍ଗତ ମିଶ୍ର ସାହିରେ ମଙ୍ଗଳବାର ବଟି ନ ଦେବାରୁ ଜଣେ ଯୁବକଙ୍କୁ ରାସ୍ତାରେ ଗୋଡ଼ାଇ ଗୋଡ଼ାଇ ୪ ଦୁର୍ବୃତ୍ତ ଆକ୍ରମଣ କରିଛନ୍ତି। ଆହତ ଜଣକ ହେଲେମିଶ୍ରସାହି ଅଳେଇ ଗଳିର ପ୍ରଦୀପ ତ୍ରିପାଠୀ ଓରଫ୍ ଟିମ। ଗୁରୁତର ଅବସ୍ଥାରେ ପ୍ରଦୀପଙ୍କୁ ପ୍ରଥମେ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟ ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତରଣ କରାଯାଇଛି। ଏ ନେଇ ପ୍ରଦୀପଙ୍କ ବଡ଼ ଭାଇ ସନ୍ତୋଷ ଥାନାରେ ଏକ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଭବାନୀ କ୍ଲବ୍ ନିକଟରେ ପ୍ରଦୀପ ଏକ ଘର ନିର୍ମାଣ କରିଥିଲେ। ଏ ନେଇ ସାହିର କେତେଜଣ ଦୁର୍ବୃତ୍ତ ବାରମ୍ବାର ବଟି ମାଗୁଥିବାବେଳେ ପ୍ରଦୀପ ମନା କରିଦେଇଥିଲେ। ମଙ୍ଗଳବାର ସକାଳେ ପ୍ରଦୀପ ମାର୍କଣ୍ଡେଶ୍ୱର ପୁଷ୍କରିଣୀକୁ ଯାଉଥିଲେ। ଦୁର୍ବୃତ୍ତମାନେ ହଠାତ୍ ସେଠାକୁ ଆସି ଭୁଜାଲି ଓ ଅନ୍ୟ ମାରଣାସ୍ତ୍ରରେ ତାଙ୍କୁ ଆକ୍ରମଣ କରିଥିଲେ। ପ୍ରଦୀପ ଜୀବନ ବଞ୍ଚାଇବାକୁ ଦୌଡ଼ିଥିଲେ ମଧ୍ୟ ଦୁର୍ବୃତ୍ତମାନେ ଗୋଡ଼େଇ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ ଆସିବା ଦେଖି ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। ସାହିବାସିନ୍ଦା ପ୍ରଦୀପଙ୍କୁ ଉଦ୍ଧାର କରି ହସ୍ପିଟାଲ ପଠାଇବା ସହ ପୋଲିସ ଓ ପରିବାର ଲୋକଙ୍କୁ ଜଣାଇଥିଲେ। ବାସେଳୀ ସାହି ଥାନା ଆଇଆଇସି ସଞ୍ଜୀବ ପ୍ରଧାନ କହିଛନ୍ତି, ଘଟଣାକୁ ନେଇ ସାହିରେ ପଚରାଉଚୁରା ବେଳେ ଦୁର୍ବୃତ୍ତମାନେ ସ୍ଥାନୀୟ ଅଞ୍ଚଳର ହୋଇଥିବାବେଳେ ଏବେ ଫେରାର ଅଛନ୍ତି। ଦୁର୍ବୃତ୍ତମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି।




ନୀଳାଚଳ ଇସ୍ପାତକୁ ପୁନଃ କାର୍ଯ୍ୟକ୍ଷମ, ୧୧ ମାସର ବକେୟା ଦରମା ପ୍ରଦାନ ଏବଂ ପ୍ଲାଣ୍ଟକୁ ଶୀଘ୍ର କାର୍ଯ୍ୟକ୍ଷମ କରିବା ଦାବିରେ ନୀଳାଚଳ ଏକ୍‌ଜିକ୍ୟୁଟିଭ ଆସୋସିଏଶନ ପକ୍ଷରୁ ମଙ୍ଗଳବାର ଭୁବନେଶ୍ୱର ପିଏମ୍‌ଜିରେ ଧାରଣା।

# ପୁରୀରେ ବଢୁଛି ଧଳାଜହର କାରବାର






ଗିରଫ ଅଭିଯୁକ୍ତ ଓ ଜବତ କାର।

**ପୁରୀ ଅଫିସ,୧୬।୩**

ପୁରୀ ସହରରେ ଦିନକୁ ଦିନ ଧଳାଜହର କାରବାର ବୃଦ୍ଧି ପାଇବାରେ ଲାଗିଛି। ଏଥିରେ କଲେଜ ପିଲା ତଥା ଅଧିକାଂଶ ଯୁବଗୋଷ୍ଠୀ ସମ୍ପୃକ୍ତି ରହୁଥିବାରୁ ପୋଲିସ ପାଇଁ ଚିନ୍ତା ବଢ଼ାଇଛି। ଏ ନେଇ ସୋମବାର ପୁରୀ ପୋଲିସ ପକ୍ଷରୁ ବ୍ରାଉନସୁଗାର ଜବତ ନେଇ ସ୍ପେଶାଲ ଡ୍ରାଇଭ ହୋଇଥିଲା। କୁମ୍ଭାରପଡ଼ା, ବାସେଳୀ ସାହି ଓ ବଳିଆପଣ୍ଡା ଥାନା ଅନ୍ତର୍ଗତ ଅଞ୍ଚଳରେ ଏହି ଚଢ଼ାଉ ଦିନତମାମ୍ ହୋଇଥିଲା। ବ୍ରାଉନସୁଗାର ବିକ୍ରି ଅଭିଯୋଗରେ ପୋଲିସି ୧୬ଜଣଙ୍କୁ ଗିରଫ କରିଛି। ଏମାନଙ୍କ ମଧ୍ୟରୁ ୧୪ଜଣ ବ୍ରାଉନସୁଗାର ବିକ୍ରି କରୁଥିବାବେଳେ ୨ଜଣ ସପ୍ଲାଏ ଅଭିଯୋଗରେ ଗିରଫ ହୋଇଛନ୍ତି। ବଳିଆପଣ୍ଡା ଥାନା ଅଞ୍ଚଳରୁ ୪ଜଣ, ବାସେଳୀସାହିରୁ ୪ଜଣ ଓ କୁମ୍ଭାରପଡ଼ାରୁ ୭ଜଣ ଗିରଫ ହୋଇଛନ୍ତି। ସପ୍ଲାଇ କରୁଥିବା ଅଭିଯୁକ୍ତ ମଧ୍ୟ କୁମ୍ଭାରପଡ଼ା ଥାନା ଅଞ୍ଚଳର ବୋଲି ପୋଲିସ ସୂଚନା ଦେଇଛି। ବଳିଆପଣ୍ଡାରୁ ୪୦ଗ୍ରାମ, ବାସେଳୀ ସାହିରୁ ୪୦ଗ୍ରାମ ଓ କୁମ୍ଭାରପଡ଼ାରୁ ୨୭୦ଗ୍ରାମର ବ୍ରାଉନସୁଗାର ଜବତ ହୋଇଛି। ଏହାର ଆନୁମାନିକ ମୂଲ୍ୟ ୩୫ ଲକ୍ଷ ବୋଲି ପୁରୀ ଏସ୍‌ପି କନୱର ବିଶାଲ ସିଂ କହିଛନ୍ତି। ଏହାସହ ଗୋଟିଏ ବାଇକ୍, ଗୋଟିଏ ସ୍କୁଟର ମଧ୍ୟ ଜବତ ହୋଇଛି। ଗିରଫ ବ୍ୟକ୍ତିମାନେ ହେଲେ ବାସେଳୀସାହି ଥାନା ଅଞ୍ଚଳର କାଳୁଚରଣ ବେହେରା, ଚନ୍ଦନ ମଙ୍ଗରାଜ, ମହନ୍ତ ନାୟକ ଓ ଶଙ୍କର ମଲ୍ଲିକ। ବଳିଆପଣ୍ଡା ଅଞ୍ଚଳର ସଞ୍ଜୟ ଦାସ, ମାଧବ ମଣ୍ଡଳ, ରାମଚନ୍ଦ୍ର ଡୋରା ଓ ରମେଶ ନାଏକ। ସେହିଭଳି କୁମ୍ଭାରପଡ଼ା ଥାନା ଅଞ୍ଚଳର ଝରଣା ପଣ୍ଡା, ରାଜେଶ ପଣ୍ଡା, ଦୀପକ ନାୟକ, ଅକ୍ଷୟ ନାୟକ, ବୁଦ୍ଧିଆ ନାୟକ, ପ୍ରସନ୍ନ ପ୍ରଧାନ ଓ ଦିଲୀପ ନାୟକ। ଏହାବ୍ୟତୀତ ପୂର୍ବରୁ ବ୍ରାଉନସୁଗାର ବିକ୍ରି ମାମଲାରେ ଫେରାର ଥିବା ଟିକୁ ଦାସଙ୍କୁ ମଧ୍ୟ ପୋଲିସ ଧରିବାରେ ସଫଳ ହୋଇଛି। ତେବେ ପୁରୀ ସହରରେ ବ୍ରାଉନସୁଗାର ବିକ୍ରିର ମାତ୍ରା ବୃଦ୍ଧି ପାଇଥିବା ବେଳେ ପୋଲିସ ଏକ ସ୍ପେଶାଲ ଡ୍ରାଇଭ ଜାରି ରଖିଛି। ତେବେ ଏହି ସମୟରେ ବ୍ରାଉନସୁଗାରକୁ ନେଇ ଏଭଳି ଏକ ଭିଡିଓ ଘୂରି ବୁଲୁଛି, ଯାହା ନିହାତି ପକ୍ଷେ ସମ୍ବେଦନଶୀଳ। ଭିଡିଓରେ ବ୍ୟକ୍ତି ଜଣକ ନିଜ ଶରୀରକୁ ବ୍ଲେଡ୍ ଯୋଗେ କାଟି ବ୍ରାଉନସୁଗାର ମାଗୁଛନ୍ତି। ଏପରିକି ବ୍ରାଉନସୁଗାର ନ ମିଳିଲେ ମଣିଷ ମାରିବି। ମୋତେ ବ୍ରାଉନସୁଗାର ଦରକାର। ସାହିରେ ବିକ୍ରି ହେଉଛି ଏବେ ଟଙ୍କା ଅଭାବରୁ ଖାଇପାରୁ ନାହିଁ ବୋଲି କହୁଛନ୍ତି। ଏହି ଘଟଣାକୁ ନେଇ ପୋଲିସ ତଦନ୍ତ ଚଳାଇ ଥିବାବେଳେ ସହରରୁ କିଭଳି ସମ୍ପୂର୍ଣ୍ଣ ନିୟନ୍ତ୍ରଣ କରାଯିବ ସେନେଇ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଉଛି। ସାରା ସହରରେ ବ୍ରାଉନସୁଗାର ଆତଙ୍କ ବଢ଼ିଥିବା ବେଳେ ପୁରୀ ପୋଲିସ ଏହାକୁ ରୋକିବା ପାଇଁ ସକ୍ରିୟ ଭାବେ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି ବୋଲି ସୂଚନା ଅଧିକାର କର୍ମୀ ବିଶ୍ୱଜିତ ମହାନ୍ତି କହିଛନ୍ତି।



ଜବତ ବ୍ରାଉନ୍‌ସୁଗାର।

- ୩୫ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ, ୧୬ ଗିରଫ
- ନିଶା ପାଇଁ ଯୁବଗୋଷ୍ଠୀ ପାଗଳ

## ୨୭୦ ଗ୍ରାମ ବ୍ରାଉନସୁଗାର ଜବତ : ୨ ଗିରଫ

**କଟକ ଅଫିସ, ୧୬।୩:** ଜଗତ୍‌ପୁର ଥାନା ଅଧୀନ ଗୋଲେଇ ଛକସ୍ଥିତ ଏକ ଚା' ଦୋକାନ ନିକଟରେ ସୋମବାର ରାତିରେ ପୋଲିସ ଚଢାଉ କରି ୨ଜଣ ଯୁବକଙ୍କଠାରୁ ୨୭୦ ଗ୍ରାମ ବ୍ରାଉନ୍‌ସୁଗାର ଜବତ କରିଛି। ଏହି ଘଟଣାରେ ଜଗତ୍‌ପୁର ଫକିରପଡା ପଣ୍ଡାସାହିର ସୁଧୀର କୁମାର ମହାନ୍ତି ଓରଫ କାଳିଆ(୩୨) ଓ ଚୌଦ୍ୱାର ଥାନା ଅନ୍ତର୍ଗତ ଶାଳଗାଁ ନଖରା ଅଞ୍ଚଳର ବିକ୍ରମ ସାମଲ ଓରଫ ବିକି(୨୪)ଙ୍କୁ ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟଚାଲଣ କରିଛି ବୋଲି ଡିସିପି ପ୍ରତୀକ୍ ସିଂ ତାଙ୍କ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଡିସିପିଙ୍କ ସୂଚନା ଅନୁଯାୟୀ, ଅଭିଯୁକ୍ତ ଦ୍ୱୟ ଏକ ଚା' ଦୋକାନ ନିକଟରେ ବ୍ରାଉନସୁଗାର ବିକ୍ରି କରିବା ପାଇଁ ଗ୍ରାହକଙ୍କ ଅପେକ୍ଷାରେ ଠିଆ ହୋଇଥିଲେ। ଜଗତ୍‌ପୁର ଥାନା ଅଧିକାରୀ ରବୀନ୍ଦ୍ରନାଥ ମେହେର ସଦଳବଳେ ଚଢାଉ କରି ଅଭିଯୁକ୍ତ ଦ୍ୱୟଙ୍କୁ କାବୁ କରିଥିଲେ। ସେଠାରେ ସେମାନଙ୍କ ନିକଟରୁ ୨୫୫ ଗ୍ରାମ୍ ଓଜନର ବ୍ରାଉନ୍‌ସୁଗାର ଜବତ କରିବା ସହ ଉଭୟଙ୍କୁ ଥାନାକୁ ଆଣିଥିଲେ। ପରେ ସୁଧୀରଙ୍କ ନିକଟରୁ ପୁନର୍ବାର ୧୫ ଗ୍ରାମ ଓଜନର ବ୍ରାଉନ୍‌ସୁଗାର ଜବତ କରାଯାଇଥିଲା। ସୁଧୀର ପୂର୍ବରୁ ମାଦକ ଦ୍ରବ୍ୟ ବିକ୍ରି ଅଭିଯୋଗରେ ଫ୍ଲାଇଂସ୍କ୍ୱାର୍ଡ ହାତରେ ଧରା ପଡିଥିଲେ। ତାଙ୍କ ନାମରେ ବାଦାମବାଡି ଥାନାରେ ମାମଲା ରହିଛି। ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୨୬ ଲକ୍ଷ ଟଙ୍କା ହେବ ବୋଲି ଡିସିପି ସିଂ କହିଛନ୍ତି।

## ଲିଙ୍ଗରାଜ ମନ୍ଦିର ସୁରକ୍ଷା ଯାଞ୍ଚ କଲା ଏନ୍‌ଏସ୍‌ଜି ଟିମ୍

### ଅଧିକାରୀଙ୍କ ସହ ଗୁପ୍ତ ବୈଠକ

**ଭୁବନେଶ୍ୱର, ୧୬।୩(ବ୍ୟୁରୋ)**

ନ୍ୟାଶନାଲ ସିକ୍ୟୁରିଟି ଗାର୍ଡ (ଏନଏସଜି)ର ୫ଜଣିଆ ଟିମ ମଙ୍ଗଳବାର ଲିଙ୍ଗରାଜ ମନ୍ଦିର ପରିଦର୍ଶନ କରିଛନ୍ତି। ଏହି ଅବସରରେ ଏହି ଟିମ୍ ମନ୍ଦିରର ସମସ୍ତ ପ୍ରବେଶ ଓ ପ୍ରସ୍ଥାନ ଦ୍ୱାର ବୁଲି ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଥିଲେ। ଆତଙ୍କବାଦୀ ଆକ୍ରମଣକୁ ପ୍ରତିହତ କରିବା ପାଇଁ ଆବଶ୍ୟକ ପ୍ରସ୍ତୁତି ଓ ପ୍ରଶିକ୍ଷଣ ସମ୍ପର୍କରେ ସ୍ଥାନୀୟ ପୋଲିସ ଓ ପ୍ରତ୍ନତତ୍ତ୍ୱ ବିଭାଗ ଅଧିକାରୀଙ୍କ ସହ ଗୁପ୍ତ ମନ୍ତ୍ରଣା କରିଥିଲେ। ଭବିଷ୍ୟତରେ ଯଦି କେବେ ଶ୍ରୀଲିଙ୍ଗରାଜଙ୍କ ମନ୍ଦିରରେ ଆତଙ୍କବାଦୀ ଆକ୍ରମଣ ହୁଏ, ତେବେ କିପରି ସ୍ୱଳ୍ପ ସମୟ ମଧ୍ୟରେ ପରିସ୍ଥିତିକୁ ସମ୍ପୂର୍ଣ୍ଣ ଭାବେ ନିୟନ୍ତ୍ରଣକୁ ନିଆଯିବ ସେନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଆଲୋଚନା କରାଯାଇଥିଲା। ମନ୍ଦିର ପରିସରରେ ଏନ୍‌ଏସ୍‌ଜି ଟିମ ଓ ଉପସ୍ଥିତ ଅଧିକାରୀମାନେ ଗୁପ୍ତ ଭାବେ ଆଲୋଚନା କରିଥିଲେ ମଧ୍ୟ ମକଡ୍ରିଲ କରାଯାଇ ନ ଥିଲା। ଅନ୍ୟପକ୍ଷରେ ସୁରକ୍ଷା ଦୃଷ୍ଟିକୋଣରୁ ଏ ସଂକ୍ରାନ୍ତ କୌଣସି ସୂଚନା ସାର୍ବଜନୀନ କରାଯାଇନାହିଁ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୧୭ ମାର୍ଚ୍ଚ, ୨୦୨୧



**ତହସିଲଦାରଙ୍କ ପ୍ରତିଶ୍ରୁତି ପରେ ଧାରଣା ହଟିଲା**

କଣାସ, (ସ୍ୱ.ପ୍ର.): କଣାସ ବ୍ଲକ ତହସିଲ କାର୍ଯ୍ୟାଳୟରେ ୩ ଦଫା ଦାବି ନେଇ ନୀଳାଚଳ କୃଷକ ମହାସଂଘ ଓ ବିଭିନ୍ନ କୃଷକ ମହାସଂଘ ପକ୍ଷରୁ ଦିଆଯାଇଥିବା ଗଣଧାରଣା ମଙ୍ଗଳବାର ତହସିଲଦାରଙ୍କଠାରୁ ପ୍ରତିଶ୍ରୁତି ମିଳିବା ପରେ ଧାରଣା ପ୍ରତ୍ୟାହୃତ ହୋଇଛି। ଫନୀ କ୍ଷତିଗ୍ରସ୍ତଙ୍କୁ ଚିହ୍ନଟ କରି ପ୍ରକୃତ ହିତାଧିକାରୀଙ୍କୁ ସହାୟତା, ବନ୍ୟା ଓ ବର୍ଷାରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଦାବିରେ ସୋମବାର ଧାରଣା ଦିଆଯାଇଥିଲା।

## ସଂକ୍ଷେପରେ

### ପୁରୀ ପୋଲିସର ମାନବିକତା

**ପୁରୀ ଅଫିସ,୧୬।୩:** ପୁରୀ ପୋଲିସ ପର୍ଯ୍ୟଟକଙ୍କୁ ମାଡ଼ ମାରିବା ଘଟଣା ଅନେକ ସମୟରେ ଚର୍ଚ୍ଚା ପରିସରକୁ ଆସିଥିବା ବେଳେ ମଙ୍ଗଳବାର ଏକ ମାନବିକତାପୂର୍ଣ୍ଣ ଘଟଣା ଦେଖିବାକୁ ମିଳିଛି। ପଶ୍ଚିମବଙ୍ଗରୁ ଆସିଥିବା ବରିଷ୍ଠ ନାଗରିକ କୃପାସିନ୍ଧୁ ପ୍ରଧାନ ମଙ୍ଗଳବାର ଶ୍ରୀମନ୍ଦିର ପରିଦର୍ଶନ କରୁଥିବାବେଳେ ହଠାତ୍ ଅଚେତ ହୋଇ ତଳେ ପଡ଼ିଯିବାରୁ ତାଙ୍କ ନାକ ଫାଟି ଯାଇଥିଲା। ଏହାଦେଖି ୩ଜଣ ପୋଲିସ କର୍ମଚାରୀ ତୁରନ୍ତ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଡକାଇଥିଲେ। ହେଲେ ଆମ୍ବୁଲାନ୍ସ ଆସିବାରେ ବିଳମ୍ବ ହେବାରୁ ପୋଲିସ କର୍ମଚାରୀମାନେ ତାଙ୍କୁ ରକ୍ତାକ୍ତ ଅବସ୍ଥାରେ ଅଟୋ ଯୋଗେ ପୁରୀ ବଡ଼ ଡାକ୍ତରଖାନା ନେଇଥିଲେ। ସେଠାରେ ଚିକିତ୍ସା ସାରି ପର୍ଯ୍ୟଟକ ରହୁଥିବା ହୋଟେଲରେ ତାଙ୍କୁ ଛାଡ଼ି ପୋଲିସ କର୍ମଚାରୀମାନେ ଫେରିଥିଲେ। ହାବିଲଦାର ଏଚ୍ ଦାସ, କନଷ୍ଟେବଲ ଶିବରାମ ମହାପାତ୍ର ଓ ସନ୍ତୋଷ କୁମାର ପ୍ରଧାନଙ୍କ ଏହି କାର୍ଯ୍ୟକୁ ପୋଲିସ ପ୍ରଶାସନ ପକ୍ଷରୁ ଉଚ୍ଚ ପ୍ରଶଂସା କରାଯାଇଛି। ସିଟି ଡିଏସ୍‌ପି କ୍ଷୀରସାଗର ନାୟକ ପୋଲିସ କର୍ମଚାରୀଙ୍କ ଏହି ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିବା ବେଳେ ସାଧାରଣ ଲୋକଙ୍କ ମଧ୍ୟରେ ପୋଲିସର ଛବିକୁ ଅଧିକ ସକାରାତ୍ମକ କରିବା ଦିଗରେ ଏଭଳି ଉଦ୍ୟମ କାର୍ଯ୍ୟ କରିବ ବୋଲି କହିଛନ୍ତି। ଆହତ ପର୍ଯ୍ୟଟକ କୃପାସିନ୍ଧୁ ପ୍ରଧାନ ପୋଲିସ ପ୍ରଶାସନର ସହଯୋଗକୁ ନେଇ ଖୁସିବ୍ୟକ୍ତ କରିବା ସହ ଧନ୍ୟବାଦ ଜଣାଇଛନ୍ତି।

### ଶ୍ରୀରଞ୍ଜନ ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ଉପସଭାପତି

**ଖୋର୍ଦ୍ଧା ଅଫିସ,୧୬।୩:** ଓଡ଼ିଶା ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ଘୋଷଣା ହୋଇଥିବା ୬ଜଣ ଉପସଭାପତିଙ୍କ ମଧ୍ୟରେ ଖୋର୍ଦ୍ଧା ଭାଜପାର ଯୁବନେତା ଶ୍ରୀରଞ୍ଜନ ମଙ୍ଗରାଜ ମନୋନୀତ ହୋଇଛନ୍ତି। ମଙ୍ଗରାଜ ଦୀର୍ଘ ୨୭ବର୍ଷ ଧରି ଦଳର ଜଣେ ଶୃଙ୍ଖଳିତ କର୍ମୀ ଭାବେ କାର୍ଯ୍ୟ କରି ଆସୁଛନ୍ତି। କୃଷକଙ୍କ ଦକ୍ଷତା ବିକାଶ, ସମସ୍ୟା ସମାଧାନ ଦିଗରେ ତାଙ୍କର ସକ୍ରିୟ ଭୂମିକା ରହିଛି। ଏହି ନୂତନ ଦାୟିତ୍ୱ ପାଇଁ ମଙ୍ଗରାଜ ରାଜ୍ୟ ଭାଜପା ସଭାପତି ସମୀର ମହାନ୍ତି, ରାଜ୍ୟ ସଙ୍ଗଠନ ସାଧାରଣ ସମ୍ପାଦକ ମାନସ କୁମାର ମହାନ୍ତି, ରାଜ୍ୟ କୃଷକମୋର୍ଚ୍ଚା ସଭାପତି ପ୍ରଦୀପ ପୁରୋହିତଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଶ୍ରୀରଞ୍ଜନଙ୍କ ନୂତନ ଦାୟିତ୍ୱ ଫଳରେ ଖୋର୍ଦ୍ଧା ନିର୍ବାଚନମଣ୍ଡଳୀରେ ସାଙ୍ଗଠନିକ ଶକ୍ତି ବୃଦ୍ଧି ହେବ ବୋଲି ଭାଜପା ନେତା କାଳୁ ଚରଣ ଖଣ୍ଡେଇତରାୟ କହିଛନ୍ତି। ଚାଷୀନେତା କେଳୁ ଜଗଦେବଙ୍କୁ କୃଷକ ମୋର୍ଚ୍ଚାର ରାଜ୍ୟ ସଂଯୋଜକ ଦାୟିତ୍ୱ ମିଳିଥିବାରୁ ଉଭୟଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ଚୋରି ସାମଗ୍ରୀ ଜବତ, ଜଣେ ଗିରଫ

**ବାଣପୁର,୧୬।୩(ଡି.ଏନ୍.ଏ.):** ବାଣପୁର ଥାନା ଅଧୀନ ଗମ୍ଭାରୀମୁଣ୍ଡା ବଜାରରେ ଥିବା ପଦ୍ମପୁର ଗ୍ରାମର ଭାଗୀରଥି ସାହୁଙ୍କ ରାସନ ଗୋଦାମରୁ ଚୋରି ହୋଇଥିବା ସାମଗ୍ରୀକୁ ପୋଲିସ ସୋମବାର ରାତିରେ ଏକ ପୋଖରୀରୁ ଜବତ କରିଛି। ଏହି ଘଟଣାରେ ପୋଲିସ ମଙ୍ଗଳବାର ଗମ୍ଭାରୀମୁଣ୍ଡାର ସୁମନ୍ତ ବରାଳଙ୍କୁ ଗିରଫ କରିଛି। ତେବେ ସାମଗ୍ରୀକୁ ଦୁର୍ବୃତ୍ତମାନେ ପୋଖରୀରେ କାହିଁ ପକାଇଥିଲେ ତାହା ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନା ମୁତାବକ, ଶନିବାର ରାତିରେ ଦୁର୍ବୃତ୍ତମାନେ ଭାଗୀରଥିଙ୍କ ଗୋଦାମ ତାଲା ଭାଙ୍ଗି ପ୍ରାୟ ଦେଢ଼ ଲକ୍ଷ ଟଙ୍କାର ସାମଗ୍ରୀ ଚୋରି କରିନେଇଥିଲେ। ଏନେଇ ରବିବାର ଭାଗୀରଥି ଥାନାରେ ଅଭିଯୋଗ କରିଥିଲେ।

### ବଡ଼ବେରଣା ପୋଷ୍ଟ ଅଫିସରୁ ଚୋରି

**ବେଗୁନିଆ,୧୬।୩(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅଧୀନ ବଡ଼ବେରଣା ପୋଷ୍ଟ ଅଫିସରୁ ଚୋରି ହୋଇଥିବା ନେଇ ମଙ୍ଗଳବାର ଅଭିଯୋଗ ହୋଇଛି। ଏନେଇ ଦାୟିତ୍ୱରେ ଥିବା ପୋଷ୍ଟ ମାଷ୍ଟର କିଷୁନ ଟୁଡୁଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା (ନଂ.୫୧/୨୧)ରୁଜୁକରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ସୋମବାର ରାତିରେ କେହି ଦୁର୍ବୃତ୍ତ ପୋଷ୍ଟ ଅଫିସରୁ ଫ୍ୟାନ, ଇନଭର୍ଟର, ବ୍ୟାଟେରି, କମ୍ପ୍ୟୁ ବ୍ୟାଟେରି ଚୋରି କରିନେଇଥିଲେ। ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଟୁଡୁ ଅଫିସ ପହଞ୍ଚିବା ପରେ ଉକ୍ତ ସାମଗ୍ରୀ ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ଏନେଇ ସେ ଥାନାରେ ଅଭିଯୋଗ କରିଥିଲେ।

# ଖୋଲିପାରୁନି ଏକାମ୍ର ହାଟ

- ନଷ୍ଟ ହେବାକୁ ବସିଲାଣି ହସ୍ତଶିଳ୍ପ ସାମଗ୍ରୀ
- ଦାବି ପୂରଣ ନ ହେଲେ ଆନ୍ଦୋଳନ: ଏକାମ୍ରହାଟ ଶିଳ୍ପୀ ସଂଘ

**ଭୁବନେଶ୍ୱର,୧୬।୩(ବ୍ୟୁରୋ)**

ବିଲୁପ୍ତ ହସ୍ତକଳା ସାମଗ୍ରୀ ପାଇଁ ଏକାମ୍ର ହାଟ ରାଜ୍ୟ ତଥା ରାଜ୍ୟ ବାହାରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଏଠାରେ ଓଡ଼ିଶା ସମେତ ରାଜ୍ୟ ବାହାରର ହସ୍ତଶିଳ୍ପ କାରିଗରମାନେ ଦୀର୍ଘ ୧୫ରୁ ୧୬ ବର୍ଷ ଧରି ନିଜ ହସ୍ତକଳା ସାମଗ୍ରୀକୁ ବିକ୍ରି ତଥା ପ୍ରଦର୍ଶନ କରିଆସୁଥିଲେ। କେବଳ ସେତିକି ନୁହେଁ ଏଠାରେ ଥିବା ଖାଦ୍ୟ ଦୋକାନରେ ପରିବାର ସହ ଭୋଜନ କରିବାର ଆନନ୍ଦ ମଧ୍ୟ ଉଠାଉଥିଲେ। ହାଟରେ ୪୫ଟି ହସ୍ତଶିଳ୍ପ ଷ୍ଟଲ ସହ ୫ଟି ଖାଦ୍ୟଷ୍ଟଲ ରହିଥିଲା। ମାତ୍ର କୋଭିଡ୍ କଟକଣା ଯୋଗୁ ଦୀର୍ଘ ୧ବର୍ଷ ହେବ ଏକାମ୍ର ହାଟ ବନ୍ଦ ରହିଥିବାରୁ ଏହି କାରିଗରମାନଙ୍କର ଅବସ୍ଥା ଶୋଚନୀୟ ହୋଇପଡ଼ିଛି।

ଏକାମ୍ର ହାଟ ଶିଳ୍ପୀ ସଂଘ କର୍ମକର୍ତ୍ତାଙ୍କ କହିବାନୁଯାୟୀ, ପ୍ରଥମେ ୨୦୨୦ ମାର୍ଚ୍ଚରୁ କରୋନା ପାଇଁ ହସ୍ତକଳା ସାମଗ୍ରୀ ବ୍ୟବସାୟ ବନ୍ଦ ହେବାରୁ କାରିଗରମାନଙ୍କ ଆର୍ଥିକ ମାନଦଣ୍ଡ ଭାଙ୍ଗିପଡ଼ିଥିଲା। ପରେ ଗତବର୍ଷ ଅଗଷ୍ଟରେ ଏକାମ୍ର ହାଟରେ ବ୍ୟବସାୟ କରୁଥିବା ୪୫ରୁ ଊର୍ଦ୍ଧ୍ୱ କାରିଗରଙ୍କୁ ହାଟ ନବୀକରଣ ପାଇଁ ହାଟ ଛାଡ଼ି ଯିବା ପାଇଁ ତତ୍କାଳୀନ କର୍ତ୍ତୃପକ୍ଷ ନିର୍ଦ୍ଦେଶ ଦେଇଥିଲେ। ନବୀକରଣ ପରେ ଗତ ଜାନୁଆରୀରେ ହାଟ ଉଦ୍‌ଘାଟନ କରାଯିବା ସହ ସମସ୍ତ କାରିଗରଙ୍କୁ ପୂର୍ବପରି ଥଇଥାନ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ମାତ୍ର ହାଟ ଉଦ୍‌ଘାଟନ ହେଲା ନାହିଁ। ଫଳରେ କାରିଗରମାନେ ଥଇଥାନ ହୋଇପାରିନାହାନ୍ତି। ସେମାନେ ପୂର୍ବ ପରି ହଇରାଣ ହେଉଥିବାବେଳେ ସାମଗ୍ରୀଗୁଡ଼ିକ ମାସ ମାସ ଧରି ବନ୍ଦ କୋଠରୀରେ ପଡ଼ିରହି ନଷ୍ଟ ହେଉଛି। ଅନେକ ଶିଳ୍ପୀଙ୍କ ପଟ୍ଟଚିତ୍ର, ସୂକ୍ଷ୍ମ ଟସର କରୁକାର୍ଯ୍ୟ ମଧ୍ୟ ନଷ୍ଟ ହେବାକୁ ବସିଲାଣି। ଗତ ଡିସେମ୍ବରରେ ବର୍ତ୍ତମାନର ଏକାମ୍ରହାଟ ପରିଚାଳନା କର୍ତ୍ତୃପକ୍ଷ 'ସିଡାକ୍' ପକ୍ଷରୁ ଷ୍ଟଲ୍ ଆବଣ୍ଟନ ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ନିର୍ଦ୍ଧାରିତ ତାରିଖ ପୂର୍ବରୁ ସମସ୍ତ କାରିଗରମାନେ ଷ୍ଟଲ ପାଇଁ ଆବେଦନ କରିସାରିଥିଲେ। ମାତ୍ର ଏନେଇ କୌଣସି ସୂଚନା ନ ଦେଇ କର୍ତ୍ତୃପକ୍ଷ ଖାଦ୍ୟ ଷ୍ଟଲ ପାଇଁ ଗୋଟିଏ ପରେ ଗୋଟିଏ ଟେଣ୍ଡର ପ୍ରକ୍ରିୟା କରିଚାଲିଛନ୍ତି। ଅପରପକ୍ଷେ ଏକାମ୍ର ହାଟ କେବେ ଖୋଲିବ ସେ ନେଇ କୌଣସି ସୂଚନା ଦିଆଯାଉ ନାହିଁ। ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ କାରିଗରମାନଙ୍କୁ ତୁରନ୍ତ ଥଇଥାନ କରା ନ ଗଲେ କାରିଗରମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ମଙ୍ଗଳବାର ସଂଘ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ସଂଘର ଉପଦେଷ୍ଟା ପ୍ରଦୋଷ ପଟ୍ଟନାୟକ, ସଭାପତି ଦିଲ୍ଲୀପ ହାଲି, ଉପସଭାପତି ସୁବିମଳ ପାଣିଗ୍ରାହୀ ଏବଂ ସମ୍ପାଦକ ଚିନ୍ତାମଣି ବିଶ୍ୱାଳ ଏଥିରେ ଉପସ୍ଥିତ ଥିଲେ।




ବ୍ୟାଙ୍କ ଘରୋଇକରଣକୁ ବିରୋଧ କରି ମଙ୍ଗଳବାର ୟୁନାଇଟେଡ୍ ଫୋରମ୍ ଅଫ୍ ବ୍ୟାଙ୍କ ପକ୍ଷରୁ ପୁରୀରେ ଧାରଣା ଓ ଶୋଭାଯାତ୍ରା।

# ଛାତ୍ର କଂଗ୍ରେସର ଏସ୍‌ପି ଅଫିସ ଘେରାଉ

**କର୍ମୀଙ୍କୁ ଆକ୍ରମଣ ଅଭିଯୋଗରେ କାର୍ଯ୍ୟାନୁଷ୍ଠାନ ଦାବି**



କଂଗ୍ରେସ କର୍ମୀମାନେ ଏସ୍‌ପି ଅଫିସ୍ ଆଗରେ ଧାରଣାରେ ବସିଛନ୍ତି।

**ପୁରୀ ଅଫିସ,୧୬।୩**

ପୁରୀରେ ଜଣେ ଛାତ୍ର କଂଗ୍ରେସ କର୍ମୀଙ୍କୁ ଆକ୍ରମଣ ଘଟଣାରେ ପୋଲିସ ନୀରବ ଥିବାରୁ ଛାତ୍ର କଂଗ୍ରେସ ପକ୍ଷରୁ ମଙ୍ଗଳବାର ଏସ୍‌ପି ଅଫିସ ଘେରାଉ କରାଯାଇଛି। କର୍ମୀ ଅନିଲ ବେଜଙ୍କୁ ଆକ୍ରମଣ ଅଭିଯୋଗରେ ଅଭିଯୁକ୍ତଙ୍କୁ ପୋଲିସ ଏଯାବତ୍ ଗିରଫ କରିପାରିନାହିଁ। ବଳିଆପଣ୍ଡା ଥାନାଧିକାରୀଙ୍କର ଅଭିଯୁକ୍ତଙ୍କ ସହ ମଧୁଚନ୍ଦ୍ରିକା ରହିଛି। ସମ୍ପୃକ୍ତ ବାଲିମାଫିଆଙ୍କ ସହ ପୋଲିସ ବାବୁଙ୍କ ନିବିଡ଼ ସମ୍ପର୍କ ହେତୁ ଘଟଣାରେ ଅଭିଯୁକ୍ତଙ୍କୁ ଧରିବା ସମ୍ଭବ ହୋଇପାରୁ ନାହିଁ ବୋଲି କଂଗ୍ରେସ ନେତା ଆଲୋକ ଦାସ କହିଛନ୍ତି। ମଙ୍ଗଳବାର କଂଗ୍ରେସ ଭବନରୁ ଏକ ରାଲି ବାହାରି ଏସପିଙ୍କ ଅଫିସ ପର୍ଯ୍ୟନ୍ତ ଯାଇ ଏକ ଦାବିପତ୍ର ଦିଆଯାଇଛି। ଦାବିପତ୍ରରେ ଉଲ୍ଲେଖ ଅଛି ଯେ, ଶାସକ ଦଳର ଜମ୍ମେଶ୍ୱର ମହାନ୍ତିଙ୍କ ଇସାରାରେ ଏହି ହିଂସାକାଣ୍ଡ ଘଟିଛି। ତାଙ୍କ ବିରୋଧରେ ବାଲି ଚୋରିର ଅଭିଯୋଗ ମଧ୍ୟ ରହିଛି। ଏଣୁ ଏହି ଘଟଣାରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରାଯିବା ସହ କଂଗ୍ରେସ କର୍ମୀଙ୍କୁ ନ୍ୟାୟ ଦେବା ପାଇଁ କଂଗ୍ରେସ ଦାବି ରଖିଛି। ଏହି ଘେରାଉ ବେଳେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ୟାସିର୍ ନବାଜ୍, ଆଶୁତୋଷ ମିଶ୍ର ଓ ଜିଲା କଂଗ୍ରେସର ନେତୃତ୍ୱମାନେ ଉପସ୍ଥିତ ଥିଲେ।

## ଆଜିଠୁ ବିଜୁ ପ୍ରିମିୟର ଲିଗ୍ ଟୁର୍ନାମେଣ୍ଟ

**ଖୋର୍ଦ୍ଧା ଅଫିସ,୧୬।୩**

ବିଜୁ ଜନତା ଦଳ ଓଡ଼ିଶା ଆନୁକୂଲ୍ୟରେ ବିଜୁ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ସ୍ଥାନୀୟ ବିଜେବି ହାଇସ୍କୁଲ ପଡ଼ିଆରେ ବୁଧବାରଠାରୁ ଆରମ୍ଭ ହୋଇ ଆସନ୍ତା ୨୪ ତାରିଖରେ ଉଦ୍‌ଯାପିତ ହେବ। ଉଦ୍‌ଘାଟନୀ ଦିବସରେ କଣ୍ଠଶିଳ୍ପୀ ହ୍ୟୁମାନ ସାଗର ସଙ୍ଗୀତ ପରିବେଷଣ କରିବେ। ଟୁର୍ନାମେଣ୍ଟ ଟ୍ରଫି ଏବଂ ଜର୍ସି ଉଦ୍‌ଘାଟିତ ହେବ। ୧୮ରୁ ୨୪ ତାରିଖ ମଧ୍ୟରେ ଅନୁଷ୍ଠିତ ହେବାକୁ ଥିବା ଏହି ଟୁର୍ନାମେଣ୍ଟରେ ଖୋର୍ଦ୍ଧା, ପୁରୀ, ନୟାଗଡ, ଭୁବନେଶ୍ୱର, ଗଞ୍ଜାମ ଓ କନ୍ଧମାଳ ଜିଲାର ଯୁବ ଓ ଛାତ୍ର ବିଜେଡି ଦଳ ଅଂଶଗ୍ରହଣ କରିବେ। ପ୍ରତ୍ୟେକ ଦିନ ପୂର୍ବାହ୍ନ ସାଢେ ୯ରୁ ସାଢେ୧୨ଟା ଏବଂ ଅପରାହ୍ନ ୧ଟାରୁ ସାଢେ ୪ଟା ପର୍ଯ୍ୟନ୍ତ ଦୁଇଟି ପର୍ଯ୍ୟାୟରେ ମ୍ୟାଚ ଖେଳାଯିବ ବୋଲି ଆୟୋଜକ ଖୋର୍ଦ୍ଧା ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ପୂର୍ତ୍ତ ବଙ୍ଗଳାଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କୁହାଯାଇଛି। ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ଜିଲା ଯୁବ ସଭାପତି ରାଜେଶ ପରିଡା, ଛାତ୍ର ସଭାପତି ବିଶ୍ୱଦୀପ ପ୍ରଧାନ, ଜିଲା ପରିଷଦ ସଭାପତି ପ୍ରଫୁଲ୍ଲ କୁମାର ଦଳାଇ, ଚିଲିକା ବିଧାୟକଙ୍କ ପ୍ରତିନିଧି ଶିବଶଙ୍କର ସାମନ୍ତରାୟ, ନଗର ବିଜେଡି ସଭାପତି ଏମଡି ଆରିଫ ପ୍ରମୁଖ ଉପସ୍ଥିତ ଥିଲେ। ୨୪ରେ ଫାଇନାଲ ମ୍ୟାଚ ସହ ବିଧାୟକଙ୍କ ମଧ୍ୟରେ ଏକ ପ୍ରଦର୍ଶନୀ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ପକ୍ଷରୁ କୁହାଯାଇଛି।

# ସ୍ପେଶାଲ ଡ୍ରାଇଭରେ ୨୩୦ ଗିରଫ

**ଖୋର୍ଦ୍ଧା ଅଫିସ,୧୬।୩**

ପୋଲିସ ମହାନିର୍ଦ୍ଦେଶକ ଚଳିତ ମାସ ୭ରୁ ୧୪ତାରିଖ ମଧ୍ୟରେ ଫେରାର ଅଭିଯୁକ୍ତଙ୍କୁ ଗିରଫ ପାଇଁ 'ସ୍ୱତନ୍ତ୍ର ୱାରେଣ୍ଟି ଡ୍ରାଇଭ୍' ମାଧ୍ୟମରେ ପଦକ୍ଷେପ ଗ୍ରହଣ ପାଇଁ ସମସ୍ତ ଥାନାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧା ପୋଲିସ ଅଧୀନରେ ରହିଥିବା ୧୦ଟି ଥାନାରେ ୩୩୩ଟି କେଶରେ ସମ୍ପୃକ୍ତ ଥିବା ଫେରାର ଅଭିଯୁକ୍ତଙ୍କ ତାଲିକା ପ୍ରସ୍ତୁତ ହୋଇଥିଲା। ତନ୍ମଧ୍ୟରୁ ବିଭିନ୍ନ ଥାନା ଅଞ୍ଚଳରେ ଚଢ଼ାଉ କରାଯାଇ ୨୩୦ ଫେରାର ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଏଥିସହିତ ବିଭିନ୍ନ ଅପରାଧିକ ମାମଲାରେ ସମ୍ପୃକ୍ତ ଥିଇ ମୃତ୍ୟୁବରଣ କରିଥିବା, କିମ୍ବା କୌଣସି ସନ୍ଧାନ ନ ଥିବା ବ୍ୟକ୍ତିଙ୍କ ନାମରେ ରହିଥିବା ୧୦୩ଟି କେଶକୁ ବନ୍ଦ କରାଯାଇଛି। ଗିରଫ ଅଭିଯୁକ୍ତଙ୍କୁ ଜେଲକୁ ପଠାଇ ଦିଆଯାଇଛି ବୋଲି ଏସ୍‌ପି ରାଜକିଶୋର ଦୋରା ସୂଚନା ଦେଇଛନ୍ତି। ଖୋର୍ଦ୍ଧା ଥାନା ଅଧୀନରେ ୭୩ଜଣ ଗିରଫ ହୋଇଥିବା ବଳେ ୨୬ଜଣଙ୍କ କୌଣସି ସନ୍ଧାନ ମିଳି ନ ଥିବାରୁ କେଶ ବନ୍ଦ କରାଯାଇଛି। ସେହିପରି ସଦର ଥାନା ୨୫, ବାଘମାରୀ ଥାନା ୩ଜଣ ଗିରଫ ହୋଇଛନ୍ତି। ବେଗୁନିଆ ଥାନା ୧୧ ଗିରଫ ଓ ୮ଟି କେଶ ବନ୍ଦ, ବୋଲଗଡ ଥାନା ୧୯ ଗିରଫ ଏବଂ ଗୋଟିଏ କେଶ ବନ୍ଦ, ଜଙ୍କିଆ ଥାନା ୧୯ ଗିରଫ ଓ ୧୫ଟି କେଶ ବନ୍ଦ କରାଯାଇଛି। ନିରାକାରପୁର ଥାନା ୪ ଗିରଫ ଓ ୭ଟି କେଶ ବନ୍ଦ, ଟାଙ୍ଗୀ ଥାନା ୩୮ ଗିରଫ ଓ ୫ଟି କେଶ ବନ୍ଦ, ବାଲୁଗାଁ ଥାନା ୧୨ ଗିରଫ ଓ ୧୬ଟି କେଶ ବନ୍ଦ, ବାଣପୁର ଥାନା ୨୬ ଗିରଫ ଓ ୨୫ଟି କେଶରେ ଅପରାଧୀଙ୍କ କୌଣସି ସନ୍ଧାନ ନ ଥିବାରୁ ବନ୍ଦ କରାଯାଇଥିବା ଜଣାପଡିଛି।

# ଅଭିଯୁକ୍ତଙ୍କ ମା'ବାପାଙ୍କୁ ଉଠାଇନେଲା ପୋଲିସ

**ନାବାଳିକା ଛାତ୍ରୀଙ୍କୁ ମାଡ଼ ମାରିବା ଘଟଣା**

**ଗୋପ,୧୬।୩(ଡି.ଏନ୍.ଏ.)**

ଗୋପ ଥାନା ଅଧୀନ କୁଆଁପଡା ପଞ୍ଚାୟତର ଜଣେ ୧୪ ବର୍ଷିୟା ଛାତ୍ରୀଙ୍କୁ ମରଣାନ୍ତକ ମାଡ଼ ମରାଯାଇଥିବା ଘଟଣାର ୩୦ ଘଣ୍ଟା ପରେ ତତ୍ପରତା ଦେଖାଇଛି ପୋଲିସ। ଘଟଣାର ସମ୍ପୃକ୍ତ ଅଭିଯୁକ୍ତଙ୍କ ଫେରାର ଥିବାବେଳେ ତାଙ୍କ ମାଆବାପାଙ୍କୁ ଉଠାଇ ଆଣିଛି ପୋଲିସ। ଅନ୍ୟପଟେ ଅଭିଯୁକ୍ତର ମାଡ଼ରେ ନାବାଳିକା ଗୁରୁତର ହୋଇ ପୁରୀ ସଦର ଡାକ୍ତରଖାନାରେ ମୃତ୍ୟୁ ସହ ସଂଗ୍ରାମ କରୁଛି। ସୂଚନାଯୋଗ୍ୟ, ପୂର୍ବରୁ ନାବାଳିକାଙ୍କ ସହ ଅଭିଯୁକ୍ତର ଘରୋଇ ସମ୍ପର୍କ ଥିଲା। ଗତ ୧୪ ତାରିଖରେ ଅଭିଯୁକ୍ତ ନାବାଳିକାଙ୍କ ଘରକୁ ଯାଇଥିଲେ। କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହେବାରେ ହଠାତ୍ ଯୁବକ ଜଣଙ୍କ ଉତ୍ତ୍ୟକ୍ତ ହୋଇ ନିକଟରେ ଥିବା ଏକ ପିଢ଼ାପଟାରେ ନାବାଳିକାକୁ ଆକ୍ରମଣ କରିଥିଲେ। ଛାତ୍ରୀର ମୁଣ୍ଡ ଫାଟି ରକ୍ତସ୍ରାବ ହେବାରୁ ଘଟଣାସ୍ଥଳରୁ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ପାଟି ଶୁଣି ନାବାଳିକାଙ୍କ ପରିବାର ଲୋକେ ତାଙ୍କୁ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଏ ନେଇ ସନ୍ଧ୍ୟାରେ ନାବାଳିକା ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହେବାପରେ ପୋଲିସ ସୋମବାର ଏକ ମାମଲା (ନଂ.୧୦୫/୨୧) ରୁଜୁ କରି ରହିଯାଇଥିଲା। ମଙ୍ଗଳବାର ନାବାଳିକାଙ୍କ ଅବସ୍ଥା ସଙ୍କଟାପନ୍ନ ହୋଇଥିବାବେଳେ ଏସ୍‌ପିଙ୍କ ନିର୍ଦ୍ଦେଶ ଆସିବା ପରେ ପୋଲିସ ତତ୍ପରତା ଦେଖାଇ ଅଭିଯୁକ୍ତକୁ ଗିରଫ କରିବା ଲାଗି ଗ୍ରାମରେ ପହଞ୍ଚିଥିଲା। ହେଲେ ଅଭିଯୁକ୍ତକୁ ପୋଲିସ ନ ପାଇ ଶେଷରେ ତାଙ୍କ ବୃଦ୍ଧ ମାଆବାପାଙ୍କୁ ଉଠାଇ ଆଣି ପଚରାଉଚୁରା ଚଳାଇଛି। ତେବେ ଏଠାରେ ପ୍ରଶ୍ନ ଉଠେ ପୋଲିସ କାହିଁକି ଅଭିଯୋଗ ପରେ ଅଭିଯୁକ୍ତକୁ ଗିରଫ କରିବା ପାଇଁ ଗାଁରେ ପହଞ୍ଚି ତଦନ୍ତ କଲା ନାହିଁ। କେଉଁ ଉଦ୍ଦେଶ୍ୟରେ ସିନିୟର ସିଟିଜେନଙ୍କୁ ଥାନାକୁ ଆଣିଲା ତାହା ଏବେ ସାଧାରଣରେ ପ୍ରଶ୍ନ ସୃଷ୍ଟି କରିଛି। ଏପଟେ ଗୋପ ଥାନାରେ ୩ଜଣ ଏସ୍‌ଆଇ ଥିବା ବେଳେ କେଉଁ ଉଦ୍ଦେଶ୍ୟରେ ଜଣେ ଏଏସ୍‌ଆଇଙ୍କୁ ଅଭିଯୋଗର ତଦନ୍ତ ଲାଗି ଦିଆଗଲା ତାହା ସନ୍ଦେହ ସୃଷ୍ଟି କରିଛି। ଏ ସମ୍ପର୍କରେ ଥାନା ଦାୟିତ୍ୱରେ ଥିବା ଅଧିକାରୀ କୌଣସି ମତାମତ ଦେବାକୁ ମନା କରିଥିଲେ।

## ଟାଙ୍ଗୀ ବ୍ଲକ କଂଗ୍ରେସ ଭବନରେ ପୂଜାର୍ଚ୍ଚନା

**ଖୋର୍ଦ୍ଧା ଅଫିସ,୧୬।୩**

ଟାଙ୍ଗୀ ବ୍ଲକର ନୂତନ କଂଗ୍ରେସ ବ୍ଲକ ସଭାପତି ଭାବେ ସୁକାନ୍ତ କୁମାର ରାଉତରାୟ ବିଧିବଦ୍ଧ ଦାୟିତ୍ୱ ନେବା ପୂର୍ବରୁ ସୋମବାର ବ୍ଲକ କଂଗ୍ରେସ ଭବନରେ ହୋମଯଜ୍ଞ ଓ ପୂଜାର୍ଚ୍ଚନା କରିଥିଲେ। ଅଞ୍ଚଳର ବିକାଶ ଏବଂ ଲୋକଙ୍କ ସୁବିଧା ପାଇଁ କାର୍ଯ୍ୟ କରିବେ ବୋଲି କହିଛନ୍ତି। କାର୍ଯ୍ୟକ୍ରମରେ ଲକ୍ଷ୍ମଣ ଶ୍ରୀଚନ୍ଦନ, ଜୟଦେବ ବେହେରା, ବିଶ୍ୱଭୂଷଣ ଛୋଟରାୟ, ଲଲାଟେନ୍ଦୁ ଦଳବେହେରା, ପୂର୍ଣ୍ଣଚନ୍ଦ୍ର ଜେନା, କାର୍ତ୍ତିକ ଭୁଜବଳ, ସର୍ବେଶ୍ୱର ବେହେରା, ଦିଲୀପ ସେଠୀ, ତୋଫାନୀ ସେଠୀ, ପ୍ରଦୀପ ସାହୁ, ସୋମନାଥ ସେଠୀ, ଚିତ୍ତରଞ୍ଜନ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

# ମା' ଉତ୍ତରାୟଣୀ କ୍ଲବ ଚାମ୍ପିୟନ



ଟ୍ରଫି ସହ ଖେଳାଳିମାନେ।

**ବାଲୁଗାଁ,୧୬।୩(ଡି.ଏନ୍.ଏ.)**

ବାଲୁଗାଁ ଏନ୍‌ଏସି ଅନ୍ତର୍ଗତ ଗାନ୍ଧୀନଗର ପଡ଼ିଆରେ ମା' ଗିରିଦୁର୍ଗା କ୍ରିକେଟ କ୍ଲବ ପକ୍ଷରୁ ଏକଦିବସୀୟ କ୍ରିକେଟ୍ ଟୁର୍ନାମେଣ୍ଟ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଆୟୋଜକ ମା' ଗିରିଦୁର୍ଗା କ୍ଲବକୁ ହରାଇ ମା'ଉତ୍ତରାୟଣୀ କ୍ଲବ ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ମା' ଗିରିଦୁର୍ଗା ପ୍ରଥମେ ବ୍ୟାଟିଂକରି ୮ ଓଭରରେ ୬ ଉଇକେଟ୍ ବିନିମୟରେ ୩୭ରନ ସଂଗ୍ରହ କରିଥିଲା। ଜବାବରେ ମା' ଉତ୍ତରୟଣୀ କ୍ଲବ ୬.୩ ଓଭରରେ ୩ ଉଇକେଟ ବିନିମୟରେ ୩୮ ରନ ସଂଗ୍ରହ କରି ଚାମ୍ପିୟନ ହୋଇଥିଲା। ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଏବଂ ସିରିଜ୍ ଭାବେ ବୈକୁଣ୍ଠ ଦଳାଇଙ୍କୁ ବିବେଚିତ କରାଯାଇଥିବା ବେଳେ ଚାମ୍ପିୟନ ଟିମକୁ ଟ୍ରଫି ସହ ୭ହଜାର ଟଙ୍କା ଓ ରନର୍ସଅପ୍ ଟିମକୁ ଟ୍ରଫି ସହ ୪ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଟୁର୍ନାମେଣ୍ଟରେ ମୁଖ୍ୟ ଅତିଥିଭାବେ ପୂର୍ବତନ ବିଧାୟକ ରଘୁନାଥ ସାହୁ, ଅତିଥିଭାବେ ବିଶିଷ୍ଟ ବ୍ୟବସାୟୀ ଶଙ୍କର ପାଇକରାୟ, କହ୍ନେଇ ତରେଇ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

# ରାଷ୍ଟ୍ରପତିଙ୍କ ଗସ୍ତ ପୂର୍ବରୁ ପ୍ରସ୍ତୁତି ବୈଠକ



ବୈଠକରେ ଜିଲାପାଳ ସମର୍ଥ ବର୍ମା ଓ ଅନ୍ୟ ଅଧିକାରୀମାନେ।

**ପୁରୀ ଅଫିସ,୧୬।୩**

ଆସନ୍ତା ୨୨ ତାରିଖରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ପୁରୀ ଗସ୍ତରେ ଆସିବେ। ଏହା ପୂର୍ବରୁ ପ୍ରଶାସନ ପକ୍ଷରୁ ମଙ୍ଗଳବାର ଏକ ପ୍ରସ୍ତୁତି ବୈଠକ କରାଯାଇଛି। ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଜିଲାପାଳ ସମର୍ଥ ବର୍ମାଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଛି। ରାଷ୍ଟ୍ରପତିଙ୍କ ଗସ୍ତର ଚୂଡ଼ାନ୍ତ ରୂପରେଖ ପ୍ରସ୍ତୁତ ହୋଇ ନ ଥିଲେ ମଧ୍ୟ ବୈଠକରେ ସମସ୍ତ ସମ୍ଭାବ୍ୟ ଦିଗ ଉପରେ ଧ୍ୟାନ ଦିଆଯାଇଛି। ରାଷ୍ଟ୍ରପତି ସ୍ୱତନ୍ତ୍ର ସର୍କିଟ ହାଉସ, ଓଟିଡିସି ଯାତ୍ରୀ ନିବାସ, କୋଣାର୍କ ନିର୍ମାଣ ନିବାସକୁ ପ୍ରସ୍ତୁତ ରଖିବା ଉପରେ ଗୁରୁତ୍ୱ ଦିଆଯାଇଛି। ରାଷ୍ଟ୍ରପତିଙ୍କ ଖାଦ୍ୟ, ସୁରକ୍ଷା, ନିରାପତ୍ତା ଓ ବ୍ୟାରିକେଟିଂ ଉପରେ ଧ୍ୟାନ ଦିଆଯାଇଛି। ବୈଠକରେ ଜିଲାପାଳଙ୍କ ସମେତ ଉପଜିଲାପାଳ ଭବତାରଣ ସାହୁ, ଏସ୍‌ପି କନ୍‌ୱର ବିଶାଲ ସିଂ, ଅଗ୍ନିଶମ ବିଭାଗ କର୍ତ୍ତୃପକ୍ଷ ଓ ଶ୍ରୀମନ୍ଦିର ପ୍ରଶାସକମାନେ ଉପସ୍ଥିତ ଥିଲେ।

# ଶ୍ରୀକ୍ଷେତ୍ର ଆଞ୍ଚଳିକ ଅମିନ ସଂଘ ବୈଠକ

**ଯୁବପିଢ଼ିଙ୍କ ଦକ୍ଷତା ବିକାଶକୁ ଗୁରୁତ୍ୱ**

**ସାକ୍ଷୀଗୋପାଳ, ୧୬।୩ (ଡି.ଏନ୍.ଏ.)**

ଶ୍ରୀକ୍ଷେତ୍ର ଆଞ୍ଚଳିକ ବେସରକାରୀ ଅମିନ ସଂଘର ଚତୁର୍ଥ ଜୋନ୍‌ସ୍ତରୀୟ ବୈଠକ ସାକ୍ଷୀଗୋପାଳ ପାନ୍ଥଶାଳାରେ ଅନୁଷ୍ଠିତ ହୋଇଯାଇଛି। ପୁରୀ ଜିଲା ବେସରକାରୀ ଅମିନ ମହାସଂଘର ସଭାପତି ସୁରେନ୍ଦ୍ର ନାଥ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପୁରୀ ସଦର, ସତ୍ୟବାଦୀ, ବ୍ରହ୍ମଗିରି, ଏବଂ କଣାସ ବ୍ଲକର ବେସରକାରୀ ଅମିନମାନେ ଯୋଗଦେଇଥିଲେ। ଜୋନ୍ ସଭାପତି ନାଗେଶ୍ୱର ବାରିକ, ଉପସଭାପତି ମାଧବ ଚନ୍ଦ୍ର ଜେନା, ସମ୍ପାଦକ ଅଜୟ କୁମାର ମିଶ୍ର ଓ ସହ ସମ୍ପାଦକ ପ୍ରଫୁଲ୍ଲ କୁମାର ବରାଳ ମହାସଂଘ ପଞ୍ଜୀକରଣ, ସଭ୍ୟ ଓ ପାଣ୍ଠି ବୃଦ୍ଧି ସହିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଜରିଆରେ ଯୁବପିଢ଼ିମାନଙ୍କର ଦକ୍ଷତା ବିକାଶ ନିମନ୍ତେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଅମିନ ଚନ୍ଦ୍ରଶେଖର ମିଶ୍ର, କମଳାକାନ୍ତ ରାଉତ, ହରିହର ଷଡଙ୍ଗୀ, ସୂର୍ଯ୍ୟନାରାୟଣ ମହାପାତ୍ର, ବାଳକୃଷ୍ଣ ରାଉତ, ଶ୍ରୀଧର ମଲ୍ଲିକ ଏବଂ ଦିବାକର ମହାପାତ୍ର ସଂଘର ସାଂଗଠନିକ ଅଭିବୃଦ୍ଧି ସମ୍ପର୍କରେ ଅଭିଭାଷଣ ପ୍ରଦାନ କରିଥିଲେ। ଅମିନମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଜନସାଧାରଣଙ୍କୁ ଉଚିତ୍ ସେବା ପ୍ରଦାନ କରିବା କ୍ଷେତ୍ରରେ ସହାୟକ ହେଉଥିବାରୁ ଏଥିରେ ନିଷ୍ଠା ଓ ନିରପେକ୍ଷତା ଆବଶ୍ୟକତା ରହିଛି ବୋଲି ମହାସଂଘର ସଭାପତି ସୁରେନ୍ଦ୍ର ନାଥ ବେହେରା କହିଥିଲେ। ଯୁବ ଅମିନ ସହଦେବ ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ମାର୍କେଟ୍ କମ୍ପ୍ଲେକ୍ସ ନିର୍ମାଣକୁ ବିରୋଧ

**ପଞ୍ଚାୟତ ଅଫିସ ଫାଟକ ଆଗରେ ଧାରଣା**

**ନିରାକାରପୁର,୧୬।୩(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ନୂଆଗଡ଼ ପଞ୍ଚାୟତର ବ୍ରହ୍ମପଡ଼ାପାଟଣା ମୌଜାରେ ନୂତନ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଯାଉଛି। ଏହାକୁ ବିରୋଧ କରି ମଙ୍ଗଳବାର କେତେଜଣ ପଞ୍ଚାୟତବାସୀ ପଞ୍ଚାୟତ କାର୍ଯ୍ୟାଳୟ ମୁଖ୍ୟ ଫାଟକ ଆଗରେ ଧାରଣା ଦେଇଥିଲେ। ସ୍ଥାନୀୟ ସରପଞ୍ଚ ଅରୁଣାବାଳା ହରିଚନ୍ଦନ ଆନ୍ଦୋଳନକାରୀଙ୍କୁ ବୁଝାଇବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ସୂଚନା ମୁତାବକ, ନୂଆଗଡ ପଞ୍ଚାୟତ ପକ୍ଷରୁ ହରିପୁର ମେଳଣ ପଡ଼ିଆ ନିକଟରେ ଥିବା ବ୍ରହ୍ମପଡ଼ାପାଟଣା ମୌଜା ଖାତା ନଂ.୮, ପ୍ଲଟ ନଂ.୧୮୧, ଏରିଆ-ଏ୦.୮୩୩ଡିସିମିଲ ଗୋଚର ଜାଗାରେ ୭ବଖରା ମାର୍କେଟ କମ୍ପ୍ଲେକ୍ସ




ପାଇଁ ନୂତନ ଗୃହ ନିର୍ମାଣ କରାଯାଉଛି। ଏହି ଜାଗାରେ କୁସୁମେଶ୍ୱର ଦେବଙ୍କ ମେଳଣ ପଡିଆ ରହିଛି। ଏଠାରେ ୪୦ରୁ ୫୦ବିଗ୍ରହ ବିମାନରେ ଆସି ଏକତ୍ରିତ ହୋଇ ମେଳଣ ହୋଇଥାଏ। ଏଠାରେ ଲୋକଙ୍କ ସମାଗମ ହୋଇଥାଏ। ତେବେ ଏହି ଗୃହ ନିର୍ମାଣ ହେଲେ ମେଳଣର ଜାଗା ସଙ୍କୀର୍ଣ୍ଣ ହୋଇଯିବ। ୧୯୮୪-୮୫ରେ ଏହି ପଡ଼ିଆକୁ ଅବରୋଧ ନେଇ ପୂର୍ବରୁ ନିର୍ମାଣ ହୋଇଥିବା ଘର ଭଙ୍ଗା ଯାଇଥିଲା ବୋଲି ଆନ୍ଦୋଳନକାରୀ ଅଭିଯୋଗରେ ଦର୍ଶାଇଛନ୍ତି। ଅନ୍ୟ ସ୍ଥାନରେ ଏହି ଗୃହ ନିର୍ମାଣ କରାଯାଉ ବୋଲି ବିଭିନ୍ନ ବିଭାଗର ଅଧିକାରୀଙ୍କୁ ଅବଗତ କରାଇଛନ୍ତି ବୋଲି ଧାରଣାରେ ବସିଥିବା ପୂର୍ବତନ ସରପଞ୍ଚ ଗିରିଶ ଚନ୍ଦ୍ର ମହାରଣା ସୂଚନା ଦେଇଛନ୍ତି। ଏନେଇ ସରପଞ୍ଚଙ୍କ ସ୍ୱାମୀ ପ୍ରଫୁଲ୍ଲ ହରିଚନ୍ଦନ କହିଛନ୍ତି, ଏହି ଜାଗାରେ ମାର୍କେଟ୍ କମ୍ପ୍ଲେକ୍ସ ଗୃହ କରିବା ପାଇଁ ରାଜସ୍ୱ ବିଭାଗ ସହିତ ଅନ୍ୟ ଅଧିକାରୀଙ୍କ ଅନୁମତି ପରେ ଏହି କାର୍ଯ୍ୟ ଚାଲିଛି।

# ଇଂଲଣ୍ଡର ସହଜ ବିଜୟ

**ଅହମଦାବାଦ,୧୬।୩**

ଭାରତ ବିପକ୍ଷ ତୃତୀୟ ଟି୨୦ ମ୍ୟାଚ୍‌ରେ ଭ୍ରମଣକାରୀ ଇଂଲଣ୍ଡ ୮ ଉଇକେଟରେ ବିଜୟୀ ହୋଇଛି। ନରେନ୍ଦ୍ର ମୋଦି ଷ୍ଟାଡିୟମରେ ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ୬ ଉଇକେଟ ହରାଇ ୧୫୬ ରନ କରିଥିଲା। ଜବାବରେ ଇଂଲଣ୍ଡ ୧୮.୨ ଓଭରରେ ୨ ଉଇକେଟ ହରାଇ ୧୫୮ ରନ ସଂଗ୍ରହ କରି ନେଇଥିଲା। ଏଥିସହ ଇଂଲଣ୍ଡ ୫ ମ୍ୟାଚ୍ ବିଶିଷ୍ଟ ସିରିଜରେ ୨-୧ରେ ଅଗ୍ରଣୀ ହୋଇଛି। ଚତୁର୍ଥ ଟି୨୦ ଆସନ୍ତା ଗୁରୁବାର ଖେଳାଯିବ। ଦ୍ରୁତ ଅପରାଜିତ ଅର୍ଦ୍ଧଶତକୀୟ ଇନିଂସ ଖେଳି ଦଳକୁ ଜିତାଇଥିବା ଉଇକେଟକିପର ବ୍ୟାଟ୍ସମ୍ୟାନ ଜୋଶ ବଟଲର ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୧୫୭ ରନ ଟାର୍ଗେଟର ପିଛା କରି ଇଂଲଣ୍ଡ ପ୍ରଥମେ ଜାସନ ରୟଙ୍କୁ ହରାଇଥିଲା। ରୟ ୯ ରନ କରି ୟୁଜବେନ୍ଦ୍ର ଚହଲଙ୍କ ବଲ୍‌କୁ ରିଭର୍ସ ସୁଇପ୍ କରିବାକୁ ଯାଇ ବିଫଳ ହୋଇଥିଲେ ଓ ଏକ୍ସଟ୍ରା କଭରରେ ରୋହିତ ସହଜ କ୍ୟାଚ୍ ନେଇ ତାଙ୍କୁ ପ୍ୟାଭିଲିୟନ ଫେରାଇଥିଲେ। ଏହାପରେ ୧୭ ବଲରୁ ଗୋଟିଏ ଛକା ସହ ୧୮ରନ କରିଥିବାବେଳେ ଡାୱିଡ୍ ମଲାନ ସ୍ପିନର ୱାଶିଂଟନ ସୁନ୍ଦରଙ୍କ ବଲ୍‌ରେ ଉଇକେଟକିପର ରିଷଭ ପନ୍ତଙ୍କ ଦ୍ୱାରା ଷ୍ଟମ୍ପ ଆଉଟ୍ ହୋଇଥିଲେ। ଦ୍ୱିତୀୟ ଉଇକେଟରେ ମଲାନ ଓ ବଟଲର ୩୯ ବଲରୁ ୫୮ ରନ ସଂଗ୍ରହ କରିଥିଲେ। ଅସମାପ୍ତ ତୃତୀୟ ଉଇକେଟରେ ବଟଲର ଓ ଜନି ବେୟାରଷ୍ଟୋ ୫୨ ବଲରୁ ୭୭ ରନ ସଂଗ୍ରହ କରି ଦଳକୁ ସହଜ ବିଜୟ ଦେଇଥିଲେ। ବଟଲର ୫୨ଟି ବଲ୍ ଖେଳି ୫ ଚୌକା ଓ ୪ ଛକା ସହ ୮୩ ଓ ବେୟାରଷ୍ଟୋ ୨୮ ବଲରୁ ୫ ଚୌକା ସହ ୪୦ ରନକରି ଅପରାଜିତ ରହିଥିଲେ। ଭାରତ ତରଫରୁ ଚହଲ ଓ ସୁନ୍ଦର ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ଆଉଟ୍ ଅଫ୍ ଫର୍ମ ଓପନର ଲୋକେଶ ରାହୁଲଙ୍କୁ ଆରମ୍ଭରୁ ହରାଇ ଝଟକା ଖାଇଥିଲା। ମାର୍କ ଉଡ୍‌ଙ୍କ ଦ୍ରୁତ ବଲକୁ ଲେଗ୍‌ସାଇଡ୍‌କୁ ଘୂରାଇ ମାରିବାକୁ ରାହୁଲ ପ୍ରୟାସ କରିଥିଲେ। ତେବେ ବଲ୍ ବ୍ୟାଟ ଓ ପ୍ୟାଡ୍ ମଝିରେ ଯାଇ ଷ୍ଟମ୍ପରେ ବାଜିଥିଲା ଓ ସେ ବୋଲ୍ଡ ହୋଇ ପ୍ୟାଭିଲିୟନ ଫେରିଥିଲେ। କ୍ରମାଗତ ଦ୍ୱିତୀୟ ମ୍ୟାଚ୍‌ରେ ରାହୁଲ ଖାତା ଖୋଲିପାରି ନ ଥିଲେ। ଗତ ୪ଟି ଟି୨୦ରେ ରାହୁଲ ତୃତୀୟ ଥର ପାଇଁ ଶୂନରେ ଆଉଟ ହୋଇଛନ୍ତି ଓ ମାତ୍ର ୧ ରନ ସଂଗ୍ରହ କରିଛନ୍ତି। ସେହିପରି ଅଭିଜ୍ଞ ଓପନର ରୋହିତ ଶର୍ମାଙ୍କୁ ଜୀବନଦାନ ମିଳିଥିଲେ ମଧ୍ୟ ସେ ଏହାର ଫାଇଦା ଉଠାଇପାରି ନ ଥିଲେ। ଦ୍ୱିତୀୟ ଓଭରରେ ଜୋଫ୍ରା ଆର୍ଚରଙ୍କ ପ୍ରଥମ ବଲ୍‌ରେ ରୋହିତ ସିଧା ଶଟ୍ ଖେଳିଥିଲେ। ଆର୍ଚରଙ୍କ ହାତକୁ କ୍ୟାଚ ଯାଇଥିଲେ ମଧ୍ୟ ସେ ଧରିପାରି ନ ଥିଲେ ଓ ରୋହିତଙ୍କୁ ଜୀବନଦାନ ମିଳିଥିଲା। ଏହାପରେ ରୋହିତ ମାତ୍ର ୧୫ ରନ ସଂଗ୍ରହ କରି ଉଡ୍‌ଙ୍କ ଲେଗ୍ ଷ୍ଟମ୍ପ ବାହାର ବଲ୍‌କୁ ପୁଲ୍/ହୁକ୍ କରିବାକୁ ପ୍ରୟାସ କରିଥିଲେ। ତେବେ ଶର୍ଟ ଫାଇନ୍ ଲେଗ୍‌ରେ ଆର୍ଚରଙ୍କ ହାତକୁ କ୍ୟାଚ୍ ଯାଇଥିଲା ଓ ସେ ଆଉଟ ହୋଇଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ପଦାର୍ପଣ କରି ଅର୍ଦ୍ଧଶତକ ହାସଲ କରିଥିବା ଇଶାନ କିଷନ ୪ରନ କରିଥିବାବେଳେ କ୍ରିସ୍ ଜୋର୍ଡାନଙ୍କ ଅଫ୍ ଷ୍ଟମ୍ପ ବାହାର ବାଉନ୍ସରକୁ ପୁଲ୍ କରିଥିଲେ। ତେବେ ବଲ୍ ବ୍ୟାଟ୍‌ର ଏଜ୍ ନେଇଥିଲା ଓ ଉଇକେଟ ପଛରେ କିପର ଜୋଶ ବଟଲର ହାଇ କ୍ୟାଚ୍ ନେଇ ଇଶାନଙ୍କୁ ପ୍ୟାଭିଲିୟନ ଫେରାଇଥିଲେ। ୨୦ ବଲରୁ ୩ ଚୌକା ସହ ୨୫ ରନକରି କ୍ରିଜ୍‌ରେ ଜମି ଆସୁଥିବା ବେଳେ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ମିସ୍‌ଫିଲ୍ଡର ସୁଯୋଗ ନେଇ ତୃତୀୟ ରନ ନେବାକୁ ଯାଉଥିବା ବେଳେ ଭୁଲ ବୁଝାମଣାର ଶିକାର ହୋଇ ନନ୍‌ଷ୍ଟ୍ରାଇକର ଏଣ୍ଡରେ ବଟଲରଙ୍କ ଥ୍ରୋରେ ଜୋର୍ଡାନଙ୍କ ଦ୍ୱାରା ଦୁର୍ଭାଗ୍ୟଜନକ ଭାବେ ରନ୍ ଆଉଟ ହୋଇଥିଲେ। ଚତୁର୍ଥ ଉଇକେଟରେ କୋହଲି ଓ ପନ୍ତ ୩୫ ବଲରୁ ୩୮ରନ ସଂଗ୍ରହ କରିଥିଲେ। ପ୍ରଥମ ମ୍ୟାଚ୍‌ରେ ଅର୍ଦ୍ଧଶତକୀୟ ଇନିଂସ ଖେଳିଥିବା ଇନ୍‌ଫର୍ମ ଶ୍ରେୟାସ ଆୟାର ୯ ରନ କରିଥିବା ବେଳେ ଉଡ୍‌ଙ୍କ ଶର୍ଟ ବଲକୁ ଡିପ୍ ଥାର୍ଡ ମ୍ୟାନ ଉପରେ ମାରିବାକୁ ଚେଷ୍ଟା କରିଥିଲେ। ତେବେ ବଲ୍ ଡିପ୍ ପଏଣ୍ଟକୁ ଯାଇଥିଲା ଓ ଡାୱିଡ ମଲାନ ବାଉଣ୍ଡରୀ ପାଖରେ ଏକ ସହଜ କ୍ୟାଚ ନେଇ ତାଙ୍କୁ ପ୍ୟାଭିଲିୟନ ଫେରାଇଥିଲେ। ଆୟାର ଉଡ୍‌ଙ୍କ ତୃତୀୟ ଶିକାର ହୋଇଥିଲେ। ଏହାପରେ କୋହଲି ଓ ହାର୍ଦ୍ଦିକ ପାଣ୍ଡ୍ୟା ଷଷ୍ଠ ଉଇକେଟରେ ୩୫ ବଲରୁ ଦ୍ରୁତ ୭୦ ରନକରି ଦଳକୁ ସମ୍ମାନଜନକ ସ୍କୋର ପ୍ରଦାନ କରିଥିଲେ। ପାଣ୍ଡ୍ୟା ୧୫ ବଲରୁ ୨ ଛକା ସହ ୧୭ ରନକରି ଶେଷ ବଲ୍‌ରେ ଆଉଟ ହୋଇଥିଲେ। ଜୋର୍ଡାନଙ୍କ ଅଫ୍ ଷ୍ଟମ୍ପ ବାହରର ଶର୍ଟ ବଲ୍‌କୁ ମିଡ୍ ଉଇକେଟ ବାଉଣ୍ଡାରୀ ଉପରେ ମାରିବାକୁ ଚେଷ୍ଟା କରିଥିଲେ। ତେବେ ଆର୍ଚର ମିଡ୍‌ଅଫ୍‌ରୁ ଦୌଡ଼ିଯାଇ ଏକ ସୁନ୍ଦର କ୍ୟାଚ୍ ନେଇଥିଲେ ଓ ଭାରତର ଷଷ୍ଠ ଉଇକେଟର ପତନ ହୋଇଥିଲା। ଅଧିନାୟକ ଇନିଂସ ଖେଳି କୋହଲି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ସେ ୪୬ଟି ବଲ୍ ଖେଳି ୮ ଚୌକା ଓ ୪ ଛକା ସହ ୭୭ ରନ ସଂଗ୍ରହ କରିଥିଲେ। ସେ କ୍ରମାଗତ ଦ୍ୱିତୀୟ ଓ କ୍ୟାରିୟରର ୨୭ତମ ଟି୨୦ ଅର୍ଦ୍ଧଶତକ ଅର୍ଜନ କରିଥିଲେ। ୨୦୧୬ ବିଶ୍ୱକପ୍ ପରେ ସେ ପ୍ରଥମଥର ପାଇଁ କ୍ରମାଗତ ଦ୍ୱିତୀୟ ଅର୍ଦ୍ଧଶତକ ଅର୍ଜନ କରିଛନ୍ତି। ପୂର୍ବ ମ୍ୟାଚ୍‌ରେ ସେ ୭୩ ରନ ସଂଗ୍ରହ କରିଥିଲେ। ବୋଲିଂରେ ଇଂଲଣ୍ଡ ତରଫରୁ ମାର୍କ ଉଡ୍ ୩ ଓ ଜୋର୍ଡାନ ୨ଟି ଉଇକେଟ ଅକ୍ତିଆର କରିଥିଲେ।

ଭାରତୀୟ ଦଳରେ ଗୋଟିଏ ପରିବର୍ତ୍ତନ କରାଯାଇଥିଲା। ସୂର୍ଯ୍ୟକୁମାର ଯାଦବଙ୍କୁ ବାଦ୍ ଦିଆଯାଇଥିବାବେଳେ ତାଙ୍କ ବଦଳରେ ରୋହିତ ଶର୍ମା ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଦ୍ୱିତୀୟ ମ୍ୟାଚ୍‌ରେ ପଦାର୍ପଣ କରିଥିଲେ ମଧ୍ୟ ସୂର୍ଯ୍ୟକୁମାର ଯାଦବଙ୍କୁ ବ୍ୟାଟିଂ କରିବାର ସୁଯୋଗ ମିଳି ନ ଥିଲା। ସେହିପରି ଇଂଲଣ୍ଡ ଦଳରେ ଟମ୍ କୁରାନଙ୍କ ବଦଳରେ ମାର୍କ ଉଡ୍‌ଙ୍କୁ ସୁଯୋଗ ଦିଆଯାଇଥିଲା। ଇଂଲଣ୍ଡ ଅଧିନାୟକ ଇଅନ ମୋର୍ଗାନ କ୍ୟାରିୟରର ୧୦୦ତମ ଅନ୍ତର୍ଜାତୀୟ ଟି୨୦ ମ୍ୟାଚ୍ ଖେଳିଥିଲେ। ଏହି ଉପଲବ୍ଧି ହାସଲ କରିବାରେ ମୋର୍ଗାନ ବିଶ୍ୱର ଚତୁର୍ଥ ଖେଳାଳି ହୋଇଛନ୍ତି।


ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ଜୋଶ ବଟଲର।

**ତୃତୀୟ ଟି୨୦**

### ସ୍କୋର ବୋର୍ଡ

**ଭାରତ ଇନିଂସ**
ରୋହିତ-କ-ଆର୍ଚର-ବୋ-ଉଡ୍-୧୫
ରାହୁଲ-ବୋ-ମାର୍କ ଉଡ୍-୦
ଇଶାନ କିଷନ-କ-ବଟଲର-ବୋ-ଜୋର୍ଡାନ-୪
କୋହଲି-ନଟ ଆଉଟ-୭୭
ରିଷଭ ପନ୍ତ-ରନ ଆଉଟ-୨୫
ଶ୍ରେୟାସ-କ-ମଲାନ-ବୋ-ଉଡ୍-୯
ପାଣ୍ଡ୍ୟା-କ-ଆର୍ଚର-ବୋ-ଜୋର୍ଡାନ-୧୭
ଅତିରିକ୍ତ-୯
ମୋଟ: (୨୦ ଓଭର,୬ଉଇକେଟ) ୧୫୬।
**ଉଇକେଟ ପତନ:** ୧/୭, ୨/୨୦, ୩/୨୪, ୪/୬୪,୫/୮୬, ୬/୧୫୬।
**ବୋଲିଂ (ଇଂଲଣ୍ଡ)**
ଆଦିଲ ରସିଦ୍ ୪-୦-୨୬-୦
ଜୋଫ୍ରା ଆର୍ଚର ୪-୦-୩୨-୦
ମାର୍କ ଉଡ୍ ୪-୦-୩୧-୩
କ୍ରିସ୍ ଜୋର୍ଡାନ ୪-୧-୩୫-୨
ବେନ୍ ଷ୍ଟୋକ୍ସ ୨-୦-୧୨-୦
ସାମ୍ କୁରାନ ୨-୦-୧୪-୦।
**ଇଂଲଣ୍ଡ ଇନିଂସ**
ଜାସନ ରୟ-କ-ରୋହିତ-ବୋ-ଚହଲ-୯
ବଟଲର- ନଟ ଆଉଟ-୮୩
ମଲାନ-ଷ୍ଟମ୍ପ-ପନ୍ତ-ବୋ-ୱାଶିଂଟନ-୧୮
ବେୟାରଷ୍ଟୋ-ନଟ ଆଉଟ-୪୦
ଅତିରିକ୍ତ-୮
ମୋଟ: (୧୮.୨ ଓଭର, ୨ଉଇକେଟ) ୧୫୮।
**ଉଇକେଟ ପତନ:** ୧/୨୩, ୨/୮୧।
**ବୋଲିଂ (ଭାରତ)**
ଭୁବନେଶ୍ୱର କୁମାର ୪-୦-୨୭-୦
ଶାର୍ଦ୍ଦୁଳ ଠାକୁର ୩.୨-୦-୩୬-୦
ୟୁଜବେନ୍ଦ୍ର ଚହଲ ୪-୦-୪୧-୧
ହାର୍ଦ୍ଦିକ ପାଣ୍ଡ୍ୟା ୩-୦-୨୨-୦
ୱାଶିଂଟନ ସୁନ୍ଦର ୪-୦-୨୬-୧

# ଅପ୍‌ଷ୍ଟକ୍ସ ଆଇପିଏଲ୍‌ର ଅଫିସିଆଲ ପାର୍ଟନର

**ନୂଆଦିଲ୍ଲୀ, ୧୬।୩ (ପି.ଟି.)**

ଭାରତର ଅନ୍ୟତମ ଡିଜିଟାଲ ବ୍ରୋକୋରେଜ ସଂସ୍ଥା ଅପ୍‌ଷ୍ଟକ୍ସ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଅନ୍ୟତମ ଅଫିସିଆଲ ପାର୍ଟନର ଭାବେ ଯୋଗଦେଇଛି। ଆଇପିଏଲ୍ ଗଭର୍ନିଂ କାଉନ୍‌ସିଲ ତରଫରୁ ଏହା ଘୋଷଣା କରାଯାଇଛି। ଚଳିତବର୍ଷର ଆଇପିଏଲ୍ ଏପ୍ରିଲ ୯ରୁ ଆରମ୍ଭ ହେଉଛି। ଟାଇଗର ଗ୍ଲୋବାଲ ଭଳି ନିବେଶକର ସମର୍ଥନ ରହିଥିବା ଅପ୍‌ଷ୍ଟକ୍ସର ୨.୮ ନିୟୁତ ଗ୍ରାହକ ରହିଛନ୍ତି। ବିସିସିଆଇ ଓ ଅପ୍‌ଷ୍ଟକ୍ସ ମଧ୍ୟରେ ବହୁ ବର୍ଷୀୟ ଚୁକ୍ତିରେ ହୋଇଥିବା କାରବାର ସମ୍ପର୍କରେ କୌଣସି ସୂଚନା ଦିଆଯାଇ ନାହିଁ। ଆଇପିଏଲ୍ ଇତିହାସରେ ପ୍ରଥମ ଥର ଷ୍ଟକ୍ ଓ ମ୍ୟୁଚୁଆଲ ଫଣ୍ଡ୍ ସେକ୍ଟରର ଏକ ବ୍ରାଣ୍ଡ୍ ଅଫିସିଆଲ ପାର୍ଟନର ହୋଇଛି। ଏହି ପରିପ୍ରେକ୍ଷୀରେ ଆଇପିଏଲ୍ ଚେୟାରମ୍ୟାନ ବ୍ରିଜେଶ ପଟେଲ କହିଛନ୍ତି, ଅପ୍‌ଷ୍ଟକ୍ସ ହେଉଛି ଦ୍ରୁତ ଭାବେ ପ୍ରସାର କରୁଥିବା ଭାରତର ଏକ ଡିଜିଟାଲ ଟ୍ରେଡିଂ ପ୍ଲାଟଫର୍ମ। ଏହା ଭାରତରେ ଆଇପିଏଲ୍‌ର କୋଟି କୋଟି ଯୁବ କ୍ରିକେଟପ୍ରେମୀଙ୍କ ଉପରେ ଖୁବ୍ ପ୍ରଭାବ ପକାଇବ, ଯେଉଁମାନେ କି ଆର୍ଥିକ କ୍ଷେତ୍ରରେ ସ୍ୱାଧୀନ ହେବାକୁ ଚାହୁଁଛନ୍ତି। ଏହି ପରିପ୍ରେକ୍ଷୀରେ ଅପ୍‌ଷ୍ଟକ୍ସର ସହ ପ୍ରତିଷ୍ଠାତା ତଥା ସିଇଓ ରବି କୁମାର କହିଛନ୍ତି, ତାଙ୍କ କମ୍ପାନୀ ଦେଶରେ ଆର୍ଥିକ ବିପ୍ଳବ ଆଣିବାରେ ପ୍ରୟାସ କରିବ।

vivo IPL | upstox
OFFICIAL PARTNER

# ଶ୍ରୀଶଙ୍କରଙ୍କୁ ଅଲିମ୍ପିକ୍ସ ଯୋଗ୍ୟତା

**ପଟିଆଲା, ୧୬।୩ (ପି.ଟି.)**

ଲଙ୍ଗ ଜମ୍ପର ମୁରଲୀ ଶ୍ରୀଶଙ୍କର ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଏଠାରେ ଫେଡେରେଶନ କପ୍ ଜାତୀୟ ସିନିୟର ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ୮.୨୬ ମିଟର ଜମ୍ପ୍ କରି ନିଜ ଜାତୀୟ ରେକର୍ଡକୁ ଭଙ୍ଗ କରିଛନ୍ତି। ପୁରୁଷ ଲଙ୍ଗ୍‌ଜମ୍ପ୍‌ରେ ଅଲିମ୍ପିକ୍ସ ପାଇଁ କ୍ୱାଲିଫିକେଶନ ସଂଖ୍ୟା ୮.୨୨ ମିଟର ରଖାଯାଇଛି। କେରଳର ଏହି ୨୧ ବର୍ଷୀୟ ଆଥଲେଟ୍ ତାଙ୍କ ୫ମ ପ୍ରଚେଷ୍ଟାରେ ୮.୨୧ ମିଟର ଜମ୍ପ୍ କରିଥିଲେ। ପୂର୍ବରୁ ୨୦୧୮ରେ ୮.୨୦ ମିଟର ଜମ୍ପ କରି ସେ ଜାତୀୟ ରେକର୍ଡ ପ୍ରତିଷ୍ଠା କରିଥିଲେ। କେରଳର ଅନ୍ୟ ଜଣେ ଜମ୍ପର ମହମ୍ମଦ ଆନିସ୍ ୟାହିୟା (୮ ମିଟର) ଏବଂ କର୍ନାଟକର ଏସ୍. ଲୋକେଶ (୭.୬୦ ମିଟର) ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ଜିତିଥିଲେ। ସୂଚନାଯୋଗ୍ୟ, ଇତିମଧ୍ୟରେ ୫ ରେସ୍ ୱାକର (୨୦କିମି ପୁରୁଷ ଇଭେଣ୍ଟରେ କେ.ଟି. ଇର୍ଫାନ, ସନ୍ଦୀପ କୁମାର ଓ ରାହୁଲ ରୋହିଲା ଏବଂ ମହିଳା ୨୦କିମି ଇଭେଣ୍ଟରେ ଭାବନା ଜାଟ୍ ଓ ପ୍ରିୟଙ୍କା ଗୋସ୍ୱାମୀ), ଦୁଇ ଜାଭେଲିନ୍ ଥ୍ରୋୟର (ନୀରଜ ଚୋପ୍ରା ଓ ଶିବପାଲ୍ ସିଂ), ଅବିନାଶ ସାବ୍‌ଲେ (ପୁରୁଷ ୩,୦୦୦ ମିଟର ପୁରୁଷ ଷ୍ଟିପଲ ଚେଜ୍) ଏବଂ ମିକ୍ସଡ ୪x୪୦୦ ମିଟର ରିଲେ ଟିମ୍ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିସାରିଛନ୍ତି।


ମୁରଲୀ ଶ୍ରୀଶଙ୍କର

# ମେ’ ୫ରେ କିରଣଙ୍କ ବାହାଘର


ସନ୍ଦୀପ ମହାନ୍ତିଙ୍କ ସହ କିରଣ ମନୀଷା ମହାନ୍ତି।

**ଭୁବନେଶ୍ୱର, ୧୬।୩(କ୍ରୀଡ଼ା ପ୍ରତିନିଧି)**

ଚେସ୍ ଜଗତରେ ଅନେକ ନାଁ କମାଇଥିବା ଓଡ଼ିଶାର ପ୍ରଥମ ମହିଳା ଗ୍ରାଣ୍ଡମାଷ୍ଟର କିରଣ ମନୀଷା ମହାନ୍ତି ଆସନ୍ତା ମେ’ ୫ରେ ନୂଆ ଇନିଂସ ଆରମ୍ଭ କରିବାକୁ ଯାଉଛନ୍ତି। ମଞ୍ଜୁବାଳା ଓ କିଶୋର କୁମାର ମହାନ୍ତିଙ୍କ ଏକମାତ୍ର କନ୍ୟା କିରଣ ଆସନ୍ତା ମେ’ ୫ ତାରିଖରେ ରାଉରକେଲାର ଦାନ୍ତ ଡାକ୍ତର ସନ୍ଦୀପ ମହାନ୍ତିଙ୍କ ସହ ବିବାହ ବନ୍ଧନରେ ବାନ୍ଧି ହେବାକୁ ଯାଉଛନ୍ତି। ଗତ ଫେବୃୟାରୀ ୧୭ ତାରିଖରେ ଉଭୟଙ୍କ ନିର୍ବନ୍ଧ ସମ୍ପନ୍ନ ହୋଇଥିଲା। ନୟାଗଡ଼ର କିରଣ ସମ୍ପ୍ରତି ଭାରତୀୟ ଜୀବନ ବୀମା ନିଗମରେ କାର୍ଯ୍ୟରତ। କ୍ୟାରିୟରରେ ଅନେକ ଜାତୀୟ ଅନ୍ତର୍ଜାତୀୟ ପଦକ ହାସଲ କରିଥିବା କିରଣ ୨୦୧୦ରେ ଓଡ଼ିଶାର ପ୍ରଥମ ଖେଳାଳି ଭାବେ ମହିଳା ଗ୍ରାଣ୍ଡମାଷ୍ଟର (ଡବ୍ଲ୍ୟୁଜିଏମ୍) ଟାଇଟଲ ହାସଲ କରିଥିଲେ। ୨୦୦୬ରେ ସେ ଓଡ଼ିଶାର ପ୍ରଥମ ମହିଳା ଅନ୍ତର୍ଜାତୀୟ ମାଷ୍ଟର (ଡବ୍ଲ୍ୟୁଆଇଏମ୍) ଏବଂ ୨୦୦୭ରେ ରାଜ୍ୟର ପ୍ରଥମ ଖେଳାଳିଭାବେ ମହିଳା ନ୍ୟାଶନାଲ ‘ବି’ ଚେସ୍ ଟାଇଟଲ ଜିତିଥିଲେ।

# ନାଭିଦ୍, ଅନୱାର ୮ ବର୍ଷ ବାସନ୍ଦ

**ଦୁବାଇ, ୧୬।୩ (ପି.ଟି.)**

ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ମଙ୍ଗଳବାର ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ର ଦୁଇ ଖେଳାଳି ମହମ୍ମଦ ନାଭିଦ୍ ଓ ସାଇମାନ ଅନୱର ବଟଙ୍କୁ ୮ବର୍ଷ ବାସନ୍ଦ କରିଛି। ଟି୨୦ ବିଶ୍ୱକପ୍ ୨୦୧୯ରେ ମ୍ୟାଚ୍ ଫିକ୍ସ କରିବାରେ ଏହି ଦୁଇଜଣଙ୍କର ଭୂମିକା ରହିଥିବା ଅଭିଯୋଗ ହୋଇଥିଲା। ବାସନ୍ଦ ଦଣ୍ଡ ପିଛିଲା ୨୦୧୯ ଅକ୍ଟୋବର ୧୬ରୁ ଗଣତି ହେବ। କାରଣ ଆଇସିସି ଦୁର୍ନୀତି ନିବାରଣ ବିଧି ଉଲ୍ଲଂଘନ କରିଥିବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହେବା ପରଠାରୁ ଉଭୟେ ସାମୟିକ ବାସନ୍ଦ ଦଣ୍ଡ ଭୋଗି ଆସୁଥିଲେ। ୩୩ବର୍ଷୀୟ ପୂର୍ବତନ ଅଧିନାୟକ ତଥା ଡାହାଣହାତୀ ପେସ୍ ବୋଲର ନାଭିଦ୍ ତାଙ୍କ ଦେଶ ତରଫରୁ ୩୯ ଅନ୍ତର୍ଜାତୀୟ ଦିନିକିଆ ଓ ୩୧ ଅନ୍ତର୍ଜାତୀୟ ଟି୨୦ ଖେଳିଛନ୍ତି। ଅନ୍ୟପକ୍ଷରେ ୪୨ବର୍ଷୀୟ ମିଡଲ ଅର୍ଡର ବ୍ୟାଟ୍ସମ୍ୟାନ ବଟ୍ଟ ୪୦ ଅନ୍ତର୍ଜାତୀୟ ଦିନିକିଆ ଓ ୩୨ ଟି୨୦ ଖେଳିଛନ୍ତି। ଉଚ୍ଚସ୍ତରୀୟ କ୍ରିକେଟରେ ମହମ୍ମଦ ନାଭିଦ୍ ଓ ସାଇମାନ ଅନୱାର ସେମାନଙ୍କ ପୋଷ୍ୟ ଦେଶ ୟୁଏଇ ତରଫରୁ ପ୍ରତିନିଧିତ୍ୱ କରିଥାନ୍ତି ବୋଲ ଆଇସିସି ଇଣ୍ଟିଗ୍ରିଟି ୟୁନିଟ୍‌ର ଜେନେରାଲ ମ୍ୟାନେଜର ଆଲେକ୍ସ ମାର୍ଶାଲ ପ୍ରକାଶ କରିଛନ୍ତି।

# ଭାରତର ନେତୃତ୍ୱ ନେବେ ଅଙ୍କିତା, ସାନିଆ

**ନୂଆଦିଲ୍ଲୀ, ୧୬।୩ (ପି.ଟି.)**

ଆସନ୍ତା ମାସରେ ବିଲି ଜିନ୍ କିଙ୍ଗ୍ କପ୍ ୱାର୍ଲ୍ଡ ଗ୍ରୁପ୍ ପ୍ଲେ-ଅଫ୍ ଖେଳାଯିବ। ଏହି ଟୁର୍ନାମେଣ୍ଟରେ ଦେଶର ଶ୍ରେଷ୍ଠ ସିଙ୍ଗଲ୍ସ ଖେଳାଳି ଅଙ୍କିତା ରାଇନା ଓ ଭେଟେରାନ ସାନିଆ ମିର୍ଜା ଭାରତୀୟ ଦଳର ନେତୃତ୍ୱ ନେବେ। ଲାଟଭିଆ ବିପକ୍ଷ ଆୱେ ମ୍ୟାଚ ପାଇଁ ସର୍ବଭାରତୀୟ ଟେନିସ୍ ଆସୋସିଏଶନ(ଆଇଟା) ୫ଜଣିଆ ଭାରତୀୟ ଦଳ ଘୋଷଣା କରିଛି। ମଙ୍ଗଳବାର ଭର୍ଚୁଆଲ ବୈଠକରେ ଖେଳାଳି ମନୋନୟନ କରାଯାଇଥିଲା। ଅଙ୍କିତା ଓ ସାନିଆଙ୍କ ବ୍ୟତୀତ କର୍ମନ କୌର ଥାଣ୍ଡି, ଜିଲ୍ ଦେଶାଇ ଓ ଋତୁଜା ଭୋଁସ୍‌ଲେ ପ୍ରମୁଖ ଦଳରେ ସ୍ଥାନ ପାଇଛନ୍ତି। ଗତବର୍ଷ ଭାରତୀୟ ଦଳର ଅନ୍ୟତମ ସଦସ୍ୟା ରହିଥିବା ରିୟା ଭାଟିଆଙ୍କୁ ଦଳର ରିଜର୍ଭ ଖେଳାଳି କରାଯାଇଛି। ବିଶାଲ ଉପାଲ ଦଳର ଅଧିନାୟକ ଦାୟିତ୍ୱ ତୁଲାଇବେ। ଡେଭିସ୍ କପ୍‌ରେ ଦୁଇଟି ସିଙ୍ଗଲ୍ସ ମ୍ୟାଚ ଖେଳାଯିବା ପରେ ଏକ ଡବଲ୍ସ ଖେଳାଯାଇଥାଏ। ଏହା ପରେ ଦୁଇଟି ରିଭର୍ସ ସିଙ୍ଗଲ୍ସ ଖେଳାଯାଇଥାଏ। କିନ୍ତୁ ବିଲି ଜିନ୍ କିଙ୍ଗ୍ କପ୍‌ରେ ସବା ଶେଷରେ ଡବଲ୍ସ ଖେଳାଯାଇଥାଏ। ତେଣୁ ମ୍ୟାଚ ଯଦି ଶେଷ ପର୍ଯ୍ୟନ୍ତ ଯାଏ ତେବେ ସାଇନାଙ୍କୁ ଖେଳିବାକୁ ପଡ଼ିବ। ରିୟା (୩୫୯) ତୁଳନାତ୍ମକ ଭାବେ ଉଚ୍ଚ ର୍‍ୟାଙ୍କିଙ୍ଗପ୍ରାପ୍ତ ଖେଳାଳି ହୋଇଥିଲେ ମଧ୍ୟ ଜିଲ୍ (୬୧୪ ର୍‍ୟାଙ୍କିଙ୍ଗ୍)ଙ୍କୁ ଦଳରେ ନିଆଯାଇଛି। ବର୍ତ୍ତମାନର ପ୍ରଦର୍ଶନକୁ ଭିତ୍ତିକରି ଏହି ନିଷ୍ପତ୍ତି ନିଆଯାଇଥିବା କୁହାଯାଉଛି। ସୂଚନାଯୋଗ୍ୟ, ର୍‍ୟାଙ୍କିଙ୍ଗ୍ ତାଲିକାରେ ଭାରତୀୟଙ୍କ ମଧ୍ୟରେ ଅଙ୍କିତାଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ରହିଛନ୍ତି ରିୟା ଭାଟିଆ। ଦୁଇଦିନିଆ ଆୱେ ମ୍ୟାଚ ଏପ୍ରିଲ ୧୬ରେ ଜୁର୍ମାଲାର ଲିଲୁପଷ୍ଟିତ ନ୍ୟାଶନାଲ ଟେନିସ ସେଣ୍ଟରର ଇନ୍‌ଡୋର ହାର୍ଡକୋର୍ଟରେ ଖେଳାଯିବ। ୨୦୨୦ ମାର୍ଚ୍ଚରେ ଦୁବାଇରେ ଅନୁଷ୍ଠିତ ଏସିଆ ଓସିନିଆ ଗ୍ରୁପ୍-୧ ଟାଇରେ ଦ୍ୱିତୀୟ ସ୍ଥାନ ଅଧିକାର କରି ଭାରତ ପ୍ରଥମ ଥର ୱାର୍ଲ୍ଡ ଗ୍ରୁପ୍ ପ୍ଲେ-ଅଫ୍ ପାଇଁ ଯୋଗ୍ୟତା ଅର୍ଜନ କରିଥିଲା। ଅନ୍ୟପକ୍ଷରେ ଲାଟଭିଆ ସେମାନଙ୍କ ଗ୍ରୁପ୍‌ରେ ଯୁକ୍ତରାଷ୍ଟ୍ର ଆମେରିକା (ୟୁଏସ୍‌ଏ)ଠାରୁ ପରାଜିତ ହୋଇଥିଲା। ଲାଟଭିଆ ବିପକ୍ଷ ମ୍ୟାଚ ଭାରତ ପାଇଁ କଷ୍ଟସାଧ୍ୟ ହେବ। କାରଣ ଏହି ଦଳରେ ପୂର୍ବତନ ଫ୍ରେଞ୍ଚ ଓପନ୍ ଚାମ୍ପିୟନ ତଥା ବିଶ୍ୱର ୫୩ନମ୍ବର ମାନ୍ୟତାପ୍ରାପ୍ତ ଜେଲେନା ଓଷ୍ଟାପେଙ୍କୋ ରହିଛନ୍ତି। ୨୦୧୮ ୟୁଏସ ଓପନ ସେମିଫାଇନାଲିଷ୍ଟ ତଥା ବର୍ତ୍ତମାନ ୫୬ ର୍‍ୟାଙ୍କିଙ୍ଗପ୍ରାପ୍ତ ଆନାସ୍ତାସିଜା ସେଭାସ୍ତୋଭା ମଧ୍ୟ ଏହି ଦଳରୁ ଖେଳିବେ। ସେଭାସ୍ତୋଭା ୨୦୧୮ରେ ର୍‍ୟାଙ୍କିଙ୍ଗ ତାଲିକାର ୧୧ଶ ସ୍ଥାନରେ ରହିଥିଲେ। ଲାଟଭିଆ ଗତବର୍ଷ କ୍ୱାଲିଫାୟର୍ସରେ ସେରେନା ୱିଲିୟମ୍ସଙ୍କ ନେତୃତ୍ୱାଧୀନ ୟୁଏସ୍‌ଏ ଟିମ୍‌କୁ କଡ଼ା ଟକ୍କର ଦେଇଥିଲା।


ଅଙ୍କିତା ରାଇନା ଓ ସାନିଆ ମିର୍ଜା।

# ୨୫ରୁ ଟୋକିଓ ଅଲିମ୍ପିକ ମଶାଲ ରାଲି

**ଟୋକିଓ,୧୬।୩(ପି.ଟି.):** ଆସନ୍ତା ସପ୍ତାହରେ ଆୟୋଜନ ହେବାକୁ ଯାଉଛି ଟୋକିଓ ଅଲିମ୍ପିକ୍ସ ମଶାଲ ରାଲି। ଆଉ ୪ ମାସ ପରେ ଅଲିମ୍ପିକ୍ସ ଆରମ୍ଭ ହେବାକୁ ଯାଉଥିବାରୁ ଆୟୋଜକମାନେ ଏ ନେଇ କୌଣସି ରିସ୍କ ନେବାକୁ ଚାହୁଁନାହାନ୍ତି। ତେଣୁ ମଶାଲା ରାଲିରେ ଅତିମାତ୍ରାରେ ସାବଧାନତା ଅବଲମ୍ବନ କରାଯିବ ବୋଲି କୁହାଯାଇଛି। ମାର୍ଚ୍ଚ ୨୫ରେ ଉତ୍ତରପୂର୍ବାଞ୍ଚଳ ଫୁକୁଶିମାରେ ମଶାଲ ରାଲି ଆରମ୍ଭ ହେବ। ଆୟୋଜକମାନେ ଏ ନେଇ ସବିଶେଷ ବିବରଣୀ ପ୍ରଦାନ କରିଛନ୍ତି। ଜାପାନରେ ଆଗାମୀ ୪ ମାସ ମଧ୍ୟରେ ୧୦,୦୦୦ ରନର ଅଲିମ୍ପିକ ମଶାଲ ପରିବହନ କରିବେ। ଉତ୍ସାହ ବଢାଇବା ପାଇଁ ମଶାଲ ରାଲି ଆୟୋଜନ ହେବ ବୋଲି ଆୟୋଜକ କମିଟି ସିଇଓ ତୋଶିରୋ ମୁଟୋ କହିଛନ୍ତି। ତେବେ ଏଥିରେ କୋଭିଡ୍-୧୯ ସଂକ୍ରମଣକୁ ଦୃଷ୍ଟିରେ ରଖି କଡ଼ା ସାବଧାନତା ଅବଲମ୍ବନ କରାଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି। ମଶାଲ ରାଲି ଦେଖବା ପାଇଁ ଇଚ୍ଛୁକ ଥିବା ଦର୍ଶକ ମାସ୍କ ପିନ୍ଧିବା ସହ ସାମାଜିକ ଦୂରତା ରକ୍ଷା କରିବା ବାଧ୍ୟତାମୂଳକ ବୋଲି ଆୟୋଜକମାନେ କହିଛନ୍ତି। କରୋନା ଭାଇରସ କାରଣରୁ ଜାପାନରେ ଏ ପର୍ଯ୍ୟନ୍ତ ୮,୬୦୦ ମୃତ୍ୟୁବରଣ କରିଛନ୍ତି। ଅଲିମ୍ପିକ୍ସରେ ଏଥର ୧୧,୦୦୦ ଆଥଲେଟ୍ ଅଂଶଗ୍ରହଣ କରିବେ।

# ମନ୍ଥର ବୋଲିଂ: ଶ୍ରୀଲଙ୍କା ଦଣ୍ଡିତ

**ଦୁବାଇ,୧୬।୩ (ପି.ଟି.):** ରବିବାର ଖେଳାଯାଇଥିବା ୱେଷ୍ଟଇଣ୍ଡିଜ ବିପକ୍ଷ ତୃତୀୟ ଦିନିକିଆ ମ୍ୟାଚ୍‌ରେ ମନ୍ଥର ବୋଲିଂ କରି ଭ୍ରମଣକାରୀ ଶ୍ରୀଲଙ୍କା ଦଳ ଦଣ୍ଡିତ ହୋଇଛି। ଶ୍ରୀଲଙ୍କା ଦଳ ଉପରେ ମ୍ୟାଚ୍ ଫି’ର ୪୦ ପ୍ରତିଶତ ଜରିମାନା ଆକାରରେ ଧାର୍ଯ୍ୟ କରାଯାଇଥିବା ମଙ୍ଗଳବାର ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ୍ (ଆଇସିସି) ତରଫରୁ କୁହାଯାଇଛି। ସେହିପରି ଶ୍ରୀଲଙ୍କା ଅଲରାଉଣ୍ଡର ଦାନୁଷ୍କା ଗୁଣତିଲକା ଘରୋଇ ଦଳର ନିକୋଲାସ ପୂରନଙ୍କୁ ଅପମାନଜନକ ଭାଷାରେ ଆକ୍ଷେପ କରିଥିବାରୁ ତାଙ୍କୁ ତାଗିଦ୍ କରାଯାଇଛି। ଏହି ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ ୫ ଉଇକେଟରେ ବିଜୟୀ ହୋଇଥିଲା। ନିର୍ଦ୍ଧାରିତ ସମୟ ବେଳକୁ ଶ୍ରୀଲଙ୍କା ୨ ଓଭର କମ୍ ବୋଲିଂ କରିଥିଲା। ଫଳରେ ଆଇସିସି ଏଲିଟ୍ ପ୍ୟାନେଲ ଅଫ୍ ମ୍ୟାଚ୍ ରେଫରି ଦିମୁଥ କରୁଣାରତ୍ନେଙ୍କ ନେତୃତ୍ୱାଧୀନ ଶ୍ରୀଲଙ୍କା ଉପରେ ଜରିମାନା ଧାର୍ଯ୍ୟ କରିଥିଲେ। ପୁଣି ନୂଆ ନିୟମ ଅନୁସାରେ ପ୍ରତ୍ୟେକ ମନ୍ଥର ଓଭର ପାଇଁ ଦଳଗୁଡିକ ଗୋଟିଏ ପଏଣ୍ଟ ହରାଇବେ। ଫଳରେ ଆଇସିସି ପୁରୁଷ କ୍ରିକେଟ ୱାର୍ଲ୍ଡ କପ୍ ଲିଗ୍‌ରେ ଶ୍ରୀଲଙ୍କା ୨ ପଏଣ୍ଟ ହରାଇବା ସ୍ପଷ୍ଟ ହୋଇଛି।

# ଆଲିଆନ୍ସ କପ ଜିତିଲା ସହିଦନଗର

**ଭୁବନେଶ୍ୱର,୧୬।୩(କ୍ରୀଡ଼ା ପ୍ରତିନିଧି)**

ସପ୍ତମ ଆଲିଆନ୍ସ କପ୍ ଦିବାରାତ୍ର କ୍ରିକେଟ ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଫାଇନାଲରେ ସମରସେଟ କ୍ରିକେଟ କ୍ଲବକୁ ହରାଇ ସହିଦନଗର ଚାମ୍ପିୟନ ହୋଇଛି। ସମରସେଟ ପ୍ରଥମେ ବ୍ୟାଟିଂ କରି ୬ ଓଭରରେ ୬ ଉଇକେଟ ହରାଇ ୪୫ରନ କରିଥିଲା। ଜବାବରେ ସହିଦନଗର ଦଳ ୫.୨ ଓଭରରେ ୨ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଦଳ ପକ୍ଷରୁ ୩୩ରନ କରିଥିବା ଭିକିଙ୍କୁ ମ୍ୟାନ ଅଫ ଦି ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରଥମ ସେମିଫାଇନାଲରେ ସହିଦନଗର କ୍ରିକେଟ କ୍ଲବ ୫ଉଇକେଟରେ ଆଦର୍ଶ ଏକାଦଶକୁ ଏବଂ ଦ୍ୱିତୀୟ ସେମିରେ ସମରସେଟ ଦଳ ୪୫ରନରେ ବମିଖାଲକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ଉଦ୍‌ଯାପନୀ ଉତ୍ସବରେ ଭାଜପା ନେତା ଜଗନ୍ନାଥ ପ୍ରଧାନ, ପୂର୍ବତନ କର୍ପୋରେଟର ସୁରେଶ ଜେନା, ଦୟା ୱେଲଫେୟାର ଟ୍ରଷ୍ଟର ଚେୟାରମ୍ୟାନ ଯଜ୍ଞାଶିଷ ମହାପାତ୍ର, ଭୁବନେଶ୍ୱର ସାମ୍ବାଦିକ ସଂଘ ସଭାପତି ପ୍ରତାପ ଚନ୍ଦ୍ର ପ୍ରଧାନ, ଜାପାନ କୁମାର ରାଉତରାୟ, ସଞ୍ଜୟ କୁମାର ବଳିଆରସିଂ, ପ୍ରଦୀପ କୁମାର ବୈରୀଶଳ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।


ଚାମ୍ପିୟନ ସହିଦନଗର ଦଳର ଖେଳାଳିମାନେ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

## ସଂକ୍ଷେପରେ

### ବ୍ୟାଙ୍କ ଠକେଇ ରୋକିବାକୁ ପଦକ୍ଷେପ ନିଆଯାଉଛି

ନୂଆଦିଲ୍ଲୀ,୧୬।୩: ବ୍ୟାଙ୍କ ଠକେଇ ରୋକିବାକୁ ବିଭିନ୍ନ ସାଙ୍ଗଠନିକ କାର୍ଯ୍ୟଧାରାକୁ ଦୃଢ କରିବା ଲାଗି ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଆର୍‌ବିଆଇ) ବର୍ତ୍ତମାନ କାର୍ଯ୍ୟ କରୁଥିବା ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ କହିଛନ୍ତି। ନିୟାମକ ଏବଂ ପରାମର୍ଶଦାତା କ୍ଷମତା ବୃଦ୍ଧି ଦ୍ୱାରା ଭବିଷ୍ୟତରେ ଆସିବାକୁ ଥିବା ବିପଦକୁ ନେଇ ସତର୍କତା ଅବଲମ୍ବନ କରାଯାଉଛି। ଏ ନେଇ ସରକାର ଆର୍‌ବିଆଇ ସହିତ ସମ୍ପର୍କରେ ରହିଛନ୍ତି। ସାଙ୍ଗଠାନିକ ନୀତି ନିୟମକୁ ଦୃଢୀକରଣ କରିବା ଦିଗରେ ନିରନ୍ତର କାର୍ଯ୍ୟକ୍ରମ ଜାରି ରହିଥିବା ଆର୍‌ବିଆଇ ଗଭର୍ନର ସ୍ପଷ୍ଟ କରିଛନ୍ତି ବୋଲି ନିର୍ମଳା ରାଜ୍ୟ ସଭାର ପ୍ରଶ୍ନକାଳ ସମୟରେ ସେ କହିଛନ୍ତି। ସେହିଭଳି ବ୍ୟାଙ୍କ ଗ୍ୟାରେଣ୍ଟିର ବିଭିନ୍ନ ଦିଗ ଉପରେ ଆର୍‌ବିଆଇ ଏବଂ ଅର୍ଥ ମନ୍ତ୍ରଣାଳୟ ମିଳିତ ହୋଇ କାମ କରୁଛନ୍ତି।

### ଗେଲ୍‌ର ବିଭାଜନ ହେବନି



ନୂଆଦିଲ୍ଲୀ,୧୬।୩: ରାଷ୍ଟ୍ରାୟତ୍ତ ଗେଲ୍ ଇଣ୍ଡିଆ ଲିମିଟେଡକୁ ବିଭାଜନ କରିବା ନେଇ ସରକାର କୌଣସି ପ୍ରସ୍ତାବ ଉପରେ କାର୍ଯ୍ୟ କରୁନାହାନ୍ତି ବୋଲି କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଙ୍ଗଳବାର କହିଛନ୍ତି। ଦେଶ ମଧ୍ୟରେ ଗ୍ୟାସ ବ୍ୟବହାରକୁ ବଢାଇବା ଲାଗି ପାଇପ ଲାଇନ ନେଟୱାର୍କ ବିକଶିତ କରିବା ଦିଗରେ କମ୍ପାନୀ ବର୍ତ୍ତମାନ ଫୋକସ କରିଥିବା ସେ ମତ ପ୍ରକାଶ କରିଛନ୍ତି। ଗେଲ୍ ଇଣ୍ଡିଆ ଦେଶର ସର୍ବବୃହତ୍ତ ମାର୍କେଟିଂ ଏବଂ ଟ୍ରେଡିଂ ଫାର୍ମ। ଦେଶର ୨୬,୨୮୪ କିମି ଗ୍ୟାସ ପାଇପଲାଇନ ନେଟୱାର୍କର ପ୍ରାୟ ୬୦% ଏହି କମ୍ପାନୀ ନିକଟରେ ରହିଛି। ବଜାରରେ ଏହା କମ୍ପାନୀର ସ୍ଥିତିକୁ ଦୃଢ କରୁଛି। ପୂର୍ବରୁ ଗେଲ୍ ପାଇପଲାଇନ ନେଟୱାର୍କକୁ ଏକ ଭିନ୍ନ ସଂସ୍ଥାରେ ପରିଣତ କରାଇବା ନେଇ ଯୋଜନା ରଖାଯାଇଥିଲା। ହେଲେ ବର୍ତ୍ତମାନ ଏହି ପ୍ରସ୍ତାବକୁ ବାଦ ଦିଆଯାଇଛି। ସରକାର ଏଭଳି କିଛି ପ୍ରସ୍ତାବ ଉପରେ ବର୍ତ୍ତମାନ କାର୍ଯ୍ୟ କରୁ ନ ଥିବା ଲୋକସଭାକୁ ଉତ୍ତର ରଖି ଧର୍ମେନ୍ଦ୍ର ଏହା କହିଛନ୍ତି।

# ଏମ୍‌ଜି ପକ୍ଷରୁ ନୂଆ ଜେଡ୍‌ଏସ୍ ଇଭି

ଭୁବନେଶ୍ୱର,୧୬।୩



ଏମ୍‌ଜି ମୋଟର ଇଣ୍ଡିଆ ଇ-ଯାନ ନିର୍ମାଣକୁ ଗୁରୁତ୍ୱ ଦେଉଛି। କମ୍ପାନୀ ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ପାହାଲ ସ୍ଥିତ ଏମ୍‌ଜି ମୋଟର ଶୋ'ରୁମରେ ନୂଆ ଜେଡ୍‌ଏସ୍ ଇଭି-୨୦୨୧ ମଡେଲର ବଜାର ପ୍ରବେଶ ହୋଇଛି। ଓଡିଆ ସିନେମା ଅଭିନେତା ସବ୍ୟସାଚୀ ମିଶ୍ର ଏବଂ ଅଭିନେତ୍ରୀ ଅର୍ଚ୍ଚିତା ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହି ନୂଆ ଇ-ଯାନଟିର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଏମ୍ପିଓ ଗ୍ରୁପ ଅଧ୍ୟକ୍ଷ ଗଙ୍ଗାଧର ସାମଲ ଏବଂ ଶୋ'ରୁମର ଏମ୍‌ଡି ଡ.ଅବିନାଶ ସାମଲ ଉପସ୍ଥିତ ଥିଲେ। ଏହି ନୂଆ ମଡେଲକୁ ବଜାର ପ୍ରବେଶ କରାଇ ଆନନ୍ଦିତ ଅଛୁ ବୋଲି ଏମ୍‌ଡି ସାମଲ କହିଛନ୍ତି। ମଡେଲର ପ୍ରାରମ୍ଭିକ ମୂଲ୍ୟ ୨୦.୯୯ ଲକ୍ଷ ଟଙ୍କା ରହିଛି। ଏହାର ବୁକିଂ ୩୧ଟି ସହରରେ ଉପଲବ୍ଧ ହେଉଛି। ଏଥିରେ ୧୪୩ ପିଏସ୍ ପାୱାର, ୩୫୦ ଏନ୍‌ଏମ୍ ଟର୍କ ରହିଛି। ୮.୫ ସେକେଣ୍ଡରେ ଏହା ଶୂନରୁ ଘଣ୍ଟା ପ୍ରତି ୧୦୦ କିଲୋମିଟର ବେଗରେ ଗତି କରିବାକୁ ଏହା ସକ୍ଷମ। ଯାନଟି ୨ଟି ଭାରିଆଣ୍ଟରେ ଉପଲବ୍ଧ ହେଉଛି। ମଡେଲରେ ଏମ୍‌ଜି ସିଗ୍ନେଚର ଗ୍ଲୋବାଲ ଡିଜାଇନିଂ, ପାନୋରାମିକ୍ ସନ୍ ରୁଫ୍, ୧୭ ଇଞ୍ଚ ଡାଇମଣ୍ଡ କଟ୍ ଆଲଏ ହ୍ୱିଲ୍, ପିଏମ୍-୨.୫ ଫିଲଟର, ୫ ପ୍ରକାର ଚାର୍ଜିଂ ସୁବିଧା, ଏମ୍‌ଜି ଇ-ଶିଲ୍ଡ, ୫ ବର୍ଷର ଅସୀମିତ କିଲୋମିଟର ୱାରେଣ୍ଟି, ୮ବର୍ଷ ୧.୫ ଲକ୍ଷ କିଲୋମିଟର ୱାରେଣ୍ଟି ବ୍ୟାଟେରୀ ପ୍ୟାକ୍ ସିଷ୍ଟମ, ୫ ବର୍ଷର ରୋଡ୍‌ସାଇଡ୍ ଆସିଷ୍ଟାଣ୍ଟ ସୁବିଧା ଏବଂ ୨୪ ଘଣ୍ଟିଆ ସହାୟତା ଏବଂ ମାଗଣା ଲେବର ଚାର୍ଜ ପ୍ରଥମ ୫ଟି ସର୍ଭିସ୍‌ରେ ଯୋଗାଇ ଦିଆଯିବ।

**ଭୁବନେଶ୍ୱର ସମେତ ଦେଶର ୩୧ ସହରରେ ଉପଲବ୍ଧ**

ଗ୍ରାହକ ୩୦୦-୪୦୦ କିଲୋମିଟର ରେଞ୍ଜ୍ ଉପଲବ୍ଧ କରିପାରିବେ। ଏହି ପରିପ୍ରେକ୍ଷୀରେ ଏମ୍‌ଜି'ର ଆର୍‌ଏସ୍‌ଏମ-ଇଷ୍ଟ ନୂପୁର ଜୈନ ଯାନର ଫିଚର ଓ ଅତ୍ୟାଧୁନିକ ଜ୍ଞାନକୌଶଳ ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ତନୟା ପଟ୍ଟନାୟକ, ସୋଫିଆ ଫିରଦୋସ,ମୈରାଜୁଲ ହକ୍ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ଘରୋଇ ହାତକୁ ଯିବନି ଏଲ୍‌ଆଇସି

ନୂଆଦିଲ୍ଲୀ,୧୬।୩

ଭାରତୀୟ ଜୀବନ ବୀମା ନିଗମ(ଏଲ୍‌ଆଇସି)କୁ ଘରୋଇକରଣ କରିବା ଲାଗି ସରକାରଙ୍କ କୌଣସି ଯୋଜନା ନାହିଁ ବୋଲି ଅର୍ଥ ରାଷ୍ଟ୍ର ମନ୍ତ୍ରୀ ଅନୁରାଗ ଠାକୁର ମଙ୍ଗଳବାର ସ୍ପଷ୍ଟ କରିଛନ୍ତି। ସରକାର କେବଳ ଆଇପିଓ ଆଣିବାକୁ ଯୋଜନା ରଖିଛନ୍ତି। ଦେଶର ସର୍ବବୃହତ୍ତ ବୀମା କମ୍ପାନୀର ବଜାର ଅଂଶ ବଢାଇବା ସହ ଏହାର ପଲିସିଧାରୀଙ୍କ ଲାଗି ଅଧିକ ସୁବିଧା କରିବା ଉପରେ ଧ୍ୟାନ ରଖାଯାଉଛି। ଅଂଶଧନ ଖସାଇବା ନେଇ କୌଣସି ନିଷ୍ପତ୍ତି ହୋଇନାହିଁ। ଏଲ୍‌ଆଇସିର ପ୍ରସ୍ତାବିତ ଆଇପିଓ ଆସିଲେ କୌଣସି ବ୍ୟକ୍ତି ବିଶେଷ କ୍ଷତିଗ୍ରସ୍ତ ହେବେ ନାହିଁ। ୨୦୧୭-୧୮ରେ ଏଲ୍‌ଆଇସି ୪୮,୪୩୬ କୋଟି ଟଙ୍କା ବଳକା ପୁଞ୍ଜି ଲାଭ କରିଥିଲା। ଏହା ମଧ୍ୟରୁ ପଲିସିଧାରୀ ୪୬,୦୧୪ କୋଟି ଟଙ୍କା ଏବଂ ସରକାର ୨,୪୨୧ କୋଟି ଟଙ୍କା ଲାଭ କରିଛନ୍ତି। ସେହିଭଳି ୨୦୧୯-୨୦ରେ ୫୩,୯୫୪ କୋଟି ଟଙ୍କା ମଧ୍ୟରୁ ପଲିସିଧାରୀ ୫୧,୨୫୭ କୋଟି ଟଙ୍କା ଏବଂ ସରକାର ୨୬୯୭ କୋଟି ଟଙ୍କାର ଅର୍ଥ ପାଇଥିବା ଠାକୁର ସ୍ପଷ୍ଟ କରିଛନ୍ତି।

# ରାଷ୍ଟ୍ରାୟତ୍ତ ରହିବ ରେଲୱେ

## ସ୍ପଷ୍ଟ କଲେ ରେଳ ମନ୍ତ୍ରୀ ପୀୟୂଷ ଗୋୟଲ

ନୂଆଦିଲ୍ଲୀ,୧୬।୩

ଭାରତୀୟ ରେଳ ଘରୋଇକରଣ ହେବ ନାହିଁ। ଏହା ସରକାରଙ୍କ ନିକଟରେ ରହିବ ବୋଲି ରେଳ ମନ୍ତ୍ରୀ ପିୟୁଷ ଗୋୟଲ ମଙ୍ଗଳବାର ସ୍ପଷ୍ଟୀକରଣ ଦେଇଛନ୍ତି। ଲୋକସଭାରେ ଆଲୋଚନା ବେଳେ ଉତ୍ତର ରଖି ସେ କହିଛନ୍ତି ଯେ, ରେଲୱେର ଦକ୍ଷ ପରିଚାଳନା ଲାଗି ଘରୋଇ ନିବେଶକୁ ଉତ୍ସାହିତ କରାଯିବାର ଆବଶ୍ୟକତା ରହିଛି। ରାଷ୍ଟ୍ରାୟତ୍ତ ଏବଂ ଘରୋଇକ୍ଷେତ୍ର ମିଳିତ ହୋଇ କାମ କଲେ ଦେଶ ପ୍ରଗତି ପଥରେ ଅଗ୍ରସର ହେବା ସହ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇ ପାରିବ। ଉଲ୍ଲେଖଯୋଗ୍ୟ, ୨ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଘରୋଇ ହାତକୁ ଟେକିଦେବା ଲାଗି ସରକାର ବଜେଟରେ ଘୋଷଣା କରିଛନ୍ତି। ଏହାକୁ ବିରୋଧ କରି ସାରା ଦେଶରେ ପ୍ରାୟ ୧୦ ଲକ୍ଷ ବ୍ୟାଙ୍କ କର୍ମଚାରୀ ୨ ଦିନିଆ ଧର୍ମଘଟରେ ସାମିଲ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ଗୋୟଲ ରେଲୱେର ଘରୋଇକରଣ ହେବ ନାହିଁ ବୋଲି ସ୍ପଷ୍ଟୀକରଣ ଦେଇଛନ୍ତି।



ସେ ପୁଣି କହିଛନ୍ତି, ରେଲୱେ ବର୍ତ୍ତମାନ ଯାତ୍ରୀ ନିରାପତ୍ତାକୁ ଗୁରୁତ୍ୱ ଦେଉଛି। ବିଭିନ୍ନ ପଦକ୍ଷେପ ନିଆଯିବା ଯୋଗୁ ଗତ ୨ ବର୍ଷରେ ଦୁର୍ଘଟଣା ଯୋଗୁ କୌଣସି ଯାତ୍ରୀଙ୍କ ଜୀବନ ଯାଇନାହିଁ। କେନ୍ଦ୍ର ସରକାର ୨୦୨୧-୨୨ ଆର୍ଥିକ ବର୍ଷ ଲାଗି ରେଲୱେର ନିବେଶ ରାଶିକୁ ୨.୧୫ ଲକ୍ଷ କୋଟି ଟଙ୍କାକୁ ବଢାଇଛନ୍ତି। ଏହା ୨୦୧୯-୨୦ରେ ୧.୫ ଲକ୍ଷ କୋଟି ଟଙ୍କା ରହିଥିଲା। ଗତ ଆର୍ଥିକ ବର୍ଷରେ ରେଲୱେ ଯେତେ ପରିମାଣରେ ମାଲ ପରିବହନ କରିଥିଲା ଯେ ଅଦ୍ୟାବଧି ସେହି ଲକ୍ଷ୍ୟ ପୂରଣ ହୋଇ ସାରିଥିବା ଗତ ସପ୍ତାହରେ ରେଳ ବୋର୍ଡ ଅଧ୍ୟକ୍ଷ ସୁନୀତ ଶର୍ମା ସୂଚନା ଦେଇଥିଲେ। ଦେଶର ଅର୍ଥ ବ୍ୟବସ୍ଥାକୁ ରେଲୱେ ନିରନ୍ତର ଯୋଗଦାନ ରଖୁଥିବାରୁ ଏହା ଆମର ମନୋବଳ ବଢାଉଥିବା ଗୋୟଲ କହିଛନ୍ତି।

# ଘରୋଇକରଣ ହେବନି ସବୁ ବ୍ୟାଙ୍କ

ନୂଆଦିଲ୍ଲୀ,୧୬।୩



୨ ରାଷ୍ଟ୍ରାୟତ୍ତ ବ୍ୟାଙ୍କର ଘରୋଇକରଣ ପ୍ରସ୍ତାବକୁ ବିରୋଧ କରି ସାରା ଦେଶର ୧୦ ଲକ୍ଷ ବ୍ୟାଙ୍କ କର୍ମଚାରୀ ଧର୍ମଘଟକୁ ଓହ୍ଲାଇଛନ୍ତି। ଏହି ପରିପ୍ରେକ୍ଷୀରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ସ୍ପଷ୍ଟୀକରଣ ଦେଇଛନ୍ତି। ସେ କହିଛନ୍ତି, ଘରୋଇକରଣ ହେବାକୁ ଥିବା ବ୍ୟାଙ୍କଗୁଡିକର କର୍ମଚାରୀଙ୍କ ସ୍ୱାର୍ଥକୁ ସମ୍ପୂର୍ଣ୍ଣ ଭାବେ ସୁରକ୍ଷା ଦିଆଯିବ। କୌଣସି ଅନୁଷ୍ଠାନ ବନ୍ଦ ହେବନି କିମ୍ବା କୌଣସି କର୍ମଚାରୀଙ୍କୁ ବାହାର କରାଯିବ ନାହିଁ। କର୍ମଚାରୀ ବେତନଭୋଗୀ, ସ୍କେଲ କିମ୍ବା ପେନଶନ ପାଉଥିଲେ ମଧ୍ୟ ସବୁ ଦିଗକୁ ଧ୍ୟାନରେ ରଖାଯିବ। ସେ ପୁଣି କହିଛନ୍ତି, ସବୁ ବ୍ୟାଙ୍କକୁ ସରକାର ଘରୋଇକରଣ କରିବେ ନାହିଁ। ସରକାର ପବ୍ଲିକ ଏଣ୍ଟରପ୍ରାଇଜ ପଲିସି ଘୋଷଣା କରିଛନ୍ତି। କେବଳ ୪ କ୍ଷେତ୍ରରେ ହିଁ ରାଷ୍ଟ୍ରାୟତ୍ତ ଉଦ୍ୟୋଗ କାମ କରିବେ। ଏହା ମଧ୍ୟରେ ଫାଇନାନ୍ସିଆଲ ସେକ୍ଟର ମଧ୍ୟ ରହିଛି। ଯେଉଁ ବ୍ୟାଙ୍କଗୁଡିକ ବଡ ହେବାର ସମ୍ଭାବନା ରହିଛି ସେ ଦିଗକୁ ସରକାର ଧ୍ୟାନରେ ରଖିଛନ୍ତି।

- ବ୍ୟାଙ୍କ କର୍ମଚାରୀଙ୍କୁ ସୀତାରାମନଙ୍କ ଆଶ୍ୱାସନା
- କର୍ମଚାରୀଙ୍କ ସ୍ୱାର୍ଥକୁ ସୁରକ୍ଷା ଦିଆଯିବ

ସରକାର ୧୦ ବଡ ବ୍ୟାଙ୍କକୁ ମିଶ୍ରଣ କରି ୪ଟି କରିଛନ୍ତି। ଏସ୍‌ବିଆଇ ଭଳି ବଡ ବ୍ୟାଙ୍କ ଦେଶ ଆବଶ୍ୟକ କରୁଛି। ଏକ ଅଭିବୃଦ୍ଧିଶୀଳ ଅର୍ଥ ବ୍ୟବସ୍ଥାର ଆକାଂକ୍ଷାକୁ ପୂରଣ କରିବା ଲାଗି ଅଧିକ ବଡ ବ୍ୟାଙ୍କ ଲୋଡା ପଡୁଛି। ଏଭଳି ସ୍ଥିତିରେ ସରକାରଙ୍କ ଘରୋଇକରଣ ପଦକ୍ଷେପକୁ କଂଗ୍ରେସ ନେତା ରାହୁଲ ଗାନ୍ଧୀ ସମାଲୋଚନା କରିଛନ୍ତି। ସରକାର ଲାଭ କରୁଥିବା ସଂସ୍ଥାଗୁଡିକୁ ଘରୋଇକରଣ ଏବଂ କ୍ଷତିକୁ ଜାତୀୟକରଣ କରୁଥିବା ସେ ଅଭିଯୋଗ କରିଛନ୍ତି। ଏହାର ଉତ୍ତର ରଖି ସୀତାରାମନ କହିଛନ୍ତି ରାହୁଲ ପ୍ରତି ପ୍ରସଙ୍ଗରେ ୨ ଲାଇନିଆ ଟୁଇଟ ଛାଡି ଆଲୋଚନାକୁ ଆସିବାର ଆବଶ୍ୟକତା ରହିଛି।

# କୋଭିଡ୍ ପୂର୍ବ ସ୍ଥିତିକୁ ଫେରିଲା ତେଲ ବିକ୍ରି

ନୂଆଦିଲ୍ଲୀ,୧୬।୩

ବିମାନ ଇନ୍ଧନକୁ ଛାଡି ଦେଲେ ଦେଶର ତେଲ ଚାହିଦା କୋଭିଡ ପୂର୍ବ ସ୍ଥିତିକୁ ଫେରିଛି। ବର୍ତ୍ତମାନର ସ୍ଥିତିକୁ ଦେଖିଲେ ତେଲ ଚାହିଦା ଆଗାମୀ ଦିଗରେ ମଧ୍ୟ ଜାରୀ ରହିବ ବୋଲି ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀ ଇଣ୍ଡିଆନ ଅଏଲ କର୍ପୋରେଶନ ପକ୍ଷରୁ ସୂଚନା ମିଳିଛି। ଗତ ବର୍ଷ ଏପ୍ରିଲରେ ତେଲ ବିକ୍ରି ୪୫.୮% ହ୍ରାସ ହୋଇଥିଲା। କରୋନା ଲକଡାଉନ କଟକଣା ଯୋଗୁ ଆର୍ଥିକ କାର୍ଯ୍ୟକଳାପ ଖସିବା ଫଳରେ ଏଭଳି ସ୍ଥିତି ଉପୁଜିଥିଲା। ମାତ୍ର ଲକଡାଉନ କଟକଣା ଧୀରେ ଧୀରେ କୋହଳ ହେବା ପରେ ଇନ୍ଧନ ବିକ୍ରି ଟ୍ରାକକୁ ଫେରିଥିଲା। ପ୍ରଥମେ ପେଟ୍ରୋଲ ବିକ୍ରି ବୃଦ୍ଧି ହୋଇଥିବା ବେଳେ ବର୍ତ୍ତମାନ ଡିଜେଲ କ୍ଷେତ୍ରରେ ମଧ୍ୟ ସମାନ ସ୍ଥିତି ଦେଖାଯାଇଛି। ଏଟିଏଫ୍ ବାଦ ଚାହିଦା ସ୍ୱାଭାବିକ ହୋଇଥିବା ଇଣ୍ଡିଆନ ଅଏଲ କର୍ପୋରେଶନର ଅଧ୍ୟକ୍ଷ ଶ୍ରୀକାନ୍ତ ମାଧବ ବୈଦ କହିଛନ୍ତି। କିଛି ମାସ ତଳେ ପେଟ୍ରୋଲ ବିକ୍ରି କୋଭିଡ ପୂର୍ବ ସ୍ଥିତିକୁ ଫେରିଥିଲା। ମାର୍ଚ୍ଚର ପ୍ରଥମ ଭାବେ ଡିଜେଲ ବିକ୍ରି ୭.୪% ବୃଦ୍ଧି ପାଇଛି। ଲକଡାଉନ ସମୟରେ ମଧ୍ୟ ଏଲ୍‌ପିଜି ବିକ୍ରି ଉନ୍ନତ ରହିଥିଲା। ବର୍ତ୍ତମାନ ବିମାନ ଯାତ୍ରା ଉପରେ କଟକଣା ଲାଗି ରହିଥିବାରୁ ବିମାନ ଇନ୍ଧନ ବିକ୍ରି ସ୍ୱାଭାବିକ ସ୍ଥିତିକୁ ଫେରିନାହିଁ। ଭାକ୍ସିନ ପ୍ରଦାନ ଉନ୍ନତ ରହିଲେ ଏହି ଧାରାରେ ଆହୁରି ଉନ୍ନତି ଆସିବ ବୋଲି ବୈଦ ମତ ରଖିଛନ୍ତି।

# ସ୍ଥାପନ ହେବ ଡିଏଫ୍‌ଆଇ

ନୂଆଦିଲ୍ଲୀ,୧୬।୩

ଦେଶ ମଧ୍ୟରେ ଏକ ଡେଭଲପମେଣ୍ଟ ଫାଇନାନ୍ସିଆଲ ଇନଷ୍ଟିଚ୍ୟୁଶନ (ଡିଏଫ୍‌ଆଇ) ସ୍ଥାପନ କରାଯିବ। ଅର୍ଥ ବ୍ୟବସ୍ଥାରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକଳାପ ଏବଂ ଫାଇନାନ୍ସିଂ ଭିତ୍ତିଭୂମିକୁ ଧ୍ୟାନରେ ରଖି ଏହା କାର୍ଯ୍ୟକରିବ। ଏ ସମ୍ପର୍କିତ ପ୍ରସ୍ତାବକୁ କେନ୍ଦ୍ର କ୍ୟାବିନେଟ ପକ୍ଷରୁ ମଙ୍ଗଳବାର ଅନୁମୋଦନ ମିଳିଛି। କ୍ୟାବିନେଟ ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ କହିଛନ୍ତି, ବଜେଟ ୨୦୨୧ରେ ଡିଏଫ୍‌ଆଇ ସ୍ଥାପନ କରିବା ଲାଗି ବ୍ୟବସ୍ଥା କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଦେଉଛି। ପୂର୍ବରୁ ବିକଳ୍ପ ନିବେଶ ପାଣ୍ଠି ନେଇ ଉଦ୍ୟମ ହୋଇଥିଲା। ମାତ୍ର ବ୍ୟାଙ୍କଗୁଡିକ ଦୀର୍ଘ ମିଆଦି ଭିତ୍ତିରେ ରିସ୍କ ନେବାକୁ ସକ୍ଷମ ହୋଇନାହାନ୍ତି। ଦୀର୍ଘ ମିଆଦି ପାଣ୍ଠି ଉଠାଣ ଲାଗି ଡିଏଫ୍‌ଆଇ ସକ୍ଷମ ହେବ ବୋଲି ସେ ସ୍ପଷ୍ଟ କରିଛନ୍ତି।

**ମିଳିଲା କ୍ୟାବିନେଟ ମଞ୍ଜୁରୀ**

୨୦ ହଜାର କୋଟି ଟଙ୍କାର ପ୍ରାଥମିକ ପୁଞ୍ଜି ସହ ଏହା ସ୍ଥାପନ କରାଯିବ। ବର୍ଷକୁ ୫ ଲକ୍ଷ କୋଟି ଟଙ୍କାର ଋଣ ଯୋଗାଣ ଲକ୍ଷ୍ୟ ନେଇ ଏହା କାର୍ଯ୍ୟ କରିବ। ଏଥି ଲାଗି ପ୍ରାଥମିକ ଗ୍ରାଣ୍ଟ ଭାବେ ୫ ହଜାର କୋଟି ଏବଂ ୫ ହଜାର କୋଟି ମଧ୍ୟରେ ଅତିରିକ୍ତ ବର୍ଦ୍ଧିତ ଗ୍ରାଣ୍ଟ ପ୍ରଦାନ କରାଯିବାର ବ୍ୟବସ୍ଥା ରହିବ। ଆଗାମୀ କିଛି ବର୍ଷରେ ଏହି ଅନୁଷ୍ଠାନ ପ୍ରାୟ ୩ ଲକ୍ଷ କୋଟି ଟଙ୍କାର ପାଣ୍ଠି ଉଠାଣ କରିବାକୁ ସକ୍ଷମ ହେବ ବୋଲି ସୀତାରାମନ ଆଶାବାଦୀ ଥିବା କହିଛନ୍ତି। ଫେବୃୟାରୀ ପହିଲାରେ ଆସିଥିବା ବଜେଟରେ ଏଭଳି ଏକ ପ୍ରତିଷ୍ଠାନ ଗଠନ ଲାଗି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଘୋଷଣା କରିଥିଲେ। ଆଗାମୀ କିଛି ବର୍ଷରେ ୧୦୦ ଲକ୍ଷ କୋଟି ଟଙ୍କାର ଭିତ୍ତିଭୂମି ପ୍ରକଳ୍ପକୁ ପାଣ୍ଠି ଯୋଗାଣ ଦିଗରେ ଏହା କାର୍ଯ୍ୟ କରିବ। ପ୍ରାଥମିକ ପର୍ଯ୍ୟାୟରେ ଡିଏଫ୍‌ଆଇରେ ସରକାରଙ୍କ ମାଲିକାନା ୧୦୦% ରହିବ। ସମୟ କ୍ରମେ ଏହା ୨୬% ସ୍ତରକୁ ଖସିବ। ଏହାଠାରୁ ନିମ୍ନକୁ ଅଂଶଧନ ଖସିବନି ବୋଲି ସେ ସ୍ପଷ୍ଟ କରିଛନ୍ତି।

# ଏନ୍‌ପିଏ ଲକ୍ଷେ କୋଟି ଟଙ୍କା କମିଲା

ନୂଆଦିଲ୍ଲୀ,୧୬।୩

ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକର ଅନାଦାୟ ଋଣ(ଏନ୍‌ପିଏ) ୧ ଲକ୍ଷ କୋଟି ଟଙ୍କା ହ୍ରାସ ହୋଇଛି। ପ୍ରଥମ ୯ ମାସରେ ଏନ୍‌ପିଏ ୬.୭୮ ଲକ୍ଷ କୋଟି ଟଙ୍କାରୁ ହ୍ରାସ ହୋଇ ୫.୭୭ ଲକ୍ଷ କୋଟି ଟଙ୍କାକୁ ଖସିଛି। ସଂସ୍କାର, ପୁଞ୍ଜିକରଣ ସମେତ ଅନ୍ୟ କୌଶଳ ଦ୍ୱାରା ଅନାଦାୟ ଋଣରେ ଏଭଳି ହ୍ରାସ ହୋଇଥିବା ସରକାର ପାର୍ଲାମେଣ୍ଟକୁ ମଙ୍ଗଳବାର ସୂଚନା ଦେଇଛନ୍ତି। ଏନ୍‌ପିଏ ନିର୍ଦ୍ଧାରଣ କରିବା ଲାଗି ଠିକ୍ ନୀତି ଗ୍ରହଣ କରାଯିବା ଯୋଗୁ ୨୦୧୮-୧୯ରେ ଏହା ୮.୯୫ ଲକ୍ଷ କୋଟି ଟଙ୍କା ରହିଥିଲା। ୨୦୧୫-୧୬ରେ ଏନ୍‌ପିଏ ୨.୭୯ ଲକ୍ଷ କୋଟି ଟଙ୍କା ସ୍ତରରେ ଥିଲା। ୟୁକୋ ବ୍ୟାଙ୍କ ଡାଟା ମୁତାବକ ଏନ୍‌ପିଏ ୨୦୨୦ ମାର୍ଚ୍ଚରୁ ଡିସେମ୍ବର ମଧ୍ୟରେ ଏହାର ଏନ୍‌ପିଏ ୪୦.୭% ହ୍ରାସ ହୋଇଛି। ସେହିଭଳି ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ୩୬.୬%, ଏସ୍‌ବିଆଇର ୨୧.୧% ଏବଂ କାନାରା ବ୍ୟାଙ୍କର ୧୮.୬% ଏନ୍‌ପିଏ ହ୍ରାସ ହୋଇଛି।


### ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ସୁଡୁକୁମ୍ପା

ବ୍ଲକ-ଖଜୁରିଆପଡ଼ା, ଜିଲ୍ଲା- କନ୍ଧମାଳ

**ପ୍ରଗତି ପଥେ ସୁଡୁକୁମ୍ପା ଗ୍ରାମ ପଞ୍ଚାୟତ, ଖଜୁରିଆପଡ଼ା ବ୍ଲକ**

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ ପ୍ରୋତ୍ସାହନ ରାଶି ମଧ୍ୟରେ ଗ୍ରାମାଞ୍ଚଳର ସର୍ବାଙ୍ଗୀନ ବିକାଶ ଓ ବସବାସ କରି ରହୁଥିବା ଜନସାଧାରଣଙ୍କ ଉନ୍ନତି ନିମନ୍ତେ ପଞ୍ଚାୟତିରାଜ ବିଭାଗ ମାଧ୍ୟମରେ ପରିଚାଳିତ ହେଉଥିବା ହିତକର ଓ ମହତ୍ୱପୂର୍ଣ୍ଣ ଯୋଜନାଗୁଡ଼ିକୁ ବିନିଯୋଗ କରି ଏହାର ସଫଳତା ପାଇଁ ଓ ଯୋଜନା ସମ୍ପର୍କରେ ଅବଗତ ହେବା ପାଇଁ ଜନସଚେତନତା କରି କାର୍ଯ୍ୟକାରୀ ହେଉଥିବା ନିମ୍ନଲିଖିତ ଯୋଜନାଗୁଡ଼ିକୁ ଦର୍ଶାଯାଇଅଛି।

ଯୋଜନାର ବିବରଣୀ:
୧. ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀଙ୍କୁ ବାସଗୃହ ପ୍ରଦାନ।
୨. ବିଜୁ ପକ୍କାଘର ଯୋଜନାରେ ବାସଗୃହ ପ୍ରଦାନ।
୩. ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ରାସ୍ତା ନିର୍ମାଣ, ଗାଈ ଗୁହାଳ, ଛେଳିଗୁହାଳ, ଜମିର ଉନ୍ନତୀକରଣ, କୂପ ଖନନ, ଅଙ୍ଗନୱାଡ଼ି କେନ୍ଦ୍ର ଗୃହ ନିର୍ମାଣ, ଜଳ ସଂରକ୍ଷଣ।
୪. ପଞ୍ଚମ ରାଜ୍ୟ ଅର୍ଥ କମିଶନ ଓ ପଞ୍ଚଦଶ କେନ୍ଦ୍ରୀୟ ଅର୍ଥ କମିଶନ ଯୋଜନାରେ ଅଙ୍ଗନୱାଡ଼ି କେନ୍ଦ୍ର ଗୃହ ମରାମତି, ବିଦ୍ୟାଳୟ ଗୃହ ମରାମତି, ପାଚେରି ନିର୍ମାଣ, ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ, ଶ୍ମଶାନ ଗୃହ ନିର୍ମାଣ, ବିଶ୍ରାମ ଗୃହ ନିର୍ମାଣ।
୫. ମଧୁବାବୁପେନସନ୍‌ଯୋଜନାରେ ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ଭିନ୍ନକ୍ଷମ ଭତ୍ତା, ଅବିବାହିତାଙ୍କୁ ଭତ୍ତା ପ୍ରଦାନ।
୬. ବସୁଧା ଯୋଜନାରେ ଓ ନଳକୂପ ମାଧ୍ୟମରେ ପାନୀୟଜଳ ଯୋଗାଣ।
୭. ସ୍ୱଚ୍ଛ ଭାରତ ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ ଓ ପାଇଖାନା ନିର୍ମାଣ।

ସଂଜିତ କୁମାର ପ୍ରଧାନ, ଗ୍ରାମ ରୋଜଗାର ସେବକ | ପ୍ରଭାକର ପ୍ରଧାନ, ପଞ୍ଚାୟତ ନିର୍ବାହୀ ଅଧିକାରୀ | ସୁନିତା କାନ୍ହାର, ସରପଞ୍ଚ

### OFFICE OF THE DIVISIONAL FOREST OFFICER;SAMBALPUR FOREST DIVISION

e-mail id – dfosouthsbp@yahoo.com, Phone/FAX- 0663-2410139.
Dated.15/03/2021

**TENDER CALL NOTICE**

Sub:- Tender Call Notice for Providing Service of Personnel through Service Provider.

No. MM-197: Offers are invited from individuals / organizations for providing services of various categories of trained/ experienced persons to work in Sambalpur Forest Division, Sambalpur for implementation of CAMPA APO 2021-22/OFSDP/Other schemes on contractual basis.
The Tender Call documents can be obtained in person from the Division Office on any working day between **10.00 A.M. to 5.30 .PM. from 18.03.2021 to 25.03.2021** on payment of a non-refundable Bank Draft for Rs.500/- drawn in favour of Divisional Forest Officer, Sambalpur Forest Division, Sambalpur payable at Sambalpur. Alternatively the interested firm may request for the tender documents to be sent by email on the division email ID **dfosouthsbp@yahoo.com** within the period. The Tender in a sealed cover duly filled along with Bank Draft for Rs.500/- should reach in the office of the Divisional Forest Officer, Sambalpur Forest Division, Near jail chowk, Sambalpur, PIN-768001, Dist-Sambalpur latest by **11.00 A.M. on dt.26.03.2021** through Registered Post or in person. Further, information can be obtained from the Divisional Forest Officer, Sambalpur Forest Division, Sambalpur office from **Sri Gangadhar Padhi, Head Clerk (Mob.- 9438074440)** during office hours. The Tender shall be opened on **dt.26.03.2021 at 12.30 P.M.** in the office of the undersigned in presence of Tenderers or his authorized agent. The undersigned reserve the right to either accept or reject any tender without assigning any reason thereof. Details of personnel to be provided to this Division under CAMPA is as follows, (Manpower for other scheme as and when required).

| Sl. No. | Name of the Position | Tentative No. of Personnel | Service Chagres per person, per month |
|---|---|---|---|
| | CAMP | | |
| 1 | Para Forest Staff/Forest Protection Squad/Wild life protection-cum-Anti depredation squad/Elephant tracker | 94 | |
| 2 | Data Manager (DEO)/Driver | 08 | |

Divisional Forest Officer
Sambalpur Forest Division
OIPR-08104/11/0002/2021

### BHUBANESWAR DEVELOPMENT AUTHORITY

AKASH SHOVA BUILDING, SACHIVALAYA MARG
BHUBANESWAR – 751001
Visit us at: https://www.bda.gov.in

**Invitation for Bids**

**Bid Identification No.203 /EM/BDA/2020-21** **Date: 15.03.2021**

No. CAD-1546: The Chief Engineer-cum-Engineer Member, BDA on behalf of Bhubaneswar Development Authority, Bhubaneswar invites percentage rate bids in double cover system in ONLINE MODE from eligible contractors for Road work as mentioned below:

| | | |
|---|---|---|
| | Name of work | : Road Works |
| 1. | Total No. of work | : 02(Two) Nos. |
| 2. | Estimated cost (Approx.) | : Rs.152.78 Lakh to 958.13 Lakh |
| 3. | Class of Contractor | : 'Special', 'Super' Class & "B", "A" Class |
| 4. | Period of Completion | : 09 (Nine) months to 11(Eleven) Months |
| 5. | Cost of Bid Documents for each work | : Rs.10,000.00 + 12% GST = Rs.11,200.00 |
| 6. | Earnest Money Deposit (EMD) | : 1% of estimated cost rounded to next Rs.100. |
| 7. | Availability of Tender in the website | : From 22.03.2021 to 5.00 PM of 12.04.2021 |
| 8. | Date of time of opening of Tender | : Dt.16.04.2021 at 11.30 AM |
| 9. | Place of opening of Tender | : As per IFB |

Further details can be seen from the website: **https://tendersodisha.gov.in** as well as in BDA website: **https://bda.gov.in**. Any addendum / corrigendum / cancellation of tender can also be seen in the said website.

**Sd./- Chief Engineer-cum-Engineer Member, BDA, Bhubaneswar**
OIPR-13033/11/0006/2021

### OFFICE OF THE MUNICIPAL COUNCIL, PHULBANI, KANDHAMAL

**e-Procurement Notice**

**Tender Call Notice No. 565 Dated 12.03.2021**
**BID Reference No. EO_PLB.M_06_2020-21**
**Tender ID- 2020_ORULB_67112_1 to 67112_41**

| | | |
|---|---|---|
| 1. | Name of the work: | 41 nos. of work as in the DTCN published in the website. |
| 2. | Estimated Cost: | Rs.3,00,000/- to Rs.15,00,000/- |
| 3. | Period of completion: | 60 days to 90 days |
| 4. | Date and time of availability to bid documents: | From 10.00 AM on 17.03.2021 to 5.00 PM on 30.03.2021 |
| 5. | Last date/time for receipt of bids in the portal: | 5.00 on 30.03.2021 |
| 6. | Date and time of opening bid: | After 11.00 AM on 31.03.2021 |
| 7. | Name and address of the officer inviting Bid: | Executive Officer, Phulbani Municipality |

Further detail can be seen from the e-procurement portal **https://tendersorissa.gov.in**

**Sd./- Executive Officer, Phulbani Municipality.**

### NESCO UTILITY

Head Office: Januganj, Balasore-756019
Email-purchase@nescoodisha.com

**NOTICE INVITING TENDER**

Tender Notice No. NESCO Utility/ Conversion Lines & Bay Extn / 25 / 20-21/ 2478 Dt: 15.03.21

For and on behalf of NESCO Utility , sealed tenders are invited in duplicate in two part bidding system from eligible bidders who comply with the terms & conditions and specification laid down in the tender documents for the following works on turnkey basis under deposit head.

| Sl. No. | Scope of work | Location |
|---|---|---|
| 1 | Conversion of existing 33KV over head line to UG cable | i) Jaraka 33KV feeder and ii) Kabatabandha 33KV feeder under Neulpur Section, KuED, Kuakhia |
| 2 | Extension of 33KV bay with renovation of existing network of 3.15 MVA 33/11KV PTR | Power supply to Odisha Mining Corporation, Jilling under Jurudi, KED, Keonjhar |

Last date/time for submission of bids: Dt 30.03.21 up to 3.00 PM and date / time of opening of the same bids : Dt.30.03.21 at 3.30 PM.
For details please visit our website-www.nescoodisha.com. Corrigendum if any will be published in the website only.

Sd./-General Manager (C&MM)

### Odisha PVTG Empowerment & Livelihoods Improvement Programme (OPELIP)

DONGARIA KONDHA DEVELOPMENT AGENCY, ( KURLI) CHATIKONA
ST & SC Development Department, Govt. of Odisha
INVITATION TO BID
Bid Identification No. 01/ 2020-21 of D.K.D.A., Chatikona Dated:15.03.2021
No.86/2021 Dated 15.3.2021

Sealed bids are invited from authorised contractors/Builders for Construction of Kinjamjodi Check Dam near village Kinjamjodi at Balapai site in Bissamcuttack Block. The eligible bidders may visit website http://www.opelip.org & www.rayagada.nic.in. 1. Name of the work: Construction of Kinjamjodi Check Dam near village Kinjamjodi at Balapai site in Bissamcuttack Block. 2. Estimated cost: Rs.17,50,000/- (including GST & Contingencies) 3. Class of contractor: 'B' class/ 'C' class. 4. Period of completion: 90 days. 5. Cost of tender paper: Rs.6,000/-. 6. Nature of work: Civil construction work. 7. Date and time of availability of BID documents: From Dt.15.03.2021 to 30.03.2021 till 5.30 P.M. 8. Last date and time to receive the BID: Dt.03.04.2021, Time: 5.30 P.M. 9. Name and address of Officer inviting bid through one medium i.e. hard copy by registered post / speed post only. Sealed bid must be delivered on or before 03.04.2021 by 5.30 P.M. at Office of the DONGARIA KONDHA DEVELOPMENT AGENCY, (Kurli) CHATIKONA-765019, Dist.- Rayagada. 10. Place & date of opening tender: On 05.04.2021 at 11.00 A.M. in Conference Hall, DKDA, (Kurli) Chatikona, Rayagada. The Special Officer reserve the right to accept or reject any or all bid without assigning any reason thereof.

Sd./- Special Officer, DKDA-CHATIKONA

### SAMBALPUR DISTRICT CO-OPERATIVE CENTRAL BANK

HEAD OFFICE, BARGARH - 768028
Phone: (06646) 233157/232634, Fax: (06646) 232696
Email: sdccbgh@gmail.com

**Ref. No. 6644/TCN/CB/Estt./2020-21** **Date: 15.03.2021**

**TENDER CALL NOTICE**

**Notice for inviting tender for award of contract for providing services of Armed Guard, Non-Armed Guards, Computer Assistants and Support Staffs to S.D.C.C. Bank Ltd., Bargarh**

Sealed tenders are invited under two bid system from manpower providing agencies/service providers registered under Partnership/Companies Act to provide servies of Computer Assistant, Support Staff, Armed Guards and Non-armed Guards for their deployment in Head Office and different Branches of the Bank on outsourced basis from April 2021 for a period of one year or till regular recruitment is made in Banking Assistant and Support Staff grade in the Bank, whichever comes earlier.
The detailed information for outsourcing the service of the aforesaid personnel has been given in the tender documents, which may be obtained in person from the Premises Officer of the Bank at our Head Office on production of a D.D. of Rs.5,000/- (Rupees five thousand) (non-refundable) in favour of "Sambalpur DCCB Ltd., Bargarh" drawn on any Commercial Bank on any working day between 11 A.M. to 4 P.m. The tender documents should be submitted to the Deputy General Manager I/C of the Bank, through Speed Post only.
The last date and time for submission of tender documents is 30.03.2021 by 2.00 P.M. The documents submitted through any other mode shall not be accepted and documents received after the scheduled date and time shall not be entertained.

**Sd./- Chief Executive Officer**

## ହେଲିକପ୍ଟରରୁ ଟଙ୍କା ବର୍ଷା

ଆକାଶରୁ ହେଲିକପ୍ଟରରେ ଟଙ୍କା ଏବଂ ଫୁଲ ବର୍ଷା ହେଉଥିବାର ଏକ ଭିଡ଼ିଓ ଏବେ ସୋସିଆଲ ମିଡ଼ିଆରେ ଭାଇରାଲ ହେଉଛି। ରାସ୍ତାରୁ ଲୋକେ ଟଙ୍କା ଗୋଟାଉଥିବାର ଦୃଶ୍ୟ ୧ ମିନିଟ ୫୮ ସେକେଣ୍ଡର ଏହି ଭିଡ଼ିଓରେ ଦେଖିବାକୁ ମିଳୁଛି। ପାକିସ୍ତାନର ପଞ୍ଜାବ ପ୍ରଦେଶର ମଣ୍ଡି ବହାଉଦିନ ଅଞ୍ଚଳରେ ଏକ ବିବାହ ଉତ୍ସବରେ ଏଭଳି ଘଟିଛି। ବରଙ୍କ ଭାଇ ବିଦେଶରେ ରହୁଥିବାବେଳେ ବିବାହ ପାଇଁ ହେଲିକପ୍ଟର ଭଡ଼ାରେ ଆଣିଥିଲେ। ବରଯାତ୍ରୀ କନ୍ୟା ଘର ମୁହାଁ ହୋଇଥିବା ବେଳେ ସେମାନଙ୍କ ଉପରେ ଆକାଶରୁ ଟଙ୍କା ଓ ଫୁଲ ବର୍ଷା କରାଯାଇଥିଲା। ଟଙ୍କା ଗୋଟାଇବା ପାଇଁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ପ୍ରତିଯୋଗିତା ଲାଗି ଯାଇଥିଲା।





## ବିରହ ଗୀତ ଗାଇଲେ ଅନୁପମା

**ନୂଆଦିଲ୍ଲୀ:** ଭାରତୀୟ ପେସ୍ ବୋଲର୍ ଯଶପ୍ରୀତ ବୁମରା ଟିଭି ଉପସ୍ଥାପିକା ସଞ୍ଜନା ଗଣେଶନଙ୍କୁ ମାର୍ଚ୍ଚ ୧୫ରେ ବିବାହ କରିଛନ୍ତି। ବୁମରା ଏକ ସୁନ୍ଦର ବାର୍ତ୍ତା ସହିତ ଦୁଇଟି ଫଟୋ ଶେୟାର କରିଛନ୍ତି। ବୁମରାଙ୍କ ବିବାହର ଫଟୋ ସହ ଦକ୍ଷିଣ ଭାରତୀୟ ଅଭିନେତ୍ରୀ ଅନୁପମା ପରମେଶ୍ୱରନଙ୍କ ଦ୍ୱାରା ପରିବେଷଣ କରାଯାଇଥିବା ଏକ ଗୀତ ଭାଇରାଲ ହୋଇଛି। ଏହାପୂର୍ବରୁ ବୁମରାଙ୍କ ବିବାହର ଚର୍ଚ୍ଚା ସର୍ବପ୍ରଥମେ ଅନୁପମା ପରମେଶ୍ୱରନଙ୍କ ସହ ହୋଇଥିଲା। ତେବେ ବୁମରାଙ୍କ ବିବାହ ଦିନ ଅନୁପମା ବିରହ ଗୀତ ଗାଇବା ସମସ୍ତଙ୍କୁ ଚକିତ କରିଛି। ଅନୁପମା ତାଙ୍କ ସୋସିଆଲ ଆକାଉଣ୍ଟରେ ଏକ ଭିଡିଓ ଶେୟାର କରିଛନ୍ତି ଯେଉଁଥିରେ ସେ ଏକ ଦୁଃଖଦ ଗୀତ ଗାଉଥିବାର ନଜର ଆସିଛନ୍ତି। ଅନୁପମା ଏହି ଗୀତକୁ ମାଲାୟାଲମ ଭାଷାରେ ଗାଉଛନ୍ତି। ଏହା ହେଉଛି ମାଲାୟାଲମ ଚଳଚ୍ଚିତ୍ର 'ଭାଜଭ ମାୟାମ'ର କ୍ଲାସିକ୍ ଗୀତ। ଏହି ଗୀତରେ ଅନୁପମା ଚମତ୍କାର ଅଙ୍ଗଭଙ୍ଗୀ ଦେଇଥିବା ଦେଖିବାକୁ ମିଳିଛି।

# ଚିନ୍ତା ବଢ଼ାଇଛି ଚାଇନା ଡଷ୍ଟ

**ଦଶନ୍ଧିର ସବୁଠାରୁ ବଡ଼ ଧୂଳିଝଡ଼ (ସ୍ୟାଣ୍ଡଷ୍ଟର୍ମ)କୁ ସାମ୍ନା କରିଛି ଚାଇନା। ମଙ୍ଗୋଲିଆର ଗୋବି ମରୁଭୂମିରୁ ସୃଷ୍ଟି ହୋଇଥିବା ଏହି ପ୍ରାକୃତିକ ଦୁର୍ବିପାକ କେବଳ ଚାଇନା ପାଇଁ ଚିନ୍ତାର କାରଣ ପାଲଟିଛି ତାହା ନୁହେଁ, ଏଥିଲାଗି ଆମେରିକା ସମେତ ପଡୋଶୀ ରାଷ୍ଟ୍ର ପାଇଁ ବାଜିଛି ସତର୍କ ଘଣ୍ଟି। କାରଣ ଏହି ଧୂଳିରେ କେତେକ ବିଷାକ୍ତ ତତ୍ତ୍ୱ ରହିଛି, ଯାହା ମାରାତ୍ମକ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି କରିବାର ଯଥେଷ୍ଟ ସମ୍ଭାବନା ରହିଛି। ଅନ୍ୟପଟେ ଏଭଳି ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଚାଇନାର ନୀତିକୁ ଦାୟୀ କରିଛନ୍ତି ଜାପାନ, ଆମେରିକା ଭଳି ଦେଶ।**



**ନୂଆଦିଲ୍ଲୀ:** ଧୂଳିଝଡ଼ରେ ବେହାଲ ହୋଇଛି ଚାଇନାର ରାଜଧାନୀ ତଥା ବିଶ୍ୱର ଅନ୍ୟତମ ଅର୍ଥନୈତିକ କରିଡର ବେଜିଂ। ଦଶନ୍ଧିର ସବୁଠାରୁ ବଡ଼ ଧୂଳିଝଡ଼ ବେଜିଂବାସୀଙ୍କୁ ନୟାନ୍ତ କରିଦେଇଛି। ଚାଇନା ପାଇଁ ଏହା ପ୍ରଥମ ଘଟଣା ନୁହେଁ, ତେବେ ଚଳିତ ଥର ସୃଷ୍ଟି ହୋଇଥିବା ଧୂଳିଝଡ଼ର ବେଗ ଥିଲା ପୂର୍ବାପେକ୍ଷା ଅଧିକ ତୀବ୍ର ଏବଂ ସାଂଘାତିକ।

ଚାଇନାର ପାଣିପାଗ ବିଭାଗ ମତରେ ଏହା ହେଉଛି ଦଶନ୍ଧିର ସବୁଠାରୁ ବଡ଼ ସ୍ୟାଣ୍ଡଷ୍ଟର୍ମ, ଯାହାର ସୃଷ୍ଟି ମଙ୍ଗୋଲିଆର ଗୋବି ମରୁଭୂମିରୁ। ଏହାର ପ୍ରଭାବରେ ବେଜିଂର ଆକାଶକୁ କବଳିତ କରିଦେଇଥିଲା ହଳଦିଆ ଏବଂ ନାରଙ୍ଗୀ ରଙ୍ଗର ଧୂଳି ଆସ୍ତରଣ। ଏହି ତୋଫାନରେ ୪୦୦ରୁ ଊର୍ଦ୍ଧ୍ୱ ଲୋକ ନିଖୋଜ ହୋଇଯାଇଛନ୍ତି। ମୃତାହତଙ୍କ ସମ୍ପର୍କରେ ଠିକ୍ ତଥ୍ୟ ମିଳିପାରିନାହିଁ। ୨୦୨୦ ଅକ୍ଟୋବରରେ ଗୋବି ମରୁଭୂମିରେ ଅନୁରୂପ ଧୂଳିଝଡ଼ ସୃଷ୍ଟି ହୋଇଥିଲା। ଚାଇନାର ଧୂଳିଝଡ଼କୁ ନେଇ ଉତ୍ତର କୋରିଆରେ ଛନକା ପଶିଛି। ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହେବା ଏବଂ ଧୂଳିରେ କରୋନା ଭାଇରସ୍ ବ୍ୟାପିବା ଆଶଙ୍କା ଥିବାରୁ ଦେଶବାସୀଙ୍କୁ ଘରୁ ନ ବାହାରିବା ଲାଗି ସତର୍କ କରାଇଛନ୍ତି ସେଠାକାର ସରକାର।

### ଶିଳ୍ପାୟନରୁ ଉଦ୍‌ବେଗଜନକ ସ୍ଥିତି

ୟେଲୋ ଡଷ୍ଟର ଉତ୍ପତ୍ତିସ୍ଥଳ ଆଭ୍ୟନ୍ତରୀଣ ମଙ୍ଗୋଲିଆର ଗୋଭି ମରୁଭୂମି। ଏହାକୁ ଚାଇନା ଡଷ୍ଟ ତଥା ଏସିଆନ୍ ଡଷ୍ଟ ବୋଲି ମଧ୍ୟ କୁହାଯାଏ। ବିଶେଷ କରି ସେପ୍ଟେମ୍ବରରୁ ଅକ୍ଟୋବର ମଧ୍ୟରେ ଏଭଳି ଧୂଳିଝଡ଼ ସୃଷ୍ଟି ହେବା ଆଶଙ୍କା ବେଶି। ପବନର ଦିଗ ଅନୁଯାୟୀ ଏହା ସେହିପଟକୁ ମାଡ଼ିଯାଇଥାଏ। ଏହା ସୃଷ୍ଟି ହେଲେ ମରୁଭୂମି ଆଖପାଖ ଅଞ୍ଚଳ ସମେତ ବିଭିନ୍ନ ରାଷ୍ଟ୍ର ପ୍ରଭାବିତ ହୋଇଥାନ୍ତି। ଏହି ପ୍ରାକୃତିକ ବିପର୍ଯ୍ୟୟକୁ ରୋକିବା ଲାଗି ଅଦ୍ୟାବଧି ଉପାୟ ବାହାରି ନାହିଁ। ହେଲେ ଏଥିଲାଗି ଚାଇନାର ଉଦ୍ୟୋଗୀକରଣ ନୀତିକୁ ଦାୟୀ କରି ଆସୁଛି ଆମେରିକା। ବିଂଶ ଶତାବ୍ଦୀର ଅଶୀ ଦଶକରେ ଚାଇନାରେ ଶିଳ୍ପାୟନ ଜୋର୍ ଧରିଥିଲା। ଏଥିରେ ଧରାଶାୟୀ ହୋଇଯାଇଥିଲା ସବୁଜବନାନୀ। ଏବେ ଶିଳ୍ପାୟାନଜନିତ ପ୍ରଦୂଷଣ ଏହାକୁ ଅଧିକ ବିପଜ୍ଜନକ କରିଦେଉଛି।

ଚାଇନାର ପଶ୍ଚିମ-ଉତ୍ତର ସୀମାନ୍ତରୁ ମଙ୍ଗୋଲିଆର ଆଭ୍ୟନ୍ତରୀଣ ଅଞ୍ଚଳ ଯାଏ ବ୍ୟାପିଛି ଗୋବି ମରୁଭୂମି। ପୃଥିବୀ ଅନ୍ୟତମ ଶୁଷ୍କ ଭୂଖଣ୍ଡ ଭାବେ ପରିଚିତ ଏହି ମରୁସ୍ଥଳର ଧୂଳିଝଡ଼ ଅନେକ ସମୟରେ ପ୍ରାଣଘାତୀ ସାବ୍ୟସ୍ତ ହୋଇଥାଏ। ଏହା ସୃଷ୍ଟି ହେଲେ ଧୂଳିର କ୍ଷୁଦ୍ରାତିକ୍ଷୁଦ୍ର କଣିକା ପବନରେ ହଜାର ହଜାର କିଲୋମିଟର ଅତି ସହଜରେ ଗତି କରିପାରେ। ଗୋଭି ମରୁଭୂମିରେ ସୃଷ୍ଟି ହେଉଥିବା ବାଲିଝଡ଼ରେ ଚାଇନା, ଦକ୍ଷିଣ କୋରିଆ, ଜାପାନ ଅଧିକ ମାତ୍ରାରେ ପ୍ରଭାବିତ ହେଉଥିବା ନଜିର ରହିଛି। ବେଳେବେଳେ ଏହା ଅତି ଭୟଙ୍କର ରୂପ ନେଇଥାଏ। ଫଳରେ ଆମେରିକାର ବାୟୁମଣ୍ଡଳ ମଧ୍ୟ ଏହା ଦ୍ୱାରା ପ୍ରଭାବିତ ହୁଏ। ସାଧାରଣତଃ ଶୀତଦିନେ ହେଉଥିବା ଏଭଳି ଧୂଳିଝଡ଼ ଚଳିତ ଥର ମାର୍ଚ୍ଚରେ ସୃଷ୍ଟି ହେବା ବୈଜ୍ଞାନିକଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି।

### ରୁଷିଆ ବି ଦାୟୀ

ତତ୍କାଳୀନ ସୋଭିଏତ୍ ସଂଘ ସମୟରେ ଆମୁ ଏବଂ ସିର୍ ନଦୀର ଦିଗ ପରିବର୍ତ୍ତନ କରାଯାଇଥିଲା। କୃଷିକ୍ଷେତ୍ରର ବିକାଶ ବିଶେଷ କରି କାର୍ପାସ୍ ଉତ୍ପାଦନ ଲାଗି ସେତେବେଳେ ଉକ୍ତ ଦୁଇନଦୀର ଗତିପଥ ବଦଳାଇ ଦିଆଯାଇଥିଲା। ପ୍ରାକୃତିକ ପରିବେଶରେ ଏଭଳି ହସ୍ତକ୍ଷେପର ଫଳ ଏବେ ଭୋଗୁଛନ୍ତି କାଜାଖସ୍ତାନ ଏବଂ ଉଜବେକିସ୍ତାନ। ଜଳାଭାବରୁ ପ୍ରତିବର୍ଷ ଏଠାରେ ମରୁଡ଼ି ପଡୁଛି। ଅନ୍ୟପଟେ ନଦୀ ସ୍ରୋତ ପ୍ରଭାବିତ ହେବା ପରେ ଅନିୟମିତ ବର୍ଷା, ଜଙ୍ଗଲ ଅବକ୍ଷୟ ଭଳି ସମସ୍ୟା ଉପୁଜିଛି। ଧୀରେ ଧୀରେ ଶୁଷ୍କ ଅଞ୍ଚଳ ପାଲଟୁଥିବା କାଜାଖସ୍ତାନ ଏବଂ ଉଜବେକିସ୍ତାନ ଧୂଳିଝଡ଼ ଲାଗି ଅନୁକୂଳ ପରିବେଶ ସୃଷ୍ଟି କରୁଛି।

### ଧୂଳିରେ ମାରାତ୍ମକ କଣିକା

ଚାଇନା ଡଷ୍ଟ ମାତ୍ରାଧିକ ବିଷାକ୍ତ ତତ୍ତ୍ୱରେ ଭରା। ଏଥିରେ କ୍ଷତିକାରଣ ସିଲିକନର ପରିମାଣ ୨୪%ରୁ ୩୨%। ଏହାକୁ ବାଦ୍‌ଦେଲେ ଆଲୁମିନିୟମ, କ୍ୟାଲସିୟମ, ମର୍କ୍ୟୁରି, କେଡିୟମ୍ ଭଳି ବିପଜ୍ଜନକ କଣିକା ମହଜୁଦ୍ ଥାଏ। ଏହା ଶରୀର ଆଭ୍ୟନ୍ତରକୁ ଗଲେ ଶ୍ୱାସତନ୍ତ୍ର ସଂକ୍ରମଣ, ଫୁସ୍‌ଫୁସ୍ କ୍ୟାନ୍‌ସର ହେବାର ଯଥେଷ୍ଟ ଆଶଙ୍କା ଥାଏ। ଧୂଳି କଣିକା ଏତେ ସୂକ୍ଷ୍ମ ହୋଇଥାଏ ଯେ, ଏହା ସିଧାସଳଖ ରକ୍ତରେ ମଧ୍ୟ ମିଶିଯାଇପାରେ। ଏପରି ହେଲେ ଶାରୀରିକ ବିକୃତି ଘଟିବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ସତର୍କ କରାଇଛି।

## କେମିତି ରହିବ ଆଜିର ପାଗ

**ରାଜ୍ୟ**-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ଅଧିକାଂଶ ସ୍ଥାନରେ ପାଗ ଶୁଖିଲା ରହିବ। ବିଭିନ୍ନ ସ୍ଥାନରେ ଦିନ ଓ ରାତି ତାପମାତ୍ରା ପ୍ରାୟ ୨ରୁ ୩ ଡିଗ୍ରୀ ସେଲ୍‌ସିଅସ୍ ବୃଦ୍ଧି ପାଇପାରେ।

**ସ୍ଥାନୀୟ ଅଞ୍ଚଳ**-ଭୁବନେଶ୍ୱର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ନିର୍ମଳ ରହିବ। ବୁଧବାର ସର୍ବୋଚ୍ଚ ତାପମାତ୍ରା ୩୯ ଡିଗ୍ରୀ ଏବଂ ସର୍ବନିମ୍ନ ୨୧ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ମଙ୍ଗଳବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୭.୦ | ୨୧.୫ |
| ଚାନ୍ଦବାଲି | ୩୬.୮ | ୨୧.୭ |
| କଟକ | ୩୮.୨ | ୨୦.୦ |
| ପାରାଦୀପ | ୩୧.୨ | ୨୩.୭ |
| ଭୁବନେଶ୍ୱର | ୩୯.୩ | ୨୧.୨ |
| ଗୋପାଳପୁର | ୩୨.୬ | ୨୩.୧ |
| ପୁରୀ | ୩୩.୦ | ୨୫.୨ |
| ଅନୁଗୋଳ | ୩୭.୭ | ୧୯.୨ |
| ବାରିପଦା | ୩୮.୦ | ୨୦.୪ |
| ଝାରସୁଗୁଡ଼ା | ୩୭.୪ | ୧୭.୮ |
| କେନ୍ଦୁଝର | ୩୫.୦ | ୧୭.୬ |
| ସମ୍ବଲପୁର | ୩୭.୮ | ୧୯.୭ |
| ସୁନ୍ଦରଗଡ଼ | ୩୬.୦ | ୧୮.୦ |
| ହୀରାକୁଦ | ୩୭.୩ | ୧୯.୧ |
| ତାଳଚେର | ୩୮.୧ | ୨୦.୭ |
| ଭବାନୀପାଟଣା | ୩୭.୮ | ୨୦.୦ |
| ବଲାଙ୍ଗୀର | ୩୮.୭ | ୧୮.୩ |
| କୋରାପୁଟ | ୩୫.୦ | ୧୮.୪ |
| ଫୁଲବାଣୀ | ୩୬.୪ | ୧୪.୮ |
| ଟିଟିଲାଗଡ଼ | ୩୮.୫ | ୨୨.୦ |
| ମାଲକାନଗିରି | ୩୮.୫ | ୨୩.୦ |
| ସୋନପୁର | ୩୭.୮ | ୧୯.୦ |
| ଦାରିଙ୍ଗିବାଡ଼ି | ୩୪.୦ | ୧୭.୦ |
| ନୟାଗଡ଼ | ୩୮.୫ | ୨୧.୫ |
| ବୌଦ୍ଧ | ୩୮.୫ | ୧୮.୫ |
| ଛତ୍ରପୁର | ୩୩.୫ | ୨୨.୦ |
| ପାରଳାଖେମୁଣ୍ଡି | ୩୨.୦ | ୨୩.୫ |
| ରାୟଗଡ଼ା | ୩୫.୮ | ୨୦.୧ |

ଡିଗ୍ରୀ ସେଲ୍‌ସିୟସ୍

## ପୃଥିବୀମୁହାଁ ଜଳନ୍ତା ଗ୍ରହପିଣ୍ଡ

**ରୋମ**

ପୃଥିବୀ ଉପରେ ଏକ ବଡ଼ ଧରଣର ବିପଦ ମାଡ଼ି ଆସୁଛି। ୧୭୦୦ ମିଟର ଚୌଡ଼ା ଜଳନ୍ତା ଗ୍ରହପିଣ୍ଡ ୨୦୦୧-ଏଫଓ-୩୨(୨୩୧୯୩୭) ମାର୍ଚ୍ଚ ୨୧ରେ ପୃଥିବୀକୁ ଅତିକ୍ରମ କରିବ। ଏହାର ଫଟୋକୁ ଇଟାଲୀସ୍ଥିତ ଭର୍ଚ୍ୟୁଆଲ ଟେଲିସ୍କୋପ ଦ୍ୱାରା ଉତ୍ତୋଳନ କରାଯାଇଛି। ଏହା ପୃଥିବୀଠାରୁ ୭୫ ଲକ୍ଷ କିଲୋମିଟର ଦୂରରେ ଅତିକ୍ରମ କରିବ। ଘଣ୍ଟା ପିଛା ୧ ଲକ୍ଷ ୨୪ ହଜାର କିଲୋମିଟର ବେଗରେ ପୃଥିବୀ ଆଡ଼କୁ ମାଡ଼ି ଆସୁଛି। ତେବେ ଏହା ସୁରକ୍ଷିତ ଭାବେ ପୃଥିବୀକୁ ଅତିକ୍ରମ କରିବ ବୋଲି ମହାକାଶ ବିଜ୍ଞାନୀଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ଲକ୍ଷ ଲକ୍ଷ ବର୍ଷ ତଳେ ଏଭଳି ଏକ ଗ୍ରହପିଣ୍ଡ ପୃଥିବୀ ସହିତ ଧକ୍କା ହେବାରୁ ଡାଇନୋସୋରସ ଭଳି ବୃହତ ପ୍ରାଣୀ ଲୋପ ପାଇଯାଇଥିଲେ। ସେତେବେଳେ ବହୁ ବର୍ଷ ପର୍ଯ୍ୟନ୍ତ ବାୟୁମଣ୍ଡଳରେ ଧୂଳି ଭର୍ତ୍ତି ରହିଥିଲା। ଫଳରେ ସୂର୍ଯ୍ୟାଲୋକ ପୃଥିବୀ ପୃଷ୍ଠରେ ପଡ଼ିପାରି ନ ଥିଲା। ଏହାଦ୍ୱାରା ଜୀବନସତ୍ତା ଲୋପ ହୋଇଯାଇଥିଲା। ଧୀରେଧୀରେ ବାୟୁମଣ୍ଡଳ ପରିଷ୍କାର ହେବାପରେ ପୁଣି ଜୀବନର ସୃଜନ ହୋଇଥିଲା।

ପଞ୍ଚମ ଜନ୍ମବାର୍ଷିକ ଶୁଭେଚ୍ଛା



ଜଗା, ବଳିଆ ମହାରଣା (ଦୁଇ ଜାଆଁଳା ଭାଇ)
ବିଶ୍ୱକର୍ମା ସାହି କୋଳିମାଟି, କେନ୍ଦୁଝର
ତୁମର ଚିନ୍ତାଧାରା ସବୁବେଳେ ପରଉପକାର ପାଇଁ ରହିଥାଉ, ଭବିଷ୍ୟତରେ ଅସୁବିଧାରେ ପଡ଼ିଥିବା ଲୋକମାନଙ୍କୁ ସାହାଯ୍ୟ କରିବା ପାଇଁ ସର୍ବଦା ଆଗେଇ ଆସୁଥାଅ ଏବଂ ତୁମର ଭବିଷ୍ୟତରେ ସୁନ୍ଦର ଜ୍ଞାନରେ ପରିପୂର୍ଣ୍ଣ ହେଉଥାଉ ଏହା ସହିତ ପ୍ରତ୍ୟେକ ବର୍ଷ ତୁମ ଜନ୍ମଦିନଟିକୁ ଭଲରେ ପାଳନ କର ବୋଲି ଘଟଗାଁ ମା' ତାରିଣୀଙ୍କ ନିକଟରେ ଭୂମିଷ୍ଠ ପ୍ରଣାମ ଜଣାଉଛୁ।
-:ଶୁଭେଚ୍ଛା ସହ:-
ବାପା ଓ ମା', ବଡ଼ବାପା ଓ ବଡ଼ ମା', ଦାଦା, ଅପା, ଜେଜେ ମା', ଜେଜେ ବାପା ଓ ସପରିବାରବର୍ଗ।
ଧ-୨୦୨୫୮

## ୭ ବର୍ଷରେ ପାହାଡ଼ ଚଢ଼ିଲେ

**ହାଇଦ୍ରାବାଦ:** ଆଗ୍ରହ ଥିଲେ ସଫଳତା ମିଳେ। ଏହାକୁ ପ୍ରମାଣ କରି ଦେଖାଇଛନ୍ତି ହାଇଦ୍ରାବାଦର ୭ ବର୍ଷୀୟ ବାଳକ ବିରାଟ ଚନ୍ଦ୍ର। ଏତେ କମ୍ ବୟସରେ ସେ ଏବେ ଆଫ୍ରିକାର ସର୍ବୋଚ୍ଚ ଗିରିଶୃଙ୍ଗ କିଲିମାଞ୍ଜାରୋ ଆରୋହଣ କରି ପାରିଛନ୍ତି। ତାଙ୍କର ଜଣେ ସମ୍ପର୍କୀୟ ପାହାଡ଼ ଚଢୁଥିବାର ଦେଖି ସେ ମଧ୍ୟ ଚଢ଼ିବା ପାଇଁ ଇଚ୍ଛା କରିଥିଲେ। ପରେ ସେ ଜଣେ କୋଚ୍‌ଙ୍କ ନିକଟରୁ ତାଲିମ୍ ନେଇଥିଲେ। ଏହି ମାସ ୫ ତାରିଖରେ ବିରାଟ କିଲିମାଞ୍ଜାରୋ ପର୍ବତ ଚଢ଼ିଥିଲେ। ତେବେ ଚଢ଼ିବା ସମୟରେ ବିରାଟ ସବୁ ପ୍ରକାରର ପୂର୍ବ ପ୍ରସ୍ତୁତି କରି ଯାଇଥିଲେ ଏବଂ ପାହାଡ଼ ଚଢ଼ିବା ସମୟରେ ସାମାନ୍ୟ ଅସ୍ୱସ୍ତି ଲାଗିଲେ ଫେରି ଆସିବେ ବୋଲି ପ୍ରତିଶ୍ରୁତି ବି ଦେଇଥିଲେ। ମାତ୍ର ତାଙ୍କ ମନୋବଳ




ଏତେ ଦୃଢ଼ ରହିଥିଲା ଯେ ସେ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିଥିଲେ। ବିରାଟଙ୍କର ଏହି ସାହସିକ ପଦକ୍ଷେପ ଏବେ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇପାରିଛି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

ଭୁବନେଶ୍ୱରସ୍ଥିତ
PETROL PUMP
ରେ ତେଲ ପକାଇବା ନିମନ୍ତେ
ମହିଳା ପ୍ରାର୍ଥୀ ଆବଶ୍ୟକ
ଦରମା : ୧୩,୦୦୦/-
ବୟସ : ୨୨ ରୁ ୩୫ ବର୍ଷ
ଯୋଗାଯୋଗ : 9861925500
ସମୟ (ସକାଳ ୧୦ ଠାରୁ- ସନ୍ଧ୍ୟା ୬ଟା)

WANTED
ସିଙ୍ଗାପୁରରେ ରକ୍ଷଣା ବେକ୍ଷଣା, ନିର୍ମାଣ କାର୍ଯ୍ୟ, ୧ବର୍ଷର ପ୍ରକଳ୍ପ, ୪୫ ଦିନମଧ୍ୟରେ ତୁରନ୍ତ ଯିବା, ପାସପୋର୍ଟ ଧାରକ, ସମସ୍ତ ପ୍ରକାରର କର୍ମଚାରୀ, (ଫ୍ରେଶର ମଧ୍ୟ) ତୁରନ୍ତ ଆବେଦନ କରିପାରିବେ।
କମଲ ପ୍ଲେସମେଣ୍ଟ, ସୁରତ୍, ଗୁଜୁରାଟ
CONTACT : 9157312448

ପରିଶ୍ରମୀ ଯୁବକ ନିଜ ଅଞ୍ଚଳରେ ରହି ଅଳ୍ପ ପୁଞ୍ଜି ବିନିଯୋଗରେ ଏକ ପ୍ରତିଷ୍ଠିତ କମ୍ପାନୀରେ କାମ କରିବା ପାଇଁ ଇଚ୍ଛୁକ ବ୍ୟକ୍ତି ଯୋଗାଯୋଗ କରନ୍ତୁ।
ନିହାରିକା ବେକର୍ସ
(Maker of RUSK, Biscuit, Cake)
Contact: 9439722795
9090171727

RMC PVT. LTD.
A well established construction company in Bhubaneswar urgently requires.
1. ACCOUNTANT: B.Com. with 2 years experience.
2. MARKETING MANAGER: MBA, experience in realestate sector.
3. RECEPTIONIST: 1 No. (Female)
4. OFFICE BOY: 2 Nos.
Contact:
9337469627 / 6371761144
E-mail:
rmcpl.hr@gmail.com

See Career Appointment on every Wednesday & Saturday

ମନେ ପଡ଼ନ୍ତି
ଏକାଦଶାହ ଉପଲକ୍ଷେ



ସ୍ୱର୍ଗତା ସୁଧାଂଶୁବାଳା ନାୟକ
ଗ୍ରା: ଗୁଆବାଟୀ, ଥା: ଡେଲାଙ୍ଗ, ସ: ପିପିଲି, ଜି: ପୁରୀ
ଆବିର୍ଭାବ: ତା.୧୪।୧୧।୧୯୪୮
ତିରୋଧାନ: ତା.୦୭।୦୩।୨୦୨୧
ତୁମ ଅମର ଆତ୍ମାର ସଦ୍‌ଗତି ଓ ଚିରଶାନ୍ତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ପୁତ୍ର-ପୁତ୍ରବଧୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ବନ୍ଧୁ ପରିବାର।
ଧ-୨୦୨୧୬

## ରେକର୍ଡ କଲା ୮ କି.ମି.ର ରଙ୍ଗୋଲି

**ଦିସପୁର:** ଭାରତର ପ୍ରାୟ ସବୁ ରାଜ୍ୟରେ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଶୈଳୀରେ ରଙ୍ଗୋଲୀ କରାଯାଇଥାଏ। କିନ୍ତୁ ଆସାମରେ ଏବେ ଏକ ବିରାଟ ରଙ୍ଗୋଲୀ କରାଯାଇଛି, ଯାହାର ଲମ୍ବ ପ୍ରାୟ ୮ କିଲୋମିଟର। ଆସାମରେ ଭୋଟରଙ୍କୁ ସଚେତନ ଉଦ୍ଦେଶ୍ୟରେ କରାଯାଇଥିବା ଏହି ରଙ୍ଗୋଲି ଏବେ ଦେଶର ସବୁଠୁ ବଡ଼ ରଙ୍ଗୋଲି ହୋଇପାରିଛି। ଏତେ ବଡ଼ ରଙ୍ଗୋଲି ଏବେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇ ସାରିଥିବାବେଳେ ବିଶ୍ୱ ରେକର୍ଡ କରିବାର ଆଶା ରଖିଛି। ଆସାମର ଛଚର ଜିଲା ପ୍ରଶାସନ ପକ୍ଷରୁ ୮ କିଲୋମିଟର ଲମ୍ବର ଏକ ବିରାଟ ରଙ୍ଗୋଲୀ କରାଯାଇଛି। ଏଭଳି ଏକ ରଙ୍ଗୋଲି କରି ଭୋଟରମାନଙ୍କୁ ସଚେତନ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ସବୁ ଭୋଟର ସେମାନଙ୍କ ଭୋଟଦାନ ଅଧିକାର ସାବ୍ୟସ୍ତ କରିବା ଉଚିତ। ଏହି ଉଦ୍ଦେଶ୍ୟରେ ବାର୍ଖୋଲା ନିର୍ବାଚନମଣ୍ଡଳୀରେ ଏତେ ବଡ଼ ରଙ୍ଗୋଲି କରାଯାଇଥିଲା। ତେବେ ଏତେ




ବଡ଼ ରଙ୍ଗୋଲିକୁ କରିବା ପାଇଁ ମାତ୍ର ୨୪ ଘଣ୍ଟା ସମୟ ଲାଗିଥିଲା। ଜିଲା ପ୍ରଶାସନ ପକ୍ଷରୁ ଏଭଳି ଏକ ରଙ୍ଗୋଲି କରିବା ନିମନ୍ତେ ପ୍ରୟାସ ଆରମ୍ଭ କରାଯାଇ ଏହାକୁ ଶେଷ କରାଯାଇଛି। ଏବେ ଏହି ରଙ୍ଗୋଲି ଇଣ୍ଡିଆ ବୁକ ଅଫ୍ ରେକର୍ଡରେ ସ୍ଥାନ ପାଇପାରିଛି। ଜିଲା ପ୍ରଶାସନ ପକ୍ଷରୁ ରଙ୍ଗୋଲି କରିବା ଅବସରରେ ବିଭିନ୍ନ ପ୍ରଶାସନିକ ଅଧିକାରୀ ଯୋଗଦେଇ କଳାକାରଙ୍କ ଉତ୍ସାହ ବୃଦ୍ଧି କରିଥିଲେ। ତେବେ ରଙ୍ଗୋଲିକୁ ତିଆରି କରିବା ପାଇଁ ବିଭିନ୍ନ ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କ ସହିତ ଏନ୍‌ଏସ୍‌ଏସ୍‌ର ସ୍ୱେଚ୍ଛାସେବୀ, ଭାରତ ସ୍କାଉଟ୍, ଏନ୍‌ସିସି, ଆସାମ ରାଇଫଲ୍ସ, ବିଏସ୍‌ଏଫ୍, ସିଆର୍‌ପିଏଫ୍, ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଏବଂ ଚା' ବଗିଚାର କର୍ମଚାରୀମାନେ ରଙ୍ଗୋଲି ତିଆରି କାମ କରିଥିଲେ। ରଙ୍ଗୋଲିର ବିଭିନ୍ନ ସ୍ଥାନରେ ସୁନ୍ଦର ଡିଜାଇନରେ ଚିତ୍ର ହେବା ସହିତ ଭୋଟରଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ବାର୍ତ୍ତା ବି ଲେଖାଯାଇଛି। ଆସାମରେ ତିନୋଟି ପର୍ଯ୍ୟାୟରେ ଭୋଟ ହେବାକୁ ଥିବାବେଳେ ଏଭଳି ଏକ ରଙ୍ଗୋଲି ଭୋଟରମାନଙ୍କୁ ନିଶ୍ଚିତଭାବେ ଉତ୍ସାହିତ କରିପାରିବ। ତେବେ ୮ କିଲୋମିଟରର ଏହି ରଙ୍ଗୋଲିଟି ବିଶ୍ୱ ରେକର୍ଡ କରିବ ବୋଲି ଜିଲା ପ୍ରଶାସନ ଆଶା ରଖିଛି।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

SMS JOB BUSINESS
Send SMS, Earn Money
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ବିଜ୍‌ନେସ କରି ମାସକୁ 15000/- ରୁ 45000/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + 5000/- ର ଉପହାର Free
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
9142914076
8092781316

BINODAYA FINANCE
ପ୍ରପର୍ଟି, ପର୍ସନାଲ, ମାର୍କସିଟ୍, ବ୍ୟବସାୟ, କୃଷି, ଗୃହଋଣ, ଗାଈପାଳନ ଓ କୁକୁଡ଼ା ପାଳନ ଇତ୍ୟାଦି ସମସ୍ତ ପ୍ରକାର LOAN ଘରେ ବସି ପାଆନ୍ତୁ, ସୁଧ = 2%
M=9437925782
M=9437927381
ABASING, TALAMUNDA, GAJAPATI

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।





ପ୍ର. ସୁବୋଧ କୁମାର ସାହୁ

# ଲୁଣା ମାଟିରୁ ଅଧିକ ଅମଳ ଉପାୟ

**ଓଡ଼ିଶା ଉପକୂଳବର୍ତ୍ତୀ ଲୁଣା ମାଟିରୁ ଅଧିକ ଫସଲ ଅମଳ ଉପାୟ ସମ୍ପର୍କରେ...**

ମାଟି ଓ ପାଣିର ପରିପୃକ୍ତ ମିଶ୍ରଣରୁ ପାଇଥିବା ଦ୍ରବଣରେ ବୈଦ୍ୟୁତିକ ପ୍ରବାହ ମିଟର ପ୍ରତି ୪.୦ ଡେସିସାଇମେନ୍‌ରୁ ଅଧିକ, ମାଟିର ବିନିମୟ ଲବଣ ପରିମାଣ ଶତକଡା ୧୫.୦ ରୁ କମ୍ ଏବଂ ମାଟିର ପି.ଏଚ୍ ୮.୫ ରୁ କମ୍ ହେଲେ ମାଟି ଲୁଣାହୁଏ । ଉପରୋକ୍ତ ସଂଜ୍ଞା ଅନୁସାରେ ଓଡ଼ିଶାର ବଙ୍ଗୋପସାଗର ଏବଂ ଚିଲିକା ହ୍ରଦର ଉପକୂଳବର୍ତ୍ତୀ ଜମିର ମାଟି ଲୁଣା । ଉପକୂଳବର୍ତ୍ତୀ ମାଟିର ପରିପୃକ୍ତ ଦ୍ରବଣର ବୈଦ୍ୟୁତିକ ପ୍ରବାହ ୪.୦ରୁ ୮.୦ ମଧ୍ୟରେ, ବିନିମୟ ଲବଣ ପରିମାଣ ୬ରୁ ୧୦ ମଧ୍ୟରେ ଏବଂ ପି.ଏଚ୍. ୬.୦.୭.୦ ମଧ୍ୟରେ ଥିବା ପରୀକ୍ଷାରୁ ଜଣାଇଛି ; ଯାହା କି ଲୁଣା ମାଟିର ସଂଜ୍ଞାରୁ ସୂଚିତ ।

ଓଡ଼ିଶାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଜଗତ୍‌ସିଂହପୁର, ପୁରୀ ଓ ଗଞ୍ଜାମ ଜିଲାଗୁଡ଼ିକର ସମୁଦ୍ର କୂଳବର୍ତ୍ତୀ ଏବଂ ଖୋର୍ଦ୍ଧା ଓ ଗଞ୍ଜାମ ଜିଲାର ଚିଲିକା କୂଳବର୍ତ୍ତୀ ବ୍ଲକଗୁଡ଼ିକର ଚାଷଜମିର ମାଟି ଲୁଣା । ଉତ୍ତରରୁ ସୁବର୍ଣ୍ଣରେଖା ନଦୀ ଅବବାହିକାଠାରୁ ଦକ୍ଷିଣରେ ଋଷିକୁଲ୍ୟା ଅବବାହିକା ପର୍ଯ୍ୟନ୍ତ ପ୍ରାୟ ୪୨୮ କି.ମି ଲମ୍ବ ଏବଂ ସମୁଦ୍ରଠାରୁ ୫.୦ ରୁ ୨୫.୦ କି.ମି. ଦୈର୍ଘ୍ୟ ପର୍ଯ୍ୟନ୍ତ ପ୍ରାୟ ୨ ଲକ୍ଷ ୫୪ ହଜାର ୪୧୦ ହେକ୍ଟର ପରିମିତ ଜମିର ମାଟି ଲୁଣା । ରାଜ୍ୟର ବଡ଼ ବଡ଼ ନଦୀ ଯଥା ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ, ବୈତରଣୀ, ବ୍ରାହ୍ମଣୀ, ମହାନଦୀ ଏବଂ ଋଷିକୁଲ୍ୟା ଏବଂ ଏମାନଙ୍କର ଶାଖା ନଦୀ ମୁହାଣ ଦେଇ ବଙ୍ଗୋପସାଗରର ଲୁଣା ଜୁଆର ଚାଷ ଜମିରେ ପ୍ରବେଶ କରି ମାଟିକୁ ଲୁଣାକରେ । ଏତଦ୍‌ବ୍ୟତୀତ ଉପରୋକ୍ତ ନଦୀରେ ମିଶି ଥିବା ଜୋର ଏବଂ କେତେକ ନାଳୀ ମଧ୍ୟକୁ ଲୁଣା ଜୁଆର ପ୍ରବେଶ କରି ଜୋର ନିକଟବର୍ତ୍ତୀ ଚାଷ ଜମିରେ ମାଟିକୁ ଲୁଣା କରେ । ରାଜ୍ୟର ୨.୫୪୧ ଲକ୍ଷ ହେକ୍ଟର ଚାଷ ଉପଯୋଗୀ ଲୁଣା ଜମି ବ୍ୟତୀତ ଚାଷ ଅନୁପଯୋଗୀ ଲୁଣା ଜଙ୍ଗଲ, ଯଥା ହେନ୍ତାଳ, ସୁନ୍ଦରୀ ଏବଂ ଦଳଦଳି କିସମ ୫୦ ହେକ୍ଟର ଅଛି । ଲୁଣା ମାଟିରେ କର୍ଦ୍ଦମ ଭାଗ ଅଧିକ ଥାଏ ।

ଚାଷ ଉପଯୋଗୀ ଲୁଣା ମାଟିର ଜମିରେ ଫସଲ ଅମଳ ଆଶାନୁରୂପ ନୁହେଁ । ଦ୍ରବୀଭୂତ ଲବଣ ଅର୍ଥାତ୍ ସୋଡିୟମ କ୍ଲୋରାଇଡ ଗଛର ଚେର ମୂଳରେ ଅଧିକ ରହୁଥିବାରୁ, ଗଛର କାଣ୍ଡ ଓ ପତ୍ରରେ ଥିବା ଜଳୀୟ ଅଂଶ ଫସଲ ପାଇଁ ବ୍ୟବହୃତ ହୋଇ ନ ପାରି ଚେରରୁ ମାଟିକୁ ଫେରି ଆସେ । ଏଣୁ ଗଛ ଶୁଖିଲା ଏବଂ ଦୁର୍ବଳ ଦେଖାଯାଏ । ଫସଲରେ ଫୁଲ ଫଳ ଠିକ୍ ଭାବେ ଆସିପାରେ ନାହିଁ । ଦ୍ୱିତୀୟତଃ ଦ୍ରବୀଭୂତ ଲୁଣ ପ୍ରଭାବରୁ ଫସଲ ପାଇଁ ପ୍ରୟୋଗ ରାସାୟନିକ ସାରର ଉପଯୋଗ ଠିକ୍ ଭାବେ ହୋଇପାରେ ନାହିଁ । ଲୁଣା ମାଟିରେ ଥିବା କ୍ୟାଲସିୟମ ଏବଂ ମ୍ୟାଗ୍ନେସିୟମ ପରି ମଧୁର ଖାଦ୍ୟ ଉପାଦାନ ଫସଲକୁ ଗ୍ରହଣଯୋଗ୍ୟ ହୁଏ ନାହିଁ। ତେଣୁ ଫସଲରୁ ଅମଳ କମିଥାଏ ।

ଓଡ଼ିଶା କୃଷି ଓ ବୈଷୟିକ ବିଦ୍ୟାଳୟର କୃଷି ରାସାୟନିକ ବିଭାଗ ଦ୍ୱାରା ଲୁଣା ଜମିରୁ ସଫଳ ଅମଳ ପାଇବା ପାଇଁ ବହୁ ପରୀକ୍ଷା ନିରୀକ୍ଷା କରାଯାଇ ବିଭିନ୍ନ ଉପାୟମାନ ନିରୂପଣ କରାଯାଇଛି । ନିମ୍ନରେ କେତେକ ସଫଳ ଉପାୟ ସମ୍ପର୍କରେ ସୂଚିତ କରାଯାଉଛି ...

–ସମୁଦ୍ର କୂଳେ କୂଳେ ଘେରି ବନ୍ଧ ନିର୍ମାଣ କଲେ ସମୁଦ୍ରର ଲୁଣା ପାଣି ଚାଷ ଜମିକୁ ପ୍ରବେଶ କରିପାରିବ ନାହିଁ। ଅବଶ୍ୟ ଘେରି ବନ୍ଧ ନିର୍ମାଣ ବ୍ୟୟସାପେକ୍ଷ । ଏଥିପାଇଁ ସରକାରଙ୍କର ପ୍ରଚେଷ୍ଟା ଦରକାର ।

–ଜୁଆର ସମୟରେ ସମୁଦ୍ରର ଲୁଣା ପାଣି, ସମୁଦ୍ରରେ ମିଶିଥିବା ନଦୀ ମୁହାଣ ଦେଇ ପ୍ରାୟ ମୁହାଣଠାରୁ ୫ ରୁ ୨୫ କିଲୋମିଟର ପର୍ଯ୍ୟନ୍ତ ଚାଷ ଜମିକୁ ପ୍ରଭାବିତ କରେ । ପୁନଶ୍ଚ ନଦୀରେ ମିଶିଥିବା ଜୋର ଏବଂ ନାଳୀ ମଧ୍ୟଦେଇ ଲୁଣା ଜୁଆର ନିକଟବର୍ତ୍ତୀ ଚାଷ ଜମିକୁ ପ୍ରବେଶ କରି ମାଟିକୁ ଲୁଣା କରେ । ତେଣୁ ନଦୀ ଓ ଜୋର ସଂଗମ ସ୍ଥାନରେ ସ୍ଲୁଇସ ଗେଟମାନ ନିର୍ମାଣ କରି ଗ୍ରୀଷ୍ମଋତୁରେ ଜୁଆର ସମୟରେ ଉକ୍ତ ଗେଟ୍‌କୁ ବନ୍ଦ କଲେ ଲୁଣା ଜୁଆର ଜୋର ଓ ନାଳୀ ମଧ୍ୟକୁ ପ୍ରବେଶ କରିପାରିବ ନାହିଁ। ଅନ୍ୟପକ୍ଷରେ ବର୍ଷାଋତୁରେ ଅଧିକ ବର୍ଷା ଜଳକୁ ନଦୀମଧ୍ୟକୁ ନିଷ୍କାସନ କରାଯାଇ ବନ୍ୟାକୁ ରୋକାଯାଇପାରିବ । ବନ୍ୟା ପରେ ଜୋର ଓ ନାଳୀର ମଧୁର ବର୍ଷା ଜଳକୁ ସ୍ଲୁଇସଗେଟ୍ ଦ୍ୱାରା ବାନ୍ଧିରଖି ଆବଶ୍ୟକ ସମୟରେ ଜୋର ପାର୍ଶ୍ୱବର୍ତ୍ତୀ ଚାଷ ଜମିରେ ଫସଲପାଇଁ ଜଳସେଚନ କରିହେବ । ନଦୀ ଓ ଜୋର ସଂଗମ ସ୍ଥଳରେ ସ୍ଲୁଇସଗେଟ ନିର୍ମାଣ ପ୍ରଶାସନିକ ଇଞ୍ଜିନିୟରଙ୍କ ଦ୍ୱାରା ସମ୍ଭବ ।

–ଗ୍ରୀଷ୍ମଋତୁରେ ଲୁଣାଜମିର ମାଟିକୁ ମୋଲଡବୋଡ ଲଙ୍ଗଳରେ ହଳ କରି ବଡ଼ ବଡ଼ ଢେଲାମାନ ଛାଡ଼ିଦେଲେ ଭୂଗର୍ଭସ୍ଥ ଲୁଣାପାଣି ମାଟି ଉପରକୁ ଉଠି ପାରେନାହିଁ ।

–ବର୍ଷା ସମୟରେ ଚାଷଜମି ଚତୁଃପାର୍ଶ୍ୱରେ ଉଚ୍ଚା ହିଡ଼ କଲେ ବର୍ଷା ଜଳ ଜମିରେ ଠିଆ ରହି ଦ୍ରବୀଭୂତ ଲୁଣକୁ ଭୂଗର୍ଭକୁ ଧୋଇନେଇ ମାଟିର ଲୁଣ ଅଂଶ କମା ଯାଇପାରେ ।

–ବାଲେଶ୍ୱର ଓ ଭଦ୍ରକ ଜିଲା ବ୍ୟତୀତ ଅନ୍ୟ ଉପକୂଳବର୍ତ୍ତୀ ଜିଲାର ଲୁଣା ମାଟି ଅମ୍ଳ । ଉଭୟ ଲବଣାଂଶ ଏବଂ ଅମ୍ଳତ୍ୱ ଦୂରପାଇଁ ଏକର ପ୍ରତି ୫୬୦ କିଲୋଗ୍ରାମ ଚୂନପଥର ଅବା ୮୭୦ କିଲୋ କାଗଜକଳ ମଇଳା ପ୍ରୟୋଗ ଦ୍ୱାରା ମାଟିର ପି.ଏଚ. ୬.୦ ରୁ ୬.୫ ମଧ୍ୟରେ ରହିବା ସହ ଚୂନ ଜାତୀୟ ପଦାର୍ଥରେ ଥିବା କ୍ୟାଲସିୟମ ମାଟିର ଲୁଣ ଅଂଶ କମାଏ ଏବଂ ଲୁଣାମାଟିରେ ଅଭାବ ଥିବା କ୍ୟାଲସିୟମକୁ ଫସଲ ପାଇଥାଏ ।

–ଲୁଣାମାଟିରେ ଗ୍ରୀଷ୍ମଋତୁରେ ଜମି ହଳ ପରେ ଏକର ପ୍ରତି ୩ ରୁ ୪ ଟନ୍ ଗୋବର ଖତ ବିଞ୍ଚି କରି ପ୍ରୟୋଗ ପରେ ମଇ ଦେଲେ ମାଟିରେ ଥିବା ଲୁଣ ଜୈବ ଅଂଶ ସହ ବାନ୍ଧିହୋଇ ଲୁଣା ଅଂଶ କମେ ।

–ଲୁଣା ଜମିରେ ଜୁନ୍ ମାସ ଦ୍ୱିତୀୟ ସପ୍ତାହରେ ଏକର ପ୍ରତି ୧୬ କିଲୋ ଫସ୍‌ଫେଟ୍ ସାର ପ୍ରୟୋଗ କରି ଅନୁମୋଦିତ ଧନିଚା ମଞ୍ଜିର ଦୁଇଗୁଣ ଅର୍ଥାତ୍ ୨୦ ରୁ ୨୪ କିଲୋ ବୁଣି ୩୫ ରୁ ୪୦ ଦିନର ଧନିଚା ଗଛକୁ ହଳକରି ମାଟିରେ ମିଶାଇ ଦେଲେ ଫସଲକୁ ଜୈବଖତ ମିଳିବା ସହ ଲୁଣ ଅଂଶ କମେ ।

–ଲୁଣା ମାଟିରେ ନୀଳ ହରିତ୍ ଶୈବାଳ ଭଲ ବଢ଼େ । ତେଣୁ ଲୁଣା ଜମିରେ ଧାନ ରୁଆର ୧୦ରୁ ୧୨ ଦିନ ପରେ ଫସ୍‌ଫେଟ୍ ସାର ପ୍ରୟୋଗ କରି ଏକର ପ୍ରତି ୧୦ କିଲୋ ନୀଳ ହରିତ୍. ଶୈବାଳ ଜୀବାଣୁ ସାରକୁ ବିଞ୍ଚି କରି ପ୍ରୟୋଗ କଲେ ଏକର ପ୍ରତି ଧାନକୁ ୧୫ରୁ ୨୦ କିଲୋ ଯବକ୍ଷାରଜାନ ଖାଦ୍ୟ ଉପାଦାନ ମିଳେ ।



–ଜଳସେଚିତ ଲୁଣା ଜମିରେ ରବି ଫସଲ କରିବାର ଥିଲେ ଜମିରେ ଉଚ୍ଚା ହୁଡ଼ା କରି ହୁଡ଼ା କଡ଼ରେ ଚାରା ଲଗାଇ ଦୁଇ ହୁଡ଼ା ନାଳୀରେ ମଧୁର ପାଣି ଛାଡ଼ିଲେ ଚାରାକୁ ଲୁଣା ବାଧେ ନାହିଁ ।

–ଲୁଣା ଜମିରେ ହେଉଥିବା ଫସଲ ପାଇଁ ଯବକ୍ଷାରଜାନ ସାର ଭାବେ କ୍ୟାଲସିୟମ ଆମୋନିୟମ ନାଇଟ୍ରେଟ ରାସାୟନିକ ସାର ଅନ୍ୟ ଯବକ୍ଷାରଜାନ ସାରଠାରୁ ଅଧିକ ଉପଯୋଗୀ । ଉକ୍ତ ସାରରେ ଥିବା କ୍ୟାଲସିୟମ ମାଟିରୁ ସୋଡିୟମକୁ ସ୍ଥାନାନ୍ତରିତ କରେ, ଦ୍ୱିତୀୟତଃ ଏଥିରେ ଥିବା ନାଇଟ୍ରେଟ୍‌କୁ ଚାରା ଶୀଘ୍ର ଗ୍ରହଣ କରି ବଢ଼େ । ପରବର୍ତ୍ତୀ ସମୟରେ ଆମୋନିୟମ ନାଇଟ୍ରେଟରେ ପରିଣତ ହୋଇ ଗଛକୁ ଗ୍ରହଣଯୋଗ୍ୟ ହୁଏ ।

–ଲୁଣା ମାଟିରେ ଲୁଣା ସହଣି ଫସଲ ଯଥା– କୁସୁମୀ, ସୂର୍ଯ୍ୟମୁଖୀ, ସୋରିଷ ଆଦି ତୈଳବୀଜ ଫସଲ ; ବିଲାତିବାଇଗଣ, ଭେଣ୍ଡି, ମୂଳା, ଫୁଲକୋବି, ବିଟ୍, ପାଳଙ୍ଗ, ପୋଇ ଆଦି ପନିପରିବା ଏବଂ କପା ଆଦିରୁ ଭଲ ଅମଳ ମିଳେ ।

–ଲୁଣା ସହଣି ଧାନ ଯଥା ଏସଆର ୨୬ବି, ଲୁଣିଶ୍ରୀ, ମୋହନ ସୋନାମଣି ଆଦି ଅଧିକା ଅମଳକ୍ଷମ ଧାନ ଏବଂ ପାଟେଣୀ, କଟକଚଣ୍ଡୀ, ରାସପରି ଆଦି ଖାଲ ଜମିରେ ଏବଂ ସୋଲା, ପାରିଜାତ ଉଚ୍ଚ ଜମିରେ ଭଲ ଅମଳ ମିଳେ ।

– ଲୁଣା ମାଟିରେ ଧାନ ଭଲ ଗଜା ହୁଏ ନାହିଁ । ତେଣୁ ମିଠା ମାଟିରେ ଧାନ ତଳି ଉତାରି ଲୁଣା ଜମିରେ ତଳି ରୋଇଲେ ଚାରା ଭଲ ବଢିବ ।

– ଗଞ୍ଜାମ ଜିଲା ଖଲ୍ଲିକୋଟ ବ୍ଲକର ରମ୍ଭା ଓ କେଶପୁର ଏବଂ ଭଦ୍ରକ ଜିଲାର ବାସୁଦେବପୁର ଓ ଚାନ୍ଦବାଲି ବ୍ଲକର କେତେକ ସ୍ଥାନରେ ଗ୍ରୀଷ୍ମଋତୁରେ ବାଷ୍ପୀକରଣ ଦ୍ୱାରା ମାଟି ଉପରକୁ ଲୁଣ ଆସି ଥାଏ । ଉକ୍ତ ଲୁଣକୁ ଫାଉଡା ବା ସୋଭେଲ ଦ୍ୱାରା ଚାଞ୍ଛି ବାହାର କରାଗଲେ ମାଟିର ଲୁଣ ଅଂଶ କିଛି କମ୍ୋ ।

*–ଶୈଳଶ୍ରୀବିହାର, ଭୁବନେଶ୍ୱର,*
*ମୋ : ୯୫୫୬୨୬୬୦୮୫*

# ଫାଟୁଆ ରୋଗର ପ୍ରତିଷେଧକ

ଗୋରୁଙ୍କଠାରେ ଦେଖାଦେଉଥିବା ସାହାଣ, ବଜବଜିଆ ଓ ଫାଟୁଆ ଆଦି ରୋଗରୁ ରକ୍ଷା ପାଇଁ ଏଫ୍.ଏମ୍.ଡି ଭାକ୍ସିନ୍ ଦେବା ବ୍ୟବସ୍ଥା ଗ୍ରହଣ କରନ୍ତୁ। କୁକୁଡ଼ାଙ୍କର ନାଲି ଝାଡ଼ା ହେଉଥିଲେ ଅଧା ଗ୍ରାମ ଫ୍ୟୁରାସଲକୁ ଏକ ଲିଟର ପାଣିରେ ମିଶାଇ ୩ଦିନ ପର୍ଯ୍ୟନ୍ତ ଦିଅନ୍ତୁ। କୁକୁଡ଼ା ଘୁମା ରୋଗର ନିୟନ୍ତ୍ରଣ ସକାଶେ ୭ଦିନରେ ଲାସୋଟା ପ୍ରତିଷେଧକ ଟିକା ଓ ୧୩–୧୫ଦିନ ଭିତରେ ଆଇ.ବି.ଡି ଟିକା ଆଖିରେ ପକାଇବାର ବ୍ୟବସ୍ଥା କରନ୍ତୁ। ବନରାଜା ଓ ଗ୍ରାମପ୍ରିୟ କୁକୁଡ଼ା ପାଳନ ପ୍ରତି ଲୋକଙ୍କ ଆଗ୍ରହ ବଢୁଥିବା ଯୋଗୁ ଚିଆଁପାଇଁ ଆଞ୍ଚଳିକ ସରକାରୀ କୁକୁଡ଼ା ଫାର୍ମ ସହ ଯୋଗାଯୋଗ କରନ୍ତୁ।

# ଅଧିକ ଅମଳକ୍ଷମ ଭେଣ୍ଡି

ବର୍ଷସାରା ଭେଣ୍ଡି ଲଗାଯାଇପାରିବ। ଉନ୍ନତ କିସମ ବିହନ ଲଗାନ୍ତୁ। ଯଥା–ଉତ୍କଳ, ଗୌରବ, ଅର୍କ, ଅନାମିକା, ଉପହାର,ପର୍ବାଣୀକ୍ରାନ୍ତି ଏବଂ ହାଇବ୍ରିଡ୍ ଜାତୀୟ ଯଥା– ବର୍ଷା,ବିଜୟ,ବିଶାଳ,ତାରା,ଆଧୁନିକ, ଅତ୍ୟାଧୁନିକ,ସୁପ୍ରୀୟ ମଧ୍ୟ ଲଗାଇ ପାରିବେ। କିସମ ଅନୁସାରେ ଏକର ପ୍ରତି ୫ରୁ ୭ କିଲୋଗ୍ରାମ୍ ବିହନ(ଉନ୍ନତ କିସମ) ଓ ସଙ୍କର ଜାତୀୟ ପାଇଁ ୧୨୫୦ରୁ ୧୫୦୦ଗ୍ରାମ୍ ବିହନ ଦରକାର ହୁଏ। ଶେଷ ଓଡ ଚାଷ ବେଳେ ଏକର ପ୍ରତି ୧୦ ଶଗଡ ଗୋବରଖତ,୪୫କି.ଗ୍ରା ଯବକ୍ଷାରଜାନ,୨୫କି.ଗ୍ରା ଫସଫରସ ଓ ୩୦ କି.ଗ୍ରା ପଟାସ୍ ସାର ଏବଂ ସଙ୍କର ଜାତୀୟ ପାଇଁ ୨୦–୨୫ ଶଗଡ ଗୋବରଖତ,୮୦କିଗ୍ରା ଯବକ୍ଷାରଜାନ ,୪୦କିଗ୍ରା ଫସଫରସ ଓ ୪୦କି.ଗ୍ରା ପଟାସ ସାର ପ୍ରୟୋଗ କରନ୍ତୁ। ଧାଡିକୁ ଧାଡି ୩୦ସେ.ମି ଓ ଗଛକୁ ଗଛ ୪୫ସେ.ମି ବ୍ୟବଧାନରେ ମଞ୍ଜି ପୋତନ୍ତୁ।



# କୁଜିସାରୁର ଉନ୍ନତ କିସମ

କୁଜିସାରୁର ଉନ୍ନତ କିସମ ମଧ୍ୟରେ ରହିଛି ତେଲିଆ, ମୁକ୍ତାକେଶୀ,ଟୋପି,ସାତମୁଖ ଓ ଝାଙ୍କଡ। ସାଧାରଣତଃ ସାରୁ ପୁଆ ବିହନ ଆକାରରେ ବ୍ୟବହାର କରନ୍ତୁ। ପୁଆଗୁଡିକ ୧୫ରୁ ୨୦ଗ୍ରାମ୍ ଓଜନର ସୁସ୍ଥ ନୀରୋଗ ସାରୁ ଲଗାନ୍ତୁ। ଏକ ଏକର ପସଲ ପାଇଁ ୪କୁଇଣ୍ଟାଲ ବିହନ ବ୍ୟବହାର କରନ୍ତୁ। ପ୍ରତି କି.ଗ୍ରା ସାରୁ ବିହନକୁ ୨ଗ୍ରାମ୍ ମେଟାଲାକ୍ସିଲ୍ ଓ ମାଙ୍କୋଜେବ୍ ମିଶ୍ରଣରେ ବିଶୋଧନ କରି ଲଗାନ୍ତୁ। ଜମିର ପ୍ରକାର ଅନୁସାରେ ୨–୩ଓଡ ଗଭୀର ଚାଷ କରି ମଇ ଦେଇ ମାଟି ଭଲ ଭାବରେ ଗୁଣ୍ଡ କରି ସମତୁଲ କରନ୍ତୁ। ଶେଷ ଓଡ ଚାଷ ପୂର୍ବରୁ ଏକର ପ୍ରତି ୪ରୁ ୫ଟନ୍ ଶଢ଼ା ଗୋବର ଖତ ମାଟି ସହ ଭଲ ଭାବରେ ମିଶାଇ ଦିଅନ୍ତୁ। ବିହନ ଲଗାଇବା ପୂର୍ବରୁ ଏକର ପ୍ରତି ୧୬କି.ଗ୍ରା ଯବକ୍ଷାରଜାନ, ୨୪କି.ଗ୍ରା ଫସଫରସ,୧୬କି.ଗ୍ରା ପଟାସ ପ୍ରୟୋଗ କରନ୍ତୁ। ପରେ ଗଜା ବାହାରିବାର ୭ରୁ ୧୦ଦିନ ପରେ ୨୦କି.ଗ୍ରା ଯବକ୍ଷାରଜାନ, ୨୦କି.ଗ୍ରା ପଟାସ ସାର ପ୍ରୟୋଗ କରନ୍ତୁ।



# ଲାଭଜନକ ଫଳଚାଷ

ଆମ ରାଜ୍ୟର ଜଳବାୟୁରେ ନାନାପ୍ରକାର ଫଳଚାଷ ଲାଭଜନକ ଭାବେ କରାଯାଇପାରିବ ଯଥା ଆମ୍ବ, ନଡିଆ, କଦଳୀ, କାଜୁବାଦାମ, ପିଜୁଳି, ସପେଟା, ଅମୃତଭଣ୍ଡା ଇତ୍ୟାଦି। ଉଚ୍ଚ ଗଡାଣିଆ ବା ଅନୁର୍ବର ଜମିରେ ମଧ୍ୟ ଫଳଚାଷ କରିହେବ। ପ୍ରଥମେ ଜମିକୁ ଭଲଭାବେ ପରିଷ୍କାର କରି ଦୁଇ ତିନି ଓଡ ଚାଷ କରନ୍ତୁ। ବର୍ଷାଋତୁ ଆରମ୍ଭରେ ଗଛ ଲଗାଇବାକୁ



ହେଲେ ଖରାଦିନରୁ ଗାତ ଖୋଳି ରଖନ୍ତୁ। ଗାତରୁ ଖୋଳା ହୋଇଥିବା ମାଟି ଓ ଗାତ ଖରା ଖାଇଗଲେ ଭଲ। ଆମ୍ବ, କମଳା, ନଡିଆ, ପିଜୁଳି, ପଣସ, ଲିଚୁ ଇତ୍ୟାଦି ପାଇଁ ଏକ ମିଟର ଗଭୀର ଓ ଏକ ମିଟର ଗୋଲେଇର ଗାତ, କଦଳୀ ଓ ଅମୃତଭଣ୍ଡା ପାଇଁ ଅଧ ମିଟର ଗଭୀର ଓ ଅଧ ମିଟର ଗୋଲେଇର ଗାତ ଦରକାର। ସପୁରି ପାଇଁ ୩୦ସେମି ଚଉଡା ଓ ୧୫ସେ.ମି. ଗଭୀରରେ ନାଳୀ ଖୋଳନ୍ତୁ।

# ସମନ୍ୱିତ କୃଷିର ଏକ ପରିକଳ୍ପନା



ବୀରକିଶୋର ପରିଡା

ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ। ଏଠାକାର ଅଧିକାଂଶ ଲୋକ କୃଷି ଓ ଆନୁଷଙ୍ଗିକ କୃଷି ଯଥା – ପ୍ରାଣୀପାଳନ, ମତ୍ସ୍ୟଚାଷ, ଉଦ୍ୟାନ କୃଷି (ଫଳ, ପନିପରିବା, ଫୁଲ ଇତ୍ୟାଦି) ଉପରେ ନିର୍ଭର କରି ଚାଲନ୍ତି । ଆମ ରାଜ୍ୟର କୃଷି ପ୍ରଣାଳୀ ଅନ୍ୟରାଜ୍ୟଠାରୁ ଭିନ୍ନ । ରାଜ୍ୟରେ ବହୁ ନଦୀ ନାଳ ସହିତ କେଉଁଠି ଉଚ୍ଚ ପାହାଡ଼ିଆ ତ କେଉଁଠି ମାଳଭୂମି ଅଞ୍ଚଳ। ଏସବୁ ଅଞ୍ଚଳରେ ବର୍ଷାଦିନେ ସୋପାନ ପ୍ରଣାଳୀରେ ଧାନ, ଚିନାବାଦାମ, ପନିପରିବା, ମକା ଆଦି ଚାଷ ହୋଇଥାଏ। ଅବଶ୍ୟ ଗ୍ରାମାଞ୍ଚଳରେ ଅଧିକାଂଶ ଚାଷୀ କ୍ଷୁଦ୍ର ଓ ନାମମାତ୍ର ହୋଇଥିବାରୁ ଛୋଟ ଛୋଟ ଜମିରେ ଅଳ୍ପ ଅଳ୍ପ ଚାଷ କରି ବିଶେଷ ଲାଭବାନ ହୋଇପାରୁନାହାନ୍ତି। ତେଣୁ ସମନ୍ୱିତ କୃଷି ପ୍ରଣାଳୀକୁ ଆପଣାଇଲେ ସେମାନେ ଲାଭବାନ ହୋଇପାରିବେ ।

**ଜମି ଓ ଆନୁଷଙ୍ଗିକ ଆବଶ୍ୟକତା:** ଆମ ରାଜ୍ୟରେ ବନ୍ୟା, ବାତ୍ୟା ଓ ମରୁଡ଼ି ପ୍ରଭାବରେ ଚାଷୀଙ୍କର ମେରୁଦଣ୍ଡ ଭାଙ୍ଗିପଡୁଛି । ଏଥିସହିତ ଜଳବାୟୁରେ ବ୍ୟାପକ ପରିବର୍ତ୍ତନ ଯୋଗୁ ବର୍ଷା, ଗ୍ରୀଷ୍ମ ଓ ଶୀତରେ ଅନିୟମିତତା ଦେଖାଦେବା ଯୋଗୁ ଚାଷ ଉପରେ ପ୍ରତିକୂଳ ପ୍ରଭାବ ବିସ୍ତାର କରିଛି। ଅପରପକ୍ଷରେ ବିଭିନ୍ନ ଖାଦ୍ୟଶସ୍ୟ ବା ଫସଲ ଯଥା – ଧାନରେ ଚକଡ଼ା, ବିରିମୁଗରେ କାଳିମୁଣ୍ଡି, ଜଉପୋକ ଆଦି ଚାଷୀର ଆର୍ଥିକ ମେରୁଦଣ୍ଡକୁ ଦୋହଲାଇ ଦେଉଛି । ତେଣୁ ପରିବର୍ତ୍ତିତ ଜଳବାୟୁ ସହିତ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟକୁ ଦୃଷ୍ଟିରେ ରଖି ସମନ୍ୱିତ ଚାଷ ସହିତ ମିଶ୍ରତ ଚାଷ ଉପରେ ଗୁରୁତ୍ୱ ଦେବାକୁ ହେବ । ରାଜ୍ୟ ନଦୀନାଳରେ ପରିପୂର୍ଣ୍ଣ ଆଉ ଏଠାରେ ଖାଲୁଆ ଜମିର ଅଭାବ ନ ଥିବାରୁ ସମନ୍ୱିତ କୃଷି କରି ଅଧିକ ରୋଜଗାରକ୍ଷମ ହେବା ପାଇଁ ମନ ବଳେଇବା ଆବଶ୍ୟକ ।

**ମିଶ୍ରତି କୃଷି:** ଏକ ସାଧାରଣ ଭିତ୍ତିଭୂମିର ଆଧାରରେ ନିର୍ଦ୍ଦିଷ୍ଟ ଏକକ ଅଞ୍ଚଳରେ ପରସ୍ପର ଚାଷ ପ୍ରଣାଳୀ ମଧ୍ୟରେ ସମନ୍ୱୟ ରକ୍ଷା କରି ଯେଉଁ ଚାଷ କରାଯାଏ ତାହାକୁ ମିଶ୍ରିତ ଚାଷ କୁହାଯାଏ । ଉଦାହରଣ – ଚିନାବାଦାମ ଫସଲ ସହ ସୋରିଷ, ଯଅ ଆଦି ଚାଷ କରିବା। ପୋଖରୀର ବିଭିନ୍ନ ସ୍ତରରେ ରହି କାର୍ପ ବା କାତିଲଗା ମାଛ ଯଥା– ଭାକୁଡ଼, ରୋହି, ମିରିକାଳି, ରୂପାପେଟି, ଦଳଖାଇ, ବିଲାତି ରୋହି ଖାଦ୍ୟ ସଂଗ୍ରହ କରନ୍ତି । ଏ ସମସ୍ତ ମାଛଙ୍କୁ ଏକାଠି ପୋଖରୀରେ ପାଳନ କରିବାକୁ ମିଶ୍ରିତମାଛ ଚାଷ କୁହାଯାଏ । ସେହିପରି ସବୁଜ ଗୋଖାଦ୍ୟ ଫସଲ ମିଶ୍ରିତ ଚାଷ ହିସାବରେ ସଙ୍କର ହାତିଆ ଘାସ ସହିତ ବରଗୁଡ଼ି, ଓଟ୍, ବରସମ୍ ଆଦି ଋତୁ ଅନୁଯାୟୀ କରାଯାଇଥାଏ ।

**ସମନ୍ୱିତ କୃଷି :** ଯେଉଁ ସବୁ ଚାଷ ପରସ୍ପର ଉପରେ ନିର୍ଭରଶୀଳ ଓ ଉତ୍ପାଦନ ବଢ଼ାଇବାରେ ପରସ୍ପରକୁ ସାହାଯ୍ୟ କରନ୍ତି, ସେସବୁ ଚାଷକୁ ସମନ୍ୱିତ ଚାଷ କୁହାଯାଏ। ଏକାଧିକ ଚାଷ ଗୋଟିଏ ଜାଗାରେ ହେଉଥିବାରୁ ପରିଚାଳନାରେ ସୁବିଧା ହୁଏ । ମାଛ ଚାଷ ସହିତ ପୋଖରୀ ହୁଡ଼ାରେ ଅନ୍ୟାନ୍ୟ କୃଷିଜାତ ଶସ୍ୟ ଓ ପ୍ରାଣୀପାଳନ କରି ଅଧିକ ଅର୍ଥ ଉପାର୍ଜନ କରାଯାଇପାରିବ ।



> ‘କୃଷି ଓଡ଼ିଶା –୨୦୨୧’
> ଭୁବନେଶ୍ୱରସ୍ଥିତ ବରମୁଣ୍ଡା ବିଜୁ ପଟ୍ଟନାୟକ ଖେଳ ପଡ଼ିଆଠାରେ ଚଳିତ ମାସ ୧୫ରୁ ୧୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଅଛି । ଏହି କାର୍ଯ୍ୟକ୍ରମର ମୁଖ୍ୟ ବିଷୟବସ୍ତୁ – ସମନ୍ୱିତ ଚାଷ, ଚାଷୀର ବିକାଶ ।

**ମାଛ ଓ ପ୍ରାଣୀପାଳନ :** ସମନ୍ୱିତ ଚାଷରେ ପ୍ରାଣୀଙ୍କ ମଳମୂତ୍ର ପୋଖରୀରେ ଉର୍ବରତା ବଢ଼ାଇ ମାଛ ବଢ଼ିବାରେ ସାହାଯ୍ୟ କରେ ଏବଂ ଅନ୍ୟ ଦିଗରେ ପୋଖରୀ ହୁଡ଼ାରେ ଚାଷ ହେଉଥିବା ଘାସ ପନିପରିବାର ଅବଶିଷ୍ଟାଂଶ ପ୍ରାଣୀମାନେ ଖାଇ ବଢ଼ନ୍ତି । ଏହା ଏକ ସହଜ ସମନ୍ୱିତ ଚାଷର ଉଦାହରଣ ।

**ମାଛ–ଗୋପାଳନ :** ଏହା ଏକ ସହଜ ସମନ୍ୱିତ ଚାଷର ଉଦାହରଣ। ମାଛ ଚାଷ ପାଇଁ ଏକ ଏକର ଜାଗାରେ ବର୍ଷକୁ ଯେତିକି ଗୋବର ଆବଶ୍ୟକ, ତାହା ୩–୪ଟି ଗାଈ ପାଳିଲେ ମିଳିଥାଏ । ପୋଖରୀ ହୁଡ଼ା ଉପରେ ଗୁହାଳ କରିଲେ, ଗାଈଙ୍କ ମଳ, ମୂତ୍ର ଓ ଗୁହାଳରେ ଥିବା ପାଣି ସବୁ ସିଧା ପୋଖରୀକୁ ଛାଡ଼ିହୁଏ । ପୋଖରୀରେ ମାଛଚାଷଜନିତ ହୋଇଥିବା ପଙ୍କକୁ ହୁଡ଼ା ଉପରେ ପକାଇ ସବୁଜ ଗୋଖାଦ୍ୟ ଫସଲ କରି ଗାଈଙ୍କୁ ଦିଆଯାଇପାରିବ । ଏପରି ସମନ୍ୱିତ ଚାଷ କଲେ କ୍ଷୀର ସହିତ ବର୍ଷକୁ ୧୬୦୦ ରୁ ୧୮୦୦ କି.ଗ୍ରା. ପର୍ଯ୍ୟନ୍ତ ମାଛ ମିଳିଥାଏ ।

**ମାଛ–କୁକୁଡ଼ା ପାଳନ :** ମାଛ ଚାଷ ସହିତ କୁକୁଡ଼ା ପାଳନ ଏକ ଲାଭଜନକ ବ୍ୟବସାୟ । କୁକୁଡ଼ାର ମଳ ପୋଖରୀର ଏକ ଉତ୍କୃଷ୍ଟ ଜୈବିକ ଖତର ଆବଶ୍ୟକତା ପୂରଣ କରିଥାଏ। ଏକ ଏକର ପୋଖରୀରେ ମାଛଚାଷ ପାଇଁ ଦରକାର ହେଉଥିବା ଖତସାର ୨୦୦ରୁ ୨୪୦ଟି କୁକୁଡ଼ାଙ୍କଠାରୁ ମିଳିଥାଏ। ।

**ମାଛ ଚାଷ ଓ ଅନ୍ୟାନ୍ୟ କୃଷିର ସମନ୍ୱୟ:** ମାଛ ଚାଷ ସହିତ ପୋଖରୀ ହୁଡ଼ାରେ ବିଭିନ୍ନ ପ୍ରକାରର ଫଳ, ପନିପରିବା, ଫୁଲ, ସବୁଜ ଗୋଖାଦ୍ୟ ଫସଲ ଇତ୍ୟାଦି ଚାଷ କରାଯାଏ । ଭଲ ଫସଲ ପାଇଁ ପୋଖରୀରୁ ପାଣି ଓ ଉର୍ବର ପଙ୍କ ନେଇ ବ୍ୟବହାର କରାଯାଇପାରିବ। ଫସଲରୁ ବାହାରୁଥିବା ସବୁଜ ପତ୍ର ଆଦି ଗ୍ରାସ କାର୍ପ ବା ଦଳଖିଆ ରୋହି ମାଛର ପ୍ରିୟଖାଦ୍ୟ । ପୋଖରୀ ହୁଡ଼ା ଗଡ଼ାଣିରେ କନ୍ଦମୂଳ ଚାଷ କଲେ ଏହା ହୁଡ଼ାର ମାଟିକୁ ଧୋଇଦିଏ ନାହିଁ ଏବଂ ଏହାର ପତ୍ର ମାଛ ଖାଦ୍ୟରୂପେ ଗ୍ରହଣ କରିଥାନ୍ତି । ପୋଖରୀ ଭିତର ଆଡ଼କୁ ମଞ୍ଚା ତିଆରି କରି ଲତାଜାତୀୟ ପନିପରିବା ଚାଷ କରାଯାଇ ହୁଡ଼ାରୁ ମଞ୍ଚାଆଡ଼କୁ ମଡ଼ାଯାଇପାରିବ। ଏହି ଉପାୟରେ ଚାଷ କଲେ, ପନିପରିବା ଉତ୍ପାଦନ ପାଇଁ ଅଧିକ ଜାଗା ଦରକାର ହୁଏ ନାହିଁ । ପୋଖରୀ ହୁଡ଼ାରେ ଫୁଲକୋବି, ବନ୍ଧାକୋବି, କଦଳୀ, ଭେଣ୍ଡି, ବିନ୍‌ସ୍, ଅମୃତଭଣ୍ଡା, ଟମାଟୋ ଆଦି ଚାଷ କଲେ ଅଧିକ ଉତ୍ପାଦନ ସହିତ ସମନ୍ୱିତ କୃଷିରୁ ଲାଭ ମିଳିଥାଏ ।

*–ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ, ଭୁବନେଶ୍ୱର*
*ମୋ : ୯୪୩୭୬୦୭୩୧୨*

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ବୁଧବାର, ମାର୍ଚ୍ଚ ୧୭/୨୦୨୧ Bhubaneswar, Wednesday, March 17/ 2021

# ସୁଶ୍ରୀ, ମଧୁସ୍ମିତା ଓଡ଼ିଶାକୁ ଜିତାଇଲେ

**ଜାତୀୟ ସିନିୟର ଏକଦିବସୀୟ ମହିଳା କ୍ରିକେଟ**

ଭୁବନେଶ୍ୱର,୧୬।୩(ସ୍ପୋର୍ଟ୍ସ ବ୍ୟୁରୋ)

ସୁଶ୍ରୀ ଦିବ୍ୟଦର୍ଶନୀ ପ୍ରଧାନଙ୍କ ଚମତ୍କାର ବ୍ୟାଟିଂ ଏବଂ ଅଧିନାୟିକା ମଧୁସ୍ମିତା ବେହେରାଙ୍କ ୫ ଉଇକେଟ ସଫଳତା ବଳରେ ଓଡ଼ିଶା ସୁରଟ୍‌ର ସି.କେ. ପିଥାୱାଲା ଗ୍ରାଉଣ୍ଡରେ ଚାଲିଥିବା ଜାତୀୟ ସିନିୟର ଏକଦିବସୀୟ ମହିଳା କ୍ରିକେଟ ଟୁର୍ନାମେଣ୍ଟର ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ତ୍ରିପୁରାକୁ ୪୩ ରନରେ ପରାସ୍ତ କରିଛି। ପୂର୍ବ ମ୍ୟାଚରେ ହାଇଦ୍ରାବାଦକୁ ୯ ଉଇକେଟରେ ହରାଇଥିବା ଓଡ଼ିଶାର ଏହା କ୍ରମାଗତ ଦ୍ୱିତୀୟ ବିଜୟ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିବା ଓଡ଼ିଶା ୫୦ ଓଭରରେ ୮ ଉଇକେଟ ହରାଇ ୧୬୩ ରନ କରିଥିଲା। ଟପ୍ ଅର୍ଡରର ବ୍ୟାଟ୍ସଓମ୍ୟାନମାନେ ପ୍ରଭାବହୀନ ରହିଥିବାବେଳେ ଅଲରାଉଣ୍ଡର ସୁଶ୍ରୀ ୮୨ ବଲ୍‌ରୁ ୫୯ ରନରେ ଅପରାଜିତ ରହି ଦଳକୁ ସମ୍ମାନଜନକ ସ୍କୋରରେ ପହଞ୍ଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ମାଧୁରୀ ମେହେଟା ୫୨ ବଲ୍‌ରୁ ୨୯ ଓ କାଜଲ ଜେନା ୫୯ ବଲ୍‌ରୁ ୨୮ ରନ କରିଥିଲେ। ବିପକ୍ଷ ଦଳର ଏ.ବି. ଦାସ ସର୍ବାଧିକ ୩ଟି ଉଇକେଟ ନେଇଥିଲେ। ୧୬୪ ରନ ବିଜୟ ଲକ୍ଷ୍ୟର ପିଛା କରିଥିବା ତ୍ରିପୁରା ମଧୁସ୍ମିତାଙ୍କ ଚମତ୍କାର ବୋଲିଂ ଯୋଗୁ ୪୮.୨ ଓଭରରେ ୧୨୦ ରନରେ ସୀମିତ ରହି ଯାଇଥିଲା। ଦଳ ପକ୍ଷରୁ ମୌଚାଲି ଦେବନାଥ ସର୍ବାଧିକ ୩୧ ଓ ଏନ.ଏନ. ଦେବନାଥ ୨୨ ରନ କରିଥିଲେ। ଓଡ଼ିଶା ଅଧିନାୟିକା ମଧୁସ୍ମିତା ନିଜ ୯ ଓଭର ସ୍ପେଲ୍‌ରେ ୨ଟି ମେଡେନ ନେବାସହ ମାତ୍ର ୧୫ ରନ ଦେଇ ୫ ଉଇକେଟ ଅକ୍ତିଆର କରିଥିଲେ। ସୁଜାତା ମଲିକଙ୍କୁ ୨ଟି ଓ ରସନାରା ପରବିନଙ୍କୁ ଗୋଟିଏ ଉଇକେଟ ମିଳିଥିଲା। ଓଡ଼ିଶା ଏହାର ପରବର୍ତ୍ତୀ ମ୍ୟାଚ ୧୮ ତାରିଖରେ ଛତିଶଗଡ଼ ବିପକ୍ଷରେ ଖେଳିବ।


ସୁଶ୍ରୀ ଦିବ୍ୟଦର୍ଶନୀ


ମଧୁସ୍ମିତା ବେହେରା

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ୫୦ ଓଭରରେ ୧୬୩/୮(ସୁଶ୍ରୀ ଦିବ୍ୟଦର୍ଶନୀ-୫୯*, ମାଧୁରୀ ମେହେଟା-୨୯, କାଜଲ ଜେନା-୨୮, ଏ.ବି. ଦାସ-୩/୧୪)। ତ୍ରିପୁରା ୪୮.୨ ଓଭରରେ ୧୨୦/ଅଲଆଉଟ( ମୌଚାଲି ଦେବନାଥ-୩୧, ମଧୁସ୍ମିତା-୫/୧୫, ସୁଜାତା ୨/୨୧)।

# ଜୁନିୟର ଏକାଡେମୀ ମହିଳା ହକି ଆଜିଠାରୁ

ଭୁବନେଶ୍ୱର, ୧୬।୩(କ୍ରୀଡ଼ା ପ୍ରତିନିଧି)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ସର୍ବପ୍ରଥମ ହକି ଇଣ୍ଡିଆ ଜାତୀୟ ଜୁନିୟର ଏବଂ ସବ୍‌ଜୁନିୟର ଏକାଡେମୀ ମହିଳା ହକି ଟୁର୍ନାମେଣ୍ଟ ବୁଧବାରଠାରୁ ଆରମ୍ଭ ହେବ। ପ୍ରତିଯୋଗିତାର ଜୁନିୟର ବିଭାଗ ପୁଲ୍ 'ଏ'ରେ ଭାଇ ବେହଲୋ ହକି ଏକାଡେମୀ ଭାଗତା, ମୁମ୍ବାଇ ସ୍କୁଲ୍ସ ସ୍ପୋର୍ଟ୍ସ ଆସୋସିଏଶନ, ଓଡ଼ିଶା ନାଭାଲ ଟାଟା ହକି ହାଇପରଫର୍ମାନ୍ସ ସେଣ୍ଟର ରହିଥିବାବେଳେ ପୁଲ୍ 'ବି'ରେ ହର୍ ହକି ଏକାଡେମୀ, ମଧ୍ୟପ୍ରଦେଶ ହକି ଏକାଡେମୀ, ପିକେଏମ୍ ହକି ଏକାଡେମୀ ଓ ତାମିଲନାଡୁ ସ୍ଥାନ ପାଇଛି। ସେହିପରି ପୁଲ୍ 'ସି'ରେ ଧ୍ୟାନଚାନ୍ଦ ହକି ଏକାଡେମୀ, ଅମୃତସର ଖାଲ୍‌ସା ହକି ଏକାଡେମୀ, ରାଜା କରନ ହକି ଏକାଡେମୀ, ସାଲୁଟେ ହକି ଏକାଡେମୀ ଏବଂ ପୁଲ୍ 'ଡି'ରେ ଘୁମାନହୀରା ରାଇଜର୍ସ ଏକାଡେମୀ, ଜୟ ଭାରତ ହକି ଏକାଡେମୀ, ରାଉଣ୍ଡଗ୍ଲାସ ପଞ୍ଜାବ ହକି କ୍ଲବ ଏକାଡେମୀ ଓ ସାଇ ଏକାଡେମୀ ରହିଛି। ସେହିପରି ସବ୍‌ଜୁନିୟର ବିଭାଗର ପୁଲ୍ 'ଏ'ରେ ଧ୍ୟାନଚାନ୍ଦ ହକି ଏକାଡେମୀ, ମାର୍କଣ୍ଡେଶ୍ୱର ହକି ଏକାଡେମୀ, ମୁମ୍ବାଇ ସ୍କୁଲ୍ସ ସ୍ପୋର୍ଟ୍ସ ଆସୋସିଏଶନ, ରାଉଣ୍ଡଗ୍ଲାସ ପଞ୍ଜାବ ହକି କ୍ଲବ ଏକାଡେମୀ ଓ ସାଇ ଏକାଡେମୀ ସ୍ଥାନ ପାଇଛି। ପୁଲ୍ 'ବି'ରେ ଜୟ ଭାରତ ହକି ଏକାଡେମୀ, ମଧ୍ୟପ୍ରଦେଶ ହକି ଏକାଡେମୀ, ଓଡ଼ିଶା ନାଭାଲ ଟାଟା ହକି ହାଇପରଫର୍ମାନ୍ସ ସେଣ୍ଟର, ଅଲିମ୍ପିଆନ ବିବେକ ସିଂ ହକି ଏକାଡେମୀ ଓ ତାମିଲନାଡୁ ହକି ଏକାଡେମୀ ସାମିଲ ଅଛି। ସବ୍‌ଜୁନିୟର ବିଭାଗରେ ଚଳିତ ମାସ ୨୫ ଓ ଜୁନିୟରରେ ୨୬ ତାରିଖରେ ପ୍ରତିଯୋଗିତା ଶେଷ ହେବ। ମ୍ୟାଚଗୁଡ଼ିକ କଳିଙ୍ଗ ଷ୍ଟାଡିୟମର ମୁଖ୍ୟ ପିଚ୍ ଓ ଅଭ୍ୟାସ ପିଚ୍‌ରେ ଖେଳାଯିବ।

# ନିମପୁର ଜିତିଲା ଉଦ୍‌ଘାଟନୀ ମ୍ୟାଚ


ଉଦ୍‌ଘାଟନୀ ଉତ୍ସବରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ ସହ ଅନ୍ୟ ଅତିଥି ଓ ଖେଳାଳିମାନେ।

**ପ୍ରାଚୀ ମେମୋରିଆଲ କ୍ରିକେଟ**

ଭୁବନେଶ୍ୱର, ୧୬।୩(କ୍ରୀଡ଼ା ପ୍ରତିନିଧି)

ନହରକଣ୍ଟାର ଶ୍ରୀ ଜୟଦେବ ସ୍ପୋର୍ଟ୍ସ ଆସୋସିଏଶନ (ଏସ୍‌ଜେଏସ୍‌ଏ) ଆନୁକୂଲ୍ୟରେ ୧୯ ବର୍ଷରୁ କମ୍ ପ୍ରାଚୀ ଭୂଷଣ ତ୍ରିପାଠୀ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ଆରମ୍ଭ ହୋଇଛି। ଶ୍ରୀ ଜୟଦେବ କଲେଜ ପଡ଼ିଆରେ ଅନୁଷ୍ଠିତ ଉଦ୍‌ଘାଟନୀ ମ୍ୟାଚରେ ନିମପୁର ସ୍ପୋର୍ଟ୍ସ କ୍ଲବ ୪୧ ରନରେ ଆୟୋଜକ ଏସ୍‌ଜେଏସ୍‌ଏକୁ ପରାସ୍ତ କରିଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ନିମପୁର ଦଳ ନିର୍ଦ୍ଧାରିତ ୩୦ ଓଭରରେ ୮ ଉଇକେଟ ହରାଇ ୨୧୫ ରନ କରିଥିଲା। ଦଳ ପକ୍ଷରୁ ଅଜୟ ରାଉତ ୩୯ ବଲ୍‌ରୁ ସର୍ବାଧିକ ୭୧, ମନୋରଞ୍ଜନ ଦାସ ୫୨ ବଲ୍‌ରୁ ୪୫ ଓ ସ୍ୱାଧୀନ କେଶରୀ ପାତ୍ର ୨୮ ବଲ୍‌ରୁ ୩୦ ରନ କରିଥିଲେ। ବିପକ୍ଷ ଦଳର ସର୍ଫରାଜ ଖାଜେ ୩ଟି ଓ ଜନସନ କୁମାର ୨ଟି ଉଇକେଟ ନେଇଥିଲେ। ୨୧୬ ରନ ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ଏସ୍‌ଜେଏସ୍‌ଏ ୩୦ ଓଭରରେ ୮ ଉଇକେଟ ହରାଇ ୧୭୪ ରନ କରିବାକୁ ସକ୍ଷମ ହୋଇଥିଲା। ସୁଧାଂଶୁ ଜେନା ୬୭ ବଲ୍‌ରୁ ସର୍ବାଧିକ ୮୩ ରନ କରିଥିଲେ ହେଁ ଅନ୍ୟ ଖେଳାଳିଙ୍କ ବିଫଳତା ଯୋଗୁ ଦଳ ପରାଜିତ ହୋଇଥିଲା। ବିଜୟୀ ଦଳର ମନୋରଞ୍ଜନ ଦାସ ୩ଟି ଓ ବିଶ୍ୱଜିତ ମହାପାତ୍ର ୨ଟି ଉଇକେଟ ନେଇଥିଲେ। ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ମନୋରଞ୍ଜନ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ। ଅମ୍ପାୟର ରଣଜିତ ମହାରଣା ଓ ଅୟସକାନ୍ତ ମିଶ୍ର ମ୍ୟାଚ ପରିଚାଳନା କରିଥିଲେ। ପ୍ରିୟାଂଶୁ ଜେନା ସ୍କୋରର ଥିବାବେଳେ ରାଜେନ୍ଦ୍ର ବେହେରା ଭାଷ୍ୟକାର ଦାୟିତ୍ୱ ନିର୍ବାହ କରିଥିଲେ।

ଆରମ୍ଭରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ବିଧାୟକ ତଥା ଏସଜେଏସ୍‌ଏ ସଭାପତି ସୁଶାନ୍ତ କୁମାର ରାଉତ, ସମ୍ପାଦକ ଶରତ କୁମାର ସାହୁ, ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା, ସାମାଜିକ କର୍ମୀ ଅକ୍ଷୟ ଲେଙ୍କା, ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଲେଭଲ-୧ ଅମ୍ପାୟର ତଥା କ୍ୟୁରେଟର ବିଭୁ ଶତପଥୀ, ପ୍ରାଚୀଭୂଷଣଙ୍କ ପୁତ୍ର ପ୍ରଭାତ ତ୍ରିପାଠୀ, ଏସ୍‌ଜେଏସ୍‌ଏ ଉପସଭାପତି ବଲ୍ଲଭ ସାହୁ, ପ୍ରତିଷ୍ଠିତ ଅମ୍ପାୟର ପବିତ୍ର ପ୍ରଧାନ, ଚନ୍ଦ୍ର ପ୍ରସନ୍ନ ମହାପାତ୍ର, କଲେଜ ପ୍ରିନ୍ସିପାଲ ଡ. ପ୍ରଭୁଚରଣ ଗୋଛାୟତ, ଭାଇସ ପ୍ରିନ୍ସିପାଲ ଡ. ଲକ୍ଷ୍ମୀକାନ୍ତ ରାୟ, ସ୍ପୋର୍ଟ୍ସ ଅଫିସର ଦକ୍ଷବ୍ରହ୍ମା ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିଯୋଗିତାରେ କଟକ ଓ ଭୁବନେଶ୍ୱରର ୧୬ଟି ଦଳ ଭାଗ ନେଇଛନ୍ତି।

# ଟପ୍ ୨୦ରେ ପୁନମ ରାଉତ

**ମହିଳା ଆଇସିସି ଦିନିକିଆ ର୍‍ୟାଙ୍କିଙ୍ଗ୍**

**ଦୁବାଇ,୧୬।୩ (ପି.ଟି.):** ଦକ୍ଷିଣ ଆଫ୍ରିକା ବିପକ୍ଷ ଘରୋଇ ଦିନିକିଆ ସିରିଜରେ ଦମ୍‌ଦାର ପ୍ରଦର୍ଶନ କରି ଭାରତୀୟ ମହିଳା କ୍ରିକେଟର ପୁନମ ରାଉତ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ମହିଳା ଦିନିକିଆ ର୍‍ୟାଙ୍କିଙ୍ଗ୍‌ର ଶ୍ରେଷ୍ଠ ୨୦ରେ ସ୍ଥାନ ପାଇଛନ୍ତି। ମଙ୍ଗଳବାର ପ୍ରକାଶିତ ର୍‍ୟାଙ୍କିଙ୍ଗ୍‌ରେ ପୁନମ ବ୍ୟାଟିଂ ତାଲିକାରେ ଉନ୍ନତି କରିଛନ୍ତି। ପୂର୍ବରୁ ସେ କ୍ୟାରିୟର ଶ୍ରେଷ୍ଠ ୧୩ତମ ସ୍ଥାନ ଅଧିକାର କରିଥିଲେ। ତେବେ ଏବେ ସେ ୮ଟି ସ୍ଥାନ ଉପରକୁ ଉଠି ୧୮ତମ ସ୍ଥାନ ଅଧିକାର କରିଛନ୍ତି। ଗତ ୩ଟି ମ୍ୟାଚ୍‌ରେ ସେ ଅପରାଜିତ ୬୨, ୭୭ ଓ ଅପରାଜିତ ୧୦୪ ରନର ଶତକୀୟ ପାଳି ଖେଳିଛନ୍ତି। ଓପନର ସ୍ମୃତି ମାନ୍ଧନା ପୂର୍ବପରି ୭ମ ସ୍ଥାନରେ ରହି ଶ୍ରେଷ୍ଠ ଭାରତୀୟ ବ୍ୟାଟ୍ସଓମ୍ୟାନ ବିବେଚିତ ହୋଇଛନ୍ତି। ଅଧିନାୟିକା ମିଥାଲି ରାଜ ୯ମ ସ୍ଥାନରେ ରହିଛନ୍ତି। ଉପଅଧିନାୟିକା ହରମନପ୍ରୀତ କୌର ଦୁଇଟି ସ୍ଥାନ ଉପରକୁ ଉଠି ୧୫ତମ ସ୍ଥାନରେ ରହିଛନ୍ତି। ସେହିପରି ବୋଲିଂ ତାଲିକାରେ ହରମନପ୍ରୀତ ୩ଟି ସ୍ଥାନ ଉପରକୁ ଉଠି ୪୯ତମ ସ୍ଥାନ ଅଧିକାର କରିଛନ୍ତି। ବାମହାତୀ ସ୍ପିନର ରାଜେଶ୍ୱରୀ ଗାଏକ୍ୱାଡ ୪ଟି ସ୍ଥାନ ଉପରକୁ ଉଠି ୧୮ତମ ସ୍ଥାନରେ ରହିଛନ୍ତି। ସେ ଗତ ୩ଟି ମ୍ୟାଚ୍‌ରେ ୫ଟି ଉଇକେଟ ହାସଲ କରିଛନ୍ତି। ସେହିପରି ବ୍ୟାଟିଂ ତାଲିକାରେ ସେ ୫ଟି ସ୍ଥାନ ଉପରକୁ ଉଠି ୭୧ତମ ସ୍ଥାନରେ ରହିଛନ୍ତି। ସୁଷମା ବର୍ମା ବ୍ୟାଟିଂ ତାଲିକାରେ ୩ଟି ସ୍ଥାନ ଉପରକୁ ଉଠି ୮୧ତମ, ମାନସୀ ଜୋଶୀ ବୋଲିଂ ତାଲିକାରେ ୫ଟି ସ୍ଥାନ ଉପରକୁ ଉଠି ୬୪ତମ ସ୍ଥାନ ଅଧିକାର କରିଛନ୍ତି। ଦକ୍ଷିଣ ଆଫ୍ରିକା ଓପନର ଲିଜେଲ ଲି ୭ଟି ସ୍ଥାନ ଉପରକୁ ଉଠି ବ୍ୟାଟିଂ ତାଲିକାର ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି। ଗତ ସପ୍ତାହରେ ୩ଟି ମ୍ୟାଚ୍‌ରେ ସେ ୪, ଅପରାଜିତ ୧୩୨ ଓ ୬୯ ରନ ସଂଗ୍ରହ କରିଛନ୍ତି।







# ଦୂତୀଙ୍କୁ ରୌପ୍ୟ, ଅମିୟ ୭ମ

**ଭୁବନେଶ୍ୱର, ୧୬।୩ (କ୍ରୀଡ଼ା ପ୍ରତିନିଧି):** ପଟିଆଲାର ଏନ୍‌ଏସ ଏନ୍‌ଆଇଏସ୍‌ରେ ଆରମ୍ଭ ହୋଇଥିବା ୨୪ତମ ଜାତୀୟ ଫେଡେରେଶନ କପ୍ ସିନିୟର ଆଥଲେଟିକ୍ ଚାମ୍ପିୟନଶିପ୍‌ର ମହିଳା ୧୦୦ ମିଟର ଇଭେଣ୍ଟରେ ଜାତୀୟ ରେକର୍ଡଧାରିଣୀ ଓଡ଼ିଶାର ଦୂତୀ ଚାନ୍ଦ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ମଙ୍ଗଳବାର ଅନୁଷ୍ଠିତ ଫାଇନାଲରେ ଦୂତୀ ୧୧.୫୮ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ହିଟ୍‌ରେ ଭଲ ଟାଇମିଂ ରଖିଥିବା ତାମିଲନାଡୁର ଧନଲକ୍ଷ୍ମୀ ସେହି ପ୍ରଦର୍ଶନ ବଜାୟ ରଖି ୧୧.୩୯ ସେକେଣ୍ଡ ସହିତ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ଅନ୍ୟତମ ତାମିଲନାଡୁ ଧାବିକା ଅର୍ଚ୍ଚନା ସୁସେନ୍ଦ୍ରନ ୧୧.୭୬ ସେକେଣ୍ଡ ସମୟ ସହ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ପଶ୍ଚିମବଙ୍ଗର ହିମାଶ୍ରୀ ରାୟ, କର୍ଣ୍ଣାଟକର ଧନେଶ୍ୱରୀ ଏ.ଟି., ତାମିଲନାଡୁର ସି. କାନିମୋଝି ଓ ମହାରାଷ୍ଟ୍ରର ଡିଣ୍ଡ୍ରା ଗୁଡ୍‌ଲି ଭାଲାଡା ପରବର୍ତ୍ତୀ ୪ ସ୍ଥାନରେ ରହିଛନ୍ତି। ଫଲ୍ସ ଷ୍ଟାର୍ଟ ଯୋଗୁ ଆସାମର ହିମା ଦାସ ରେସ୍‌ରୁ ବାଦ୍ ପଡ଼ିଥିଲେ। ପୁରୁଷ ବିଭାଗରେ ଜାତୀୟ ରେକର୍ଡଧାରୀ ଓଡ଼ିଶାର ଅମିୟ କୁମାର ମଲିକ ନିରାଶ କରିଛନ୍ତି। ୮ ପ୍ରତିଯୋଗୀ ବିଶିଷ୍ଟ ପୁରୁଷ ୧୦୦ ମିଟର ଫାଇନାଲରେ ସେ ୧୦.୭୫ ସେକେଣ୍ଡ ସମୟ ନେଇ ୭ମ ସ୍ଥାନରେ ରହିଛନ୍ତି। ହିଟ୍ ଓ ସେମିଫାଇନାଲରେ ଅମିୟ ୧୦.୭୩ ସେକେଣ୍ଡ ସମୟ ନେଇଥିଲେ। ପଞ୍ଜାବର ଗୁରିନ୍ଦରବୀର ସିଂ ୧୦.୩୨ ସେକେଣ୍ଡ ସହ ସ୍ୱର୍ଣ୍ଣ, ତାମିଲନାଡୁର ଇ. କାନ୍ନାଡା ୧୦.୪୩ ସେକେଣ୍ଡ ନେଇ ରୌପ୍ୟ ଏବଂ ମହାରାଷ୍ଟ୍ରର କ୍ରିଷ୍ଣକୁମାର ସତୀଶ ଆର.୧୦.୫୬ ସେକେଣ୍ଡ ସହିତ ବ୍ରୋଞ୍ଜ ପଦକ ପାଇଛନ୍ତି।


ଦୂତୀ ଚାନ୍ଦ






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ଆନ୍ଧ୍ରରେ ଦାଦନ ଶ୍ରମିକଙ୍କ ମୃତ୍ୟୁ

ନବରଙ୍ଗପୁର,୧୬।୩ (ବି.ପ୍ର.): ଆନ୍ଧ୍ରରେ କାମ କରୁଥିବା ନବରଙ୍ଗପୁର ସଦର ମହକୁମା ମଙ୍ଗରାଜ ସାହିର ରବି ଗୌଡ଼ (୨୫)ଙ୍କ ମୃତ୍ୟୁ ହୋଇଯାଇଛି। ମଙ୍ଗଳବାର ତାଙ୍କ ମୃତଦେହ ରେଲଧାରଣାରୁ ପୋଲିସ ଉଦ୍ଧାର କରିଛି। ରବିଙ୍କୁ ଆନ୍ଧ୍ରରେ ହତ୍ୟା କରାଯାଇଛି ବୋଲି ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ରବି ୩ ମାସ ପୂର୍ବରୁ ୨ଜଣ ସାଙ୍ଗଙ୍କ ସହ ଦାଦନ ଖଟିବାକୁ ଆନ୍ଧ୍ରପ୍ରଦେଶ ଯାଇଥିଲେ। ଆନ୍ଧ୍ରପ୍ରଦେଶ ଗୋଦାବରୀ ଜିଲ୍ଲା ତୁନୁକ ଗ୍ରାମରେ ଥିବା ଏକ ଚିଙ୍ଗୁଡ଼ି କମ୍ପାନୀରେ ସେମାନେ କାମ କରୁଥିଲେ। ନିକଟରେ ଥିବା ରେଲଧାରଣାରୁ ମଙ୍ଗଳବାର ସକାଳେ ରବିଙ୍କ ମୃତଦେହ ଦେଖି କମ୍ପାନୀ ମାଲିକ ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ତନ୍ନୁକୁ ପୋଲିସ ମୃତଦେହ ଜବତ କରି ଘଟଣା ତଦନ୍ତ କରୁଛି।

## ସଂକ୍ଷେପରେ

### ବଢ଼ିଲା ତାତି

ଭୁବନେଶ୍ୱର,୧୬।୩(ବ୍ୟୁରୋ): ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଆରମ୍ଭ ହୋଇଛି। ଗତ କିଛିଦିନ ନିୟନ୍ତ୍ରଣରେ ଥିବା ତାତି ମଙ୍ଗଳବାର ଠାରୁ ପୁଣି ବୃଦ୍ଧି ପାଇଛି। ଆସନ୍ତା ସପ୍ତାହକ ମଧ୍ୟରେ ପାରଦ ୪୩ ଡିଗ୍ରୀ ସେଲସିୟସ ଉପରକୁ ଉଠିଯିବାର ସମ୍ଭାବନା ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଭୁବନେଶ୍ୱରରେ ସର୍ବାଧିକ ତାପମାତ୍ରା ୩୯.୩ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ବାରିପଦା ୩୮, ତାଳଚେର ୩୮.୧, ବଲାଙ୍ଗୀର ୩୮.୭, ଟିଟିଲାଗଡ ୩୮.୫, ମାଲକାନଗିରି ୩୮.୫, ନୟାଗଡ ୩୮.୫, ବୌଦ୍ଧ ୩୮.୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

### ବୃଦ୍ଧଙ୍କୁ ଦଳିଦେଲା ହାତୀ

ଢେଙ୍କାନାଳ ଅଫିସ, ୧୬।୩: ଢେଙ୍କାନାଳ ସଦର ଥାନା କାଣ୍ଡବିନ୍ଧା ପଞ୍ଚାୟତ ତାମଣ୍ଡା ଗ୍ରାମ ଜଙ୍ଗଲରେ ମଙ୍ଗଳବାର ହାତୀ ଆକ୍ରମଣରେ ଗୌରାଙ୍ଗ ଜେନା (୭୦)ଙ୍କ ମୃତ୍ୟୁ ଘଟିଛି। ସେ ପୂର୍ବାହ୍ନ ୧୦ଟାରେ କାଜୁ ବଗିଚାକୁ ଜଗିବାକୁ ଯାଇଥିଲେ। ଦୀର୍ଘସମୟ ଧରି ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ। କାଜୁ ଜଙ୍ଗଲରେ ତାଙ୍କର କ୍ଷତବିକ୍ଷତ ମୃତଦେହ ପଡ଼ିଥିଲା। ପାରିପାର୍ଶ୍ୱିକ ସ୍ଥିତିରୁ ହାତୀ ଆକ୍ରମଣରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ସୂଚନା ପାଇ ବନ କର୍ମଚାରୀ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଥିଲେ। ରିପୋର୍ଟ ଆସିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଜିଲା ବନଖଣ୍ଡ ଅଧିକାରୀ ଡା. ପ୍ରକାଶଚାନ୍ଦ ଗୋଗିନେନି ସୂଚନା ଦେଇଛନ୍ତି।

# ‘ନୂତନ ପଦ୍ଧତି ଆପଣାଇଲେ କୃଷିର ବିକାଶ ହେବ’

ଭୁବନେଶ୍ୱର, ୧୬।୩(ବ୍ୟୁରୋ)

ଖାଦ୍ୟଶସ୍ୟ ଉତ୍ପାଦନ ବୃଦ୍ଧି ସହିତ କୃଷକମାନଙ୍କ ଆୟ ବୃଦ୍ଧି କରିବାକୁ ହେଲେ କୃଷି କ୍ଷେତ୍ରରେ ଆଧୁନିକ ଜ୍ଞାନକୌଶଳ ବ୍ୟବହାର କରିବାକୁ ପଡ଼ିବ। ସମୟର ଆହ୍ୱାନ ହେଲା ପରିବର୍ତ୍ତିତ ପରିସ୍ଥିତିରେ ନୂତନ ବ୍ୟବସ୍ଥାକୁ ଆପଣାଇବା ଦରକାର। ଜଳବାୟୁ ପରିବର୍ତ୍ତନ ଓ ବଜାର ଚାହିଦାକୁ ଦୃଷ୍ଟିରେ ରଖି ପାରମ୍ପରିକ ପଦ୍ଧତି ବଦଳରେ ନୂତନ ପଦ୍ଧତିକୁ ଆପଣାଇ ପାରିଲେ କୃଷିର ସାମଗ୍ରିକ ବିକାଶ ହୋଇପାରିବ ବୋଲି ବିଜ୍ଞାନ ଓ କାରିଗରୀ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ସରକାରୀ ଉଦ୍ୟୋଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଛନ୍ତି। ମଙ୍ଗଳବାର ‘କୃଷି ଓଡ଼ିଶା’ର ଦ୍ୱିତୀୟ ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ପଣ୍ଡା କହିଛନ୍ତି, ନୂତନ ଜ୍ଞାନକୌଶଳର ବ୍ୟବହାର ନିମନ୍ତେ ବିଭିନ୍ନ ଯୋଜନାରେ ରାଜ୍ୟ ସରକାର ଅନେକ ପ୍ରୋତ୍ସାହନ ଯୋଗାଇ ଦେଉଛନ୍ତି। ଏ ଦିଗରେ ଯୁବ ଉଦ୍ୟୋଗୀମାନେ ଷ୍ଟାର୍ଟଅପ୍ ଗଠନ ମାଧ୍ୟମରେ ନୂତନ ସୁଯୋଗ ସୃଷ୍ଟି କରିପାରିବେ। ଏଥି ସହିତ ସମନ୍ୱିତ କୃଷି ଦ୍ୱାରା କୃଷକଙ୍କ ସାମଗ୍ରିକ ଆୟ ବୃଦ୍ଧି ପାଇବ ବୋଲି ମନ୍ତ୍ରୀ ପଣ୍ଡା କହିଛନ୍ତି। କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ଅରୁଣ କୁମାର ସାହୁ କହିଛନ୍ତି, ସମ୍ପ୍ରତି ‘କୃଷି ଓଡ଼ିଶା’ର ଲୋକପ୍ରିୟତା ବୃଦ୍ଧି ପାଇବାରୁ ଏହା ଏକ ବୃହତ୍ ମେଳା ଭାବେ ତା’ର ଉପସ୍ଥିତି ଜାହିର କରିପାରିଛି। ଏହି ‘କୃଷି ଓଡ଼ିଶା’ରୁ ଚାଷୀମାନେ ବହୁତ କିଛି ଶିଖିବାକୁ ପାଆନ୍ତି। ପରବର୍ତ୍ତୀ ସମୟରେ ସେମାନେ କିଭଳି ଅଧିକ ଅମଳ କରିବେ, ଅଧିକ ଲାଭବାନ ହେବେ ସେଥିଲାଗି ଚେଷ୍ଟା କରନ୍ତି। ‘କୃଷି ଓଡ଼ିଶା’ର ବିଭିନ୍ନ ଦିବସରେ କୃଷି ପାଠଶାଳାର ଆୟୋଜନ ଅତ୍ୟନ୍ତ ଉପଯୋଗୀ ସାବ୍ୟସ୍ତ ହୋଇପାରିଛି। ମଙ୍ଗଳବାର ଏହି କ୍ରମରେ ‘କୃଷକ ଉତ୍ପାଦନକାରୀ ଗୋଷ୍ଠୀକୃଷକ ସଶକ୍ତୀକରଣ ନିମନ୍ତେ ଏକ ଅଭିନବ ପଦକ୍ଷେପ’ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କୃଷକ ଉତ୍ପାଦକ ଗୋଷ୍ଠୀର ଉତ୍ପାଦିତ ବିକ୍ରିବଟା ସୁବିଧା ନିମନ୍ତେ ବିଭାଗ ପକ୍ଷରୁ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ସେହିପରି



ଜଣେ ସଫଳ ମହିଳା ଚାଷୀଙ୍କୁ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଏବଂ ଅରୁଣ କୁମାର ସାହୁ ସମ୍ବର୍ଦ୍ଧିତ କରୁଛନ୍ତି।

### ‘କୃଷି ଓଡ଼ିଶା’ର ଦ୍ୱିତୀୟ ଦିବସ

‘ଫୁଲଚାଷ, ଜୀବିକା ନିର୍ବାହ ଏବଂ ସମୃଦ୍ଧିର ଏକ ନୂତନ ଦିଗନ୍ତ’ ସଂକ୍ରାନ୍ତ ଆଲୋଚନା ଚକ୍ର ଫୁଲଚାଷୀଙ୍କ ପାଇଁ ନୂତନ ସମ୍ଭାବନା ସୃଷ୍ଟି କରିଛି। ସମ୍ପ୍ରତି ରାଜ୍ୟ ୩୦୦୦ କୋଟି ଟଙ୍କାରୁ ଅଧିକ ମତ୍ସ୍ୟ ରପ୍ତାନୀ କରୁଛି। ‘ମାଛଚାଷ–ଚାଷୀଙ୍କ ଆର୍ଥିକ ଉନ୍ନତିର ସୁଗମ ପଥ’ ଆଲୋଚନାଚକ୍ର ରାଜ୍ୟରେ ମାଛ ଉତ୍ପାଦନ ଓ ରପ୍ତାନୀ ବୃଦ୍ଧି ଦିଗରେ ସହାୟକ ହୋଇପାରିବ ବୋଲି ମନ୍ତ୍ରୀ ସାହୁ କହିଛନ୍ତି। ପ୍ରାରମ୍ଭରେ ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ରତ୍ନାକର ରାଉତ ସ୍ୱାଗତ ଭାଷଣ ଦେଇଥିବାବେଳେ ଓଡ଼ିଶା ରାଜ୍ୟ ବିହନ ନିଗମର ପରିଚାଳନା ନିର୍ଦ୍ଦେଶକ ଜ୍ୟୋତିରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଉଦ୍ୟାନ କୃଷି ଏବଂ ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା କୃଷକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଅତିଥିମାନଙ୍କ ଦ୍ୱାରା ଏକ୍ସପର୍ଟ କମିଟି ରେକମଣ୍ଡେସନ୍ ପୁସ୍ତକ ଲୋକାର୍ପିତ ହୋଇଯାଇଛି।

# ଯାଜପୁର ଆଇଟିଆଇରେ ପ୍ରତିଷ୍ଠା ହେବ ଉତ୍କର୍ଷ କେନ୍ଦ୍ର



ଚୁକ୍ତି ସ୍ୱାକ୍ଷର କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀମାନେ।

ଭୁବନେଶ୍ୱର,୧୬।୩(ବ୍ୟୁରୋ)

ଯାଜପୁରସ୍ଥିତ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ (ଆଇଟିଆଇ)ରେ ଥର୍ମାଲ କଟିଂ ଏବଂ ୱେଲ୍ଡିଂ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରାଯିବ। ପ୍ରାୟ ୫.୨୫ କୋଟି ଟଙ୍କା ବ୍ୟୟରେ ଏହି ଉତ୍କର୍ଷ କେନ୍ଦ୍ର ୬ମାସ ମଧ୍ୟରେ କାର୍ଯ୍ୟକାରୀ ହେବ। ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା ନିମନ୍ତେ ରାଜ୍ୟ ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ନିର୍ଦ୍ଦେଶାଳୟ ଏବଂ ମେସର କଟିଂ ସିଷ୍ଟମ୍ସ ଇଣ୍ଡିଆ ପ୍ରା. ଲିଃ ମଧ୍ୟରେ ମଙ୍ଗଳବାର ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଏଥିରେ ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ରେଘୁ ଜି. ଏବଂ ମେସର କଟିଂ ସିଷ୍ଟମସ୍ ଇଣ୍ଡିଆ ପ୍ରା. ଲିଃର ନିର୍ଦ୍ଦେଶକ (ସେଲ୍ସ ଓ ମାର୍କେଟିଂ) ଉଦୟ ମୁଖାର୍ଜୀ ସ୍ୱାକ୍ଷର କରିଛନ୍ତି। ଏହି ଉତ୍କର୍ଷ କେନ୍ଦ୍ର ନିମନ୍ତେ ଓଡ଼ିଶା ଖଣିଜ ଅଞ୍ଚଳ ଉନ୍ନୟନ ନିଗମ ପକ୍ଷରୁ ବେରୋଜଗାର ଯୁବପିଢ଼ିଙ୍କ ଦକ୍ଷତା ବିକାଶ ପାଇଁ ଉଦ୍ଦିଷ୍ଟ ପାଣ୍ଠି ବିନିଯୋଗ କରାଯିବ। ଯାଜପୁର ଶିଳ୍ପ କ୍ଲଷ୍ଟରରେ ଥିବା ସମସ୍ତ ଆବଶ୍ୟକତାକୁ ଉକ୍ତ ଉତ୍କର୍ଷ କେନ୍ଦ୍ର ପୂରଣ କରିବ। ଏଥିସହ ଥର୍ମାଲ କଟିଂ ତଥା ୱେଲ୍ଡିଂରେ ଉତ୍ତୀର୍ଣ୍ଣ ଆଇଟିଆଇ ବିଦ୍ୟାର୍ଥୀ ତଥା ଡିପ୍ଲୋମା ଇଞ୍ଜିନିୟରମାନଙ୍କୁ ଏହି କେନ୍ଦ୍ର ଅପ୍‌ସ୍କିଲ୍ କରାଇବ। ବେଙ୍ଗାଲୁରୁରେ କର୍ଣ୍ଣାଟକ ସରକାରଙ୍କ ସହଯୋଗିତାରେ ମେସର କଟିଂ ସିଷ୍ଟମ୍ସ ଇଣ୍ଡିଆ ଅନୁରୂପ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରିଛନ୍ତି। ଯାଜପୁରରେ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା ହେବା ଫଳରେ ଥର୍ମାଲ କଟିଂ ଏବଂ ୱେଲ୍ଡିଂ ବିଭାଗରେ କୌଶଳ ବ୍ୟବଧାନ ଦୂର ହେବ ଓ ପ୍ରଶିକ୍ଷାର୍ଥୀଙ୍କ ଦକ୍ଷତା ବୃଦ୍ଧି ପାଇବା ସହ ନିଯୁକ୍ତି ସୁଯୋଗ ମିଳିବ। ମେସର କଟିଂ ସିଷ୍ଟମର ପ୍ରଶିକ୍ଷକମାନେ ଏକବର୍ଷ ପାଇଁ ତାଲିମ ଦେବେ। ଆଇଟିଆଇ ତଥା ପଲିଟେକ୍‌ନିକ୍‌ର ପ୍ରଶିକ୍ଷାର୍ଥୀମାନେ ମଧ୍ୟ ଉତ୍କର୍ଷ କେନ୍ଦ୍ର ଦ୍ୱାରା ଉପକୃତ ହେବେ। ଏହି ପରିବେଶ ଅନୁକୂଳ ଆଧୁନିକ କର୍ମଶାଳା ବିଭିନ୍ନ ଶିଳ୍ପାନୁଷ୍ଠାନର ଅର୍ଦ୍ଧକୁଶଳୀ କର୍ମଚାରୀଙ୍କୁ ଦକ୍ଷତା ବୃଦ୍ଧି ଲାଗି ସାହାଯ୍ୟ କରିବ। ପ୍ରଶିକ୍ଷାର୍ଥୀଙ୍କ ଦକ୍ଷତା ବୃଦ୍ଧି ସହିତ ସେମାନଙ୍କୁ ବିଶ୍ୱ ଦକ୍ଷତା ପ୍ରତିଯୋଗିତା ପାଇଁ ପ୍ରସ୍ତୁତ କରିବା ଲାଗି ବିଭିନ୍ନ ଅତ୍ୟାଧୁନିକ ଅଣବିନାଶକ ଓ ବିନାଶକ ପରୀକ୍ଷଣ ଉପକରଣ ଉପଲବ୍ଧ ହେବ। ସଫଳ ପ୍ରଶିକ୍ଷାର୍ଥୀମାନଙ୍କୁ ପ୍ରମାଣପତ୍ର ଦିଆଯିବ। ଚୁକ୍ତିନାମା ସ୍ୱାକ୍ଷର କାର୍ଯ୍ୟକ୍ରମରେ ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ଅଜୟ ପଣ୍ଡା, ଉପନିର୍ଦ୍ଦେଶକ (ପ୍ରୋକ୍ୟୁରମେଣ୍ଟ) ସୁଯୋଗ୍ୟ ମିଶ୍ର, ମେସର କଟିଂ ସିଷ୍ଟମସ୍ ଇଣ୍ଡିଆ ପ୍ରା. ଲିଃର ମହାପ୍ରବନ୍ଧକ ପ୍ରଶାନ୍ତ ଚତୁର୍ବେଦୀ ଏବଂ ବିକ୍ରୟ ପ୍ରବନ୍ଧକ ଶଙ୍ଖ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଗୋଏଲଙ୍କ ହସ୍ତକ୍ଷେପ ଲୋଡ଼ିଲେ ଓଡ଼ିଶା ଭାଜପା ଏମ୍‌ପି



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଓଡ଼ିଶା ଭାଜପା ଏମ୍‌ପିମାନେ କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋଏଲଙ୍କୁ ସ୍ମାରକପତ୍ର ଦେଉଛନ୍ତି।

ଭୁବନେଶ୍ୱର, ୧୬।୩(ବ୍ୟୁରୋ)

### ଚାଷୀଙ୍କଠାରୁ ଧାନ କ୍ରୟ ପ୍ରସଙ୍ଗ

ଓଡ଼ିଶାରେ ଚାଷୀମାନେ ସେମାନଙ୍କ ଧାନ ବିକ୍ରି କରିପାରୁ ନ ଥିବା ଅଭିଯୋଗ ନେଇ ରାଜ୍ୟର ଭାଜପା ଏମ୍‌ପିମାନେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ମଙ୍ଗଳବାର କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋଏଲଙ୍କୁ ଭେଟି ଏକ ସ୍ମାରକପତ୍ର ଦେଇଛନ୍ତି। ରାଜ୍ୟରେ ଚାଷୀଙ୍କ କଲ୍ୟାଣକୁ ଦୃଷ୍ଟିରେ ରଖି ବିକ୍ରି ହୋଇ ନ ଥିବା ସମସ୍ତ ଧାନକୁ ରାଜ୍ୟ ସରକାର ଯେଭଳି ତୁରନ୍ତ କିଣିବେ ସେନେଇ ହସ୍ତକ୍ଷେପ କରନ୍ତୁ ବୋଲି ଭାଜପା ଏମ୍‌ପିମାନେ ଗୋଏଲଙ୍କୁ ଅନୁରୋଧ କରିଛନ୍ତି।

ସ୍ମାରକପତ୍ର ଜରିଆରେ ଭାଜପାର ଏମ୍‌ପିମାନେ ଦର୍ଶାଇଛନ୍ତି ଯେ, ଧାନକିଣା ନେଇ ଆନୁଷଙ୍ଗିକ ସମସ୍ୟା ରହିଛି। ଏହି ପ୍ରକ୍ରିୟାକୁ ଶୃଙ୍ଖଳିତ କରିବା, ଏମ୍ଏସ୍‌ପି ମୂଲ୍ୟ ଆଧାରରେ ସ୍ୱଚ୍ଛ ଏବଂ ଶୀଘ୍ର ଧାନ କ୍ରୟ କରିବା ଦିଗରେ ସହଯୋଗ ଆବଶ୍ୟକ। ଏହି ସମସ୍ୟାର ସମାଧାନ ହେଲେ ଚାଷୀଙ୍କ ଆୟ ଦ୍ୱିଗୁଣିତ ହେବା ଲକ୍ଷ୍ୟ ପୂରଣ ହୋଇପାରିବ। ସେହିପରି ଧାନ ସଂଗ୍ରହ ନେଇ ଉଚ୍ଚସ୍ତରୀୟ କମିଟି ଗଠନ କରିବା ସହ ଧାନ କିଣା ବିଳମ୍ବର ସତ୍ୟତା ଅନୁସନ୍ଧାନ ପାଇଁ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଗଠନ ହେଉ ବୋଲି ଦାବି କରିଛନ୍ତି। ସ୍ମାରକପତ୍ରରେ ଦର୍ଶାଇଛନ୍ତି ଯେ, ରାଜ୍ୟ ସରକାରଙ୍କ ଦ୍ୱାରା ଧାନ କ୍ରୟ ନେଇ ଚାଷୀମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ୨୦୧୪ ପରଠାରୁ କେନ୍ଦ୍ର ସରକାର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍ଏସ୍‌ପି) ଆଧାରରେ ଓଡ଼ିଶାର ଚାଷୀଙ୍କଠାରୁ ୩୭୦ ଲକ୍ଷ ମେଟ୍ରିକ୍ ଟନ୍(ଏଲ୍ଏମ୍‌ଟି) ଧାନ ୬୦ ହଜାର ୫୯୪ କୋଟି ଟଙ୍କା ମୂଲ୍ୟରେ କିଣିଛନ୍ତି। ପିଏମ୍–କିଷାନ ଯୋଜନାରେ ପ୍ରତି ୩ ମାସରେ ପ୍ରତ୍ୟେକ ପଞ୍ଜୀକୃତ ଚାଷୀଙ୍କ ବ୍ୟାଙ୍କ ଖାତାକୁ ୨ ହଜାର ଟଙ୍କା ଲେଖାଏ ହସ୍ତାନ୍ତର କରାଯାଇଛି। ଓଡ଼ିଶାର ସମସ୍ତ ଯୋଗ୍ୟ ପଞ୍ଜୀକୃତ ଚାଷୀଙ୍କ ବ୍ୟାଙ୍କ ଖାତାକୁ ୩ ହଜାର ୨୭୪.୨୧ କୋଟି ଟଙ୍କା ହସ୍ତାନ୍ତର କରାଯାଇଛି। ପିଏମ୍ ଫସଲ ବୀମା ଯୋଜନା ଅଧୀନରେ ୨୦.୯୪ ଲକ୍ଷ ବୀମାକୃତ ଚାଷୀଙ୍କୁ ଫସଲ ନଷ୍ଟ ଅଭିଯୋଗ ସ୍ୱରୂପ ୪ ହଜାର ୪୨୪.୮୫ କୋଟି ଟଙ୍କା ପ୍ରଦାନ କରାଯାଇଛି। ଶାସକ ଦଳ ଧାନ କ୍ରୟ ପାଇଁ କେନ୍ଦ୍ରର ଆର୍ଥିକ ସହାୟତା ଗ୍ରହଣ କରି ନ ଥିବା ଭଳି ବିଭ୍ରାନ୍ତିକର ତଥ୍ୟ ଦେବା ସହ ପରିଚାଳନାରେ ନିଜର ବିଫଳତାକୁ ଲୁଚାଇବା ପାଇଁ ପ୍ରୟାସ କରୁଛି। ଓଡ଼ିଶାରେ ବ୍ୟାପକ ଫସଲ ସତ୍ତ୍ୱେ ରାଜ୍ୟ ସରକାରଙ୍କ ଅପାରଗତା, ପ୍ରଶାସନିକ ଅବ୍ୟବସ୍ଥା ଏବଂ ସରକାରୀ ଅଧିକାରୀଙ୍କ ଶାସନ କଳର ଅପବ୍ୟବହାର ଯୋଗୁ ରାଜ୍ୟରେ ଧାନକ୍ରୟରେ ବିଳମ୍ବ ହେବା ମୁଖ୍ୟ କାରଣ ହୋଇଛି। ଧାନ ସଂଗ୍ରହ କେନ୍ଦ୍ର (ପିପିସି) ପାଇଁ ସାଧାରଣ ବଣ୍ଟନ ବିଭାଗ ଦ୍ୱାରା ବଣ୍ଟାଯାଇଥିବା ଧାନ କିଣା ଟୋକନ ୩୦ ଦିନ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ କରିବାର ସମୟ ସୀମା ରହିଥିଲା। ହେଲେ ଧାନ କିଣାରେ ବିଳମ୍ବ ଯୋଗୁ ସରକାରଙ୍କ ଏହି ଟୋକନ ବ୍ୟବସ୍ଥା ବିଫଳ ହୋଇଛି, ଯାହା ସରକାରଙ୍କ ପ୍ରଶାସନିକ ବିଫଳତାକୁ ଦର୍ଶାଉଛି ବୋଲି ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ସମସ୍ୟାର ସମାଧାନ ପାଇଁ ମନ୍ତ୍ରଣାଳୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ଗୋଏଲ ପ୍ରତିଶ୍ରୁତି ଦେଇଥିବା ଭାଜପା ତରଫରୁ ସୂଚନା ଦିଆଯାଇଛି।

# ଦୁର୍ଘଟଣାରେ ମହିଳାଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା

ଢେଙ୍କାନାଳ ଅଫିସ, ୧୬।୩

ଢେଙ୍କାନାଳ ସଦର ଥାନା ଖାରଗାଡ଼ିଆ ଫାଣ୍ଡି ଅନ୍ତର୍ଗତ ୫୫ନଂ. ଜାତୀୟ ରାଜପଥର କାଉଁରିଆପାଳ ଛକ ନିକଟରେ ମଙ୍ଗଳବାର ଅପରାହ୍ନ ୫ଟାରେ ଲୋମଟାଙ୍କୁରା ଦୁର୍ଘଟଣା ଘଟିଛି। ମରଣଯନ୍ତା ପାଲଟିଥିବା ରାସ୍ତାରେ ଭାରସାମ୍ୟ ହରାଇ ସ୍କୁଟିରୁ ଜଣେ ମହିଳା ଖସିପଡ଼ିଥିଲେ। ଏହି ସମୟରେ ପଛରୁ ଆସୁଥିବା ଏକ ଟ୍ରକ୍ ଚଢ଼ିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ମୃତା ମହିଳା ହେଲେ ଅନୁଗୋଳ ଜିଲା ବଅଁରପାଳ ଥାନା ବୁଢ଼ାପଙ୍କ ଗ୍ରାମର ଲୁସି ମହାନ୍ତି। ଏଥିରେ ତାଙ୍କ ସ୍ୱାମୀ ପ୍ରଶାନ୍ତ ଏବଂ ୪ ବର୍ଷର ପୁଅ ସାମାନ୍ୟ ଆହତ ହୋଇଛନ୍ତି। ଜାତୀୟ ରାଜପଥ ସମ୍ପ୍ରସାରଣ କାମ ଚାଲିଥିବାରୁ ଅଧିକାଂଶ ସ୍ଥାନରେ ମାଟି ଗଦା ହୋଇଛି। ବିପଦସଙ୍କୁଳ ରାସ୍ତାରେ ଦୁର୍ଘଟଣା ଘଟି ଏଭଳି ଧନଜୀବନ ହାନି ହେଉଛି। ଏହାକୁ ନେଇ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା। ସଦର ଏସ୍‌ଡିପିଓ ଶ୍ରୀହର୍ଷ ମିଶ୍ର, ଥାନାଧିକାରୀ ସନ୍ଧ୍ୟାରାଣୀ ବେଉରିଆ ପହଞ୍ଚି ବୁଝାଶୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।







## ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ନଂ. SANDT_ZONAL_SSE_TELE_RGDA

| | |
|---|---|
| କାର୍ଯ୍ୟର ନାମ : | ୱାଲ୍ଟିୟର ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର/ଦୂରସଂଚାର/ରାୟଗଡ଼ା ପରିସୀମା ଅଧୀନରେ ଦୂରସଂଚାର ଜୋନାଲ (Zonal) କାର୍ଯ୍ୟ । |
| ବିଜ୍ଞାପିତ ମୂଲ୍ୟ (ଟଙ୍କାରେ) : | 19,71,618/-, |
| ଶେଷ ହେବା ଅବଧି : | 12 ମାସ । |
| ବିଡ଼ ଆରମ୍ଭ ହେବା ତାରିଖ : | ତା.26.03.2021ରିଖ, |
| ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : | ତା.09.04.2021ରିଖ 1500 ଘଟିକାରେ । |

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫର ଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ସେକୌଶସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଉପରୋକ୍ତ ଇ-ଟେଣ୍ଡର ର ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ୱେବସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ବରିଷ୍ଠ ମଣ୍ଡଳ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ, ୱାଲ୍ଟିୟର

PR-623/L/20-21



## ଦି ଅର୍ବାନ କୋ-ଅପରେଟିଭ୍ ବ୍ୟାଙ୍କ ଲିଃ, କଟକ

ମୁଖ୍ୟ କାର୍ଯ୍ୟାଳୟ : ତିନିକୋଣିଆ ବଗିଚା, କଟକ

### ବନ୍ଧକ ସୁନା ଅଳଙ୍କାର ବିଜ୍ଞପ୍ତି

ଏତଦ୍ୱାରା ନିମ୍ନଲିଖିତ ଋଣଗ୍ରହିତା, ତାଙ୍କର ପରିବାରବର୍ଗ ଓ ଜାମିନଦାର, ସ୍ୱର୍ଣ୍ଣ ବ୍ୟବସାୟୀ ଏବଂ ସର୍ବସାଧାରଣଙ୍କର ଅବଗତି ନିମନ୍ତେ ସୂଚାଇ ଦିଆଯାଉଅଛି ଯେ ନିମ୍ନଲିଖିତ ଋଣଗ୍ରହିତା ଆମ୍ଭ ବ୍ୟାଙ୍କରୁ ତା ୨୨.୧୨.୨୦୧୭ ରିଖରୁ ଗ୍ରହଣ କରିଥିବା ଋଣକୁ ପରିଶୋଧ କରୁନାହାଁନ୍ତି। ତାଙ୍କର ପ୍ରଦତ୍ତ ଠିକଣାରେ ପ୍ରେରିତ ନୋଟିସ ବାରମ୍ବାର ଫେରସ୍ତ ହେଉଅଛି। ସମ୍ପୃକ୍ତ ଋଣ ଅଚଳ ପୁଞ୍ଜିରେ ପରିଣତ ହୋଇଥିବା କାରଣରୁ ଏହି ଅନାଦେୟ ଋଣର ଆଦାୟ ନିମନ୍ତେ ବନ୍ଧକ ଥିବା ନିମ୍ନୋକ୍ତ ସୁନା ଅଳଙ୍କାରକୁ ପ୍ରକାଶ୍ୟରେ ନିଲାମ ନିମନ୍ତେ ନିଷ୍ପତ୍ତି ହୋଇଛି । ସୁତରାଂ ଋଣଗ୍ରହିତା, ତାଙ୍କର ପରିବାରବର୍ଗ ଓ ଜାମିନଦାରଙ୍କୁ ଏହି ନୋଟିସ ମାଧ୍ୟମରେ ଜଣାଇ ଦିଆଯାଉଛି ଯେ ଯଦି ଆସନ୍ତା ତା. ୨୬.୦୩.୨୦୨୧ ରିଖ ସୁଦ୍ଧା ସମ୍ପୃକ୍ତ ବକେୟା ଋଣ ଟ.୨,୫୦,୯୨୪/- (୧୫.୩.୨୦୨୧ ପର୍ଯ୍ୟନ୍ତ) ଏବଂ ତତ୍ ସହିତ ଅନ୍ୟାନ୍ୟ ଦେୟ ପଇଠ ନ କରନ୍ତି, ନିମ୍ନୋକ୍ତ ସୁନା ଅଳଙ୍କାର ତା. ୩୦.୦୩.୨୦୨୧ ରିଖ ଦିବା ୧୧.୦୦ ଘଟିକା ସମୟରେ ଶାଖା କାର୍ଯ୍ୟାଳୟ ଠାରେ ସାଧାରଣରେ ପ୍ରକାଶ୍ୟ ନିଲାମ କରାଯିବ। ପ୍ରକାଶ ଥାଉକି ନିଲାମ ପରବର୍ତ୍ତୀ ସମୟରେ ବ୍ୟାଙ୍କ କର୍ତ୍ତୃପକ୍ଷ ଋଣଗ୍ରହିତା, ତାଙ୍କର ପରିବାରବର୍ଗ ଓ ଜାମିନଦାର ନିକଟରେ ଉକ୍ତ ନିଲାମ ପାଇଁ କୌଣସି ପ୍ରକାରେ ଦାୟୀ ରହିବେ ନାହିଁ। ନିଲାମର ସବିଶେଷ ବିବରଣୀ ଶାଖା କାର୍ଯ୍ୟାଳୟର ନୋଟିସ ବୋର୍ଡ ଏବଂ www.urbanco-opbankctc.com ରେ ଉପଲବ୍ଧ।

| ଋଣ ସଂଖ୍ୟା | ଋଣ ଗ୍ରହୀତାଙ୍କ ନାମ ଠିକଣା | ସୁନାର ଓଜନ |
|---|---|---|
| SBL-୧୩୫୪୫ (୧୧୧୦୦୦୩୩୧୪୪୨) | ଶ୍ରୀମତୀ କେ. ନୀଳାବେଣୀ, ସ୍ୱା : କେ. ନରସିଂହ ରାଓ, ସା: ଦେୱାନ ବଜାର (ତନ୍ତୀ ସାହି), ପୋ.ଅ. : ବକ୍ସି ବଜାର, ଜି : କଟକ । | ୪୪.୪୧୦ ଗ୍ରାମ |

ସ୍ଥାନ : କଟକ
ତାରିଖ : ୧୭.୦୩.୨୦୨୧

ସ୍ୱା/- ଶାଖା ପରିଚାଳକ
ମୁଖ୍ୟ ଶାଖା



## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦୁଝର

(ଅବକାରୀ ବିଭାଗ)

### କେନ୍ଦୁଝର ଜିଲ୍ଲାର ଠିପି ବନ୍ଦ ବିଦେଶୀ ମଦ ଦୋକାନର ୨୦୨୧–୨୨ ବର୍ଷ ପାଇଁ ବନ୍ଦୋବସ୍ତ ନିମନ୍ତେ ବିଜ୍ଞପ୍ତି

ପତ୍ର ସଂ. ୪୭୭ // ଅ
ତା ୧୬.୦୩.୨୧//

କେନ୍ଦୁଝର ଜିଲ୍ଲାର ୨୦୨୧–୨୨ ବର୍ଷ ପାଇଁ ୬୨ (ବାଷଠି) ଗୋଟି ଠିପି ମଦ ଦୋକାନଗୁଡ଼ିକ ଲଟେରି ମାଧ୍ୟମରେ ବନ୍ଦୋବସ୍ତ ନିମନ୍ତେ ଆବେଦନ ପତ୍ର ଆହ୍ୱାନ କରାଯାଉଅଛି। ଲଟେରିରେ ଭାଗ ନେବା ନିମନ୍ତେ ଇଚ୍ଛୁକ ବ୍ୟକ୍ତି "http://stateexcise.odisha.gov.in" ୱେବ୍‌ସାଇଟ୍‌ରେ ଉପଲବ୍ଧ Form–Bରେ ଅନ୍‌ଲାଇନ୍ ମାଧ୍ୟମରେ **ତା୧୭.୦୩.୨୦୨୧ରିଖରୁ ତା୩୦.୦୩.୨୦୨୧ରିଖ** ମଧ୍ୟରେ ଆବେଦନ କରିପାରିବେ। ଉପରୋକ୍ତ ଦୋକାନଗୁଡ଼ିକ **ତା୦୯.୦୪.୨୦୨୧ରିଖ ୧୧.୩୦ଘ.** ପରଠାରୁ **ଦରବାର ହଲ୍, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦୁଝର**ଠାରେ ଜିଲ୍ଲାପାଳଙ୍କ ଦ୍ୱାରା ଲଟେରି ଉଠାଣ କରାଯିବ।

ଦୋକାନଗୁଡ଼ିକର ସମ୍ପୂର୍ଣ୍ଣ ବିବରଣୀ ତଥା ଲଟେରିର ନିୟମ ଓ ସର୍ତ୍ତାବଳୀ ଉପରୋକ୍ତ ୱେବ୍‌ସାଇଟ୍‌ରେ ଏବଂ ଜିଲ୍ଲା ଅବକାରୀ କାର୍ଯ୍ୟାଳୟ ଓ ଜିଲ୍ଲାପାଳ, କେନ୍ଦୁଝରଙ୍କ କାର୍ଯ୍ୟାଳୟର ନୋଟିସ ବୋର୍ଡରେ ଉପଲବ୍ଧ ଅଟେ।

Toll Free No.– 18003456713

**ଜିଲ୍ଲାପାଳ, କେନ୍ଦୁଝର**



## REGIONAL PLANT RESOURCE CENTRE

Ekamra Kanan, Nayapalli, Bhubaneswar-751015, Odisha
FOREST & ENVIRONMENT DEPARTMENT, GOVERNMENT OF ODISHA
Tel No.:0674-2557925, 2552002, Email : rprcbbsr@gmail.com, Website:www.rprcbbsr.in

T-10/2006-No.579/RPRC
Dated 15.03.2021

### TENDER NOTICE FOR DISPOSAL OF CONDEMNED VEHICLE

Sealed tenders in plain paper, supercribed “**Tender for disposal of condemned Vehicle**” are invited by the undersigned from interested bidders for disposal of one Ambasador Car bearing registration number **OR 02-AK-3920** on “as is where is basis” Each tender should be accompanied by an Earnest Money Deposit of Rs.3,000/- (Rupees Three thousand) only (refundable) in shape of DD/Pay order in favour of Chief Executive, RPRC payable at Bhubaneswar. Tenders will be received up to **3.30 PM of 15.04.2021** and will be opened at **4.30 PM on 15.04.2021** by the undersigned or any authorised officers of RPRC. For details, please visit RPRC notice board and website : **http://www.rprcbbsr.in**

Sd/-
Administrative Officer



## ଦକ୍ଷିଣ ପୂର୍ବ ରେଳପଥ ଦ୍ୱାରା ଡିଇଏମ୍ୟୁ ପାସେଞ୍ଜର ଟ୍ରେନ୍‌ର ଚଳାଚଳ

ଯାତ୍ରୀମାନଙ୍କ ଚାହିଦାକୁ ଦୃଷ୍ଟିରେ ରଖି, ତା୧୭।୦୩।୨୦୨୧ରିଖଠାରୁ ନିମ୍ନଲିଖିତ ଡିଇଏମ୍ୟୁ ପାସେଞ୍ଜର ଟ୍ରେନ୍‌ଗୁଡ଼ିକ ନିମ୍ନରେ ଦର୍ଶାଯାଇଥିବା ସମୟ, ଚଳାଚଳ ଦିବସ, ରହଣି ଅନୁଯାୟୀ ଚଳାଚଳ କରିବ ।

### ରୂପ୍‌ସା-ଭଞ୍ଜପୁର-ରୂପ୍‌ସା ଡିଇଏମ୍ୟୁ ପାସେଞ୍ଜର

ରୂପ୍‌ସାରୁ ଟ୍ରେନ୍ ନଂ. ୭୮୦୦୯ ଭାବେ କେବଳ ଶନିବାରକୁ ଛାଡ଼ି
ଭଞ୍ଜପୁରରୁ ଟ୍ରେନ୍ ନଂ. ୭୮୦୧୦ ଭାବେ କେବଳ ରବିବାରକୁ ଛାଡ଼ି

| ୭୮୦୦୯ | | ଷ୍ଟେଶନ | | ୭୮୦୧୦ |
|---|---|---|---|---|
| ୨୧.୪୦ | ଛା. | ↓ ରୂପ୍‌ସା | ପ. | ୦୪.୪୦ |
| ୨୩.୧୫ | ପ. | ଭଞ୍ଜପୁର ↑ | ଛା. | ୦୩.୧୫ |

ଉପରୋକ୍ତ ଡିଇଏମ୍ୟୁ ଟ୍ରେନ୍‌ଗୁଡ଼ିକ ବାଟରେ ଠାକୁରତୋଟା, ଯୁଗପୁରା (କେବଳ ୭୮୦୦୯ ଅଟକିବ), ଯୋଗଲ, ବେତନଟୀ (କେବଳ ୭୮୦୦୯ ଅଟକିବ), କୃଷ୍ଣଚନ୍ଦ୍ରପୁର (କେବଳ ୭୮୦୦୯ ଅଟକିବ), ଜାମସୋଲା ଏବଂ ବାରିପଦା (କେବଳ ୭୮୦୦୯ ଅଟକିବ) ଷ୍ଟେଶନରେ ମଧ୍ୟ ଅଟକିବ ।

### ରୂପ୍‌ସା-ଭଞ୍ଜପୁର-ରୂପ୍‌ସା ଡିଇଏମ୍ୟୁ ପାସେଞ୍ଜର

ରୂପ୍‌ସାରୁ ଟ୍ରେନ୍ ନଂ. ୭୮୦୧୧ ଭାବେ କେବଳ ରବିବାରକୁ ଛାଡ଼ି
ଭଞ୍ଜପୁରରୁ ଟ୍ରେନ୍ ନଂ. ୭୮୦୧୨ ଭାବେ କେବଳ ରବିବାରକୁ ଛାଡ଼ି

| ୭୮୦୧୧ | | ଷ୍ଟେଶନ | | ୭୮୦୧୨ |
|---|---|---|---|---|
| ୦୬.୩୨ | ଛା. | ↓ ରୂପ୍‌ସା | ପ. | ୦୯.୩୦ |
| ୦୭.୫୫ | ପ. | ଭଞ୍ଜପୁର ↑ | ଛା. | ୦୮.୦୫ |

ଉପରୋକ୍ତ ଡିଇଏମ୍ୟୁ ଟ୍ରେନ୍‌ଗୁଡ଼ିକ ବାଟରେ ଠାକୁରତୋଟା, ଯୁଗପୁରା, ଯୋଗଲ, ବେତନଟୀ, କୃଷ୍ଣଚନ୍ଦ୍ରପୁର, ଜାମସୋଲା ଏବଂ ବାରିପଦା ଷ୍ଟେଶନରେ ମଧ୍ୟ ଅଟକିବ ।

### ରୂପ୍‌ସା-ବାରିପଦା-ରୂପ୍‌ସା ଡିଇଏମ୍ୟୁ ପାସେଞ୍ଜର

ରୂପ୍‌ସାରୁ ଟ୍ରେନ୍ ନଂ. ୭୮୦୧୩ ଭାବେ କେବଳ ରବିବାରକୁ ଛାଡ଼ି
ବାରିପଦାରୁ ଟ୍ରେନ୍ ନଂ. ୭୮୦୨୦ ଭାବେ କେବଳ ଶନିବାରକୁ ଛାଡ଼ି

| ୭୮୦୧୩ | | ଷ୍ଟେଶନ | | ୭୮୦୨୦ |
|---|---|---|---|---|
| ୦୯.୪୦ | ଛା. | ↓ ରୂପ୍‌ସା | ପ. | ୧୯.୩୦ |
| ୧୦.୫୫ | ପ. | ବାରିପଦା ↑ | ଛା. | ୧୮.୦୮ |

ଉପରୋକ୍ତ ଡିଇଏମ୍ୟୁ ଟ୍ରେନ୍‌ଗୁଡ଼ିକ ବାଟରେ ଠାକୁରତୋଟା, ଯୁଗପୁରା, ଯୋଗଲ, ବେତନଟୀ, କୃଷ୍ଣଚନ୍ଦ୍ରପୁର, ଜାମସୋଲା ଷ୍ଟେଶନରେ ମଧ୍ୟ ଅଟକିବ ।

### ବାରିପଦା-ବାଙ୍ଗିରିପୋଷୀ-ବାରିପଦା ଡିଇଏମ୍ୟୁ ପାସେଞ୍ଜର

ବାରିପଦାରୁ ଟ୍ରେନ୍ ନଂ. ୭୮୦୧୫ ଭାବେ କେବଳ ରବିବାରକୁ ଛାଡ଼ି
ବାଙ୍ଗିରିପୋଷୀରୁ ଟ୍ରେନ୍ ନଂ. ୭୮୦୧୪ ଭାବେ କେବଳ ରବିବାରକୁ ଛାଡ଼ି

| ୭୮୦୧୫ | | ଷ୍ଟେଶନ | | ୭୮୦୧୪ |
|---|---|---|---|---|
| ୧୦.୫୭ | ଛା. | ↓ ବାରିପଦା | ପ. | ୧୨.୩୮ |
| ୧୧.୪୫ | ପ. | ବାଙ୍ଗିରିପୋଷୀ ↑ | ଛା. | ୧୧.୫୫ |

ଉପରୋକ୍ତ ଡିଇଏମ୍ୟୁ ଟ୍ରେନ୍‌ଗୁଡ଼ିକ ବାଟରେ ଭଞ୍ଜପୁର, କୁଚାଇ, ବୁରାମରା ଏବଂ ରାଜାଲୁକା ଷ୍ଟେଶନରେ ମଧ୍ୟ ଅଟକିବ ।

### ବାରିପଦା-ରୂପ୍‌ସା-ବାରିପଦା ଡିଇଏମ୍ୟୁ ପାସେଞ୍ଜର

ବାରିପଦାରୁ ଟ୍ରେନ୍ ନଂ. ୭୮୦୧୬ ଭାବେ କେବଳ ରବିବାରକୁ ଛାଡ଼ି
ରୂପ୍‌ସାରୁ ଟ୍ରେନ୍ ନଂ. ୭୮୦୧୭ ଭାବେ କେବଳ ଶନିବାରକୁ ଛାଡ଼ି

| ୭୮୦୧୬ | | ଷ୍ଟେଶନ | | ୭୮୦୧୭ |
|---|---|---|---|---|
| ୧୨.୪୦ | ଛା. | ↓ ବାରିପଦା | ପ. | ୧୬.୧୫ |
| ୧୩.୫୦ | ପ. | ରୂପ୍‌ସା ↑ | ଛା. | ୧୪.୫୮ |

ଉପରୋକ୍ତ ଡିଇଏମ୍ୟୁ ଟ୍ରେନ୍‌ଗୁଡ଼ିକ ବାଟରେ ଜାମସୋଲା, କୃଷ୍ଣଚନ୍ଦ୍ରପୁର, ବେତନଟୀ, ଯୋଗାଲ, ଯୁଗପୁରା ଏବଂ ଠାକୁରତୋଟା ଷ୍ଟେଶନରେ ମଧ୍ୟ ଅଟକିବ ।

### ବାରିପଦା-ବାଙ୍ଗିରିପୋଷୀ-ବାରିପଦା ଡିଇଏମ୍ୟୁ ପାସେଞ୍ଜର

ବାରିପଦାରୁ ଟ୍ରେନ୍ ନଂ. ୭୮୦୧୯ ଭାବେ କେବଳ ଶନିବାରକୁ ଛାଡ଼ି
ବାଙ୍ଗିରିପୋଷୀରୁ ଟ୍ରେନ୍ ନଂ. ୭୮୦୧୮ ଭାବେ କେବଳ ଶନିବାରକୁ ଛାଡ଼ି

| ୭୮୦୧୯ | | ଷ୍ଟେଶନ | | ୭୮୦୧୮ |
|---|---|---|---|---|
| ୧୬.୧୭ | ଛା. | ↓ ବାରିପଦା | ପ. | ୧୮.୦୫ |
| ୧୭.୦୫ | ପ. | ବାଙ୍ଗିରିପୋଷୀ ↑ | ଛା. | ୧୭.୧୫ |

ଉପରୋକ୍ତ ଡିଇଏମ୍ୟୁ ଟ୍ରେନ୍‌ଗୁଡ଼ିକ ବାଟରେ ଭଞ୍ଜପୁର, କୁଚାଇ, ବୁରାମରା ଏବଂ ରାଜାଲୁକା ଷ୍ଟେଶନରେ ମଧ୍ୟ ଅଟକିବ ।

(PR-591)
ମୁଖ୍ୟ ଯାତ୍ରୀ ପରିବହନ ପରିଚାଳକ

ଦକ୍ଷିଣ ପୂର୍ବ ରେଳପଥ
ଆମେ ହର୍ଷର ସହିତ ସେବା କରୁ